# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ପୃଷ୍ଠା–୮+୮

ଭୁବନେଶ୍ୱର, ବୁଧବାର, ମେ ୨୨/୨୦୨୪ (୮+୮=୧୬ ପୃଷ୍ଠା) | Bhubaneswar, Wednesday, May 22/2024 | Page 16 | ₹ 7.00 | BERHAMPUR

୫୦ଶ ଭାଗ ୧୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 177 | ମୂଲ୍ୟ ₹୭/-





## ସଂକ୍ଷେପରେ

### ସିସୋଡିଆଙ୍କ ହାଜତ ମିଆଦ ମେ' ୩୧ ପର୍ଯ୍ୟନ୍ତ ବୃଦ୍ଧି

ନୂଆଦିଲ୍ଲୀ, ୨୧।୫

ଅବକାରୀ ଦୁର୍ନୀତି ମାମଲାର ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ହାଜତ ମିଆଦକୁ ମଙ୍ଗଳବାର ଆସନ୍ତା ୩୧ ପର୍ଯ୍ୟନ୍ତ ଦିଲ୍ଲୀ ହାଇକୋର୍ଟ ବୃଦ୍ଧି କରିଛନ୍ତି। ଶୁଣାଣି ସମୟରେ ମନୀଷ ଜେଲରୁ ଆଭାସୀ ଯୋଗେ କୋର୍ଟ ସମ୍ମୁଖରେ ହାଜର ହୋଇଥିଲେ। ସିସୋଡିଆଙ୍କ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି ମେ' ୩୧ରେ ହେବ। ପୂର୍ବରୁ ଗତ ୧୪ରେ ସିସୋଡିଆଙ୍କ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ସୂଚନାଯୋଗ୍ୟ ଦିଲ୍ଲୀର ଅବକାରୀ ଦୁର୍ନୀତି ସହ ଜଡ଼ିତ ଅର୍ଥ ହେରଫେର ମାମଲାରେ ସିସୋଡିଆଙ୍କୁ ଗତବର୍ଷ ଫେବୃଆରୀ ୨୬ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗିରଫ କରିଥିଲା।

### ଯୌନ ଉତ୍ପୀଡ଼ନ ମାମଲାରେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଚାର୍ଜଫ୍ରେମ୍



ନୂଆଦିଲ୍ଲୀ,୨୧।୫


ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଆଗତ ଯୌନ ଉତ୍ପୀଡ଼ନ ମାମଲାରେ ମଙ୍ଗଳବାର ଦିଲ୍ଲୀର ଏକ କୋର୍ଟରେ ଚାର୍ଜଫ୍ରେମ୍ କରାଯାଇଛି। ମହିଳା କୁସ୍ତିଯୋଦ୍ଧାମାନଙ୍କୁ ସେ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦିଲ୍ଲୀ ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ମଙ୍ଗଳବାର ଅତିରିକ୍ତ ଚିଫ୍ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ (ଏସିଏମ୍‌ଏମ୍) ପ୍ରିୟଙ୍କା ରାଜପୁତଙ୍କ ଅଦାଲତରେ ବ୍ରିଜ୍‌ଭୂଷଣ ହାଜର ହୋଇ ନିଜକୁ ନିର୍ଦ୍ଦୋଷ ଦର୍ଶାଇଛନ୍ତି। ସହଅଭିଯୁକ୍ତ ତଥା ଡବ୍ଲ୍ୟୁଏଫ୍‌ଆଇର ପୂର୍ବତନ ସହକାରୀ ସଚିବ ବିନୋଦ ତୋମାରଙ୍କ ବିରୋଧରେ ମଧ୍ୟ ଆପରାଧିକ ମାମଲାରେ ଚାର୍ଜଫ୍ରେମ୍ କରାଯାଇଛି। ପ୍ରକାଶ ଯେ, ଉତ୍ତରପ୍ରଦେଶର କାଇସେରଗଞ୍ଜ ଏମ୍‌ପି ବ୍ରିଜ୍‌ଭୂଷଣଙ୍କ ନାମରେ ମହିଳା କୁସ୍ତିଯୋଦ୍ଧାମାନେ ଏହି ସାଂଘାତିକ ଅଭିଯୋଗ ଆଣିବା ପରେ ଭାଜପା ତାଙ୍କୁ ଏଥର ଲୋକ ସଭା ନିର୍ବାଚନ ଲଢ଼ିବା ପାଇଁ ଟିକେଟ ଦେଇନାହିଁ। ତାଙ୍କ ପରିବର୍ତ୍ତେ ପୁଅ କରଣ ଭୂଷଣ ସିଂଙ୍କୁ ଦଳ ପ୍ରାର୍ଥୀ କରିଛି।

## ସିଙ୍ଗାପୁର ଏୟାରଲାଇନ୍ସ ବିମାନ ଭୟଙ୍କର ଟର୍ବୁଲାନ୍ସର ସମ୍ମୁଖୀନ

# ଆକାଶରେ ଆତଙ୍କ




ବ୍ୟାଙ୍କକ୍‌ର ସୁବର୍ଣ୍ଣଭୂମି ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିବା ସିଙ୍ଗାପୁର ଏୟାରଲାଇନ୍ସ ବୋଇଂ ୭୭୭।



ଟର୍ବୁଲାନ୍ସର ସମ୍ମୁଖୀନ ହେବା ପରେ ବିମାନ ଭିତର ଦୃଶ୍ୟ।

ବ୍ୟାଙ୍କକ୍,୨୧।୫

### ବ୍ରିଟେନ୍‌ର ଜଣେ ବୃଦ୍ଧ ମୃତ, ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ



ବିମାନରେ ଆତଙ୍କିତ ମହିଳା ଯାତ୍ରୀ।

ଲଣ୍ଡନରୁ ସିଙ୍ଗାପୁରକୁ ଉଡ଼ାଣ କରୁଥିବା ସିଙ୍ଗାପୁର ଏୟାରଲାଇନ୍ସର ଏକ ବିମାନ ଯାତ୍ରାବେଳେ ଭୟଙ୍କର ଟର୍ବୁଲାନ୍ସର ସମ୍ମୁଖୀନ ହୋଇଛି। ଏଥିରେ ବ୍ରିଟେନ୍‌ର ଜଣେ ୭୩ ବର୍ଷୀୟ ନାଗରିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ସିଙ୍ଗାପୁର ଏୟାରଲାଇନ୍ସ ବୋଇଂ ୭୭୭ ସୋମବାର ରାତି ୧୦ଟା ପରେ ଲଣ୍ଡନ ଛାଡ଼ି ସିଙ୍ଗାପୁର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଏଥିରେ ୨୧୧ ଯାତ୍ରୀ ଓ ୧୮ କ୍ରିଉ ମେମ୍ବର ଥିଲେ। ଟେକ୍‌ଅଫ୍‌ର ପ୍ରାୟ ଦେଢ଼ଘଣ୍ଟା ପରେ ବିମାନଟି ୩୦ ହଜାର ଫୁଟ୍ ଉଚ୍ଚରେ ଉଡ଼ାଣ କରି ଦକ୍ଷିଣ-ପୂର୍ବ ଏସୀୟ ଗନ୍ତବ୍ୟସ୍ଥଳ ଆଡ଼କୁ ଅଗ୍ରସର ହେଉଥିବାବେଳେ ଆକାଶରେ ଭୟଙ୍କର ଟର୍ବୁଲାନ୍ସକୁ ସାମ୍ନା କରିଥିଲା। ବିମାନ ଖୁବ୍ ଜୋର୍‌ରେ ଥରିବାରେ ଲାଗିଲା। ଫଳରେ ପାଇଲଟ୍ ଏହାକୁ ବ୍ୟାଙ୍କକ୍‌ର ସୁବର୍ଣ୍ଣଭୂମି ଅନ୍ତର୍ଜାତୀୟ ବିମାନବନ୍ଦରରେ ମଙ୍ଗଳବାର ସ୍ଥାନୀୟ ସମୟ ୩ଟା ୪୫ରେ ଅବତରଣ କରାଇବାକୁ ବାଧ୍ୟ ହୋଇଥିଲେ। ଫ୍ଲାଇଟ୍ ଏସ୍‌କ୍ୟୁ୩୨୧ର ଆହତ ଯାତ୍ରୀଙ୍କ ମଧ୍ୟରୁ ୧୮ ଯାତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସିଙ୍ଗାପୁର ଏୟାରଲାଇନ୍ସ ସ୍ପଷ୍ଟ କରିଛି। ଅନ୍ୟ ୧୨ ଜଣଙ୍କୁ ମଧ୍ୟ କେତେକ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଅବଶିଷ୍ଟ ଯାତ୍ରୀ ଓ କ୍ରିଉମାନଙ୍କୁ ସୁବର୍ଣ୍ଣଭୂମି ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ଚିକିତ୍ସା କରାଯାଉଛି ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ସୁବର୍ଣ୍ଣଭୂମି ଏୟାରପୋର୍ଟ ଡାଇରେକ୍ଟର କିଟ୍ଟିପୋଙ୍ଗ୍ କିଟ୍ଟିକାଚୋର୍ନ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ୭୩ ବର୍ଷୀୟ ବ୍ରିଟିଶ୍ ଜଣକ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ୭ ଜଣଙ୍କ ମୁଣ୍ଡରେ ଆଘାତ ଲାଗିଛି। ଏୟାର ଟ୍ରାକିଂ ସର୍ଭିସ୍ ଫ୍ଲାଇଟ୍ ରାଡାର ୨୪ର ଜଣେ ମୁଖପାତ୍ର କହିଛନ୍ତି, ପ୍ରାୟ ୭.୪୯ ଜିଏମ୍‌ଟିରେ ପ୍ଲେନ୍‌ରେ ଅସ୍ଥିରତା ଦେଖାଦେଇଥିଲା। ସେହି ସମୟର ଡେଟାକୁ ବିଶ୍ଳେଷଣ କରାଯାଉଛି। ବିମାନରେ ଯାତ୍ରା କରୁଥିବା ୨୮ ବର୍ଷୀୟ ଛାତ୍ର ଡିଜଫ୍ରାନ୍ ଆଜମିର ମଧ୍ୟ ନିଜ ଅନୁଭୂତି ବଖାଣିଛନ୍ତି। ବିମାନ ହଠାତ୍ ହଲିବାରେ ଲାଗିଥିଲା। କେତେଜଣ ଯାତ୍ରୀଙ୍କ ମୁଣ୍ଡରେ ସେମାନଙ୍କ ବ୍ୟାଗେଜ୍ କ୍ୟାବିନ୍ ବାଜିଥିଲା। ସମସ୍ତେ ଆତଙ୍କିତ ହୋଇଯାଇଥିଲେ। ବିଶେଷଜ୍ଞଙ୍କ ମତରେ ସିଟ୍‌ବେଲ୍ଟ ପିନ୍ଧି ନ ଥିବା ଯାତ୍ରୀମାନେ ଅଧିକ ଆହତ ହୋଇଥାନ୍ତି। ଏପରି କି ପାଇଲଟ୍ ମଧ୍ୟ ଯାତ୍ରୀମାନଙ୍କୁ ସତର୍କ କରାଇବାକୁ ସକ୍ଷମ ହୋଇନାହାନ୍ତି। ପ୍ରକାଶ ଯେ, ଗତବର୍ଷ ମେ'ରେ ଟର୍ବୁଲାନ୍ସ ଯୋଗୁ ଏକ ଦିଲ୍ଲୀ-ସିଡ୍‌ନୀ ଏୟାର ଇଣ୍ଡିଆ ବିମାନର ଅନେକ ଯାତ୍ରୀ ଆହତ ହୋଇଥିଲେ।

### ପୁଣେ ପୋର୍ଶ ଦୁର୍ଘଟଣା: ଅଭିଯୁକ୍ତ ନାବାଳକଙ୍କ ବାପା, ବାର୍ ମାଲିକ ଗିରଫ

ପୁଣେ, ୨୧।୫

ପୁଣେ ପୋର୍ଶ ଦୁର୍ଘଟଣା ମାମଲାରେ ସୋମବାର ସହରର ଏକ ବାର୍‌କୁ ସିଲ୍ କରାଯାଇଛି। ଦୁର୍ଘଟଣା ଘଟିବାର କିଛି ସମୟ ପୂର୍ବରୁ ଅଭିଯୁକ୍ତ ୧୭ ବର୍ଷୀୟ ନାବାଳକ ଏହି ବାରରେ ମଦ ପିଇଥିବାର ପୋଲିସ ସୂଚନା ଦେଇଛି। ପୋଲିସ ଅନୁଯାୟୀ ବାର୍‌ରେ ମଦ ପିଇବା ପରେ ଅଭିଯୁକ୍ତ ନାବାଳକ ନିଶାସକ୍ତ ଅବସ୍ଥାରେ ସ୍ଥାନୀୟ କଲ୍ୟାଣୀ ନଗର ଅଞ୍ଚଳରେ ନିଜ ପୋର୍ଶ କାରରେ ଏକ ବାଇକକୁ ଧକ୍କା ଦେଇଥିଲେ, ଫଳରେ ୨ ଜଣଙ୍କର ମୃତ୍ୟୁ ହୋଇଥିଲା। ମହାରାଷ୍ଟ୍ରରେ ମଦ ପିଇବାର ଆଇନଗତ ବୟସ ୨୫ ହୋଇଥିବାବେଳେ ଉକ୍ତ ନାବାଳକଙ୍କୁ ମଦ ପରଷିବା ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ଦର୍ଶାଇ ପୁନେ ଜିଲାପାଳଙ୍କ ଆଦେଶ ଅନୁଯାୟୀ ପୋଲିସ ଉକ୍ତ ବାରକୁ ସିଲ୍ କରିବା ସହ ଏହାର ମାଲିକ ଏବଂ ମ୍ୟାନେଜରଙ୍କୁ ଗିରଫ କରିଛି। ସେହିପରି ନାବାଳକଙ୍କ ପିତା ତଥା ସହରର ଜଣାଶୁଣା ବିଲ୍ଡର ବିଶାଲ ଅଗ୍ରୱାଲଙ୍କୁ ମଙ୍ଗଳବାର ସକାଳେ ପୋଲିସ ଗିରଫ କରିଛି। ତେବେ ସୋମବାର ଅଭିଯୁକ୍ତ ନାବାଳକଙ୍କୁ ଜାମିନ ପ୍ରଦାନ କରାଯାଇଥିବାବେଳେ ଏହାକୁ ଦୁର୍ଘଟଣାରେ ମୃତ ଅନୀଶ ଅବଧିଆଙ୍କ ପରିବାର ପକ୍ଷରୁ ବିରୋଧ କରାଯାଇଛି। ଜାମିନ ପାଇଁ ଅଭିଯୁକ୍ତ ନାବାଳକଙ୍କୁ ସଡ଼କ ସୁରକ୍ଷା ଉପରେ ୩୦୦ ଶବ୍ଦର ଏକ ରଚନା ଲେଖିବାକୁ ଦିଆଯାଇଥିବା ସର୍ତ୍ତକୁ ନେଇ ଅନୀଶଙ୍କ ପରିବାର ପକ୍ଷରୁ ଆଶ୍ଚର୍ଯ୍ୟ ପ୍ରକାଶ କରାଯାଇଛି।

### ପ୍ରଜ୍ୱଳଙ୍କ ପାସ୍‌ପୋର୍ଟ ରଦ୍ଦ ପାଇଁ କର୍ଣ୍ଣାଟକ ସରକାରଙ୍କ ଚିଠି

ବେଙ୍ଗାଲୁରୁ, ୨୧।୫

ଜେଡିଏସ୍ ଏମ୍‌ପି ପ୍ରଜ୍ୱଳ ରେଭନ୍ନାଙ୍କ ନାଁରେ ସେକ୍ସ ସ୍କାଣ୍ଡାଲ ମାମଲାରେ ବେଙ୍ଗାଲୁରୁର ସ୍ୱତନ୍ତ୍ର କୋର୍ଟ ଗିରଫ ପରୱାନା ଜାରି କରିଛନ୍ତି। ଏହି ଆଧାରରେ ପ୍ରଜ୍ୱଳଙ୍କ କୂଟନୈତିକ ପାସ୍‌ପୋର୍ଟକୁ ରଦ୍ଦ କରିବାରୁ ମଙ୍ଗଳବାର ବହିର୍ବ୍ୟାପାର ମନ୍ତ୍ରଣାଳୟକୁ କର୍ଣ୍ଣାଟକ ସରକାର ଚିଠି ଲେଖିଛନ୍ତି। ଅନେକ ମହିଳାଙ୍କ ସହ ଯୌନ ସମ୍ପର୍କ ରଖିଥିବା ନେଇ ଏକାଧିକ ଅଭିଯୋଗ ଆସିବା ପରେ ପ୍ରଜ୍ୱଳ ଗତ ୨୭ରୁ ଜର୍ମାନୀ ପଳାଇଥିବା ଅନୁମାନ କରାଯାଉଛି।

### ସ୍ୱାତୀଙ୍କୁ ଏଲ୍‌ଜିଙ୍କ ସମର୍ଥନ, ଭାଜପା ଲିଙ୍କ୍ ପ୍ରମାଣିତ: ଆପ୍

ନୂଆଦିଲ୍ଲୀ,୨୧।୫

ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ରାଜ୍ୟ ସଭା ସଦସ୍ୟା ସ୍ୱାତୀ ମାଲିୱାଲଙ୍କୁ ଆକ୍ରମଣ ଘଟଣାରେ ଦିଲ୍ଲୀ ଉପରାଜ୍ୟପାଳ (ଏଲ୍‌ଜି) ଭି.କେ. ସକ୍ସେନା ତାଙ୍କ ସମର୍ଥନରେ ବାହାରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବାସଭବନରେ ତାଙ୍କର ଜଣେ ଘନିଷ୍ଠ ସହଯୋଗୀ ଆକ୍ରମଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସକ୍ସେନା କହିଛନ୍ତି। ସ୍ୱାତୀ ତାଙ୍କ ସହ ବିତିଥିବା ସବୁ ଘଟଣା ସକ୍ସେନାଙ୍କୁ ଜଣାଇଛନ୍ତି। ଏଥିସହ ତାଙ୍କ ସହଯୋଗୀମାନେ ପ୍ରମାଣ ନଷ୍ଟ କରିବାରେ ଲାଗିଛନ୍ତି ବୋଲି ମଧ୍ୟ ସେ ଏଲ୍‌ଜିଙ୍କୁ ଗୁହାରି କରିଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଏଲ୍‌ଜି ସ୍ୱାତୀଙ୍କ ସମର୍ଥନରେ ବାହାରିବା ଏହି ଘଟଣା ସହ ଭାଜପାର ସମ୍ପୃକ୍ତିକୁ ପଦାରେ ପକାଇଛି ବୋଲି ଆପ୍ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ଅଭିଯୁକ୍ତ ବିଭବ କୁମାର ଆଇଫୋନ୍‌ରୁ ଡେଟା ବାହାର କରିବା ପାଇଁ ମଙ୍ଗଳବାର ତାଙ୍କୁ ମୁମ୍ବାଇ ନିଆଯାଇଛି। ଦିଲ୍ଲୀ ପୋଲିସର ୫ ଦିନିଆ ରିମାଣ୍ଡରେ ଥିବା ବିଭବ ଗତ ୧୩ ତାରିଖରେ ସ୍ୱାତୀଙ୍କୁ ଆକ୍ରମଣ କରିବା ପରେ ପ୍ରମାଣ ନଷ୍ଟ ପାଇଁ ନିଜ ଆଇଫୋନ୍‌ର ଫର୍ମାଟିଂ କରିଥିବା ପୋଲିସ ଜାଣିବାକୁ ପାଇଛି।

### ଜୟନ୍ତ ସିହ୍ନା ପ୍ରଚାର କଲେନି ବୋଲି ଭାଜପାର ନୋଟିସ

ନୂଆଦିଲ୍ଲୀ, ୨୧।୫

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟନ୍ତ ସିହ୍ନାଙ୍କୁ ଭାଜପା ମଙ୍ଗଳବାର କାରଣ ଦର୍ଶାଅ ନୋଟିସ ଜାରି କରିଛି। ଚଳିତ ଲୋକ ସଭା ନିର୍ବାଚନରେ ଜୟନ୍ତ ସକ୍ରିୟ ଭାବେ ଭାଜପା ପାଇଁ ପ୍ରଚାର କରି ନ ଥିଲେ। ଏହାସହ ସେ ଭୋଟ ମଧ୍ୟ ଦେଇ ନାହାନ୍ତି। ଫଳରେ ସ୍ଥାନୀୟ ସ୍ତରରେ ଦଳର ଛବି ଖରାପ ହୋଇଥିବା ଦର୍ଶାଇ, ଆଗାମୀ ୨ ଦିନ ମଧ୍ୟରେ ଏଥିନେଇ ଜବାବ ରଖିବାକୁ ଜୟନ୍ତଙ୍କୁ ଭାଜପା ନୋଟିସ କରିଛି। ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ ଟିକେଟ ଘୋଷଣାର ଠିକ୍ ପୂର୍ବରୁ ହଜାରୀବାଗର ଏମ୍‌ପି ଜୟନ୍ତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ନିର୍ବାଚନ ନ ଲଢ଼ିବାକୁ ଅନୁରୋଧ କରିଥିଲେ।

### ଅଭିଜିତ ଗଙ୍ଗୋପାଧ୍ୟାୟଙ୍କୁ ୨୪ ଘଣ୍ଟା ପ୍ରଚାର ମନା


କୋଲକତା,୨୧।୫

କାଲକାଟା ହାଇକୋର୍ଟ ପୂର୍ବତନ ବିଚାରପତି ତଥା ଭାଜପା ପ୍ରାର୍ଥୀ ଅଭିଜିତ ଗଙ୍ଗୋପାଧ୍ୟାୟଙ୍କ ଉପରେ ମଙ୍ଗଳବାର ନିର୍ବାଚନ କମିଶନ (ଇସି) ୨୪ ଘଣ୍ଟା ପାଇଁ ପ୍ରଚାର କଟକଣା ଲଗାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ଇସି ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

ଅଭିଜିତ ହାଇକୋର୍ଟ ବିଚାରପତି ପଦରୁ ଇସ୍ତଫାଦେଇ ଗତ ମାର୍ଚ୍ଚ ୭ରେ ଭାଜପାରେ ସାମିଲ ହୋଇଥିଲେ। ଭାଜପା ତାଙ୍କୁ ତମଲୁକ୍ ଲୋକ ସଭା ଆସନରେ ପ୍ରାର୍ଥୀ କରିଛି। ଅଭିଜିତ ମେ' ୧୫ରେ ହଲଦିଆରେ ଆୟୋଜିତ ଏକ ସଭାକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ, ମମତା ଆପଣ କେତେ ଟଙ୍କାରେ ବିକ୍ରି ହେଉଛନ୍ତି? ଆପଣଙ୍କ ରେଟ୍ ୧୦ ଲକ୍ଷ କାହିଁକି? କାରଣ ଆପଣଙ୍କୁ କେୟା ସେଠ ମେକ୍‌ଅପ୍ କରୁଛନ୍ତି? ମମତା ଜଣେ ମହିଳା କି ନୁହନ୍ତି ତାହା ମଧ୍ୟ ସନ୍ଦେହ ବୋଲି ଅଭିଜିତ କଟାକ୍ଷ କରିଥିଲେ। ପଶ୍ଚିମବଙ୍ଗର ଶାସକ ଟିଏମ୍‌ସି ଏନେଇ ଇସିଙ୍କ ଦ୍ୱାରସ୍ଥ ହୋଇଥିଲା। ଇସି ମଙ୍ଗଳବାର ତାଙ୍କ ମନ୍ତବ୍ୟକୁ 'ନିମ୍ନ ସ୍ତରର ବ୍ୟକ୍ତିଗତ ଆକ୍ରମଣ' ଏବଂ ଆଦର୍ଶ ଆଚରଣ ବିଧି (ଏମ୍‌ସିସି)ର ଉଲ୍ଲଂଘନ ବୋଲି କହିଛନ୍ତି। ଏଥିସହ ତାଙ୍କ ପ୍ରଚାର ଉପରେ ମେ' ୨୧ ଅପରାହ୍ନ ୫ଟାରୁ ୨୪ ଘଣ୍ଟା ପାଇଁ କଟକଣା ଲଗାଇଛନ୍ତି। ଆଗକୁ ପ୍ରଚାରବେଳେ ଏଭଳି ଭୁଲ୍‌ର ପୁନରାବୃତ୍ତି ନ କରିବାକୁ ଇସି ଚେତାବନୀ ଦେଇଛନ୍ତି।

### ବିମାନ ଧକ୍କାରେ ୪୦ ବିଦେଶୀ ପକ୍ଷୀଙ୍କ ମୃତ୍ୟୁ

ମୁମ୍ବାଇ, ୨୧।୫



ଏମିରେଟ୍ସ ଏୟାରଲାଇନ୍ସର ଏକ ବିମାନ ସହ ଧକ୍କା ହୋଇ ୪୦ରୁ ଅଧିକ ବିଦେଶୀ ପକ୍ଷୀଙ୍କ ମୃତ୍ୟୁ ହୋଇଯାଇଛି। ସୋମବାର ବିଳମ୍ବିତ ରାତିରେ ମୁମ୍ବାଇର ଘାଟ୍‌କୋପର ସ୍ଥିତ ଲକ୍ଷ୍ମୀନଗରର ସ୍ଥାନୀୟ ବାସିନ୍ଦା ୪୦ରୁ ଅଧିକ ବିଦେଶୀ ପକ୍ଷୀଙ୍କ ଶବ ପଡ଼ିଥିବା ଦେଖିବାକୁ ପାଇଥିଲେ। ମୁମ୍ବାଇରୁ ଦୁବାଇ ଯାଉଥିବା ଏମିରେଟ୍ସ ଏୟାରଲାଇନ୍ସର 'ଇକେ ୫୦୯' ବିମାନ ସହ କିଛି ପକ୍ଷୀ ମାଡ଼ ହେବା ନେଇ ଏହାର ପାଇଲଟ ଏୟାର ଟ୍ରାଫିକ କଣ୍ଟ୍ରୋଲକୁ ସୂଚନା ଦେଇଥିଲେ। ପକ୍ଷୀଙ୍କ ସହ ମାଡ଼ ହେବା ପରେ ଏହି ଫ୍ଲାଇଟ୍‌କୁ ମୁମ୍ବାଇ ବିମାନ ବନ୍ଦରରେ ଜରୁରିକାଳୀନ ଅବତରଣ କରାଯିବା ସହ ଏଥିରେ ଯାତ୍ରାକୁ ବାତିଲ କରାଯାଇଥିଲା। ଏହାପରେ ଉକ୍ତ ବିମାନକୁ ଯାଞ୍ଚ ମଧ୍ୟ କରାଯାଇଥିଲା। ଅନ୍ୟପକ୍ଷରେ ଏହି ଘଟଣାକୁ ଗୁରୁତର ସହ ନେଇଛି ମହାରାଷ୍ଟ୍ରର ଜଙ୍ଗଲ ଓ ପରିବେଶ ବିଭାଗ। ବିଭାଗ ପକ୍ଷରୁ ପୂରା ଘଟଣାର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଅଧିକାରୀମାନେ ଲକ୍ଷ୍ମୀନଗରରେ ପହଞ୍ଚି ସ୍ଥାନୀୟ ଅଧିବାସୀଙ୍କୁ ପଚରାଉଚରା କରିଥିବା ମହାରାଷ୍ଟ୍ର ସରକାରଙ୍କ ଅତିରିକ୍ତ ମୁଖ୍ୟ ଜଙ୍ଗଲ ସଂରକ୍ଷଣକାରୀ ଏସ୍. ଭି. ରାମାରାଓ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଏକ ଟିମ୍ ବିମାନର ପାଇଲଟଙ୍କ ବୟାନ ରେକର୍ଡ କରିବ ବୋଲି ସେ କହିଛନ୍ତି। ତେବେ ଏହି ଘଟଣାକୁ ନେଇ ଅନେକ ପରିବେଶବିତ ଏବଂ ବନ୍ୟଜନ୍ତୁ କଲ୍ୟାଣ ସଂଗଠନ ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ବିଦେଶୀ ପକ୍ଷୀ ସମୂହ ସାଧାରଣତଃ ମୁମ୍ବାଇ ଦେଇ ଠାଣେସ୍ଥିତ ପକ୍ଷୀ ଅଭୟାରଣ୍ୟକୁ ଯାଇଥାନ୍ତି। ତେବେ ନଭି ମୁମ୍ବାଇରେ ଚାଲିଥିବା ବିଭିନ୍ନ ଅବୈଧ ନିର୍ମାଣ କାର୍ଯ୍ୟ ଓ ପ୍ରଦୂଷଣ ଆଦି କାରଣରୁ ପକ୍ଷୀମାନେ ନିଜ ଗତିପଥ ବଦଳାଇବାକୁ ବାଧ୍ୟ ହେଉଥିବା, କିଛି ପରିବେଶବିତ ଅଭିଯୋଗ ଆଣିଛନ୍ତି।

## ଫୁର୍‌ସତ୍

### ଗୋଲ୍‌ଡେନ ଗାଉନ୍‌ରେ ଜ୍ୟାକ୍‌ଲିନ୍



**ପ୍ୟାରିସ୍:** ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ ୭୭ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ ୨୦୨୪ରେ ନିଜ ଜଲୱା ଦେଖାଇଛନ୍ତି। ସେ ସୋମବାର ପ୍ରଥମଥର ପାଇଁ ଏହି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ରେଡ୍ କାର୍ପେଟରେ ନିଜର ଡେବ୍ୟୁ କରିଛନ୍ତି। ଏହି ଅବସରରେ ସେ ଏକ ଗୋଲ୍‌ଡେନ ରଙ୍ଗର ଗାଉନରେ ନଜର ଆସିଥିଲେ। ଜ୍ୟାକଲିନ୍ ତାଙ୍କ କାନ୍ସ ଡେବ୍ୟୁ ପାଇଁ ଏକ ଗୋଲ୍‌ଡେନ ଶିମ୍‌ରି ଗାଉନ ପିନ୍ଧିଥିଲେ। ଏହି ଅବସରରେ ସେ ତାଙ୍କ ଲୁକ୍‌କୁ ଖୁବ୍ ସିମ୍ପଲ ରଖିବାକୁ ଚେଷ୍ଟା କରିଥିଲେ। କାନ୍ସ ଫିଲ୍ମ ଫେଷ୍ଟିଭାଲର ରେଡ୍ କାର୍ପେଟରେ ନିଜ ଭିଡିଓକୁ ସେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହି ଭିଡିଓରେ ଜ୍ୟାକଲିନ ବିଭିନ୍ନ ପୋଜ୍ ଦେଉଥିବାର ନଜର ଆସିଛନ୍ତି। ଏହି ପୋଷ୍ଟରେ ପ୍ରଶଂସକମାନେ ଜ୍ୟାକ୍‌ଲିନ୍‌ଙ୍କ ଲୁକକୁ ଖୁବ୍ ପ୍ରଶଂସା କରିଛନ୍ତି। ତେବେ ଜ୍ୟାକ୍‌ଲିନ୍‌ଙ୍କ ବ୍ୟତୀତ ଅନେକ ବଲିଉଡ ଅଭିନେତ୍ରୀ ଚଳିତବର୍ଷ କାନ୍ସ ରେଡ୍ କାର୍ପେଟରେ ଡେବ୍ୟୁ କରିଛନ୍ତି। ସେଥିମଧ୍ୟରୁ ଐଶ୍ୱର୍ଯ୍ୟା ରାୟ ବଚ୍ଚନ, କିଆରା ଆଡ଼ଭାନୀ, ଶୋଭିତା ଧୁଳିପଲା, ଉର୍ବଶୀ ରୌତେଲା ପ୍ରମୁଖ ଅଭିନେତ୍ରୀ ରହିଛନ୍ତି। ୧୪ ମେ'ରୁ ଆରମ୍ଭ ହୋଇଥିବା ଏହି ୭୭ତମ କାନ୍ସ ଫେଷ୍ଟିଭାଲ ଆସନ୍ତା ୨୫ରେ ଶେଷ ହେବ। ଜ୍ୟାକ୍‌ଲିନ୍ ଖୁବ୍‌ଶୀଘ୍ର ଅଭିନେତା ସୋନୁ ସୁଦ୍‌ଙ୍କ ସହ ଫତେହ ଫିଲ୍ମରେ ନଜର ଆସିବେ। ପ୍ରଥମଥର ପାଇଁ ଅଭିନେତା ସୋନୁ ସୁଦ୍ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି।

କାନ୍ସ ଫେଷ୍ଟିଭାଲ

### ବାପା ମନାକଲେ, ଆଉ ବ୍ଲଗ୍ କରିବିନି



**ଇସ୍‌ଲାମାବାଦ:** ପାକିସ୍ତାନର ବେଶ୍ ପରିଚିତ ଶିଶୁ ୟୁଟ୍ୟୁବର ମହମ୍ମଦ ଶିରାଜ(୬) ତାଙ୍କର ଶେଷ ବ୍ଲଗ୍ ଶେୟାର କରିଛନ୍ତି। ସେ ଏହି ବ୍ଲଗରେ ତାଙ୍କ ପ୍ରଶଂସକ ଏବଂ ଅନୁଗାମୀମାନଙ୍କୁ ଭାବପ୍ରବଣ ହୋଇ ବିଦାୟ ଜଣାଇଛନ୍ତି। ୟୁଟ୍ୟୁବରେ ପୋଷ୍ଟ ହୋଇଥିବା ଏହି ୧୧ ମିନିଟର ଭିଡିଓରେ ଶିରାଜ କହିଛନ୍ତି, ତାଙ୍କ ପିତା ଚାହୁଁଛନ୍ତି ସେ ବ୍ଲଗ୍ କରିବା ପରିବର୍ତ୍ତେ ନିଜ ଅଧ୍ୟୟନ ପ୍ରତି ବେଶି ଧ୍ୟାନ ଦିଅନ୍ତୁ। ତେଣୁ ସେ ୟୁଟ୍ୟୁବରୁ ବିଦାୟ ନେଇ ଆଉ ବ୍ଲଗିଂ କରିବେ ନାହିଁ ବୋଲି ଏହି ଭିଡିଓରେ କହିଛନ୍ତି। ବ୍ଲଗିଂ କରିବା ତାଙ୍କୁ ବହୁ ପସନ୍ଦ ଥିବା ଶିରାଜ ନିଜର ଏହି ଶେଷ ବ୍ଲଗ୍‌ରେ ସ୍ୱୀକାର କରିଛନ୍ତି। ପିତାଙ୍କ ଉପଦେଶ ମାନି ସାମୟିକ ଭାବେ ବ୍ଲଗିଂରୁ ଦୂରେଇଯିବାକୁ ନିଷ୍ପତ୍ତି ନେଇଥିବା ଶିରାଜ କହିଛନ୍ତି। ସବୁବେଳେ ସମର୍ଥନ କରୁଥିବାରୁ ସେ ନିଜ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ କେତେକ ପ୍ରଶଂସକ ଶିରାଜଙ୍କୁ ନିଜ ପଢ଼ାରୁ କିଛି ସମୟ ବାହାର କରି ବ୍ଲଗିଂ କରିବାକୁ ଅନୁରୋଧ କରିଛନ୍ତି। ତେବେ ଏଥି ନିମନ୍ତେ ସେ ନିଜ ପିତାଙ୍କୁ ଆଉ ଥରେ ଅନୁରୋଧ କରିବେ ବୋଲି ଭିଡିଓରେ ଶିରାଜ କହିଛନ୍ତି। ତାଙ୍କର 'ଶିରାଜୀ ଭିଲେଜ୍ ବ୍ଲଗ୍ସ' ନାମକ ୟୁଟ୍ୟୁବ ଚ୍ୟାନେଲ୍ ଏବଂ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ରହିଛି, ଯେଉଁଥିରେ ସେ ତାଙ୍କ ପାରିବାରିକ ଜୀବନ ଏବଂ ଦୈନନ୍ଦିନ ଅନୁଭୂତି ସମ୍ବନ୍ଧିତ ଭିଡିଓ କରି ପୋଷ୍ଟ କରୁଥିଲେ। ୟୁଟ୍ୟୁବରେ ଶିରାଜଙ୍କର ୧.୫୬ ମିଲିଅନ ସବ୍‌ସ୍କ୍ରାଇବର୍ ରହିଛନ୍ତି ଏବଂ ଇନ୍‌ଷ୍ଟାଗ୍ରାମରେ ତାଙ୍କର ୨ ମିଲିଅନ ଫଲୋଅର୍ସ ରହିଛନ୍ତି।

### ସ୍ପେନ୍‌ରେ ପଥପ୍ରାନ୍ତ ଓଡ଼ିଶୀ

**ମାଦ୍ରିଦ:** ମାଦ୍ରିଦର ଏକ ସଡ଼କରେ ସଞ୍ଜୟ ଲୀଲା ଭନ୍‌ସାଲୀଙ୍କ ନେଟ୍‌ଫ୍ଲିକ୍ସ ସିରିଜ୍ 'ହିରାମାଣ୍ଡି: ଦି ଡାଇମଣ୍ଡ ବଜାର' 'ସକଲ ବନ୍' ଗୀତର ତାଳେ ତାଳେ ୨ ଜଣ ଭାରତୀୟ ମହିଳା ଏକସଙ୍ଗେ ଓଡ଼ିଶୀ ଏବଂ ଭାରତନାଟ୍ୟମ୍ ନୃତ୍ୟ କରୁଥିବାର ଏକ ଭିଡ଼ିଓ ଭାଇରାଲ ହୋଇଛି।





ବରିଷ୍ଠ ଭାଜପା ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦଳୀୟ ପ୍ରଚାର ପାଇଁ ମଙ୍ଗଳବାର ସମ୍ବଲପୁର ଆସି ମା' ସମଲେଇଙ୍କୁ ଦର୍ଶନ କରିବା ଅବସରରେ ପୂଜକଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ନିକଟରେ ଅଛନ୍ତି ସମ୍ବଲପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ। (ଫଟୋ: ମୌସମ ନନ୍ଦ)

# ବଳାତ୍କାର ପରେ ମହିଳାଙ୍କ ଆତ୍ମହତ୍ୟା

**ଭବାନୀପାଟଣା,୨୧ା୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି। ଜଣେ ବିବାହିତା ମହିଳାଙ୍କୁ ନିଜ ସମ୍ପର୍କୀୟ ଦେଢ଼ଶୁର ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହାପରେ ମହିଳା ଜଣକ ଲୋକଲଜ୍ଜାକୁ ସହି ନ ପାରି ବିଷ ପିଇ ଆତ୍ମହତ୍ୟା କରିଛନ୍ତି। କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ଟିଙ୍ଗୋପଖାନ ଗ୍ରାମରେ ଏହି ଘଟଣା ଘଟିଛି।

ପୀଡ଼ିତାଙ୍କ ସ୍ୱାମୀ ଦାଦନ ଖଟିବା ପାଇଁ ବାହାର ଅଞ୍ଚଳରେ ରହନ୍ତି। ମହିଳା ଜଣକ ଘରେ ଏକୁଟିଆ ରହୁଥିଲେ। ଗତ ଏପ୍ରିଲ ୨୨ରେ ଏକ ବିବାହ ଭୋଜିରେ ସମ୍ପର୍କୀୟ ଦେଢ଼ଶୁର ଅରୁଣ ମାଝି (୨୮) ତାଙ୍କୁ କିଛି କାମ ଅଛି କହି ଘର ଭିତରକୁ ଆସିବାକୁ କହିଥିଲେ। ମହିଳା ଜଣକ ଭିତରକୁ ଯିବା ପରେ ଅରୁଣ ତାଙ୍କ ମୁହଁ ଓ ହାତକୁ ଗାମୁଛାରେ ବାନ୍ଧି ଜବରଦସ୍ତ ଘର ପାଖ ଜଙ୍ଗଲକୁ ଟେକିନେଇ ବଳାତ୍କାର କରିଥିଲେ। ଏ ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିବା ନେଇ ମହିଳା ଜଣକ ସେତେବେଳେ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଏହି ଘଟଣାକୁ ନେଇ ଗାଁରେ ଚର୍ଚ୍ଚା ହେବା ପରେ ଲୋକଲଜ୍ଜା ସହି ନ ପାରି ଶେଷରେ ମହିଳା ଜଣକ ଟିଙ୍ଗୋପଖାନ ଗ୍ରାମରୁ ନିଜ ବାପା ଘର ଜାମଚୁଆକୁ ଚାଲିଆସିଥିଲେ। ଅନ୍ୟପଟେ ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଥିବା ବେଳେ ସୋମବାର ରାତିରେ ମହିଳା ଜଣକ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ସକାଳେ ଏହି ଘଟଣା ଜଣାପଡିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଛି। ଏହି ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମହିଳାଙ୍କ ପରିବାରବର୍ଗ ଦାବି କରିଛନ୍ତି। ଏ ନେଇ ଜୟପାଟଣା ଥାନାରେ ଏକ ମାମଲା (ନଂ.୧୪୫/୨୪) ରୁଜୁ ହୋଇଛି। ଘଟଣାରେ ସମ୍ପୃକ୍ତ ଥିବା ଦେଢ଼ଶୁର ଅରୁଣ ମାଝିଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ଏସ୍ଆଇ ବିନୟ ବେହେରା ପ୍ରକାଶ କରିଛନ୍ତି।

# ପ୍ରଧାନମନ୍ତ୍ରୀ ଭୋଟ ପାଇଁ ତାମିଲଙ୍କୁ ବଦନାମ କରନ୍ତୁ ନାହିଁ: ଷ୍ଟାଲିନ୍

**ଚେନ୍ନାଇ,୨୧ା୫(ପି.ଟି.)**



ଏମ୍.କେ. ଷ୍ଟାଲିନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକ ସଭା ନିର୍ବାଚନ ପାଇଁ ଓଡ଼ିଶାକୁ ପ୍ରଚାରରେ ଆସିବାବେଳେ ପ୍ରତିଥର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ଉଠାଇ ରାଜ୍ୟର ଶାସକ ବିଜୁ ଜନତା ଦଳ (ବିଜେଡି)କୁ ଟାର୍ଗେଟ କରୁଛନ୍ତି। ଏହିକ୍ରମରେ ମୋଦି ସୋମବାର କଟକରେ ଭାଜପାର ଏକ ସଭାକୁ ସମ୍ବୋଧିତ କରି ରତ୍ନଭଣ୍ଡାର ଚାବି ତାମିଲନାଡୁକୁ ଚାଲିଯାଇଥିବା କହିଥିଲେ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କୁ ଏହାର କଡ଼ା ଜବାବ ଦେଇଛନ୍ତି। ମୋଦି ଭୋଟ ହାସଲ ପାଇଁ ତାମିଲନାଡୁକୁ ବଦନାମ କରୁଛନ୍ତି। ସେ ଘୃଣା ମନ୍ତବ୍ୟ ଦେଇ ରାଜ୍ୟ-ରାଜ୍ୟ ଓ ଲୋକଙ୍କ ମଧ୍ୟରେ ଶତ୍ରୁଭାବ ସୃଷ୍ଟି କରୁଛନ୍ତି। ମୋଦି ଏଭଳି ଉଦ୍ୟମରୁ କ୍ଷାନ୍ତ ରୁହନ୍ତୁ ବୋଲି ଦ୍ରାବିଡ ମୁନେତ୍ରା କାଝାଗାମ (ଡିଏମ୍‌କେ) ମୁଖ୍ୟ ଷ୍ଟାଲିନ୍ କହିଛନ୍ତି।

ଷ୍ଟାଲିନ୍ ଆହୁରି କହିଛନ୍ତି, ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଓଡ଼ିଶା ସହ ସୁସମ୍ପର୍କ ଥିବା ତାମିଲଙ୍କୁ ଆଘାତ ଦେଇନାହିଁ, ବରଂ ଏହା ଅନେକ କୋଟି ଭକ୍ତଙ୍କ ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ ଅପମାନ ସଦୃଶ। ମୋଦି ତାମିଲନାଡୁର ଜନତାଙ୍କୁ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଚାବି ଚୋର ବୋଲି ନ୍ୟୂନ ଦର୍ଶାଇପାରିବେ କି? ଏହା ତାମିଲନାଡୁ ପ୍ରତି ଅପମାନ ନୁହେଁ କି? ତାମିଲମାନଙ୍କ ପ୍ରତି ଏତେ ନାପସନ୍ଦ ଓ ଘୃଣାଭାବ କାହିଁକି ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ମୋଦି ତାମିଲନାଡୁକୁ ଆସିବାବେଳେ ଏଠାକାର ତାମିଲ ଭାଷା ଓ ଲୋକଙ୍କୁ ପ୍ରଶଂସା କରୁଛନ୍ତି। କିନ୍ତୁ ଓଡ଼ିଶା, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ନିର୍ବାଚନ ପ୍ରଚାର ବେଳେ ତାମିଲମାନଙ୍କ ସମ୍ପର୍କରେ ଖରାପ କଥା କହୁଛନ୍ତି। ତାଙ୍କ ନକଲି ପ୍ରଶଂସାକୁ ଲୋକେ ବୁଝିପାରୁଛନ୍ତି। ପ୍ରଧାନମନ୍ତ୍ରୀ ଭୋଟ ଲୋଭରେ ତାମିଲନାଡୁ ଓ ତାମିଲମାନଙ୍କୁ କଳଙ୍କିତ କରିବା ବନ୍ଦ କରନ୍ତୁ ବୋଲି ☞ପୃଷ୍ଠା-୨

# ଓଡ଼ିଶାରେ କୌଣସି ତାମିଲବାବୁ ଶାସନ କରିପାରିବେ ନାହିଁ: ଅମିତ ଶାହା

**ନୟାଗଡ଼,୨୧ା୫(ଲୋକନାଥ ମିଶ୍ର)**

ଓଡ଼ିଶାରେ କୌଣସି ତାମିଲ ବାବୁ ଶାସନ କରିପାରିବେ ନାହିଁ। କଥା ଦେଉଛୁ ଭାଜପା କ୍ଷମତାକୁ ଆସିଲେ ଓଡ଼ିଆ କହୁଥିବା ଲୋକ ଶାସନ କରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ନୟାଗଡ଼ ଜିଲା ନୟାଗଡ଼ ବ୍ଲକ ଲାଠିପଡ଼ାର ଟାଙ୍ଗୀ ପଡ଼ିଆରେ ମଙ୍ଗଳବାର ଅପରାହ୍ଣରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଶାହା ବିଜେଡି ଉପରେ ବର୍ଷିବା ସହ ଓଡ଼ିଶାର ବିକାଶ ପାଇଁ ଭାଜପାକୁ ଭୋଟ ଦେବାକୁ ଅନୁରୋଧ କରିଛନ୍ତି। ଅନୁରୂପଭାବେ ସମ୍ବଲପୁର, କେନ୍ଦୁଝର ଏବଂ ଢେଙ୍କାନାଳର ପରଜଙ୍ଗଠାରେ ଆୟୋଜିତ ନିର୍ବାଚନ ସଭାରେ ଶାହା ତାମିଲ ପ୍ରସଙ୍ଗ ଉଠାଇବା ସହ ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ଓଡ଼ିଆ କହୁଥିବା ଜଣେ ଯୁବନେତା ମୁଖ୍ୟମନ୍ତ୍ରୀ ହେବେ ବୋଲି କହିଛନ୍ତି।

ତେବେ ନୟାଗଡ଼ଠାରେ ଅନୁଷ୍ଠିତ ସଭାରେ ଶାହା କହିଛନ୍ତି, ଦେଶ ମୋଦିଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବାକୁ ପ୍ରସ୍ତୁତ। ଏଥର ଓଡ଼ିଶାରେ ଭାଜପା ୭୫ ଆସନ ଦଖଲକରି ସରକାର ଗଠନ କରିବ ବୋଲି ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ୩ କୋଟି ଲକ୍ଷପତି ଦିଦି ଓ ୪ କୋଟି ଗରିବଙ୍କ ପାଇଁ ଘର ତିଆରି ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୌରବକୁ ନଷ୍ଟ କରାଯାଇଛି। ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବା ଓ ପୁରୀର ସମ୍ମାନ ପୁଣି ଫେରାଇ ଆଣିବା ଉପରେ ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ନବୀନବାବୁ, ତୁମ ବାବୁଙ୍କ ଉତ୍ତର ଦରକାର ନାହିଁ। ମୋ ପ୍ରଶ୍ନର ଉତ୍ତର ଆପଣ ଓଡ଼ିଆରେ ଦିଅନ୍ତୁ। ରତ୍ନଭଣ୍ଡାର ଚାବି କୁଆଡ଼େ ହଜିଗଲା। ଡୁପ୍ଲିକେଟ୍ ଚାବିରେ ଭଣ୍ଡାର ଖୋଲାହୋଇଛି କି ନାହିଁ। ରତ୍ନଭଣ୍ଡାର ଯାଞ୍ଚ ଆୟୋଗ ରିପୋର୍ଟକୁ କାହିଁକି ଲୁଚାଇ ରଖିଛ। ଭାଜପା ସରକାର ଆସିଲେ ୧୦୦ ଦିନ ଭିତରେ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। ସେହିପରି ନୟାଗଡ଼ ଜିଲାର ବନ୍ଦ ହୋଇ ପଡ଼ିଥିବା ଚିନିକଳ ୩ ମାସ ଭିତରେ ଚାଲୁ କରାଯିବ ବୋଲି ଶାହା ପ୍ରତିଶ୍ରୁତି ଦେଇଛନ୍ତି।

ଦେଶର ସବୁଠାରୁ ସମୃଦ୍ଧଶାଳୀ ରାଜ୍ୟ ଓଡ଼ିଶା। ହେଲେ ସେହି ରାଜ୍ୟ ପଛୁଆ ହୋଇ ରହିଯାଇଛି। ନବୀନବାବୁଙ୍କ ଶାସନରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଓ ବିକାଶ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ବିଜେଡିକୁ ରାଜ୍ୟବାସୀ ୨୫ ବର୍ଷ ଦେଇଥିଲେ ହେଁ ଦେଶର ମାନଚିତ୍ରରେ ଓଡ଼ିଶା ପଛରେ ରହିଯାଇଛି। ଓଡ଼ିଶାବାସୀ ନବୀନବାବୁଙ୍କୁ ବହୁତ ସହିଲେଣି। ଓଡ଼ିଶାରେ ନବୀନବାବୁ କିଛି କରୁନାହାନ୍ତି। ତାଙ୍କ ବାବୁମାନେ ଶାସନ କରୁଛନ୍ତି। ନବୀନବାବୁ ଖାଲି ଅଖାର ସରକାର। ମୋଦି ଚାଉଳ ଦେଉଛନ୍ତି, ନବୀନ ବାବୁ ଫଟୋଲଗା ଅଖା ଦେଉଛନ୍ତି। ସେହିଭଳି ୧୮ ମାସରେ ଚିଟ୍‌ଫଣ୍ଡର ସବୁ ଦୋଷୀଙ୍କୁ ଜେଲରେ ପୂରାଇବୁ। ଓଡ଼ିଶାରେ ୧୫ ଲକ୍ଷ ଗରିବଙ୍କୁ ଆମେ ଘର ଦେବୁ ବୋଲି ଶାହା କହିଛନ୍ତି।

ଭାଜପାକୁ ଥରେ ସୁଯୋଗ ଦିଅନ୍ତୁ, କ୍ଷମତାକୁ ଆସିଲେ ଓଡ଼ିଶାକୁ ୧ନଂ. ରାଜ୍ୟରେ ପରିଣତ କରାଯିବ। କ୍ଷମତାକୁ ଆସିବାର ୧୦ ଦିନ ଭିତରେ ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁହେବ। ଚାଷୀଙ୍କ ଧାନ କିଣାଯାଉନାହିଁ। ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା କରାଯିବ। ଓଡ଼ିଶାର ସବୁମହିଳାଙ୍କୁ ସୁଭଦ୍ରା ଭାବି ୫୦ ହଜାର ଟଙ୍କାର ଭାଉଚର ଦିଆଯିବ। ଏଥିରେ ମହିଳାମାନେ ନିଜର ଘର ଉପକରଣ କିଣିପାରିବେ। ଭାଜପାକୁ ବିଜୟୀ କରାନ୍ତୁ, ସମୃଦ୍ଧ ଓଡ଼ିଶା ଓ ସ୍ୱାଭିମାନ ଓଡ଼ିଶା ବନାନ୍ତୁ ବୋଲି ଶାହା କହିଛନ୍ତି।

ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ୍ ପାତ୍ର ଓ ନୟାଗଡ଼ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ପାଇଁ ଭୋଟ ମାଗି ଶାହା କହିଛନ୍ତି, ଗତ ନିର୍ବାଚନରେ ପୁରୀ ଏମ୍‌ପି ପ୍ରାର୍ଥୀ ପାତ୍ର ସ୍ୱଳ୍ପଭୋଟରେ ପରାସ୍ତ ହୋଇଥିଲେ। ଏଥର ସେ ନିଶ୍ଚିତ ଜିତିବେ। ନୟାଗଡ଼ ନିର୍ବାଚନମଣ୍ଡଳୀର ଭୋଟରମାନେ ତାଙ୍କୁ ଜିତାଇବେ। ସମ୍ବିତ୍‌ଙ୍କୁ ଏମ୍‌ପି ଭାବେ ବିଜୟୀ କରାଅ, ଦିଲ୍ଲୀରେ ସେ ଭଲ ପୋଜିଶନ ପାଇବେ ବୋଲି ଶାହା କହିଛନ୍ତି। ଏହି ସମାବେଶରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଭାଜପାର ଜିଲା ସଭାପତି ତାପସ ରଞ୍ଜନ ମାର୍ଥା ଉପସ୍ଥିତ ଥିଲେ।

**ଆଜିର ସମ୍ପାଦକୀୟ**

**ଆଇସିସିର ଗିରଫ ପରୱାନା**

# କ୍ଷମା ମାଗିଲେ ସମ୍ବିତ୍, ୩ ଦିନ ଉପବାସ ରହିବେ



ସମ୍ବିତ୍ ପାତ୍ର

**ପୁରୀ, ୨୧ା୫(ଅଜିତ ମହାନ୍ତି)**

ମୋଦିଙ୍କ ଭକ୍ତ ହେଉଛନ୍ତି ଜଗନ୍ନାଥ। ଆମେ ସବୁ ମୋଦିଙ୍କ ପରିବାର ବୋଲି ପୁରୀ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ର ସୋମବାର କହିବା ପରେ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ତାଙ୍କୁ ନିନ୍ଦା କରାଯାଇଛି। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ବହୁ ନେତା ସମ୍ବିତଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରିଛନ୍ତି। ସବୁଆଡ଼ୁ ବିରୋଧର ଶିକାର ହେବା ପରେ ସମ୍ବିତ ନିଜ ମନ୍ତବ୍ୟକୁ ନେଇ କ୍ଷମାପ୍ରାର୍ଥନା କରିଛନ୍ତି। ଏଭଳି ଭୁଲ୍‌ର ପଶ୍ଚାତ୍ତାପ ପାଇଁ ୩ଦିନ ଉପବାସ ରହିବେ ବୋଲି ସେ ଘୋଷଣା କରିଛନ୍ତି। ନିଜ ଏକ୍ସ ଆକାଉଣ୍ଟରେ ସମ୍ବିତ ଉଲ୍ଲେଖ କରିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୁରୀ ଆଗମନ ଅବସରରେ ପୁରୀ ବଡ଼ଦାଣ୍ଡରେ ଜନଗହଳିରେ ଅନେକ ମିଡିଆ ବନ୍ଧୁଙ୍କ ସହ ବାର୍ତ୍ତାଳାପ କରିଥିଲି। ଜଣେ ମିଡିଆ ☞ପୃଷ୍ଠା-୨






# ଜୁନାଗଡ଼ରେ ପ୍ରାଚୀନ ନଗର ସଭ୍ୟତାର ସନ୍ଧାନ

**ଭବାନୀପାଟଣା,୨୧ା୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ପ୍ରାଚୀନ ନଗର ସଭ୍ୟତା ଧ୍ୱଂସାବଶେଷର ସନ୍ଧାନ ମିଳିଛି। ଅନ୍ତର୍ଜାତୀୟ ପତ୍ରିକା 'ହେରିଟେଜ୍'ରେ ଏ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ବୁଦ୍ଧିଜୀବୀ, ଐତିହାସିକ ଓ କଳାହାଣ୍ଡିବାସୀଙ୍କ ମନରେ ଉତ୍ସୁକତା ବଢ଼ିଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ବରିଷ୍ଠ ଗବେଷକ ଲୋକେଶ ଦୁର୍ଗା ଓ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପିକା ଦମୟନ୍ତୀ ବାଗ ୨୦୧୮ରେ ଉକ୍ତ ଅଞ୍ଚଳରେ ପ୍ରାୟ ମାସେ ଧରି ଅନୁସନ୍ଧାନ କରିଥିଲେ। ଏହି ଖବର ସେତେବେଳେ ପ୍ରଥମେ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା।

ଗବେଷକମାନଙ୍କ ଅନୁସନ୍ଧାନମୂଳକ ତଥ୍ୟ ଅନୁଯାୟୀ, ଜୁନାଗଡ଼ ସହର ଏବଂ ହାତୀନଦୀ ଅବବାହିକାରେ ପ୍ରାଚୀନ ଯୁଗରୁ ମଧ୍ୟଯୁଗ ପର୍ଯ୍ୟନ୍ତ ପ୍ରତ୍ନତାତ୍ତ୍ୱିକ ଅବଶେଷ ରହିଛି। ୨୦୧୮ରେ ପ୍ରାଥମିକ ପର୍ଯ୍ୟାୟ ଅନୁସନ୍ଧାନବେଳେ ଜୁନାଗଡ଼ ଓ ଆଖପାଖ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରୁ ସ୍ମୃତି ସ୍ତମ୍ଭ, ସତୀ ସ୍ତମ୍ଭ, ଭଗ୍ନ ମନ୍ଦିର, ହିନ୍ଦୁ ଦେବଦେବୀଙ୍କ ମୂର୍ତ୍ତି, ଅଟ୍ଟାଳିକା, ଜଳକୂପ, ମାଟିପାତ୍ର ଭଳି କେତେକ ପ୍ରସ୍ତର ଇଟା ନିର୍ମିତ ସାମଗ୍ରୀ ମିଳିଥିଲା। ଗବେଷଣା ଅନୁଯାୟୀ, ତୃତୀୟ/ଚତୁର୍ଥ ଶତାବ୍ଦୀରୁ ମଧ୍ୟଯୁଗ ପର୍ଯ୍ୟନ୍ତ ଏହି ସହରର ନିରନ୍ତର ସାଂସ୍କୃତିକ ବିକାଶ ହୋଇଥିଲା। ପ୍ରତ୍ନତାତ୍ତ୍ୱିକ ଅବଶେଷରେ ପରିପୂର୍ଣ୍ଣ ପ୍ରାଚୀନ ନଗର ସଭ୍ୟତାର ବୈଶିଷ୍ଟ୍ୟ ଏଠାରେ ପରିଲକ୍ଷିତ ହୁଏ। ଉନ୍ନତ ଜଳସେଚନ ଏବେ ଜଳ ସମ୍ପଦର ପରିଚାଳନା, ଧର୍ମୀୟ ଭିତ୍ତିଭୂମି, କଳା ଓ ସଂସ୍କୃତି, କୃଷି, ରାଜନୈତିକ ଗତିବିଧି ଏବଂ ବାଣିଜ୍ୟିକ ବିକାଶ ଭଳି ବୈଶିଷ୍ଟ୍ୟ ଏକ ଜନବସତିକୁ ବୃହତ୍ ଜନପଦରେ ପରିଣତ କରିଥାଏ।

ଜୁନାଗଡ଼ରୁ ମିଳିଥିବା ପ୍ରତ୍ନତାତ୍ତ୍ୱିକ ଉପାଦାନ ଉପରୋକ୍ତ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରେ। ପ୍ରାକ୍ ମଧ୍ୟଯୁଗରେ ଛକୋଡ଼ି ବନ୍ଧ (୧୨୦) ଓ ନ କୋଡ଼ି ତୋଟା (୧୮୦) ପାଇଁ ଜୁନାଗଡ଼ ସହର ଏବଂ ଏହାର ଆଖପାଖ ଅଞ୍ଚଳ ପ୍ରସିଦ୍ଧ ଥିଲା। ସହରର ରାଣୀବନ୍ଧ, ସମିଅ ବନ୍ଧ, ହୀରା ନୀଳ ବନ୍ଧ, ତଳ ବନ୍ଧ ଏହି ବନ୍ଧଗୁଡ଼ିକର ପ୍ରମାଣ ବହନ କରେ। ସେହିପରି ତୋଟାଗୁଡ଼ିକର ପ୍ରମାଣ ହାତୀ ନଦୀକୂଳ ଭୈରିଗୁଡା ନିକଟରେ ଥିବା ଆମ୍ବତୋଟାରୁ ମିଳେ। ଏହି ପ୍ରମାଣଗୁଡ଼ିକ ଐତିହାସିକ ଜୁନାଗଡ ସହରର ଏକ ଉନ୍ନତ ଜଳସେଚନ ଏବଂ ଜଳ ପରିଚାଳନାର ମୂକସାକ୍ଷୀ। ଭୈରିଗୁଡା, ବ୍ଲକ କଲୋନୀ, ସମୀୟାବନ୍ଧପଡ଼ାରେ ଥିବା ହିନ୍ଦୁ ଦେବଦେବୀଙ୍କ ପ୍ରସ୍ତର ମୂର୍ତ୍ତି ପଞ୍ଚମରୁ ନବମ ଶତାବ୍ଦୀର ବୋଲି ଅନୁମାନ କରାଯାଉଛି। ଏହାବ୍ୟତୀତ ସୋମେଶ୍ୱର ମନ୍ଦିର, ଦଧିବାମନ ମନ୍ଦିର, ପୋଡା ମହାଦେବ ମନ୍ଦିର, ଲଙ୍କେଶ୍ୱରୀ ମନ୍ଦିର, କନକଦୁର୍ଗା ମନ୍ଦିର ମଧ୍ୟ ସପ୍ତମ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ କଳା ସଂସ୍କୃତିର ବିକାଶକୁ ଉପସ୍ଥାପନ କରେ।

ମଧ୍ୟଯୁଗର ପ୍ରାରମ୍ଭରେ ଜୁନାଗଡ଼ ଜେନାବଳିପାଟଣା ନାମରେ ନାମିତ ଥିଲା। ପାଟଣା ଶବ୍ଦଟି ମୁଖ୍ୟତଃ ଏକ ବାଣିଜ୍ୟ କେନ୍ଦ୍ରକୁ ଚିହ୍ନଟ କରିବା କ୍ଷେତ୍ରରେ ☞ପୃଷ୍ଠା-୨





ଜୁନାଗଡ଼ରୁ ମିଳିଥିବା ପ୍ରାଚୀନ ନଗର ସଭ୍ୟତାର ଅବଶେଷ।




**ଆଜିର ମନ୍ତବ୍ୟ**

"ସମ୍ବିଧାନ ପ୍ରଣେତା ବି.ଆର୍. ଅମ୍ବେଦକର ନ ଥିଲେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସେତେବେଳେ ଏସ୍‌ସି, ଏସ୍‌ଟିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ଅନୁମତି ଦେଇ ନ ଥାନ୍ତେ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ମଣିପାଲ ହସ୍ପିଟାଲ୍‌ସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ତାଜ ଭିଭାନ୍ତ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମେଡ୍‌ଲେ ଏକାଡେମୀ ଅଫ ମ୍ୟୁଜିକ୍ ଆଣ୍ଡ ଡ୍ୟାନ୍ସର ୨ୟ ବାର୍ଷିକୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ସ୍ୱର୍ଣ୍ଣ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା।

## କଟକ
- ଜିଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନତା ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ ନିକଟ, ସମୟ: ସକାଳ ୬ଟା।
- ବିଜେଡି କଟକ ଜିଲା ଜନସମାବେଶ, ସ୍ଥାନ: ତଳବାଲିଯାତ୍ରା ପଡ଼ିଆ, ସମୟ:ଅପରାହ୍ନ ୪ଟା।
- ବିଶ୍ୱନାଥ ସଙ୍ଗୀତାଳୟର ବାର୍ଷିକ ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ଭାଜପାର ନିର୍ବାଚନୀ ପ୍ରଚାର, ସ୍ଥାନ: ସତ୍ୟବାଦୀ ବ୍ଲକର ବିଦ୍ୟାଧରପୁର ଓ ରାୟଖଣ୍ଡି ପଞ୍ଚାୟତ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ପୁରୀ ଭାଜପା ଲୋକସଭାଙ୍କ ବିରୋଧରେ ଏଫ୍‌ଆଇଆର ଦାଖଲ, ସ୍ଥାନ: ସିଂହଦ୍ୱାର ଥାନା, ପୁରୀ, ସମୟ: ମଧ୍ୟାହ୍ନ ୧୨ଟା।
- ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର ସଭା, ସ୍ଥାନ: ତାଳବଣିଆ, ପୁରୀ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଖୋର୍ଦ୍ଧା
- ମା'ସର୍ବମଙ୍ଗଳା ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ, ସ୍ଥାନ: ମନ୍ଦିର ପରିସର, ବନ୍ଧ ଛକ, ବୋଲଗଡ଼, ସମୟ: ସକାଳ ୬ଟା।
- ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଷଡ଼ବିଂଶତିତମ ବାର୍ଷିକୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଶ୍ରୀଶ୍ରୀ ଜଗନ୍ନାଥଙ୍କ ଦାରୁ ପ୍ରାପ୍ତିସ୍ଥାନ, ଦଧିଆଛଗାଡ଼ିଆ, ଖୋର୍ଦ୍ଧା, ସମୟ: ଅପରାହ୍ନ ୫ଟା ୩୦।

## ବାଲେଶ୍ୱର
- ଭାଜପା ନୀଳଗିରି ବିଧାୟକ ପ୍ରାର୍ଥୀଙ୍କ ମାରାଥନ ନିର୍ବାଚନୀ ପ୍ରଚାର, ସ୍ଥାନ: ବଡ଼ପୋଖରୀ, ସମୟ: ସକାଳ ୮ଟା ୩୦ରୁ ୯ଟା ୩୦।
- ସ୍ଥାନ: ତଳକିଆ, ସମୟ: ପୂର୍ବାହ୍ନ ୧୦ରୁ ଅପରାହ୍ନ ୧ଟା।
- ସ୍ଥାନ: ଆର୍.ଆର୍.ପୁର, ସମୟ: ଅପରାହ୍ନ ୩ଟାରୁ ଅପରାହ୍ନ ୫ଟା ୩୦।
- ସ୍ଥାନ: ଫତେପୁର, ସମୟ: ସନ୍ଧ୍ୟା ୬ଟାରୁ ୮ଟା ୩୦।
- ଯୁବା ସମାବେଶକୁ ସମ୍ବୋଧିତ କରିବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ସ୍ଥାନ: ଲଙ୍ଗଳେଶ୍ୱର ପଡ଼ିଆ, ବସ୍ତା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଭୋଗରାଇ ହେଲିପ୍ୟାଡ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଜନସଭା କାର୍ଯ୍ୟକ୍ରମ, ସ୍ଥାନ: ଓଲନ୍ଦା ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପା ପକ୍ଷରୁ ମୋଟର ସାଇକେଲ ଶୋଭାଯାତ୍ରା, ସ୍ଥାନ: ଧାମରା, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା।
- ଦ୍ୱିତୀୟ ବାର୍ଷିକ ନବରାତ୍ର ନାମ ମହାଯଜ୍ଞ ମହୋତ୍ସବ, ସ୍ଥାନ: କଂସାରୀପୁର, କାଳିଗଦି, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ବାର୍ଷିକ ଶାନ୍ତି ଯଜ୍ଞ ଏବଂ ନାମ ସଂକୀର୍ତ୍ତନ ପାଇଁ ଗୀତା ପାଠ ଓ ନାମ ଯଜ୍ଞ, ସ୍ଥାନ: କୁଶର୍ଚ୍ଚିକିରି, ହାଟଡିହୀ, ସମୟ:ସକାଳ ୬ଟା।
- ୩୬ ନଂ. ଜୋନରେ ବିଜେଡିର ବାଇକ୍ ରାଲି ଏବଂ ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ଅରୁଣ ଗୋଭିଲଙ୍କ ପ୍ରଚାର, ସ୍ଥାନ: ଚମ୍ପୁଆ, ସମୟ: ପୂର୍ବାହ୍ନ ୧୧ଟା ୧୦। ସ୍ଥାନ: ତେଲକୋଇ, ସମୟ: ମଧ୍ୟାହ୍ନ ୧୨ଟା ୩୫।
- ଭାଜପାର ଗୃହ ସମ୍ପର୍କ ଅଭିଯାନ, ସ୍ଥାନ:ହାଟଡିହୀ, ସମୟ:ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ନୃସିଂହ ଦେବଙ୍କ ଜନ୍ମୋତ୍ସବ, ସ୍ଥାନ: ସୁକୁଣ୍ଡା ଶ୍ରୀଲକ୍ଷ୍ମୀ ନୃସିଂହ ମନ୍ଦିର, ସମୟ:ଅପରାହ୍ନ ୧ଟା।

## ଗଞ୍ଜାମ
- ଅଭୟ ନୃସିଂହ ଠାକୁରଙ୍କ ବାର୍ଷିକ ଯାତ୍ରା, ସ୍ଥାନ: ଆସିକା ସୁନାମ୍ବ ରଥଦାଣ୍ଡ ସାହି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀ ନୃସିଂହନାଥଙ୍କ ଜନ୍ମୋତ୍ସବ, ସ୍ଥାନ: ଆସିକା ବ୍ଲକ ନିରାଳ, ସମୟ : ଅପରାହ୍ନ ୨ଟା୩୨।

## କନ୍ଧମାଳ
- ଅଷ୍ଟ ପ୍ରହର ନାମ ଯଜ୍ଞ। ସ୍ଥାନ: ବଲସକୁମ୍ପା, ସମୟ : ସକାଳ ୮ଟା ୨୦।

## ଗଜପତି
- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ପାରଳାଖେମୁଣ୍ଡି ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାୟଗଡ଼ା
- ମା' ମଝିଘରିଆଣୀ ଘଣ୍ଟଯାତ୍ରାର ଶେଷ ଦିନରେ ପୂଜକଙ୍କ କଣ୍ଟା ଦୋଳିରେ ଝୁଲଣ ଏବଂ ଅଗ୍ନିରେ ଚାଲିବା କାର୍ଯ୍ୟକ୍ରମ, ସ୍ଥାନ: ଇନ୍ଦ୍ରା ନଗର ମଝିଘରିଆଣୀ କଲ୍ୟାଣ ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୬ରୁ ଆରମ୍ଭ।

## ନବରଙ୍ଗପୁର
- କୁସୁମୀ ବାଲିଯାତ୍ରା ଉଦ୍‌ଯାପନି ଦିବସରେ ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର ବ୍ଲକ କୁସୁମୀ ଗାଁ, ସମୟ: ଅପରାହ୍ନ ୨ଟା୩୦।

## କୋରାପୁଟ
- ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିବସରେ ବେଦ ପ୍ରବଚନ, ସ୍ଥାନ: ଦାମନଯୋଡ଼ି ନାଲ୍‌କୋ ଟାଉନସିପ୍ ସେକ୍ଟର-୧ ଯଜ୍ଞମଣ୍ଡପ, ସମୟ: ସକାଳ ୮ଟାରୁ ଆରମ୍ଭ।

## ସମ୍ବଲପୁର
- କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂଙ୍କ ସମ୍ବଲପୁର ଗସ୍ତ, ସ୍ଥାନ : କ୍ଷେତରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତ୍ରୀ ସ୍ମୃତି ଇରାନିଙ୍କ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର ଛକ, ସମୟ : ପୂର୍ବାହ୍ନ ୧୧ଟା।
- ଭାଜପାର ବୈଠକ, ସ୍ଥାନ : ବୀରସୁରେନ୍ଦ୍ର ସାଏ ମାର୍ଗସ୍ଥିତ ଦଳୀୟ ୱାରରୁମ, ସମୟ : ମଧ୍ୟାହ୍ନ ୧୨ଟା।
- ସାଓଲିନ କୁଙ୍ଗଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ରାତ୍ରିକାଳୀନ ୟଙ୍ଗ ଷ୍ଟାର କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ତରଭା ବ୍ଲକର ଫଟକରା ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ବୈଦିକ ଯଜ୍ଞ କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- କଳ୍ପତରୁ ଆଶ୍ରମରେ ବାର୍ଷିକ ଉତ୍ସବ ଉଦ୍‌ଯାପନ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସକାଳ ୯ଟା।
- ଭିନ୍ନକ୍ଷମ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶ୍ରଦ୍ଧା ଭିନ୍ନକ୍ଷମ ଶିକ୍ଷାନୁଷ୍ଠାନ, ଶିଳ୍ପାଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ପାନୀୟ ଜଳ ସମସ୍ୟାକୁ ନେଇ ଆର୍‌ଏମ୍‌ସି ଉପଆୟୁକ୍ତଙ୍କୁ ଦାବିପତ୍ର, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁନ୍ଦରଗଡ଼
- ବଡ଼ଗାଁ ବ୍ଲକ ଅନ୍ତର୍ଗତ ଟିକିଲିପଡ଼ା ଗ୍ରାମର ନୃସିଂହ ମନ୍ଦିରରେ ନାମ ସଂକୀର୍ତ୍ତନ, ସ୍ଥାନ: ନୃସିଂହ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ବଡ଼ଗାଁ ବ୍ଲକ ଟିମନା ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: କୀର୍ତ୍ତନ ମଣ୍ଡପ, ସମୟ: ସକାଳ ୮ଟା।

## ବରଗଡ଼
- ନବଦିନାତ୍ମକ ରାମାୟଣ ପାରାୟଣ, ସ୍ଥାନ: ସରଣ୍ଡା ଶିବ ମନ୍ଦିର, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ସରଗୁଲ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୧ଟା ୩୦ମିନିଟ।
- ବୈଶାଖ ମେଳାରେ ନୃସିଂହନାଥଙ୍କ ଜନ୍ମ ଉତ୍ସବ, ସ୍ଥାନ: ନୃସିଂହନାଥ ମନ୍ଦିର ପାଇକମାଳ, ସମୟ: ରାତି ୯ଟା।

## କଳାହାଣ୍ଡି
- ମା' ମଉଳି କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ ଗୋପୀନାଥପୁର ପଞ୍ଚାୟତର ବ୍ରାହ୍ମଣୀଚଞ୍ଚରା, ସମୟ: ସକାଳ ୯ଟା।
- ରବିଧାନ ସଂଗ୍ରହ ଉପରେ ଜିଲା ପ୍ରଶାସନର ବୈଠକ, ସ୍ଥାନ: ଟାଉନ ହଲ, ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦନଯାତ୍ରା ଉପଲକ୍ଷେ ଯଜ୍ଞ ଆରମ୍ଭ, ଶ୍ରୀଲକ୍ଷ୍ମୀନୃସିଂହ ଦେବଙ୍କ ବିବାହ ଉତ୍ସବ ଓ ପୌରାଣିକ ନାଟକ ସୀତାଚୋରି ପରିବେଷଣ, ସ୍ଥାନ: କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମସ୍ଥିତ ଆୟୁର୍ବେଦ ସେବାସଦନ, ସମୟ: ରାତି ୮ଟା।

## ନୂଆପଡ଼ା
- ଷୋହଳପ୍ରହର ନାମଯଜ୍ଞ ଆଳତି ଓ ଭୋଗ ଅର୍ପଣ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଟିଖାଳି ଗାଁ, ସମୟ: ପ୍ରାତଃ ୪ଟା ୩୦।
- ଷୋହଳପ୍ରହର ନାମଯଜ୍ଞ ଆଳତି ଓ ଭୋଗ ଅର୍ପଣ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ ମାଝିପଡ଼ା, ସମୟ: ପ୍ରାତଃ ୫ଟା।
- ଷୋହଳପ୍ରହର ନାମଯଜ୍ଞ ଆଳତି ଓ ଭୋଗ ଅର୍ପଣ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଟିଖାଳି ଗାଁ, ସମୟ: ପ୍ରାତଃ ୪ଟା ୩୦।
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଗଣ୍ଡରାମୁଣ୍ଡା ଗାଁ, ସମୟ: ସକାଳ ୭ଟା।
- ଅଷ୍ଟପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ମିଛାପାଲି ପଞ୍ଚାୟତ ଖୋଳିଗାଁ ରାଣୀମହାସ, ସମୟ: ସକାଳ ୭ଟା ୧୫।

## ବୌଦ୍ଧ
- ଉମ୍ବରୁଗାଡ ମଠଠାରେ ବିଶ୍ୱଶାନ୍ତି ଧର୍ମ ମହାଯଜ୍ଞ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସିଦ୍ଧ ତପୋସେବା ବନ, ଉମ୍ବରୁଗାଡ, କଙ୍କଲା ମଠ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାର, ସ୍ଥାନ: ବାରକୋଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ଘରକୁ ଘରକୁ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ବ୍ଲକ ସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପ୍ରାର୍ଥୀଙ୍କ ପାଇଁ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀଙ୍କ ରୋଡ଼ ଶୋ', ସ୍ଥାନ: ରିଆମାଳ ବ୍ଲକ, ବୁଢାପାଳ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଭାଜପା ପକ୍ଷରୁ ଅରୁଣ ଗୋଭିଲଙ୍କ ରୋଡ୍ ଶୋ, ସ୍ଥାନ: ଢେଙ୍କାନାଳ ବଳରାମ ମନ୍ଦିର, ସମୟ: ଅପରାହ୍ନ ସାଢେ ୨ଟା।

## ଅନୁଗୋଳ
- ନିର୍ବାଚନ ପାଇଁ ପ୍ରଶାସନର ପ୍ରସ୍ତୁତି, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଅନୁଗୋଳ, ସମୟ: ସକାଳ ୮ଟା।
- ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଅନୁଗୋଳ, ସମୟ: ସକାଳ ୯ଟା।
- ମାଇକ୍ରୋ ଅବଜରବର ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଛେଣ୍ଡିପଦା, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ସତ୍ୟସାଇ ମନ୍ଦିରରେ ବାଲବିକାଶ କର୍ମଶାଳା, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସକାଳ ୬ ଟା।
- ନୂଆଗଡରେ କଂଗ୍ରେସର ନିର୍ବାଚନୀ ସମାବେଶ, ସ୍ଥାନ: ନୂଆଗଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ପୌରାଞ୍ଚଳରେ ଭାଜପାର ନିର୍ବାଚନୀ ପଦଯାତ୍ରା, ସ୍ଥାନ: ବୃନ୍ଦାବନ କଲୋନୀ ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାରମାଣିଆ ବଟମହାପୁରୁଷ ପୀଠ, ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା,ସମୟ: ଅପରାହ୍ନ ୫ଟା।

## ଯାଜପୁର
- ଧର୍ମଶାଳା ବିଜେଡି ପ୍ରାର୍ଥୀଙ୍କ ୩୪ ନଂ.ଜୋନରେ ପ୍ରଚାର, ସ୍ଥାନ: ବାରବାଟୀ ପଞ୍ଚାୟତ, ସମୟ: ସକାଳ ୭ଟା।
- ସପ୍ତସତୀ ଚଣ୍ଡୀ ବିଶ୍ୱଶାନ୍ତ ମହାଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ପଳାଶବୁଡ଼ି ପୀଠ, ସମୟ: ସନ୍ଧ୍ୟା ୭ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା,ସ୍ଥାନ : ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ,ସମୟ: ସକାଳ ୭ଟା।
- କୋରେଇ ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ୨୨ ନମ୍ବର ୱାର୍ଡ ଝାଟିଆସାହି କ୍ଲବ, ସମୟ: ଅପରାହ୍ନ ୫ଟା ୩୦।

## ନୟାଗଡ଼
- ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ତ୍ରୟୋଦଶ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀରାମ ସାଗର, ସମୟ:ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ତ୍ରୟୋଦଶ ଦିବସ, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ:ସନ୍ଧ୍ୟା ୭ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ତ୍ରୟୋଦଶ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ:ଅପରାହ୍ନ ୫ଟା।
- କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରାର ତ୍ରୟୋଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆତ୍ମୀୟଙ୍କ ସହ ପୂର୍ବ ବିବାଦ, ପକ୍ଷପାତ ବିଚାର, ବିବାଦୀୟ କଥାକୁ କେନ୍ଦ୍ରକରି ଅଶାନ୍ତ ରହିପାରନ୍ତି। ସ୍ୱାସ୍ଥ୍ୟ ଠିକ୍ ରହିବ, ବକେୟା ଅର୍ଥ ପାଇବାରେ ଅସୁବିଧା ରହିବ ନାହିଁ। କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ ବ୍ୟବସାୟରୁ ଲାଭବାନ ହେବେ। ପ୍ରଶାସନ ଓ ରାଜନୀତିରେ କୂଟନୀତି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ।

**ବୃଷ** ରବି ଓ ଶୁକ୍ରଙ୍କ ପ୍ରଭାବରୁ ଆପଣଙ୍କ ଉଚ୍ଚାଭିଳାଷ ଓ କାର୍ଯ୍ୟଦକ୍ଷତା ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବ। ବନ୍ଧୁଙ୍କ ନିକଟରୁ ଯାହା ଓ ଯେତିକି ପାଇବା ପାଇଁ ଆଶା କରୁଛନ୍ତି ତାହା ନିଶ୍ଚିତ ଭାବରେ ପାଇବେ। ବାଣିଜ୍ୟ, ବ୍ୟବସାୟ, ଚୁକ୍ତିପତ୍ର, ଜମିଜମା ସମ୍ପର୍କୀୟ କଥାବାର୍ତ୍ତାରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ଧନାଧିପ କୋଣଭାବସ୍ଥ ହେତୁ ସକାଳୁ ଶୁଭଖବର ମନକୁ ଆହ୍ଲାଦିତ କରିବ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ, ବକେୟା ଟଙ୍କା ପ୍ରାପ୍ତି ଏବଂ ବନ୍ଧୁଙ୍କ ସହ ଆଲୋଚନାରେ ସଫଳତା ମିଳିବ। ଶିଳ୍ପ, ପରିବହନ ଓ ବ୍ୟବସାୟରେ ଲାଭବାନ ହେବେ। ପରିବାରର ଆବଶ୍ୟକତା ଅନୁଯାୟୀ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**କର୍କଟ** ସହକର୍ମୀଟି କର୍ମକ୍ଷେତ୍ରରେ ଅଭୁତପୂର୍ବ ସାହାଯ୍ୟ କରିବ। ବାହାର ଦୁନିଆରେ ଯେତିକି ପ୍ରଶଂସିତ ନିଜ ଘରେ କିମ୍ବା ଆତ୍ମୀୟଙ୍କ ପାଖରେ ତାହା ଦୁର୍ଲଭ ହେବ। ଆଜି ଆର୍ଥିକ, କର୍ମକ୍ଷେତ୍ର, ସାମଜିକ ସ୍ଥିତି, ବନ୍ଧୁ ସମ୍ପର୍କର ସଦ୍‌ଭାବ ପ୍ରଭୃତି ଅଭାବ ରହିବ ନାହିଁ। ଶିଳ୍ପ,ବାଣିଜ୍ୟ, ପରିବହନ ଓ ସଂଗଠନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ଦ୍ୱିତୀୟସ୍ଥ କେତୁ ହେତୁ ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହୋଇଯିବ। କଳା, ସାହିତ୍ୟ, ସାମ୍ବାଦିକତା, ସଭାସମିତି, ସଂଗଠନ ଓ ପ୍ରଶାସନିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କନ୍ୟା** ଅନ୍ତରରେ ଦୁଃଖ ଭରି ରହିଥିଲେ ମଧ୍ୟ ମୁହଁରେ ହସ ଫୁଟାଇ କାମ କରିବେ। ହସ୍ତା ନକ୍ଷତ୍ର ପାଇଁ ପ୍ରତିବନ୍ଧକ ଦୂରେଇଯିବ ଏବଂ ଶତ୍ରୁତାର ଅବସାନ ପାଇଁ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟରେ ସମସ୍ୟା ଥିଲେ ମଧ୍ୟ ତାହା ଉତ୍କଟ ହେବ ନାହିଁ। ସରକାରୀ ସ୍ତରରୁ ସ୍ଥଗିତ କାଗଜପତ୍ର, ଅର୍ଥ, ଋଣ ପ୍ରଭୃତି ପାଇବାର ସୂଚନା ମିଳିପାରେ।

**ତୁଳା** ବନ୍ଧୁମାନେ ବନ୍ଧୁତ୍ୱର ଦ୍ୱାହିଦେଇ ପାଖେ ପାଖେ ରହି କାମରେ ସାହାଯ୍ୟ କରିବେ। ଚନ୍ଦ୍ରଙ୍କ ସୁପ୍ରଭାବରୁ ଆର୍ଥିକ ଉନ୍ନତି, ବୈଷୟିକ ଅଭିବୃଦ୍ଧି, ସାମାଜିକ ସମ୍ମାନ ସହ ଦିନଟି ରୁଚିବୋଧକ ରହିବ। ପିଲାଙ୍କ ସ୍ୱାସ୍ଥ୍ୟ ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। ଜଣେ ବନ୍ଧୁଙ୍କ ପାଇଁ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା** ରବିଙ୍କ ପ୍ରଭାବରୁ ବଡ଼ ଲୋକଙ୍କ ସଂସ୍ପର୍ଶରେ ଆସିବେ ଏବଂ କାମ ହାସଲର ପ୍ରତିଶ୍ରୁତି ପାଇ ଫେରିବେ। ପ୍ରତିବାଦୀ ସ୍ଥାନରେ ଗ୍ରହବଳ ହେତୁ ବିବାଦ କଲେ ପରାଜୟର ଗ୍ଲାନି ଓ ଧନହାନିକୁ ଆପଣେଇବେ। ଯାହାକୁ ଭଲ ଭାବୁଛନ୍ତି ସେହି ବ୍ୟକ୍ତି ଫାଇଦା ହାସଲ ପାଇଁ ଚେଷ୍ଟିତ ରହିବ। ରାଜନୀତି କ୍ଷେତ୍ରରେ ଆଦୃତି ସହ ପ୍ରତିଷ୍ଠା ମିଳିବ।

**ଧନୁ** ଶନିଙ୍କ କୁପ୍ରଭାବରୁ ପ୍ରତ୍ୟେକ କାର୍ଯ୍ୟ ବିଳମ୍ବିତ ସମୟରେ ହେଉଥିବାରୁ ମନରେ ସରସତା ରହିବ ନାହିଁ। ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କୀୟ ଚିନ୍ତାରେ ମନକୁ ବିଷାକ୍ତ କରିପାରନ୍ତି। ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କରି ପାରନ୍ତି। ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ।

**ମକର** ଆଜି ବନ୍ଧୁଙ୍କ ସହ ମିଷ୍ଟାଳାପ, ସାମାଜିକ ସମ୍ମାନ, ଶୁଭଖବର ଓ ପାରିବାରିକ ସୌହାର୍ଦ୍ଦ୍ୟ ମନକୁ ଖୁସି କରାଇବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ। ମାଲିମକଦ୍ଦମା, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**କୁମ୍ଭ** ବିଭିନ୍ନ ସମସ୍ୟା ବିଜଡିତ ମନ ହେତୁ ଶାନ୍ତିରେ ରହିପାରିବେ ନାହିଁ କିମ୍ବା ଶୋଇପାରିବେ ନାହିଁ। ଶ୍ରମ ଓ ଅନିଦ୍ରାଜନିତ ଶାରୀରିକ ଅସୁସ୍ଥତା ଅନୁଭବ କରି ପାରନ୍ତି। ମିତ୍ରତା ପରିପ୍ରେକ୍ଷୀରେ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ସରଳ ସ୍ୱଭାବ ପ୍ରଭାବରୁ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ** ଆଶାନୁଯାୟୀ ସୁଫଳ ପାଇବେ ଏବଂ ପୂର୍ବ ଆଲୋଚନା ଅନୁଯାୟୀ କାମ ସବୁ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଆତ୍ମୀୟଙ୍କ ଈର୍ଷା,ବନ୍ଧୁଙ୍କ ସ୍ୱାର୍ଥଲାଳସା, ନିଜ ଲୋକଙ୍କ ଅନାଦର ଭାବ ମନକୁ ବ୍ୟଥିତ କରିପାରେ। ରେବତୀ ନକ୍ଷତ୍ର ଚେଷ୍ଟା କରୁଥିବା କାମରେ ଅବଶ୍ୟ ସଫଳତା ପାଇବେ।

ଆଜି ମେ ୨୨ ତାରିଖ, ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ, ରାଜା ରାମମୋହନ ରାୟ ଜୟନ୍ତୀ, ଅଦ୍ୟ ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ନୃସିଂହ ଚତୁର୍ଦ୍ଦଶୀ, ଶ୍ରୀ ମନ୍ଦିରରେ ନୃସିଂହ ଜନ୍ମ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଦିବା ଘ.୧୦.୪୩ମି. ଗତେ ରାଶି ନକ୍ଷତ୍ର-ବିଶାଖା/ତୁଳା, ଚତୁର୍ଦ୍ଦଶୀର ଏକୋଦିଷ୍ଟ ପାର୍ବଣ ଓ ଶ୍ରାଦ୍ଧ। ସକାଳ ୦୭.୪୮ମି. ଗତେ ଘ. ୦୮.୨୭ମି. ମଧ୍ୟେ, ଘ.୧୦.୦୫ମି. ଗତେ ଦିବା ଘ.୧୧.୧୭ମି. ମଧ୍ୟେ, ଘ.୦୧.୫୩ମି. ଗତେ ଘ.୦୫.୨୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁ କାଳ।

## ପ୍ରଧାନମନ୍ତ୍ରୀ ଭୋଟ ପାଇଁ...

ପ୍ରଥମ ପୃଷ୍ଠାରୁ...

ଷ୍ଟାଲିନ୍ କହିଛନ୍ତି। ପ୍ରକାଶ ଯେ, ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ଚଳିତ ଲୋକ ସଭା ଭୋଟ ବେଳେ ଭାଜପା ଏକ ନିର୍ବାଚନୀ ଇସ୍ୟୁ କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସମେତ ଦଳର କେନ୍ଦ୍ରୀୟ ନେତାମାନେ ଓଡ଼ିଶାକୁ ପ୍ରଚାରରେ ଆସି ସବୁ ସଭାରେ ଚାବି କଥା ଉଠାଉଛନ୍ତି। ଓଡ଼ିଶାରେ ୨ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ଶେଷ ହୋଇଥିବାବେଳେ ତୃତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୨୫ରେ ହେବ। ଏଥିପାଇଁ ମୋଦି ସୋମବାର ନିର୍ବାଚନ ପ୍ରଚାରରେ ଆସିଥିଲେ। ସେ ପୁରୀରେ ରୋଡ୍ ଶୋ' କରିବା ପରେ କଟକ ସଭାରେ କହିଥିଲେ, ଆମ ଘରର ଚାବି ହଜିଗଲେ ତାକୁ ପାଇବା ପାଇଁ ଆମେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ତାଙ୍କ ଆଶୀର୍ବାଦ ନେଇଥାଉ। କିନ୍ତୁ ରତ୍ନଭଣ୍ଡାରର ଚାବି ୬ ବର୍ଷ ହେଲା ମିଳୁନାହିଁ। ତଦନ୍ତ କମିଟି ରିପୋର୍ଟରେ କ'ଣ ରହିଛି, ତାହା ସମସ୍ତ ଓଡ଼ିଆ ଜାଣିବାକୁ ଚାହାଁନ୍ତି। କିନ୍ତୁ ବିଜେଡି ଏହାକୁ ଚପାଇଦେଇଛି। ବିଜେଡିର ନୀରବତା ଏହି ପ୍ରସଙ୍ଗରେ ଲୋକଙ୍କ ସନ୍ଦେହକୁ ଆହୁରି ଦୃଢ଼ୀଭୂତ କରିଛି। ଏହି ଚାବି ତାମିଲନାଡୁକୁ ଚାଲିଯାଇଥିବା ଲୋକେ କହୁଛନ୍ତି। ତାମିଲନାଡୁକୁ ଚାବି କିଏ ପଠାଇଛି? ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିଲେ ଚାବି ପଠାଇଥିବା ବ୍ୟକ୍ତିଙ୍କ ଅଣ୍ଟା ଭାଙ୍ଗିଦେବୁ ବୋଲି ମୋଦି କଟକ ସଂସଦୀୟ ଆସନର ଭାଜପା ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କ ପାଇଁ ପ୍ରଚାର ବେଳେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ପରୋକ୍ଷରେ ଚେତାବନୀ ଦେଇଥିଲେ। ଏହାର ଦିନକ ପରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ମୋଦିଙ୍କ ମନ୍ତବ୍ୟର ଘୋର ନିନ୍ଦା କରିବା ସହ ଆଗକୁ ଏପରି ବୟାନ ଦିଅନ୍ତୁ ନାହିଁ ବୋଲି ଚେତାଇ ଦେଇଛନ୍ତି।

## କ୍ଷମା ମାଗିଲେ ସମ୍ବିତ୍...

ବନ୍ଧୁଙ୍କ ସହ ବାର୍ତ୍ତାଳାପ କରିବା ସମୟରେ 'ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ ମୋଦି' କହିବା ବଦଳରେ ଭୁଲ୍‌ବଶତଃ 'ମୋଦିଙ୍କ ଭକ୍ତ ଜଗନ୍ନାଥ' ଉଚ୍ଚାରଣ ହୋଇଥିଲା। ଏହି ଭୁଲ୍ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଦଣ୍ଡବତ ହୋଇ କ୍ଷମା ମାଗୁଛି ବୋଲି ସମ୍ବିତ କହିଛନ୍ତି।

## ଜୁନାଗଡ଼ରେ ପ୍ରାଚୀନ ନଗର...

ବ୍ୟବହାର କରାଯାଉଥିଲା। ସୁତରାଂ ଜୁନାଗଡ଼ ଏକ ସୁପରିଚିତ ବ୍ୟବସାୟ ଏବଂ ବାଣିଜ୍ୟ କେନ୍ଦ୍ର ଥିଲା। ସହରରୁ ମିଳିଥିବା ପ୍ରତ୍ନତାତ୍ତ୍ୱିକ ଅବଶେଷ ଏହାର ପ୍ରମାଣ ଦିଏ। ଜୁନାଗଡ଼ର ଭୌଗୋଳିକ ଅବସ୍ଥା, ଜଳସେଚନ ବ୍ୟବସ୍ଥା, କୃଷିର ବିକାଶ ଏହି ଅଞ୍ଚଳକୁ ବାଣିଜ୍ୟିକ କାର୍ଯ୍ୟକଳାପ ବୃଦ୍ଧିରେ ଲାଭାନ୍ୱିତ କରିଥିଲା। ଉପରୋକ୍ତ କାରଣଗୁଡ଼ିକ ଜୁନାଗଡ଼ର କଳା ସଂସ୍କୃତିକୁ ଯଥେଷ୍ଟ ପ୍ରଭାବିତ କରିଥିଲା। ଫଳରେ ଏହି ଅଞ୍ଚଳରେ ମଧ୍ୟଯୁଗ ପ୍ରାରମ୍ଭରୁ ଏକ ନଗର ସଭ୍ୟତାର ବିକାଶ ହୋଇପାରିଥିଲା। ଜୁନାଗଡ଼ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ୧୨୦ ପୋଖରୀ ଓ ୧୮୦ ତୋଟାର ଉଲ୍ଲେଖ ନାହିଁ। କିନ୍ତୁ ପ୍ରଶାସନର ଅଣଦେଖା ଓ ଗବେଷକମାନଙ୍କ ଉଦାସୀନତା ଯୋଗୁ ଆଜି ଏହି ପୁରାତନ ସହରର ଇତିହାସ ଲୋକଲୋଚନକୁ ଆସିପାରୁନାହିଁ। ପ୍ରତ୍ନତତ୍ତ୍ୱ ବିଭାଗ ଖନନ କଲେ ଏହି ସହରର ଇତିହାସ ବିଶ୍ୱ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡିପାରିବ ବୋଲି ବରିଷ୍ଠ ଗବେଷକ ଲୋକେଶ ଦୁର୍ଗା ଉଲ୍ଲେଖ କରିଛନ୍ତି।

## ସମ୍ବିତ ପାତ୍ରଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସର ନିନ୍ଦା

# ୨୪ ଘଣ୍ଟାରେ ପ୍ରଧାନମନ୍ତ୍ରୀ କ୍ଷମା ମାଗନ୍ତୁ

**ପୁରୀ,୨୧।୫(ଅଜିତ୍ କୁମାର ମହାନ୍ତି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୋମବାର ପୁରୀରେ ରୋଡ୍ ଶୋ' ପରେ ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ତଥା ପୁରୀ ଲୋକ ସଭା ଆସନରେ ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ମୋଦିଙ୍କ ଭକ୍ତ। ସମ୍ବିତଙ୍କ ଏପରି ମନ୍ତବ୍ୟକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଘୋର ବିରୋଧ କରାଯିବା ସହ ନିନ୍ଦା କରାଯାଇଛି। ଏହି ଅବସରରେ ମଙ୍ଗଳବାର ପୁରୀ ଗସ୍ତରେ ଆସିଥିବା କଂଗ୍ରେସ ମୁଖପାତ୍ର ପଓ୍ୱନ ଖେରା ମଧ୍ୟ ସମ୍ବିତଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛନ୍ତି। ସମ୍ବିତ ଖାଲି କ୍ଷମା ମାଗିଲେ ଚଳିବ ନାହିଁ, ଭାଜପା ତାଙ୍କୁ ଦଳରୁ ବହିଷ୍କାର କରୁ। ଏଥିସହିତ ୨୪ଘଣ୍ଟା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହି ଘଟଣାରେ କ୍ଷମା ମାଗନ୍ତୁ ବୋଲି ଖେରା କହିଛନ୍ତି।

ଖେରା ଆହୁରି କହିଛନ୍ତି, ସମ୍ବିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଷୟରେ ଦେଇଥିବା ମନ୍ତବ୍ୟ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଆସ୍ଥାକୁ ଆଘାତ କରିଛି। ମହାପ୍ରଭୁଙ୍କୁ ଅପମାନିତ କରିଛନ୍ତି। ରାଜନୀତିରେ ଏପରି ଲୋକ ଅଛନ୍ତି ଯେଉଁମାନେ ଭଗବାନ ଏବଂ ଆସ୍ଥାର ଦୁରୁପଯୋଗ କରି ଶାସନକୁ ଆସିବାକୁ ଚାହାନ୍ତି ଏବଂ ପରେ ପୁଣି ସେହି ଆସ୍ଥାକୁ ନେଇ ଥଟ୍ଟା କରିଥାନ୍ତି। ସମ୍ବିତଙ୍କ ମନ୍ତବ୍ୟ ତାଙ୍କ ମାନସିକତା ଓ ତାଙ୍କ ମନର କଥାକୁ ଦର୍ଶାଉଛି। ମହାପ୍ରଭୁ ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିଥାନ୍ତି। କାହାର ଆସ୍ଥା ସହ ଖେଳିବା ସମ୍ବିତ ପାତ୍ର କି ପ୍ରଧାନମନ୍ତ୍ରୀଙ୍କ ମଧ୍ୟ ଅଧିକାର ନାହିଁ। ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ସମାଜର ଭଲ କାର୍ଯ୍ୟ କରିବାକୁ କେହି ମନା କରୁନାହାନ୍ତି। ମାତ୍ର ଭଗବାନଙ୍କ ଯେଉଁ ଅପମାନ କରିଛନ୍ତି, ତାଙ୍କୁ ଜଗନ୍ନାଥଙ୍କ ଅଗଣିତ ଭକ୍ତ କ୍ଷମା ଦେବେ ନାହିଁ। ସମ୍ବିତଙ୍କ ଏଭଳି ବୟାନ ରାଜ୍ୟ ରାଜନୀତିରେ ନିଶ୍ଚିତ ପ୍ରଭାବ ପଡ଼ିବ। ଭାଜପାକୁ ଜନତା ହିଁ ଜବାବ ଦେବେ। ଯଦି ସମ୍ବିତ ପାତ୍ର କଂଗ୍ରେସର ନେତା ହୋଇଥାନ୍ତେ ତେବେ ଏପରି ମନ୍ତବ୍ୟ ପାଇଁ କଂଗ୍ରେସ ତାଙ୍କୁ ଦଳରୁ ବହିଷ୍କାର କରି ସାରନ୍ତାଣି। ମାତ୍ର ଭାଜପା ଓ ପ୍ରଧାନମନ୍ତ୍ରୀ ଚୁପ ବସିଛନ୍ତି। ପ୍ରଧାନମନ୍ତ୍ରୀ ସାହସର ସହିତ ଭକ୍ତଙ୍କ ଆସ୍ଥାକୁ ଦୃଷ୍ଟିରେ ରଖି ସମ୍ବିତ ପାତ୍ରଙ୍କୁ ଦଳରୁ ବହିଷ୍କାର କରନ୍ତୁ ବୋଲି ଖେରା କହିଛନ୍ତି। ସେହିପରି ପିସିସି ସଭାପତି ଶରତ ପଟ୍ଟନାୟକ ମଧ୍ୟ ସମ୍ବିତ ପାତ୍ରଙ୍କ ଏଭଳି ମନ୍ତବ୍ୟକୁ ତୀବ୍ର ନିନ୍ଦା କରିଛନ୍ତି। ଜଗନ୍ନାଥ ଭକ୍ତ ହେଲେ ଭକ୍ତମାନେ କୁଆଡ଼େ ଯିବେ ବୋଲି ଶରତ ପ୍ରଶ୍ନ କରିଛନ୍ତି। କୋଟିକୋଟି ଭକ୍ତଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ମୋଦିଙ୍କ ଭକ୍ତ କହିବା ଲଜ୍ଜାଜନକ। ଏହାକୁ କେହି ବରଦାସ୍ତ କରିବେ ନାହିଁ। ଓଡ଼ିଶାବାସୀ ଏହାର ଦୃଢ଼ ଜବାବ ନିର୍ବାଚନରେ ଦେବେ ବୋଲି ଶରତ କହିଛନ୍ତି।


ପଓ୍ୱନ ଖେରା

# ବାଟ ଯାତ୍ରାରେ ମହୁମାଛି ଆକ୍ରମଣ, ୯ ଗୁରୁତର

**ଦଶମନ୍ତପୁର,୨୧।୫(ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ନନ୍ଦିଗାଁ ପଞ୍ଚାୟତ ସଦର ମହକୁମାସ୍ଥିତ ଆଦିବାସୀ ସାହିରେ ମଙ୍ଗଳବାର ଆଦିବାସୀଙ୍କ ବାଟଯାତ୍ରା ଚାଲିଥିବା ବେଳେ ହଠାତ୍ ମହୁମାଛି ଆକ୍ରମଣରେ ୯ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଖବରରୁ ଜଣାପଡିଛି, ପିଲାଛୁଆଙ୍କ ସ୍ୱାସ୍ଥ୍ୟ ଭଲ ରଖିବା ଉଦ୍ଦେଶ୍ୟରେ ଆଦିବାସୀ ପରମ୍ପରା ଅନୁସାରେ ଆରମ୍ଭ ହୋଇଥିବା ବାଟଯାତ୍ରାରେ ମଙ୍ଗଳବାର ପୂଜାର୍ଚ୍ଚନା ଚାଲିଥିଲା। ଏହି ସମୟରେ କେତେଜଣ ପିଲା ଆମ୍ବ ଝଡ଼ାଇ ଖାଇବାକୁ ଗଛକୁ ଟେକାପଥର ମାରିଥିଲେ। ଆମ୍ବଡାଳରେ ହୋଇଥିବା ମହୁଫେଣାରେ ଟେକା ବାଜି ଥିଲା। ଫଳରେ ମହୁମାଛି ଫେଣାରୁ ବାହାରି ଆସି ଟେକାମାରୁଥିବା ପିଲାଙ୍କୁ ଗୋଡ଼ାଇଥିଲେ। ପିଲାମାନେ ଧାଇଁ ଯାଇ ବାଟଯାତ୍ରା ପୂଜାର୍ଚ୍ଚନା ଜନଗହଳିରେ ପଶି ଯାଇଥିଲେ। ସେଠାରେ ୯ ଜଣଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ଏଥିରେ ସେମାନେ ଗୁରୁତର ହୋଇଥିଲେ। ଗୁରୁତରମାନେ ହେଲେ ବିମଳା ଗୌଡ଼(୬୦) ଲଳିତା ଗୌଡ଼ (୫୫), ଭାମା ଗୌଡ଼ (୫୦), ନନ୍ଦ କୁଲଦୀପ (୫୫), ଟିନାଇ ପରଜା, ପିତ ଜାନି, ପାକୁଲୁ ମୁଦୁଲି, ଗୌରୀ ଗୌଡ଼ ଓ ଚଣ୍ଡାଳ ଖୋସ୍‌ଲା। ସମସ୍ତଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସାମାଜିକ କର୍ମୀ ସଦା ଗୌଡ଼ କହିଛନ୍ତି।


ଡାକ୍ତରଖାନାରେ ଗୁରୁତରଙ୍କ ଚିକିତ୍ସା ଚାଲିଛି।




# ମାଓବାଦୀ କ୍ୟାମ୍ପ୍ ଠାବ, ବିପୁଳ ସାମଗ୍ରୀ ଜବତ

**ନୂଆପଡ଼ା,୨୧।୫ (ମକାରୁ ବେମାଲ)**

ଓଡ଼ିଶା-ଛତିଶଗଡ଼ ସୀମାନ୍ତ ନୂଆପଡ଼ା ଜିଲା କୋମନା ଥାନା ସୁନାବେଡ଼ା ଅଭୟାରଣ୍ୟର ଶିବନାରାୟଣପୁର ଗାଁ ନିକଟ ଘଞ୍ଚ ଜଙ୍ଗଲରେ ସୁରକ୍ଷା ବାହିନୀ (ଏସ୍‌ଓଜି) ଦ୍ୱାରା ସର୍ଚ୍ଚ ଅପରେଶନ ଚାଲିଥିବାବେଳେ ଏକ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। ଏଠାରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ବର୍ତ୍ତମାନ ମଧ୍ୟ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଥିବା ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ସୂଚନା ଅନୁସାରେ


ଜବତ ମାଓବାଦୀ ସାମଗ୍ରୀ।

ଶିବନାରାୟଣପୁର ଜଙ୍ଗଲରେ ୧୦ରୁ ୧୨ଜଣ ମାଓବାଦୀ ସଙ୍ଗଠିତ ହୋଇଥିବା ଗୋଇନ୍ଦା ବିଭାଗ ସୂତ୍ରରୁ ଖବର ପାଇ ସ୍ୱତନ୍ତ୍ର ସୁରକ୍ଷା ବାହିନୀ (ଏସ୍‌ଓଜି) ଗତ ରବିବାର ବିଳମ୍ବିତ ରାତିରେ ସର୍ଚ୍ଚ ଅପରେଶନରେ ବାହାରିଥିଲେ। ଯବାନମାନଙ୍କୁ ଦେଖି ମାଓବାଦୀମାନେ ଆଖିବୁଜା ଗୁଳି ଚାଳନା କରିଥିଲେ। ଯବାନମାନେ ମଧ୍ୟ ପାଲଟା ଗୁଳି ଚାଳନା କରିଥିଲେ। ମାଓବାଦୀଙ୍କ ଗୁଳିରେ ଏସ୍‌ଓଜି ଯବାନ ପ୍ରକାଶ ସାହି ଗୁରୁତର ଆହତ ହୋଇଥିଲେ। ତାଙ୍କ ବେକରେ ଗୁଳି ଲାଗିଥିଲା। ସେ ବର୍ତ୍ତମାନ ରାୟପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ପରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ସୋମବାର ସକାଳ ୮ଟା ସମୟରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ପୁଣି ଗୁଳି ବିନିମୟ ହୋଇଥିଲା। କିଛି ସମୟ ଧରି ଗୁଳି ବିନିମୟ ପରେ ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଗୁଳି ଲାଗି କେତେଜଣ ମାଓବାଦୀ ଆହତ ହୋଇଥିବା ଅନୁମାନ କରାଯାଉଛି। ଏହା ପରେ ଯବାନମାନେ ଅପରାହ୍ଣ ୩ଟାରେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଥିଲେ। ସେଠାରୁ ୧୦ଟି ଇଡି, ୪ଲକ୍ଷ ଟଙ୍କାର ୨ ହଜାର ଟଙ୍କିଆ ନୋଟ, ୫ଟି ରିଭଲଭର, ଖାଲି କେସ ୯ଟି, ଗୋଟିଏ ରେଡିଓ, ମଲ୍ଟି ମିଟର, ୨ କର୍ଡେକ୍ସ (୩ରୁ ୪ ମିଟର), ଛୋଟ ବ୍ୟାଟେରି ୩୦, ଟର୍ଚ୍ଚ ଲାଇଟ ୫ଟି, ଛୁରି ୮ଟି, ଧନୁ ଓ ତୀର ଆଦି ୪୨ ପ୍ରକାର ସାମଗ୍ରୀ ଜବତ କରାଯାଇଛି। ବର୍ତ୍ତମାନ କୋବ୍ରା, ସିଆର୍‌ପିଏଫ୍ ୨୧୬ ବାଟାଲିୟନ, ଡିଭିଏଫ୍, ଏସ୍‌ଓଜି ଯବାନ ପୃଥକ୍ ଭାବରେ କୋମ୍ବିଂ ଅପରେଶନ ଜାରି ରଖିଛନ୍ତି ବୋଲି ଆରକ୍ଷୀ ଅଧୀକ୍ଷକ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

# ବହୁଗୁଣ ଲାଭ ଦେବା ଆଳରେ ୨ କୋଟି ଠକେଇ

## ଲକ୍ଷ୍ନୌରୁ ମୁଖ୍ୟ ଅଭିଯୁକ୍ତ ଗିରଫ

- ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଲା ଇଓଡବ୍ଲ୍ୟୁ
- ଦେଢ଼ମାସ ତଳେ ଧରାପଡ଼ିଥିଲେ ସ୍ତ୍ରୀ

**ଭୁବନେଶ୍ୱର,୨୧।୫ (ସତ୍ୟଜିତ୍ ରାଉତ)**

ନିବେଶ ପରେ ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦେଇ ୨କୋଟି ଟଙ୍କା ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମୁଖ୍ୟ ଅଭିଯୁକ୍ତ ବିମଳାନନ୍ଦ ଭୂୟାଁଙ୍କୁ ଲକ୍ଷ୍ନୌରୁ ଗିରଫ କରିଛି। ତାଙ୍କ ଘର ମାଲକାନଗିରି ଜିଲା ବାଲିମେଲା ଅଞ୍ଚଳରେ ହୋଇଥିବାବେଳେ ସେ ଲକ୍ଷ୍ନୌର ଏକ କମ୍ପାନୀରେ କାମ କରୁଥିଲେ। ତାଙ୍କଠାରୁ ଠକେଇ ସମ୍ବନ୍ଧୀୟ ବହୁ କାଗଜପତ୍ର ଜବତ ହୋଇଛି। ଗିରଫ ପରେ ଅଭିଯୁକ୍ତ ବିମଳାନନ୍ଦଙ୍କୁ ଲକ୍ଷ୍ନୌ ଏସିଜେଏମ୍-୨ କୋର୍ଟରେ


ଗିରଫ ଅଭିଯୁକ୍ତ ବିମଳାନନ୍ଦ ଭୂୟାଁ

ହାଜର କରାଯାଇଥିଲା। ପରେ ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ମଙ୍ଗଳବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗତ ମାର୍ଚ୍ଚ ତୃତୀୟ ସପ୍ତାହରେ ଇଓଡବ୍ଲ୍ୟୁ ଟିମ୍ ବିମଳାନନ୍ଦଙ୍କ ସ୍ତ୍ରୀ ରଶ୍ମି ଭୂୟାଁଙ୍କୁ ମୁମ୍ବାଇରୁ ଗିରଫ କରିଥିବା ବେଳେ ସେ ଏବେ ଜେଲରେ ଅଛନ୍ତି।

ସମ୍ବଲପୁରର ବିକାଶ ପୋଦ୍ଦାରଙ୍କ ଅଭିଯୋଗକୁ ଆଧାର କରି ଇଓଡବ୍ଲ୍ୟୁ ୨୦୨୦ ଡିସେମ୍ବର ୧୭ରେ ଏକ ମାମଲା (ନଂ.୧୦/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଠକ ଦମ୍ପତି କୁଇକ୍ କ୍ଲିକ୍ ଆଡ୍ ମିଡିଆ ନାମରେ ଏକ ଏଲ୍‌ଏଲ୍‌ପି କମ୍ପାନୀ କରିଥିଲେ। ଛତିଶଗଡ଼ର ରାୟପୁର ଶ୍ୟାମନଗରରେ ଏହି କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ଥିବାବେଳେ ଜଗଦଲପୁର ଓ ଭୁବନେଶ୍ୱର ଜୟଦେବବିହାରରେ ବ୍ରାଞ୍ଚ ଅଫିସ ଥିଲା। ଅଭିଯୁକ୍ତଦ୍ୱୟ ୨୦୧୭ରୁ ୨୦୧୮ ମସିହା ମଧ୍ୟରେ ଖୋର୍ଦ୍ଧା, କୋରାପୁଟ, ନୟାଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ରାଉରକେଲା, ସମ୍ବଲପୁର, ଗଞ୍ଜାମ ଆଦି ସ୍ଥାନରେ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଠକେଇର ଜାଲ ବିଛାଇଥିଲେ। ଦୁହେଁ ତାଙ୍କ କମ୍ପାନୀରେ ଦୁଇଟି ସ୍କିମ୍ ଜରିଆରେ ଟଙ୍କା ନିବେଶ କରିବାକୁ ଲୋକଙ୍କୁ ପ୍ରଲୋଭିତ କରୁଥିଲେ। ଏହି ନିବେଶ ଟଙ୍କାରେ ଏଲ୍‌ଇଡି ମନିଟର କିଣାଯାଇ ପ୍ରମୁଖ ଛକଗୁଡ଼ିକରେ ଲାଗିବ। ଉକ୍ତ ଏଲ୍‌ଇଡି ଜରିଆରେ ଯେଉଁ ସେଲ୍ ଏଜେନ୍ସିଗୁଡ଼ିକ ବିଜ୍ଞାପନ ଦେବେ, ଉକ୍ତ ଟଙ୍କାରୁ ନିବେଶକାରୀମାନଙ୍କୁ ଭାଗ ଦିଆଯିବ ବୋଲି କୁହାଯାଇଥିଲା। ଏଭଳି ମିଛ ପ୍ରତିଶ୍ରୁତି ଦେଇ ଓଡ଼ିଶାରୁ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କଠାରୁ ୨ କୋଟି ଟଙ୍କା ଠକିନେବା ପରେ ସମ୍ପୃକ୍ତ ଠକ ଦମ୍ପତି ଫେରାର ହୋଇଯାଇଥିଲେ।

# ଟ୍ରକ୍ ଧକ୍କାରେ ୨ ମୃତ

**ଫୁଲନଖରା,୨୧।୫ (ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ବାଲିକୁଦା ଛକ ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ଏକ ଟ୍ରକ୍ ଧକ୍କାରେ ୨ ଜଣ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କଟକ ଜିଲା ସାଲେପୁର ଥାନା ଅଞ୍ଚଳର ଭବାନୀ ଶଙ୍କର ମଲ୍ଲିକ ଓ ତାଙ୍କ ସାଙ୍ଗ ଭୁବନେଶ୍ୱର ବିଜେବି ନଗର ଅଞ୍ଚଳର ବି.ସନ୍ତୋଷ ରାଓ। ସେମାନେ ଏକ ସ୍କୁଟିରେ ଭୁବନେଶ୍ୱରରୁ ସାଲେପୁର ଯାଉଥିବାବେଳେ ପଛରୁ ଏକ ଟ୍ରକ୍ ସେମାନଙ୍କୁ ଧକ୍କାଦେଇଥିଲା। ସେମାନେ ତଳେ ପଡ଼ିଯିବାରୁ ଟ୍ରକ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। କିଛି ସମୟ ପାଇଁ ଯାନବାହନ ଚଳାଚଳରେ ସମସ୍ୟା ହୋଇଥିଲା। କଟକ ସଦର ପୋଲିସ ଓ ଜାତୀୟ ରାଜପଥ ଟ୍ରାଫିକ୍ ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। କଟକ ସଦର ଥାନାରେ ଏକ ମାମଲା (ନଂ.୨୮୯/୨୪)ରୁଜୁ ହୋଇଛି।

# ଯୁବକଙ୍କୁ କଚାଡ଼ି ମାରିଲା ଦନ୍ତା

**ବଣ୍ଟାଁରପାଳ, ୨୧।୫(ସୁବାସ ସାହୁ)**

ଅନୁଗୋଳ ଜିଲା ବଣ୍ଟାଁରପାଳ ବ୍ଲକ ତୁଳସିପାଳ ଗ୍ରାମରେ ଦନ୍ତା ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦୁଃଶାସନ ଗୋଛାୟତ(୫୦)। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର ସମୟରେ ଦୁଃଶାସନ ଓ ସେହି ଗ୍ରାମର ରମେଶ ନାଏକ ଗାଁ ମୁଣ୍ଡ ଶ୍ମଶାନ ପାଖ ଆମ୍ବ ବଗିଚାକୁ ଆମ୍ବ ଗୋଟାଇବା ପାଇଁ ଯାଇଥିଲେ। ସେହି ସମୟରେ ଦୁଃଶାସନ ଏକ ଦନ୍ତା ହାବୁଡ଼ରେ ପଡ଼ିଥିଲେ। ଦନ୍ତାଟି ଦୁଃଶାସନଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁଃଶାସନଙ୍କ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ବଣ୍ଟାଁରପାଳ ପୋଲିସ ଓ ବନବିଭାଗର ରେଞ୍ଜର ସୁକାନ୍ତି ଦେଇ ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ସମ୍ପୂର୍ଣ୍ଣ ଭାବେ ଅଞ୍ଚଳରୁ ହାତୀ ଘଉଡାଇବା, ସୋଲାର ବାଡ ଦେବା ଦାବିରେ ଗ୍ରାମବାସୀ ମୃତଦେହ ଛାଡ଼ି ନ ଥିଲେ। ତେବେ ସରକାରୀ ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ପ୍ରଦାନ, ମୃତକଙ୍କ ପରିବାରରୁ ଜଣକୁ ନିଯୁକ୍ତି ପ୍ରତିଶ୍ରୁତି ସହ ମୃତଦେହ ସତ୍କାର ପାଇଁ ୨୦ ହଜାର ଟଙ୍କା ପ୍ରଦାନ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ରେଞ୍ଜର ସୁକାନ୍ତି ଦେଇ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯେତେ ଭାଇ ସେତେ ଘର, ଯେତେ କନ୍ୟାକୁ ସେତେ ବର।**

ବଂଶ ବୃଦ୍ଧି ହେଲେ ପରିବାର ବୃଦ୍ଧି ହୁଏ। ଯାହାର ଯେତେ ସନ୍ତାନ ତା ପାଇଁ ସେତେ ଘର ଲୋଡ଼ା। ପିଲାଦିନର ଭାଇ ଭାଇ ସମ୍ପର୍କ ହୁଏତ ବଡ଼ବେଳକୁ ରହି ନ ପାରେ। ସମ୍ପତ୍ତିବାଡ଼ିକୁ ନେଇ ମତପାର୍ଥକ୍ୟ ଦେଖାଦେଇପାରେ, ଫଳସ୍ୱରୂପ ଭିନ୍ନ ଘରର ଆବଶ୍ୟକତା ଦେଖାଦେଇଥାଏ। ସେହିପରି ଝିଅଟିଏକୁ ବାପା ମାଆ କାଖେଇ କୋଳେଇ ବଡ଼ କରନ୍ତି। ଶେଷରେ ସେ ବୋହୂ ହୋଇ ଯାଏ ଆଉ ଗୋଟିଏ ଘରକୁ। ପ୍ରତ୍ୟେକ ନାରୀ ପାଇଁ ଜଣେ ପୁରୁଷ ଖଞ୍ଜାହୋଇ ରହିବା ସଂସାର ନିୟମ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେ ନିଆଁ ଗିଳିବ, ସେ ଅଙ୍ଗାର ହଗିବ।**

ଯେ ଯେମିତି କର୍ମ କରିବ ସେ ସେମିତି ଫଳ ପାଇବ। ମଣିଷ ନିଜ କୃତକର୍ମର ପରିଣାମ ଭୋଗିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIREMENT
For a Construction Office
(Experienced candidate preferred)
Position-
Data Entry Operator
Ph- 7873907777
E-mail:sitekhorda@gmail.com

WANTED
We Need for our Real Estate Marketing Office at Khandagiri, Bhubaneswar
1) Marketing Manager/Executive
2) Business Relationship Manager
3) Peon/Supervisor
Contact - 9861433014
ommhousinginfra@gmail.com

WANTED
10th/12th pass CARETAKERS of Disabled Children in School Hostel. Salary Rs.12000/-.
Autism Ashram
Hyderabad, Amruta
7798017027

See Career Appointment on every Wednesday & Saturday

भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
ADVERTISEMENT No. Rectt-Contract/02/Non-Teaching/2024 dt. 15/05/2024
Indian Institute of Technology Bhubaneswar invites online applications from the aspiring/eligible candidates for the engagement of Student Counsellor (Preferably Male)-01, Medical Officer-02, Homeopathic Doctor-01, Ayurvedic Doctor-01 on contractual basis. The positions are purely temporary in nature.
The candidates fulfilling the eligibility criteria may visit https://www.iitbbs.ac.in/jobs-iitbbs.php for details and apply online from 16/05/2024.
The last date of submission of online application is 30/05/2024.
Sd/-
Registrar

REQUIRED
TRUPTI ENTERPRISES PVT. LTD.
(TATA MOTORS Passenger Car Dealer)
Barmunda, NH-5, Opposite of Fire Station, Bhubaneswar
CURRENTLY REQUIRED FOR ALL BRANCHES
▶ Customer Advisor, Sales - 10 Nos.
▶ Team Leader - 3 Nos.
▶ Tele Calling - 2 Nos.
Qualification: Graduate / MBA Marketing.
Experience: 4-5 Yrs. in Sales.
Freshers can also apply. Automobile Sales Experience more preferred. Salary not a constraint for deserving candidates. Interested candidates may send their resume within 7 days.
Mail Id: saleshead.pcd@truptigroup.co.in
or send via
WhatsApp: 7440006252

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି-୨, ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍: ୦୬୭୪-୨୫୪୩୮୬୮
ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ରାଜ୍ୟ ସରକାର, ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଅବସରପ୍ରାପ୍ତ ପେଶାଦାର ବ୍ୟକ୍ତିବିଶେଷଙ୍କ ଠାରୁ ସରକାରୀ ବ୍ୟବସାୟ ସହାୟକ (GBF) ଭାବେ ତାଲିକାଭୁକ୍ତି ନିମନ୍ତେ ଦରଖାସ୍ତମାନ ଆହ୍ୱାନ
ଯୋଗ୍ୟତା :
- କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ସ୍କେଲ ୧ରୁ ସ୍କେଲ ୫ ମଧ୍ୟରେ ଅବସର ନେଇଥିବା ଅଧିକାରୀ।
- ଗ୍ରେଡ 'ଏ' ଏବଂ 'ବି'ରେ ଅବସର ନେଇଥିବା ରାଜ୍ୟ ସରକାରଙ୍କ କର୍ମଚାରୀ।
- କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ଅବସର ପ୍ରାପ୍ତ କିରାଣୀ।
- ଉପର ଦର୍ଶିତ ଗ୍ରେଡ୍ କିମ୍ବା ସ୍କେଲର ମାନଦଣ୍ଡ ପୂରଣ କରୁଥିବା ଓ ସ୍ୱେଚ୍ଛାକୃତ ଅବସରପ୍ରାପ୍ତ କିମ୍ବା ଚାକିରିରୁ ଇସ୍ତଫା ଦେଇଥିବା କର୍ମଚାରୀ ଆବେଦନ କରିପାରିବେ।
କାର୍ଯ୍ୟ :
ସରକାରୀ ବ୍ୟବସାୟ ସହାୟକ(GBF)ଙ୍କର କାର୍ଯ୍ୟ ଚଳନ୍ତି ଆକାଉଣ୍ଟ ଏବଂ ସଞ୍ଚୟ ଆକାଉଣ୍ଟ (CASA) ରୂପେ ସରକାରୀ ବ୍ୟବସାୟ ଆଣିବା/ପ୍ରରୋଚିତ କରିବାରେ ସୀମିତ ଅଟେ। ସରକାରୀ ବ୍ୟବସାୟ ମଧ୍ୟରେ ରାଜ୍ୟ ସରକାର, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ଅର୍ଦ୍ଧ ସରକାରୀ ସଂସ୍ଥା, ସରକାରୀ ଅନୁଦାନ ପ୍ରାପ୍ତ ସଂସ୍ଥା, ସରକାରୀ ପ୍ରଶାସନ ଅଧିନସ୍ଥ ଧାର୍ମିକ ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ।
ନିଯୁକ୍ତି ସମୟସୀମା :
ନିଯୁକ୍ତି ଅବଧି ୨ବର୍ଷ ଯାହା କି କେନ୍ଦ୍ରୀୟ କାର୍ଯ୍ୟାଳୟ ଦ୍ୱାରା ବାର୍ଷିକ ନବୀକରଣ ସାପେକ୍ଷ। ସରକାରୀ ବ୍ୟବସାୟ ସହାୟକ ୬୫ ବର୍ଷରେ ପହଞ୍ଚିଲେ ଚୁକ୍ତିନାମା ସ୍ୱତଃ ବନ୍ଦ ହୋଇଯିବ।
ଆଗ୍ରହୀ ପେଶାଦାର ବ୍ୟକ୍ତିବିଶେଷଙ୍କୁ ପରାମର୍ଶ କି ସେମାନେ ପଦବୀ ସମ୍ପର୍କୀତ ଅନୁସନ୍ଧାନ ନିମନ୍ତେ ୱେବସାଇଟ : www.iob.in ଦେଖନ୍ତୁ କିମ୍ବା ୮୦୫୦୩୫୮୯୧୧, ୯୯୩୭୧୪୮୦୨୧ରେ ଯୋଗାଯୋଗ କରନ୍ତୁ।
ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ
ଭୁବନେଶ୍ୱର କ୍ଷେତ୍ର

ASBM UNIVERSITY
Established by Govt. of Odisha
Founded & Led by Prof. Biswajeet Pattanayak, Distinguished former Professor, IIM Indore, Lucknow & Mumbai
ACBSP ACCREDITED
Accreditation Council for Business Schools & Programs, USA
ADMISSION - 2024
School of Business
MBA - 19th Batch
Single & Dual Specialisation
MBA - Pharmaceutical Management | MA - HRM & Labour Relations
BBA (Hons) | Ph.D - Management
Integrated Programmes for +2 Students
4-Year Integrated MBA
5-Year Integrated BA-LLB (Hons.)
5-Year Integrated BBA-LLB (Hons.)
B.Tech. (CS & IT)
Uniquely designed integrating Computer Science & Information Technology
Tie-up with Blackbuck Education for Employability Training
School of Accountancy
B.Com. (Hons.)
M.Com. | Ph.D.- Commerce
School of Law
LLM
BA - LLB
BBA - LLB
Recognised by Bar Council of India
School of Information System
B.Tech (CS & IT) | BCA
B.Sc- ITM | MCA | M.Tech-IT
School of Liberal Arts
BA (Hons.) - English | Liberal Arts
Economics | Psychology
MA - English | Economics
Applied Psychology
EXCELLENT PLACEMENT RECORD
FINISHING SCHOOL for EMPLOYABILITY
STATE - OF - ART CAMPUS
MERIT SCHOLARSHIP
www.asbm.ac.in | Email : admission@asbm.ac.in | 7749939643, 9040884628
Shiksha Vihar, Bhola (Chandaka), Bhubaneswar-754012, Odisha

ସ୍ମୃତିରେ



ଡ଼ଃ ବଂଶୀଧର ପଣ୍ଡା
(୨୬.୧୧.୧୯୩୧ - ୨୨.୦୫.୨୦୧୮)
ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା, ରାଇମାନା
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍
imfa
Tel: +91 674 2611000 | Email: memoriam@imfa.in

# ଆଇସିସିର ଗିରଫ ପରୱାନା

ଗତ ବର୍ଷ ଅକ୍ଟୋବର ୭ରେ ହମାସ୍ ଉଗ୍ରବାଦୀମାନେ ଇସ୍ରାଏଲ ସୀମା ମଧ୍ୟରେ ଆକ୍ରମଣ କରିଥିଲେ ଓ ଏଥିରେ ପାଖାପାଖି ବିଦେଶୀ ନାଗରିକଙ୍କ ସମେତ ୧୨୦୦ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିଥିଲା। ଏହାର ଜବାବରେ ଇସ୍ରାଏଲ ଗାଜା ଉପରେ ଆକ୍ରମଣ କରିଥିଲା ଏବଂ ସେହି ଯୁଦ୍ଧ ଏବେ ମଧ୍ୟ ଜାରି ରହିଛି। ଆକ୍ରମଣରେ ଗାଜା ଏକ ପ୍ରକାର ଧ୍ୱଂସସ୍ତୂପ ପାଲଟିଯାଇଛି । ଏଥିରେ ମୋଟ ୩୫ ହଜାରରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ଓ ପାଖାପଖି ୧୫୦୦ ଇସ୍ରାଏଲୀଙ୍କର ମୃତ୍ୟୁ ଘଟିସାରିଲାଣି। ଏହି ଯୁଦ୍ଧର ଭୟାବହତା ଓ ହମାସ୍ ଆକ୍ରମଣର ବିଭିନ୍ନ ମାନବୀୟ ବିରୋଧୀ ଦିଗକୁ ଅନ୍ତର୍ଜାତୀୟ ଆପରାଧିକ ଅଦାଲତ (ଆଇସିସି) ବିଚାରକୁ ନେଇଥିଲା। ନିକଟରେ ବିଶ୍ୱର ଏହି ଶୀର୍ଷ ଅଦାଲତ ଯୁଦ୍ଧ ଅପରାଧରେ ସମ୍ପୃକ୍ତ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ ଗାଲାଣ୍ଟ ଏବଂ ହମାସ୍ ନେତା ୟାହୟା ସିନ୍‌ୱାର, ମହମ୍ମଦ ଡିଆବ୍ ଇବ୍ରାହିମ ଅଲ୍ ମିସ୍ରି ଓ ଇସ୍‌ମାଇଲ ହାନିୟେହଙ୍କ ବିରୋଧରେ ଗିରଫ ପରୱାନା ଜାରି କରିବା ଲାଗି ଏହାର ମୁଖ୍ୟ ପ୍ରସିକ୍ୟୁଟର କରିମ ଖାନ୍ ଆବେଦନ କରିଛନ୍ତି। ଏହି ଆକ୍ରମଣକୁ ଖାନ୍ ଯୁଦ୍ଧ ଅପରାଧ ଓ ମାନବ ଅଧିକାର ବିରୋଧରେ ଅପରାଧ ବୋଲି ଅଭିଯୋଗ ଆଣିଥିଲେ। ନେତାନ୍ୟାହୁ ଓ ଗାଲାଣ୍ଟଙ୍କ ବିରୋଧରେ ଯୁଦ୍ଧଜନିତ ଧ୍ୱଂସ, ଯୁଦ୍ଧ ପୀଡ଼ିତଙ୍କ ନିକଟରେ ରିଲିଫ ସହାୟତା ନ ପହଞ୍ଚାଇବା ଓ ଲୋକଙ୍କୁ ଭୋକରେ ରହିବାକୁ ଦେବା ଅଭିଯୋଗ କରାଯାଇଥିବାବେଳେ ହମାସ୍ ନେତାଙ୍କ ବିରୋଧରେ ହତ୍ୟା, ପଣବନ୍ଦୀ ଓ ବଳାତ୍କାର ଆଦି ଅଭିଯୋଗ ହୋଇଛି। ବଡ଼ କଥା ହେଉଛି, ପ୍ରଥମ ଥର ପାଇଁ ଆମେରିକାର ଘନିଷ୍ଠ ସହଯୋଗୀ ନେତାନ୍ୟାହୁଙ୍କ ବିରୋଧରେ ଆଇସିସି ଗିରଫ ପରୱାନ ଜାରି କରିବାକୁ ଆଗକୁ ବଢ଼ିଛି। ପ୍ରଥମେ, ଗତ ମାସ ଶେଷରେ ଆମେରିକାର ୧୨ ଜଣ ସିନେଟର ଆଇସିସିକୁ ଏକ ଚିଠି ପଠାଇ ନେତାନ୍ୟାହୁଙ୍କ ବିରୋଧରେ ଗିରଫ ପରୱାନା ବିଚାର ଉପରେ ପ୍ରଶ୍ନ ଉଠାଇଥିଲେ। ଏମିତିକି ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରଶାସନ ଯୁଦ୍ଧ ଅପରାଧ ପାଇଁ ଇସ୍ରାଏଲ ଅଧିକାରୀଙ୍କୁ ଦାୟୀ ନ କରିବାକୁ ଆଇସିସି ଉପରେ ଚାପ ପକାଇବା ଖବର ଜାଣିବାକୁ ମିଳିଥିଲା।

> **ମଧ୍ୟପ୍ରାଚ୍ୟର ପରିସ୍ଥିତି ଦେଖିଲେ ସେଠାରେ ସାମ୍ପ୍ରତିକ ଅଶାନ୍ତ ପରିବେଶ ଭଳି ବାତାବରଣ ସବୁବେଳେ ଲାଗି ରହୁଛି। ଭବିଷ୍ୟତରେ ମଧ୍ୟ ତାହା ଅନୁରୂପ ଭାବେ ହେବ ବୋଲି ଆଶଙ୍କା କରାଯାଇପାରେ। ଏହାର ପ୍ରତିକାର କେହି ଜାଣି ନ ଥିବା ଭଳି ମନେହେଉଛି।**

ସମ୍ପ୍ରତି ଆଇସିସି ଇସ୍ରାଏଲ ବିରୋଧରେ ଯୁଦ୍ଧ ଅପରାଧ ଆବେଦନକୁ ବାଇଡେନ୍ ପ୍ରତ୍ୟାଖ୍ୟାନ କରିଛନ୍ତି। ଇସ୍ରାଏଲ ଓ ହମାସ୍‌ଙ୍କୁ ତୁଳନାତ୍ମକ ଦୃଷ୍ଟିରେ ଦେଖାଯାଇପାରିବ ନାହିଁ ବୋଲି କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ପରେ ସେଠାରେ ମାନବତା ବିରୋଧୀ କାର୍ଯ୍ୟକଳାପ ତଥା ଶିଶୁ ଦେଶାନ୍ତର ଘଟଣାରେ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ବିରୋଧରେ ୧୭ ମାର୍ଚ୍ଚ ୨୦୨୩ରେ ଆଇସିସି ଗିରଫ ପରୱାନା ଜାରି କରିଥିଲା। ଏହାକୁ ସେତେବେଳେ ବାଇଡେନ୍ ସ୍ୱାଗତ କରିଥିଲେ। ଏହା ପୂର୍ବରୁ ଲିବ୍ୟାର ଏକଚ୍ଛତ୍ରବାଦୀ ନେତା ମୁଆମାର ଗଦ୍ଦାଫି, ଉଗାଣ୍ଡାର ବିଦ୍ରୋହୀ ନେତା ଜୋଶେଫ କୋନି, ସୁଦାନର ପୂର୍ବତନ ରାଷ୍ଟ୍ରପତି ଓମାର-ଅଲ୍-ବଶିର, କେନିଆର ରାଷ୍ଟ୍ରପତି ଉହୁର କେନ୍ୟାଟ୍ଟା, ଆଇଭରି କୋଷ୍ଟର ରାଷ୍ଟ୍ରପତି ଲୌରେଣ୍ଟ ଗବାଗ୍‌ବୋଙ୍କୁ ମାନବତା ବିରୋଧୀ କାର୍ଯ୍ୟ ଲାଗି ଆଇସିସି ତରଫରୁ ଦୋଷୀ କରାଯାଇଥିଲା। କିନ୍ତୁ ଆଇସିସିର କୌଣସି ପୋଲିସ ବାହିନୀ ନ ଥିବାରୁ ଏହିସବୁ ଗିରଫ ପରୱାନା କାର୍ଯ୍ୟକାରୀ ହୋଇପାରି ନ ଥିଲା। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଆଇସିସିର ବିଚାର ପ୍ରତି ଆମେରିକାର କଠୋର ମନୋଭାବ ଯାହାକି ରାଷ୍ଟ୍ରପତିଙ୍କ ତରଫରୁ ଜଣାପଡ଼ିଛି, ତାହା ମଧ୍ୟପ୍ରାଚ୍ୟରେ ଶାନ୍ତି ଆଣିବାରେ ବାଧକ ହେବ। ଏହା ମଧ୍ୟ ଶାନ୍ତି ପ୍ରତିଷ୍ଠାରେ ବୈଶ୍ୱିକ ଭାଗୀଦାରି ମୂଲ୍ୟବୋଧ ଅଧୋଗତିର କାରଣ ହେବ।

ଉଲ୍ଲେଖନୀୟ ଯେ, ନେଦରଲାଣ୍ଡସ୍‌ର ହଗ୍ ସ୍ଥିତ ଆଇସିସିରେ ୧୨୪ ଦେଶ ସଦସ୍ୟ ରହିଛନ୍ତି। ଏହି ଆନ୍ତଃ ସରକାରୀ ସଂସ୍ଥା ତଥା ଅନ୍ତର୍ଜାତୀୟ ଟ୍ରିବ୍ୟୁନାଲ ଗଣହତ୍ୟା, ଯୁଦ୍ଧ ଅପରାଧ, ମାନବତା ବିରୋଧରେ ଅପରାଧ ଓ ହିଂସାଜନିତ ଅପରାଧର ତଦନ୍ତକରି ପଦକ୍ଷେପ ନେଇଥାଏ। ବର୍ତ୍ତମାନ ଇସ୍ରାଏଲର ଆକ୍ରମଣ ଓ ହମାସ୍ ଆକ୍ରମଣକୁ ସମାନ ଭାବେ ଯୁଦ୍ଧ ଅପରାଧ ଶ୍ରେଣୀଭୁକ୍ତକରି ଉଭୟ ପକ୍ଷର ନେତାମାନଙ୍କ ବିରୋଧରେ ଗିରଫ ପରୱାନା ଜାରି ପାଇଁ ଆବେଦନ କରିବା ଏକ ନିରପେକ୍ଷ ପଦକ୍ଷେପ ଭାବେ ସ୍ୱାଗତଯୋଗ୍ୟ ମନେହେଉଛି। ତଥାପି ମଧ୍ୟପ୍ରାଚ୍ୟର ପରିସ୍ଥିତି ଦେଖିଲେ ସେଠାରେ ସାମ୍ପ୍ରତିକ ଅଶାନ୍ତ ପରିବେଶ ଭଳି ବାତାବରଣ ସବୁବେଳେ ଲାଗି ରହୁଛି। ଭବିଷ୍ୟତରେ ମଧ୍ୟ ତାହା ଅନୁରୂପ ଭାବେ ହେବ ବୋଲି ଆଶଙ୍କା କରାଯାଇପାରେ। ଏହାର ପ୍ରତିକାର କେହି ଜାଣି ନ ଥିବା ଭଳି ମନେହେଉଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | 5 | | 3 | 9 | 4 | |
| | | | | | | 3 | | |
| | | 8 | | 7 | 9 | | 6 | |
| 2 | | 6 | | | 7 | 8 | | 4 |
| | | | 3 | | 6 | | | 2 |
| | | | 9 | | | | | |
| 1 | | | | 9 | | 4 | | |
| 3 | | 5 | 4 | | 8 | | | |
| | | | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 6 | 9 | 3 | 5 | 1 | 4 | 8 |
| 3 | 4 | 8 | 6 | 1 | 2 | 9 | 7 | 5 |
| 5 | 1 | 9 | 4 | 7 | 8 | 6 | 3 | 2 |
| 4 | 6 | 7 | 1 | 8 | 9 | 2 | 5 | 3 |
| 9 | 5 | 2 | 3 | 6 | 7 | 4 | 8 | 1 |
| 1 | 8 | 3 | 5 | 2 | 4 | 7 | 9 | 6 |
| 8 | 7 | 5 | 2 | 9 | 6 | 3 | 1 | 4 |
| 6 | 3 | 4 | 7 | 5 | 1 | 8 | 2 | 9 |
| 2 | 9 | 1 | 8 | 4 | 3 | 5 | 6 | 7 |

ଗତକାଲିର ଉତ୍ତର

# ବୈଜ୍ଞାନିକ ଦୃଷ୍ଟିକୋଣ ଓ ସୁସ୍ଥ ସମାଜ



ଡ. କମଳାକାନ୍ତ ଜେନା

ଏଠି-ସେଠି-ସବୁଠି .. ବିଜ୍ଞାନ ଓ ବିଜ୍ଞାନ। ରଙ୍ଗବେରଙ୍ଗର କପଡ଼ା, ଆସବାବପତ୍ର, ଆୟୋଡିନ୍-ଲୁଣ, ଲୋଭନୀୟ ସୁଖମୟ ବସ୍ତ୍ର, ବହୁମୂତ୍ର ଲାଗି ଇନ୍‌ସୁଲିନ୍, ସୁଗାର-ଫ୍ରି ବଟିକା, ରୁଚିକର କ୍ୟାପ୍‌ସୁଲ, ପୀଡ଼ାନାଶକ ଇଞ୍ଜେକ୍ସନ୍, ଅମ୍ଳନାଶକ ଓ ଜୀବାଣୁନାଶକ ଔଷଧ ସମେତ କୃଷି କ୍ଷେତ୍ରରେ ବ୍ୟବହୃତ ବିଭିନ୍ନ ସାର ଓ କୀଟନାଶକ ହେଉଛି ବୈଜ୍ଞାନିକ ଗବେଷଣାର ଫଳ ମାତ୍ର। ସମ୍ପ୍ରତି ଆମର ସ୍ୱାସ୍ଥ୍ୟରକ୍ଷାଠାରୁ ଆରମ୍ଭକରି ପରିବେଶ ସୁରକ୍ଷା, ଖାଦ୍ୟ ନିରାପତ୍ତା, ଆର୍ଥିକ ପ୍ରଗତି, ଶିକ୍ଷା ଓ ଶିଳ୍ପ ଆଦି ଯାବତୀୟ କ୍ଷେତ୍ରରେ ବିଜ୍ଞାନକୁ ଏକ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଛି। ଭବିଷ୍ୟତରେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ବିଜ୍ଞାନର ପ୍ରୟୋଗ ବ୍ୟାପକ ଭାବରେ ବୃଦ୍ଧି ପାଇବ। ପରିବେଶଗ୍ରାହୀ ବ୍ୟବହାରିକ ଉପକରଣ ଓ ବିଭିନ୍ନ ରୋଗର ଔଷଧ ପ୍ରସ୍ତୁତିରେ ବୈଜ୍ଞାନିକ ଗବେଷଣାର ଗୁରୁତ୍ୱ ବଢ଼ିବ। ଆଜି କାଠ ଓ ଧାତୁର ସ୍ଥାନ ପୂରଣ କରିବା ସକାଶେ ପଲିମର୍ ଉଦ୍ଭାବନ ହେଉଛି। ନାନୋଟେକ୍‌ନୋଲୋଜି ଦୁନିଆରେ କ୍ଷୁଦ୍ରରୁ ଆହୁରି କ୍ଷୁଦ୍ରତର ଇଲେକ୍ଟ୍ରୋନିକ୍ ଉପକରଣ ନିର୍ମାଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଗବେଷଣା ଜାରି ରହିଛି। ଲୋକମାନେ କଟର, ମୋବାଇଲ, ଲାପଟପ୍ ଓ ପାମ୍‌ଟପ୍‌କୁ ଆଜି ନିଜର ଶରୀର ଓ ସ୍ୱାସ୍ଥ୍ୟଠାରୁ ମଧ୍ୟ ଅଧିକ ଗୁରୁତ୍ୱ ଦେଉଛନ୍ତି। ବଡ଼ କଥା - ମରଣଶୀଳ ମଣିଷକୁ ଅମର କରିବା ଦିଗରେ ଭେଷଜ ବିଜ୍ଞାନୀମାନେ ଅଣ୍ଟା ଭିଡିଛନ୍ତି। ବିଜ୍ଞାନର ଅବଦାନ ସମ୍ପର୍କରେ ଏତେ କଥା କହିଲା ପରେ ବିଜ୍ଞାନର ସଂଜ୍ଞା କହିବା ଦରକାର ନାହିଁ।

ଯଦିଓ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ମଣିଷ ବର୍ତ୍ତମାନର ଯୁଗକୁ ବିଜ୍ଞାନର ଯୁଗ ବୋଲି ଅସ୍ୱୀକାର କରିପାରୁନାହିଁ, ତଥାପି ଅନେକ ଦିନରୁ ଚଳି ଆସୁଥିବା ଭ୍ରାନ୍ତ ଧାରଣା ସମାଜରୁ ଦୂର ହୋଇପାରି ନାହିଁ। ଲୋକମାନଙ୍କର ଭ୍ରାନ୍ତ ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ବଦଳିନାହିଁ। ସବୁବେଳେ ବୈଜ୍ଞାନିକ ଯନ୍ତ୍ରପାତି ଓ ଆଧୁନିକ ଉପକରଣ ବ୍ୟବହାର କରୁଥିବା ମଣିଷ ବୈଜ୍ଞାନିକ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଉନାହିଁ। ଗୁଣିଗାରେଡି ଓ ମନ୍ତ୍ରତନ୍ତ୍ର ଉପରେ ଏବେବି ଅନେକ ଲୋକ ବିଶ୍ୱାସ କରୁଛନ୍ତି। ମନ୍ତ୍ରତନ୍ତ୍ରର ଭୟ ଅଧିକାଂଶ ମନରୁ ଏଯାଏ ଯାଇନାହିଁ। କୁସଂସ୍କାର-ପାହାଚ ଉପରେ ଚଢ଼ି କିଛି ଲୋକ ଅନବରତ ଭୁଲ୍ କରିଚାଲିଛନ୍ତି। ପାରମ୍ପରିକ ଭ୍ରାନ୍ତଧାରଣାର ବଶବର୍ତ୍ତୀ ହୋଇ କିଛି ଲୋକଙ୍କର ଭୟରେ ଦିନ କଟୁଛି। ଆଜି ଅନେକ ଅଞ୍ଚଳ ରହିଛି, ଯେଉଁଠି ଲୋକମାନେ ଡାକ୍ତରଖାନାକୁ ନ ଯାଇ ଗାଁର ଗୁଣିଆ ଓ ତୁତୁକା



ଉପରେ ଭରସା କରୁଛନ୍ତି। ଅନ୍ଧବିଶ୍ୱାସର ଦୁନିଆ ଭିତରେ ବଞ୍ଚିବାକୁ ପସନ୍ଦ କରୁଛନ୍ତି। କେତେକ ଅଞ୍ଚଳରେ ଲୋକମାନେ ନାନାଦି କୁତ୍ସିତ ବିଶ୍ୱାସରେ ଅନ୍ଧ ହୋଇ ପଶୁପକ୍ଷୀ ଓ ଏପରିକି ନିଜର ପୁଅଝିଅକୁ ମଧ୍ୟ ବଳି ଦେଇ ପାରୁଛନ୍ତି। କିନ୍ତୁ ଆଜି ବିଜ୍ଞାନ ଯୁଗରେ ଲୋମାନଙ୍କଠାରୁ ଏଭଳି ଆଚରଣ ଆଶା କରାଯାଏ ନାହିଁ। ଆମେ ବିଜ୍ଞାନଯୁଗର ସଚେତନ ମଣିଷ। ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ବଳରେ ନିଜକୁ ଶକ୍ତିଶାଳୀ କରିପାରିଛୁ। ବିଜ୍ଞାନ ଆମକୁ ନିର୍ଭୟ ହେବାର ମନ୍ତ୍ର ଦେଇଛି। ଆଉ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେବା ଦରକାର ନାହିଁ। ଆମେ ବିଜ୍ଞାନ ଉପରେ ସଂପୂର୍ଣ୍ଣ ଭରସା କରିପାରିବା। କେବଳ ଔଷଧୀୟ ଚେରମୂଳି ଓ ବଟିକା ଖାଇ ନିଜ ଶରୀରକୁ ସୁସ୍ଥ ରଖିଲେ ଆମର ସମାଜ ସୁସ୍ଥ ରହିବ ନାହିଁ। ଆମର ଚିନ୍ତାଧାରା, ଉଦ୍ୟମ ଓ ବ୍ୟବହାର ସୁସ୍ଥ ହେଲେ ସାମାଜିକ ସୁସ୍ଥତା ବଜାୟ ରହିବ।

ବିଭିନ୍ନ କୋଣରୁ ଚିନ୍ତା କରୁଥିବା ବ୍ୟକ୍ତି, ଭିନ୍ନ ଭିନ୍ନ ମାନସିକତାର ବ୍ୟକ୍ତି ଓ ବିଭିନ୍ନ ଚଳଣିକୁ ନେଇ ସମାଜ ଗଠିତ। କେତେଜଣ ବିଜ୍ଞାନକୁ ପୂରା ଭରସା କରନ୍ତି। ଆଉ କେତେଜଣ ଅଧାଜ୍ଞାନୀ ନିଜର ସୁବିଧା ପାଇଁ କେତେବେଳେ ବିଜ୍ଞାନକୁ ବ୍ୟବହାର କରନ୍ତି ତ କେତେବେଳେ ନିଜର ସ୍ୱାର୍ଥ ପାଇଁ ବିଜ୍ଞାନର ଅପବ୍ୟବହାର କରନ୍ତି। ଆଉ କିଛି ଲୋକ ବିଜ୍ଞାନର ଧାର ଧାରନ୍ତି ନାହିଁ। ତେଣୁ ଏଭଳି ମିଶ୍ରିତ-ମାନସିକତା ରହିଥିବା ସମାଜରେ ଭ୍ରାନ୍ତ ଧାରଣା ବଞ୍ଚିରହିବା ବିଚିତ୍ର କଥା ନୁହେଁ।

କିନ୍ତୁ ବିଜ୍ଞାନ ଯୁଗରେ ଭ୍ରାନ୍ତ ଧାରଣାର ଉପସ୍ଥିତି ଅସୁସ୍ଥ ସମାଜର ପରିଚୟ ଦିଏ। କାହିଁକି ନା, ବିଜ୍ଞାନ ସତ୍ୟତା ଓ ଯୁକ୍ତିରେ ବିଶ୍ୱାସ କରେ। ବିଜ୍ଞାନ ଚିରନ୍ତନ, ବିଜ୍ଞାନ ଜାଗତିକ। ବିଜ୍ଞାନର ପ୍ରୟୋଗିକ ମୂଲ୍ୟ ରହିଛି। ଏହି ପ୍ରୟୋଗ ବଳରେ ଆମର ପ୍ରଗତି ସମ୍ଭବ ହୋଇପାରିଛି। ଆମ ଜୀବନଶୈଳୀରେ ଗଠନମୂଳକ ପରିବର୍ତ୍ତନ ଆସିଛି। ଅପର ପକ୍ଷରେ ଯଦି ଭ୍ରାନ୍ତ ଧାରଣାର କଥା କହିବା, ତେବେ ଭ୍ରାନ୍ତ ଧାରଣା ହୃଦୟକୁ ଦୁର୍ବଳ କରିଦିଏ। ଏହି ଧାରଣା ପଛରେ ଯୁକ୍ତିଯୁକ୍ତ ପ୍ରମାଣ ନ ଥାଏ। ଏହା ଆମର ଗଠନମୂଳକ ଉନ୍ନତିରେ ସହାୟତା କରିପାରିବ ନାହିଁ। ମିଠାଦହି ଖାଇ ପରୀକ୍ଷା ଦେବାକୁ ଗଲେ ପିଲା ପାସ୍ କରିବେ ବୋଲି ଲୋକଙ୍କର ଧାରଣା ରହିଛି। ଯଦି ତାହା ସତ, ତେବେ ନିଟ୍ ଓ ଜେଇଇ ପରୀକ୍ଷା ଦିନ ମିଠାଦହିର ଅଭାବ ଦେଖାଯିବା କଥା। ଡାକ୍ତରୀ ଓ ଇଞ୍ଜିନିୟରିଂ ପାଉଥିବା ପିଲାଏ ମିଠାଦହିକୁ ନିଜ ସଫଳତାର ରହସ୍ୟ ବୋଲି କହିବା କଥା। ଘରୁ ବାହାରିବା ସମୟରେ କିଏ ଛିଙ୍କିଦେଲେ କିମ୍ୱା ବିଲେଇ ରାସ୍ତାକାଟିଲେ ଅନୁକୂଳ ବିଗିଡିଯିବ ବୋଲି ଲୋକେ ଭାବନ୍ତି। ଜୀବ ବଳି ଦେଲେ ଫସଲ ଭଲ ହେବ ଓ ଗୁଣିଆ ମନ୍ତ୍ର କହି ସାପ ବିଷ ଝାଡ଼ିପାରିବା ଭଳି ଧାରଣା ଏବେବି ବଞ୍ଚିଛି। ଏସବୁର କାରଣ ବୈଜ୍ଞାନିକ ମନୋଭାବ ଓ ସଚେତନତାର ଅଭାବ। କୌଣସି କଥାକୁ ବିଶ୍ୱାସ କରିବା ପୂର୍ବରୁ ତା' ପଛରେ ରହିଥିବା ଯୁକ୍ତି ଓ ବୈଜ୍ଞାନିକ ମହତ୍ତ୍ୱକୁ ତର୍ଜମା କଲେ ସମାଜରେ ଭ୍ରାନ୍ତ ଧାରଣା ଓ ଅନ୍ଧବିଶ୍ୱାସ ରହିବ ନାହିଁ। ମାଆ ନିଜ ପିଲାକୁ ପରୀକ୍ଷା ଦିନ ମିଠାଦହି ନ ଦେଇ ପିଲାର ମନରୁ ପରୀକ୍ଷାର ଭୟ ଦୂର କରିବା କଥା ଥରେ ଚିନ୍ତା କରନ୍ତୁ। ଛିଙ୍କ ଏକ ସାଧାରଣ ପ୍ରକ୍ରିୟା ବୋଲି ଲୋକମାନେ ହୃଦୟଙ୍ଗମ କରନ୍ତୁ। ନେଉଳ ପରି ବିଲେଇ ବି ଲୋମଶ ପ୍ରାଣୀ। ନେଉଳ ଯଦି ଶୁଭ, ତେବେ ବିଲେଇ କେମିତି ଅଶୁଭ, ସେକଥା ଥରେ ଭାବନ୍ତୁ। ସାପ ବିଷକୁ କେବଳ ଆଣ୍ଟି-ଭେନମ୍ ଇଞ୍ଜେକ୍ସନ୍ କାଟି ପାରିବ ବୋଲି ସମସ୍ତେ ବୁଝନ୍ତୁ। ସବୁ ଧାରଣାର ଏଭଳି ତର୍ଜମା କଲେ ସୁସ୍ଥ ସମାଜ ଗଠନ ହେବ।

ବିଜ୍ଞାନ ଅନ୍ଧ ନୁହେଁ, ବରଂ ନିଜର ଦିବ୍ୟଚକ୍ଷୁ ଦ୍ୱାରା ସତ୍ୟର ସନ୍ଧାନ ଦିଏ। ବିଜ୍ଞାନ ବଳିଷ୍ଠ ଯୁକ୍ତି ଓ ପ୍ରମାଣ ଖୋଜେ। ବିଜ୍ଞାନକୁ ଭଲ ପାଉଥିବା ମଣିଷ ଭ୍ରାନ୍ତ ଧାରଣାକୁ ନିଜ ମନରୁ ଦୂରେଇ ପାରିବ। ସତ୍ୟର ସନ୍ଧାନ ଦେଉଥିବା ବିଜ୍ଞାନର ବାର୍ତ୍ତା ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ଦରକାର। ତେବେ ଯାଇ ରାସାୟନିକ ପଦାର୍ଥ ବ୍ୟବହାର କରି ହୋମକୁଣ୍ଡରୁ ନିଆଁ ବାହାର କରି ସାଧାରଣ ଜନତାଙ୍କୁ ଠକୁଥିବା ଭଣ୍ଡବାବାମାନଙ୍କର ଅସଲ ରୂପ ପଦାରେ ପଡ଼ିବ। ଯାଦୁଗର ବିଜ୍ଞାନ ଓ ବୈଜ୍ଞାନିକ ଜ୍ଞାନକୌଶଳ ବ୍ୟବହାର କରି ଲୋକଙ୍କୁ ଚମକାଇ ଦିଏ। ଭଣ୍ଡବାବା ବୈଜ୍ଞାନିକ ଜ୍ଞାନର ପ୍ରୟୋଗ କରି ନିଜକୁ ଭଗବାନ ବୋଲି ଦାବି କରେ। କିନ୍ତୁ ଅନନ୍ତ ଜ୍ଞାନକୌଶଳର ଅଧିକାରୀ ବିଜ୍ଞାନ ସବୁବେଳେ ପ୍ରକୃତିକୁ ନିଜ ମାଆର ଆସନ ଦିଏ। ବିଜ୍ଞାନର ବାର୍ତ୍ତା ମାଧ୍ୟମରେ ସମାଜରୁ ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ଏବଂ ସୁସ୍ଥ ସମାଜ ଗଠନ ପାଇଁ ଗବେଷଣାରତ ବୈଜ୍ଞାନିକମାନେ ଆଗେଇ ଆସନ୍ତୁ। ଗବେଷଣାର ଆଭିମୁଖ୍ୟ ସମ୍ପର୍କରେ ସରଳ ଭାଷାରେ ସାଧାରଣ ଲୋକଙ୍କୁ ସେମାନେ ବୁଝେଇ ଦିଅନ୍ତୁ। ତେବେ ଯାଇ ଲୋକମାନଙ୍କର ବିଜ୍ଞାନ ଓ ବୈଜ୍ଞାନିକ ପ୍ରତି ଆନ୍ତରିକତା ବୃଦ୍ଧି ପାଇବ। ବିଜ୍ଞାନ ଓ ବୈଜ୍ଞାନିକମାନଙ୍କ ସହାୟତାରେ ସାଧାରଣ ଲୋକଟିଏ ସମାଜର ବିଭିନ୍ନ କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉଠେଇ ପାରିବ। ସାମାଜିକ ସଂସ୍କାର ସମାଜକୁ ସୁସ୍ଥ ରଖିବ।

**ଓଡ଼ିଶା ଶିକ୍ଷା ସେବା, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ,**
**ମୋ:୯୪୩୯୫୦୧୬୫୧**

# ତୁମେ ଦେଲେ ଆମେ ଦେବୁ



ଧ୍ରୁବ ଚରଣ ଘିବେଲା

ଏବେ ସାରା ଦେଶରେ ଭୋଟ ନିର୍ବାଚନ ଚାଲିଛି। ଦେଶରେ ହେବ ମୋଟ ସାତୋଟି ପର୍ଯ୍ୟାୟରେ ଭୋଟ ଲୋକ ସଭା ପାଇଁ। ଲୋକ ସଭା ହେଉଛି ଦେଶର ଆଇନ ତିଆରି ଗୃହ। ଏଠି ବସି ସାଂସଦ ଦେଶ ଦଶ ପାଇଁ ତିଆରି କରିଥାନ୍ତି ଆବଶ୍ୟକ ଆଇନ। ସେମିତି ଆଇନ ତିଆରି ଗୃହ ବିଧାନସଭା ପାଇଁ ଆମ ରାଜ୍ୟରେ ବି ଚାଲୁରହିଛି ନିର୍ବାଚନର ଗଣ ପର୍ବ। ଆମ ରାଜ୍ୟରେ ହେଉଛି ଚାରୋଟି ପର୍ଯ୍ୟାୟ ବିଶିଷ୍ଟ ନିର୍ବାଚନ। ସରିଲାଣି ଦୁଇଟି ପର୍ଯ୍ୟାୟରେ ଭୋଟ। ବାକି ଦୁଇଟି ପର୍ଯ୍ୟାୟର ଭୋଟ ସରିଲେ ସାରା ଦେଶରେ ଭୋଟଦାନ କାମ ସରିବ। ତା'ପରେ ଜୁନ୍ ଚାରି ତାରିଖକୁ ଲୋକ ସଭା ଓ ରାଜ୍ୟ ବିଧାନସଭା ଉଭୟର ଫଳକୁ ରହିବ ଅପେକ୍ଷା। ଏମିତି ନିର୍ବାଚନ ଆସେ ଯାଏ। ଏଥରକ ନିର୍ବାଚନ ବି ଏଇ ଦେଖୁ ଦେଖୁ ସରିଯିବ। ଆଗରୁ ସେମିତି କେତେ ନିର୍ବାଚନ ଆସିଛି ଯାଇଛି। ୨୦୨୪ ସାଧାରଣ ନିର୍ବାଚନ ଆସିଛି। ସରିବ ମଧ୍ୟ। ୨୦୨୯କୁ ସେମିତି ନିର୍ବାଚନ ହେବ। ବହୁତ ଦିନ ମାନେ ପୂରା ପାଞ୍ଚ ବର୍ଷ ଥିବାର ମନେହେଉଥିଲେ ହେଁ ସମୟ ଚକ ଗଡ଼ି ଚାଲି ୨୦୨୯ ପାଖେଇ ଆସି ପହଞ୍ଚିଯିବ।

ଆମ ଦେଶରେ ପ୍ରତିଦିନ କେଉଁଠି ନା କେଉଁଠି ଯେ କୌଣସି ଭୋଟ ହୋଇଥାଏ। ଲୋକ ସଭା, ବିଧାନସଭା ସହ ପଞ୍ଚାୟତ ନିର୍ବାଚନ, ପୌର ପରିଷଦ ନିର୍ବାଚନ, ନିଗମ ନିର୍ବାଚନ, କେଉଁ ପ୍ରାଇଭେଟ ବ୍ୟାଙ୍କ ବୋର୍ଡ ଗଠନ ପାଇଁ ନିର୍ବାଚନ ଆମ ଦେଶରେ ହୋଇଥାଏ ବିଭିନ୍ନ ଦିବସ ପାଳନ କରାଗଲା ଭଳିଆ। ଏତେ ନିର୍ବାଚନ ଆମ ଦେଶରେ ହୁଏ ଯେ ଦେଶକୁ ନିର୍ବାଚନର ଦେଶ କହିଲେ ଭୁଲ୍ ହେବ ନାହିଁ। ବିଶ୍ୱର ପରା ବଡ଼ ଗଣତନ୍ତ୍ର ରାଷ୍ଟ୍ର ଭାରତ। ସମଗ୍ର ବିଶ୍ୱରେ ସବୁଠୁ ବେଶି ନିର୍ବାଚନ ବୋଧେ ଭାରତରେ ହେଉଥିବ। ସବୁପ୍ରକାର ଭୋଟ ବ୍ୟବସ୍ଥାରେ ଭୋଟ ଦେବା ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ନିଶ୍ଚୟ। ରାଜ୍ୟ/ରାଷ୍ଟ୍ରର ଆଇନ ତିଆରି ଗୃହ ପାଇଁ ହେଉଥିବା ଭୋଟ ଦାନ ଏକ ରାଜନୈତିକ ଅଧିକାର ମଧ୍ୟ। ଭୋଟ ମତଦାନ ହାର ଅଧିକ ରହିଲେ ଭଲ ପ୍ରାର୍ଥୀ ନିର୍ବାଚିତ ହୋଇ ଆସିବାର ସମ୍ଭାବନା ରହିଥାଏ। ଭଲ ଯୋଗ୍ୟ ପ୍ରାର୍ଥୀ ଜୟଯୁକ୍ତ ହେବା ରାଜ୍ୟ ତଥା ରାଷ୍ଟ୍ର ପାଇଁ ଶୁଭଙ୍କର ହୋଇଥାଏ। ଶିକ୍ଷିତ ସଂସ୍କାରିତ ରାଷ୍ଟ୍ରଭକ୍ତ ଆଇନ ପ୍ରଣୟନ ଗୃହକୁ ଆସିଲେ ଗୃହର ଶୋଭା ବଢ଼ିବା ସହିତ ଗୃହ ଗୌରବାନ୍ୱିତ ମଧ୍ୟ ହୁଏ। ଏବେ ଅନେକ ଉଚ୍ଚ ଶିକ୍ଷିତ ଗୃହକୁ ନିର୍ବାଚିତ ହୋଇ ଆସି ଗୃହର ଗରିମା ମହିମାନ୍ୱିତ କରନ୍ତି।

କଥା ହେଉଛି,ଭୋଟ ସମ୍ପର୍କିତ ଅନେକ କଥା ନେଇ ଭୋଟ ଆଗରୁ ଓ ଭୋଟ ପରେ କିଛି ଦିନ ଯାଏ ନାନା ଆଲୋଚନା ବାଟରେ ଘାଟରେ, ଚା' ଖଟିରେ, ସକାଳ ସଞ୍ଜରେ ଗାଁ ମାଇପିଏ ଦଳ ହୋଇ ଗପି ବସିଥିଲା ବେଳେ, ଫାଇଲ କାମ ଛାଡ଼ି ଅଫିସରେ କର୍ମଚାରୀମାନେ କରିଥାନ୍ତି ବେଶ୍ ଦିନା କେତେ। ଯେତେ ପ୍ରସଙ୍ଗ ପଡ଼େ ଯେଉଁଠି ଯେଉଁ



ଆଲୋଚନାରେ ସବୁଠୁ ଅଧିକ ଆଲୋଚନା ନିଶ୍ଚୟ ହେଉଥିବ କ୍ରିକେଟ ଖେଳକୁ ନେଇ। ତା'ପର ପ୍ରସଙ୍ଗ ହୋଇପାରେ ରାଜନୀତି। ନୀତି ମଧ୍ୟରେ ରାଜା ବା ଶ୍ରେଷ୍ଠ ଥିବା ଯୋଗୁ ବୋଧେ ଏହାର ଏମିତି ନାମକରଣ ହୋଇଛି। ରାଜନୀତି ବିନା ସବୁ ଏଠି ଅଚଳ ଯେମିତି। ରାଜୁଡ଼ା କାଳରେ ରାଜାଙ୍କର ନୀତି ବୋଲି ରାଜନୀତି ଥିଲା ଚର୍ଚ୍ଚିତ। ଏବେ ଗଣତନ୍ତ୍ରରେ ରାଜନୀତି କରିପାରନ୍ତି ସଭିଏ, ସବୁ ନାଗରିକ ଯା'ର ଇଚ୍ଛା ହେଲା। ଏବର ରାଜନୀତିରେ ସଭିଏ ଠିଆ ହୋଇପାରନ୍ତି। ବସି ବି ପାରନ୍ତି। ଠିଆ ହେବା ମାନେ ଭୋଟରେ ଠିଆ ହେବା/ ଲଢ଼ିବା। ବସିବା ହୋଇପାରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା।

ଏମିତି ଥରେ ଛୋଟ ଭୋଟରେ ଠିଆ ହେବାକୁ ମନ କଲେ ବାସୁବାବୁ। କେତେ ଜଣ ବି ଟିହାମତା କଲେ ପଞ୍ଚାୟତରେ ସାହି ମେମ୍ବର ହେବା ପାଇଁ। ବାସୁବାବୁ ବି କୁତୁକୁତୁ ହେଉଥିଲେ। ଭୋଟ ବେଳ ଯେତେବେଳେ ଆସିଲା ସେ ବି ମନୋନୟନ ଦାଖଲ ପତ୍ର ଖଣ୍ଡେ ଆଣି ପକାଇ ଦେଲେ। ବାସୁବାବୁଙ୍କ ନାଆଁ ଭୋଟ ଲଢ଼ିବା ତାଲିକାରେ ଉଠିଲା। ଆଉ ଦଳେ ସେମିତି ଆଉ ଜଣକୁ କୁହାବୋଲା କରି ବାସୁବାବୁ ବିରୁଦ୍ଧରେ ଠିଆ କରାଇଦେଲେ। ବିପକ୍ଷର ଥିଲା ମାଠିଆ ଚିହ୍ନ। ବାସୁବାବୁଙ୍କର ବହି ଚିହ୍ନ। ମାଠିଆ ଚିହ୍ନବାଲା ଆଗୁଆ ସାହିଯାକର ସବୁ ଘରେ ଲେଖି ଆଣିଲା ମାଠିଆଚିହ୍ନରେ ଭୋଟ ଦେବାକୁ। ବାସୁବାବୁ ଏବେ କରିବେ କ'ଣ ? ଲେଖିବେ କେଉଁଠି ? ବହି ଚିହ୍ନରେ ଭୋଟ ମାଗିବାକୁ ସାହିରେ କେଉଁ ଲୋକର ଘର କାନ୍ଥରେ ଆଉ ମେଲା ଜାଗା ନାହିଁ। ଏ ନେଇ ସେ ଜଣକୁ ବୁଦ୍ଧି ମାଗିଲେ। ଜଣେ ବାସୁକୁ ବୁଦ୍ଧି ବତାଇଲେ। ମାଠିଆ ଚିହ୍ନ ଯେଉଁଠି ଅଙ୍କାଯାଇଛି, ସେଇ ଚିହ୍ନ ତଳେ ତୁମ୍ଭେ ଲେଖି ଆଣ - 'ତୁମେ ଦେଲେ ଆମେ ଦେବୁ'। ରାତିରେ ସେମିତି ଲେଖି ଆଣିଲେ ବାସୁବାବୁ ଲୋକ ଲଗାଇ। ସକାଳୁ ସେ ଲେଖା ଦେଖି ସଭିଏ ହସିଲେ। ସାହିରେ ସବୁରି ମୁହଁରେ ସେଇ କଥା 'ତୁମ୍ଭେ ଦେଲେ ଆମ୍ଭେ ଦେବୁ'। ଏହାର ଅର୍ଥ କ'ଣ ହୋଇପାରେ, ଏ ନେଇ କେତେକେ ଫୁସୁରୁଫୁସୁରୁ ହେଲେ। କିଏ କହିଲା ଏବେ ତ ଭୋଟ ବେଳ ଭୋଟ ପାଇଁ ଭତ୍ତା ମାଗୁଥିବେ। 'ଭୋଟ ପାଇଁ ପରୋକ୍ଷରେ ଦିଅ ନୋଟ' ଏ କଥା କହୁଥାଇପାରନ୍ତି। ସେମିତି କ'ଣ ଭୋଟ କିଏ ଦିଏ ? କିଛି ଦେଲେ ସିଏ ବି ଦେବେ। ଅର୍ଥାତ୍ ଦେଲେ ଦେବେ, ନ ଦେଲେ ନାହିଁ। ଆଜିର ଦିନରେ ସବୁ ଯେତେବେଳେ କିଣା ବିକା ହେଉଛି ଭୋଟ କିଣା ବିକା ନ ହେବ ବା କେମିତି ? ଦେଖାଯାଇଥିଲା, ମାଠିଆ ଚିହ୍ନବାଲା ଯେଉଁଠି ଯେଉଁଠି ଯାହା ଯାହା ଲେଖିଥିଲେ ଭୋଟ ଦେବା ପାଇଁ ତାଙ୍କ ସପକ୍ଷରେ ସେସବୁକୁ ଗୋଟାମୋଟା ଲିଭାଇ ଦେଇଥିଲେ। ବିପକ୍ଷ ପ୍ରାର୍ଥୀଙ୍କ 'ତୁମେ ଦେଲେ ଆମେ ଦେବୁ' ବିଚାରଯୁକ୍ତ ଲେଖା ବୋଧେ ଖୁବ୍ କାଟୁ କରିଥିଲା।

**ବଉଦରାଜ, ବୌଦ୍ଧ**

## ଏଇ ଭାରତରେ

ବୟସ ୮୨। ତଥାପି କର୍ମଚଞ୍ଚଳ ଜୀବନର ଦୃଷ୍ଟାନ୍ତ ସାଜିଛନ୍ତି ତାମିଲନାଡୁର ଧନାମ ପଟି। ସେ ଗୋଟିଏ ଇଡ୍‌ଲିକୁ ୨ ଟଙ୍କାରେ ବିକ୍ରି କରୁଛନ୍ତି। ଧନାମ ରହନ୍ତି ପୁଡୁକୋଟ୍ଟାଇରେ। ସେଇଠି ଦେଖିବାକୁ ମିଳେ ତାଙ୍କ ଇଡ୍‌ଲି ଦୋକାନ। ମାଟି ଘରେ ଚାଲିଛି ଏହି ଦୋକାନ। ଏଠାରେ ଚେୟାର କିମ୍ୱା ଟେବୁଲ ନାହିଁ। କିନ୍ତୁ ଲୋକେ ଆଦରରେ ପେଟେ ଇଡ୍‌ଲି, ସମ୍ବର ଓ ଚଟ୍‌ନି ଖାଇ ତୃପ୍ତ ହେଉଛନ୍ତି। ଧମାନ ପ୍ରଥମେ ୧୯୮୦ ଦଶକରେ ୩ ପଇସାରେ ଇଡ୍‌ଲି ବିକ୍ରି ଆରମ୍ଭ କରିଥିଲେ। ଚାରି ବର୍ଷ ପୂର୍ବେ ବି ଗୋଟିଏ ଇଡ୍‌ଲିକୁ ୧ ଟଙ୍କାରେ ବିକ୍ରି କରୁଥିଲେ ଓ ଏବେ ଏହା ୨ ଟଙ୍କା ହୋଇଛି। ସକାଳ ୭ଟା ସୁଦ୍ଧା ଇଡ୍‌ଲି ପ୍ରସ୍ତୁତ ହୋଇଯାଏ। ତା'ପରେ କପେ ଚା'ପିଇ ଦୋକାନରେ ସେ ବସିଯାଆନ୍ତି । ଧନାମଙ୍କର ଦୁଇ ସନ୍ତାନ ଅଛନ୍ତି। ତାଙ୍କ ସ୍ୱାମୀ ରୋଗଗ୍ରସ୍ତ ହୋଇପଡ଼ିବାରୁ ପରିବାର ଚଳାଇବା ଲାଗି ସେ ଏହି ଇଡ୍‌ଲି ବିକ୍ରି ଆରମ୍ଭ କରିଥିଲେ। ଏଥିରେ କମ୍ ଲାଭ ହେଉଥିଲେ ବି ସେଥିରେ ଦୋକାନ ଚଳାଇ ପରିବାର ପ୍ରତିପୋଷଣ କଷ୍ଟ ହୋଇପଡୁଛି, ତଥାପି ଧମାନ ଲୋକଙ୍କୁ କମ୍ ମୂଲ୍ୟରେ ଖୁଆଇବାରେ ଆନନ୍ଦିତ ହେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୨ ମେ ୧୯୭୫

- ବାଙ୍ଗାଲୋର ଅନ୍ତର୍ଗତ ଆଲୁର ନିକଟରେ ଏକ ପର୍ଯ୍ୟଟକ ବସ୍ ଯାତ୍ରୀ ନଦୀ ପୋଲ ଉପରୁ ୧୨ ମିଟର ନିମ୍ନରେ ଥିବା ଶୁଖିଲା ନଦୀକୁ ଖସିପଡ଼ିବା ଫଳରେ ୨୨ ଜଣଙ୍କ ମୃତ୍ୟୁ।
- ରାଜ୍ୟ ବିଧାନସଭାର ସଭ୍ୟମାନଙ୍କ ଘନ ଘନ ଦଳବଦଳ ଯୋଗୁ କୌଣସି ସ୍ଥିର ମନ୍ତ୍ରିମଣ୍ଡଳ ରହି ନ ପାରିବା ଓ ପ୍ରଶାସନ କ୍ଷେତ୍ରରେ ଘୋର ଅସ୍ଥିରତା ଦେଖାଦେବା ଯୋଗୁ ପଦକ୍ଷେପ ସ୍ୱରୂପ ରାଷ୍ଟ୍ରପତିଙ୍କ ଆଦେଶ ବଳରେ ନାଗାଲାଣ୍ଡ ବିଧାନସଭାକୁ ଭାଙ୍ଗିଦିଆଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରାପ୍ୟ ପ୍ରଦାନ କରାଯାଉ

ମହାଶୟ,

ଓଡ଼ିଶା ସରକାର ନିକଟରେ ମାତ୍ର ଚାରିମାସ ତଳେ କିଶୋରୀ ବାଳିକା ଓ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଉନ୍ନତି ପାଇଁ ଉଦ୍ଦିଷ୍ଟ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୋଷଣ ଯୋଜନା ଆରମ୍ଭ କଲେ। ମାତ୍ର ଏକ ମାସର ପ୍ରାପ୍ୟରାଶି ସ୍ୱୟଂ ସହାୟକ ସଂଗଠନଗୁଡ଼ିକୁ ଦିଆଯାଇଛି। ରାଜ୍ୟର ପଚିଶଟି ଜିଲାର ପ୍ରାପ୍ୟ ମିଳି ସାରିଥିବାବେଳେ ରାଜ୍ୟର ଉପକୂଳବର୍ତ୍ତୀ ପାଞ୍ଚଟି ପ୍ରମୁଖ ଜିଲାର ସ୍ୱୟଂ ସହାୟକ ସଂଗଠନକୁ ସେମାନଙ୍କ ପ୍ରାପ୍ୟ ମିଳିପାରିନାହିଁ। ଏହି ଯୋଜନା ସହିତ କେନ୍ଦ୍ର ସରକାରଙ୍କର ଟେକ୍ ହୋମ ରେଶନ ବା ଟିଏଚଆର ଯୋଜନାରେ ସ୍ୱୟଂ ସହାୟକ ସଂଗଠନମାନଙ୍କୁ ଠିକ ସମୟରେ ପ୍ରାପ୍ୟ ମିଳିଯାଉଛି। ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ସଂଗଠନମାନେ ବଜାରରୁ ଗହମ, ଗୁଡ଼, ବୁଟ, ବାଦାମ, ଚିନି, ମୁଢ଼ି, ତେଲ, ଅଣ୍ଡା, ଡାଲି କିଣୁଥିବାବେଳେ ତିନି ମାସର ବକେୟା ରହିଯାଇଥିବାରୁ ସେମାନଙ୍କୁ ଯୋଗାଉଥିବା ଦୋକାନୀମାନେ ଆଉ ଅଧିକ ବାକି ଦେବା ପାଇଁ ମନା କରୁଛନ୍ତି। ରାଜ୍ୟର ପଚିଶଟି ଜିଲାର ସ୍ୱୟଂ ସହାୟକ ସଂଗଠନମାନଙ୍କୁ ଏହା ମିଳୁଥିବାବେଳେ ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ ପରି ପ୍ରମୁଖ ଜିଲାରେ ପ୍ରାପ୍ୟ ଏଯାବତ ମିଳିପାରିନାହିଁ। ସାମଗ୍ରୀ କିଣା, ବିଜୁଳି ବିଲ, ଅନ୍ୟାନ୍ୟ ଖର୍ଚ୍ଚ, ପରିବହନ ଖର୍ଚ୍ଚ ସବୁକିଛିକୁ ମିଶାଇ ଲକ୍ଷ ଲକ୍ଷ ଟଙ୍କା ବାକି ରହିଯାଉଥିବାବେଳେ ଏହାକୁ ପରିଚାଳନା କରିବା ପାଇଁ ସଂଗଠନମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଯାଇଛି। ତୁରନ୍ତ ପ୍ରଶାସନ ପ୍ରାପ୍ୟ ପ୍ରଦାନ କରନ୍ତୁ ।

**– ରେବତୀ ମହାରଣା, ଜାରକା, ଧର୍ମଶାଳା, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବଥାଇ ଉଠେ ରୁଦ୍ଧତାର
କ୍ରନ୍ଦନ ହେ କ୍ରନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !

-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଶେୟାର ବଜାର ନିବେଶକ ନିରୁତ୍ସାହିତ**

ନୂଆଦିଲ୍ଲୀ: ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୫୩ (୫୨.୬୩) ପଏଣ୍ଟ ହ୍ରାସ ୭୩,୯୫୩(୭୩,୯୫୩.୩୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ ୨୭(୨୭.୦୫) ପଏଣ୍ଟ ବୃଦ୍ଧି ଘଟି ୨୨,୫୨୯(୨୨,୫୨୯.୦୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରେକର୍ଡ ସ୍ତରରେ ରୁପା ଦର

- ୮୬,୦୦୦ରୁ ୯୬,୦୦୦ ଟଙ୍କାରେ କାରବାର
- ୭୫,୦୦୦ ଟଙ୍କା ଉପରେ ୨୪ କ୍ୟାରେଟ ସୁନା

ଭୁବନେଶ୍ୱର,୨୧।୫(ଅଭୟ ଦାଶ)



 କ୍ରମାଗତ ଭାବେ ଘରୋଇ ବଜାରରେ ରୁପା ଦର ବୃଦ୍ଧି ପାଇବା ସହ ଦର ରେକର୍ଡ ସ୍ତରରେ ପହଞ୍ଚିଛି। ଏପରିକି ମଙ୍ଗଳବାର ଭୁବନେଶ୍ୱର ବଜାରରେ ରୁପା ଦର ୧ କି.ଗ୍ରା. (୧କେଜି) ପିଛା ୯୦,୦୦୦ଟଙ୍କା ଉପରେ କାରବାର ହେଉଥିବାବେଳେ ୨୨ ଓ ୨୪ କ୍ୟାରେଟ ସୁନା ଦର ମଧ୍ୟ ୬୮,୦୦୦ଟଙ୍କାରୁ ୭୫,୦୦୦ ଟଙ୍କା ଉପରେ ରହିଥିଲା। ସେହିଭଳି ଦିଲ୍ଲୀରେ ୧କେଜି ରୁପା ମୂଲ୍ୟ ୮୬,୪୬୦ ଟଙ୍କା ଥିଲାବେଳେ ସୋମବାର ୧କେଜି ରୁପା ମୂଲ୍ୟ ୮୬,୬୩୦ଟଙ୍କା ଥିଲା। ଏପରିକି ୨୪କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୭୫,୦୭୧ ଟଙ୍କା ଏବଂ ୨୨କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ ପିଛା ୬୮,୭୬୦.୫୦ଟଙ୍କାରେ କାରବାର ହେଉଥିବା ଜଣାପଡ଼ିଛି। ସେହିପରି ମୁମ୍ବାଇ, ଚେନ୍ନାଇ ଓ କୋଲକାତା ଭଳି ଦେଶର ପ୍ରମୁଖ ମହାନଗରରେ ମଧ୍ୟ ରୁପା ଓ ସୁନାର ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଉପରୋକ୍ତ ମହାନଗରଗୁଡ଼ିକରେ ରୁପା ଦର ୧ କେଜି ପିଛା ଯଥାକ୍ରମେ ୮୬,୪୬୦ ଟଙ୍କା, ୮୬,୫୫୦ ଟଙ୍କା ଏବଂ ୮୬, ୪୬୦ ଟଙ୍କାରେ କାରବାର ହେଉଥିଲାବେଳେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ଯଥାକ୍ରମେ ୭୫,୫୮୪ଟଙ୍କା, ୭୪,୯୯୭ ଟଙ୍କା ଏବଂ ୭୫,୫୧୧ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ଦରବୃଦ୍ଧି ଓ ମୁଦ୍ରାସ୍ଫୀତି ହାର ସହ ସେଣ୍ଟ୍ରାଲ ବ୍ୟାଙ୍କଗୁଡ଼ିକ ମାତ୍ରାଧିକ ପରିମାଣରେ ସୁନା କ୍ରୟ ଦରବୃଦ୍ଧିର ଅନ୍ୟତମ କାରଣ ହୋଇଥାଇପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏପରିକି ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂରାଜନୈତିକ କାରଣରୁ ଦରବୃଦ୍ଧି କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଘରୋଇ ବଜାରରେ ମଧ୍ୟ ଉଭୟ ସୁନା ଓ ରୁପା ଦର କ୍ରମାଗତ ଭାବେ ବଢ଼ି ଚାଲିଛି।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର (ଓଡ଼ିଶା)ର ସୁନା ମୂଲ୍ୟ ୨୪କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୪,୫୧୦ ଟଙ୍କା ଥିଲାବେଳେ ୨୨କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମପିଛା ୬୭,୭୫୦ ଟଙ୍କା ରହିଛି। ସେହିଭଳି ୧୮ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୫୫,୮୮୦ ଟଙ୍କା ଏବଂ ରୁପା ଦର ପ୍ରତି କିଲୋଗ୍ରାମ ପିଛା ୯୫, ୦୦୦ ଟଙ୍କାରେ କାରବାର ହେଉଛି ବୋଲି ସ୍ୱାଇଲ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

| ଅଳଙ୍କାର ପ୍ରତିଷ୍ଠାନ | ସୁନା ଦର ପ୍ରତି ୧୦ ଗ୍ରାମ୍ ପିଛା (୨୨/୨୪ କ୍ୟାରେଟ୍) | ରୁପା ଦର (୧ କେଜି) |
|---|---|---|
| ମାଲାବାର୍ ଗୋଲଡ୍ ଆଣ୍ଡ ଡାଇମଣ୍ଡସ | ୬୮,୩୦୦ / ୭୪,୫୧୦ ଟଙ୍କା | ୯୬,୦୦୦ ଟଙ୍କା |
| ସେନ୍‌କୋ ଗୋଲଡ୍ ଆଣ୍ଡ ଡାଇମଣ୍ଡସ | ୬୮,୯୬୦/ ୭୪,୫୦୦ ଟଙ୍କା | ୯୨,୦୦୦ ଟଙ୍କା |
| ଜୟଆଲୁକ୍କାସ୍ | ୬୮,୩୦୦/ ୭୪,୫୦୦ ଟଙ୍କା | ୯୯,୦୦୦ ଟଙ୍କା |
| ମଙ୍ଗଳବାର ଭୁବନେଶ୍ୱର ବଜାର ଦର | | |

## ଏସ୍‌ବିଆଇର ନୂତନ ଶାଖା ଉଦ୍‌ଘାଟିତ




ଭୁବନେଶ୍ୱର,୨୧।୫

ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ର ନୂତନ ଶାଖା ନିକଟରେ ଖୋର୍ଦ୍ଧା ଜିଲା ନିକଟସ୍ଥ ବେଗୁନିଆ ବ୍ଲକ୍‌ର ଦେଉଳିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇର ମହାପ୍ରବନ୍ଧକ ପୁନମ୍ମଲମ୍ ଏମ୍, ଉପମହାପ୍ରବନ୍ଧକ ପ୍ରଶାନ୍ତ କୁମାର, କ୍ଷେତ୍ରୀୟ ପ୍ରବନ୍ଧକ ନରେନ୍ଦ୍ର କୁମାର ଜେନାଙ୍କ ସମେତ ନୂତନ ଶାଖାର ଶାଖା ପରିଚାଳକ ଅଭିଷେକ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ୮୯୮ ତମ ଶାଖା ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ରାଜ୍ୟରେ ଏସ୍‌ବିଆଇର ପ୍ରାୟ ୨୮୨୪ ଏଟିଏମ୍, ୫୮୫ଟି ସ୍ୱୟଂକ୍ରିୟ ନଗଦ ଜମା ଓ ଉଠାଣ ମେଶିନ ଏବଂ ୬୩୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ସେବା କେନ୍ଦ୍ର ଦ୍ୱାରା ବ୍ୟାଙ୍କିଙ୍ଗ୍ ସେବା ରାଜ୍ୟର ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଛି।

## ଟାଟା ମୋଟର୍ସ ଗ୍ରୁପ୍ ସହ ବଜାଜ୍ ଫାଇନାନ୍ସର ବୁଝାମଣା

ଭୁବନେଶ୍ୱର,୨୧।୫

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସର ସବ୍‌ସିଡିଆରି କମ୍ପାନୀ ଟାଟା ମୋଟର୍ସ ପାସେଞ୍ଜର ଭେହିକଲ୍ସ (ଟିଏମ୍‌ପିଭି) ଏବଂ ଟାଟା ପାସେଞ୍ଜର ଇଲେକ୍ଟ୍ରିକ୍ ମୋବିଲିଟି (ଟିପିଇଏମ୍) ସହ ବଜାଜ୍ ଫାଇନାନ୍ସର ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି କମ୍ପାନୀର ଡିଲରମାନଙ୍କ ପାଇଁ ବିକଳ୍ପ ଏବଂ ଆର୍ଥିକ ସହଜତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ବୁଝାମଣା ହୋଇଥିବା ଟାଟା ମୋଟର୍ସ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି କମ୍ପାନୀର ଯାତ୍ରୀ ଏବଂ ବୈଦ୍ୟୁତିକ ଯାନ ଡିଲରମାନଙ୍କୁ ଆବଶ୍ୟକ ଯୋଗାଣ ଶୃଙ୍ଖଳା ଅର୍ଥ ସମାଧାନ ବିସ୍ତାର କରିବାକୁ ଏହି ବୁଝାମଣା ହୋଇଛି। ଏପରିକି ଆର୍ଥିକ ସେବା ଗୋଷ୍ଠୀ ମାଧ୍ୟମରେ ଏହି ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର ସହ ଅଂଶଗ୍ରହଣକାରୀ କମ୍ପାନୀଗୁଡ଼ିକ ବଜାଜ୍ ଫାଇନାନ୍ସର ଲେଭରେଜ ପାଇଁ ଏକାଠି ହେବା ସହ ସର୍ବନିମ୍ନ ବନ୍ଧକ ସହିତ ଟିଏମ୍‌ପିଭି ଏବଂ ଟିପିଇଏମ୍‌ର ଡିଲରମାନଙ୍କୁ ସହାୟତା ପାଣ୍ଠି ଯୋଗାଇବାରେ ବ୍ୟାପକ ପ୍ରସାରଓ ସହାୟକ ଯୋଗାଇଦେବ।




ଏହି ପରିପ୍ରେକ୍ଷୀରେ ଟିପିଇଏମ୍‌ର ସିଏଫ୍‌ଓ ଏବଂ ଟିଏମ୍‌ପିଭିର ନିର୍ଦ୍ଦେଶକ ଧିମାନ ଗୁପ୍ତା ଏବଂ ବଜାଜ୍ ଫାଇନାନ୍ସର ସିଓ ସିଦ୍ଧାର୍ଥ ଭଟ୍ଟଙ୍କ ଦ୍ୱାରା ଏହି ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି।

ଏ ସମ୍ପର୍କରେ ଟିପିଇଏମ୍‌ର ସିଏଫ୍‌ଓ ଏବଂ ଟିଏମ୍‌ପିଭିର ନିର୍ଦ୍ଦେଶକ ଧିମାନ ଗୁପ୍ତା କହିଛନ୍ତି, ବ୍ରାଣ୍ଡର ଡିଲର ଅଂଶୀଦାରମାନେ ଆମର ବ୍ୟବସାୟ ପାଇଁ ଅବିଚ୍ଛେଦ୍ୟ ହୋଇଥିବାବେଳେ ଆମେ ମଧ୍ୟ ବ୍ୟବସାୟ କରିବାରେ ସେମାନଙ୍କୁ ସାହାଯ୍ୟ କରିବାକୁ ଆବଶ୍ୟକ ସମାଧାନ ଦିଗରେ ସକ୍ରିୟ ଭାବେ କାର୍ଯ୍ୟ କରି ଖୁସି ଅଛୁ। ସେହିଭଳି ବଜାଜ୍ ଫାଇନାନ୍ସ ଲିମିଟେଡ୍‌ର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ଅନୁପ ସାହା କହିଛନ୍ତି, ବଜାଜ୍ ଫାଇନାନ୍ସରେ ସଶକ୍ତୀକରଣ ପାଇଁ ଆର୍ଥିକ ସହାୟତା ସହ ଇଣ୍ଡିଆ ଷ୍ଟାକ୍ ବ୍ୟବହାର କରି ଆମେ ସର୍ବଦା ଶ୍ରେଷ୍ଠ-ଶ୍ରେଣୀ ପ୍ରକ୍ରିୟା ପ୍ରଦାନ କରିବାକୁ ଚେଷ୍ଟା କରିଛୁ।

## କମି ନ ପାରେ ଡାଲି ଦର

ଭୁବନେଶ୍ୱର,୨୧।୫
(ଅନୁରାଧା ମହାରଣା)

ସାଧାରଣ ଲୋକଙ୍କ ଚାହିଦା ତୁଳନାରେ ଡାଲି ଯୋଗାଣ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଡାଲି ଦର ବୃଦ୍ଧି ପାଇବାରେ ଲାଗିଛି। ବଜାର ବିଶେଷଜ୍ଞମାନେ କହିଛନ୍ତି, ବଜାରରେ ନୂଆ ଫସଲର ଯୋଗାଣ ଆରମ୍ଭ ନ ହେବା ପର୍ଯ୍ୟନ୍ତ ଡାଲିର ମୂଲ୍ୟ ଅଧିକ ରହିପାରେ। ଅକ୍ଟୋବର ମାସରେ ନୂଆ ଫସଲ ଆସିବ ନାହିଁ। ଫଳରେ ଅକ୍ଟୋବର ମାସ ପୂର୍ବରୁ ଡାଲି ମୂଲ୍ୟ କମିବାର କୌଣସି ଆଶା ନାହିଁ। ଚାହିଦା ଏବଂ ଯୋଗାଣର ଅସନ୍ତୁଳନ ହେତୁ ଡାଲିର ମୂଲ୍ୟ ବଢ଼ିବାରେ ଲାଗିଛି। ଡାଲି ମୁଦ୍ରାସ୍ଫୀତିର ଉଚ୍ଚ ସ୍ତର ହେତୁ ସାମଗ୍ରିକ ଖାଦ୍ୟ ମୁଦ୍ରାସ୍ଫୀତି ମଧ୍ୟ ପ୍ରଭାବିତ ହେଉଛି। ୨୦୨୨-୨୩ରେ ଦେଶରେ ଡାଲିର ଆନୁମାନିକ ଉତ୍ପାଦନ ୨୬.୦୫ ନିୟୁତ ଟନ୍ ହୋଇଥିବାବେଳେ ଏହାର ବ୍ୟବହାର ୨୮ ନିୟୁତ ଟନ୍ ଥିଲା। ବର୍ତ୍ତମାନ ବଜାରରେ ହରଡ଼, ମୁଗ ଓ ବିରି ଆଦିର ଦରବୃଦ୍ଧି ପରିଲକ୍ଷିତ ହେଉଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଆଡ୍‌ୱାର୍ଲ୍ଡ**
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ଫେଡ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍‌କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଡିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୬୬, ସେକ୍ଟର ୫, ନୋଏଡ଼ା
9810432170
7606841840

**BIRTHDAY WISH**



BISMAYA RANJAN MOHANTY
PADANIPAL, KENDRAPARA
The years we shared while growing up are like treasures to me. I can remember our every moment of laughter.
JEJE, MAA, PAPA, MAMA
ଧ-୩୫୧

**ବିବାହର ୪୧ବର୍ଷ ଉପଲକ୍ଷେ**



ଖୋର୍ଦ୍ଧା: ବେଗୁନିଆ (ଭଡ଼ଁରୀ ସାହି) ନିବାସୀ ଶ୍ରୀଯୁକ୍ତ ଶାନ୍ତିଶେଖର ମହାପାତ୍ର (ବାବି ବାବୁ) ଓ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ସବିତା ମହାପାତ୍ରଙ୍କ ବିବାହର ୪୧ବର୍ଷ ପୂର୍ତ୍ତି ଉପଲକ୍ଷେ ତାଙ୍କ ପରିବାର ତରଫରୁ ଅଭିନନ୍ଦନ ଏବଂ ଈଶ୍ୱରଙ୍କ ନିକଟରେ ଉଭୟଙ୍କ ନିରାମୟ ଓ ଦୀର୍ଘ ଜୀବନ କାମନା କରିଛନ୍ତି।
ଧ-୩୪୯

# Classified Everyday
0674-2580101, 2549949



**MATRIMONIAL**

**BRIDE WANTED**

Bride wanted for Odiya Brahmin groom Bhubaneswar based age 38, 5.11", Doctor (ENT), Divorced. Contact: 7205426354. D-176

ଭୁବନେଶ୍ୱର ବାସିନ୍ଦା ୩୪ ବର୍ଷୀୟ ୫ ଫୁଟ ୩ ଇଞ୍ଚ, ବି.ଟେକ୍ ସଫ୍ଟୱେୟାର ଇଞ୍ଜିନିୟର ଟେକ୍ ମହିନ୍ଦ୍ରା ପୁନେରେ କାର୍ଯ୍ୟରତ ବ୍ରାହ୍ମଣ ପାତ୍ର ପାଇଁ ଶିକ୍ଷିତା ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। 9556676181, 9861244882. D-348

Wanted beautiful qualified nonworking Bengali Kayastha bride for IIT Delhi, M.Tech passout Software Engineer, 29yrs, 5'8", 14 Lakh package in MNC, Dhanu Rasi. Contact- 9078024981 (WA). D-341

**GROOM WANTED**

ବୟସ 35, ନିଜ business ସମ୍ଭାଳୁଥିବା ସୁନ୍ଦରୀ ବିଧବା ଏକାକୀ ରହୁଥିବା ମହିଳାଙ୍କ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। 8984072499. D-75333

Khandayat bride- age 31y/ 5.3"/ B.Tech. SBI employee. Father Central Government retired class-I employee. Settled in Bhubaneswar. Looking for a suitable groom. Bank or Government employee preferable. Caste no bar. Mob- 9438135083/ 9348578447. D-350



**REAL ESTATE**

**SALE**

**Duplex sale at Bhubaneswar @ 57 lakhs only. Contact- 9777433701.** D-75958

**Developed gharabari plot at ଉତ୍ତରାଛକ ଗୁଡ଼ିଆପୋଖରୀ ଏବଂ ପିପିଲି-NH. 9337110932.** D-322

**Plot sale near Pitapalli, Janla, Tamando, Bhubaneswar Rs- 1299/-sqft. 6372670155.** D-75959

G+3 sale at Balianta, Bhubaneswar @ 1.4 Crores negotiable. Contact: 9937460565. D-249

Plots Nayapalli, Jaydevihar, Patia, Pahala, Jagamara, Uttara, Andharua, Raghunathpur. 7853907668. D-268

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9437631769.** D-307

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟଳାରେ SC Plot 2000sqft. 28,00,000/-. 9114705579. D-75956

**Plot for sale at Pitapalli- 6000sqft. (120'x50') plot for sale close to Mahavir Engineering College on Pitapalli- Barang Road at Rs.- 750/-sqft. Three persons can buy at (40'x50'). Mob- 9937786833.** D-75742




Monalisa massage Club: All types Body massage with hiprofile smart lady rooms service available. 9708545108. D-335

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Relax, refresh your body, Mind by expert therapist. Contact- 9938843929. D-76122

**Relax, Refresh your body, Mind at Saikrupa Spa with best therapies. 8984068077.** D-306

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75740

Fully relaxed body massage trained therapist. Central SPA. 9556483961. D-75741



**BUSINESS**

ମାତ୍ର ୧୦ ହଜାରରେ ଆରମ୍ଭ କରନ୍ତୁ ଶାଢ଼ୀ Business ରୋଜଗାର କରନ୍ତୁ ୫୦,୦୦୦/- ଅଧିକ ଯୋଗାଯୋଗ କରନ୍ତୁ। Mobile No.- 09337258054. D347

ମେଲୋଡ଼ି ଓ ମ୍ୟୁଜିକ୍ କ୍ଲାସ୍। ଯୋଗାଯୋଗ- 9658991116, 9040885258. D-346

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, I, Ashutosh Tripathy, S/o- Late Akshaya Kumar Tripathy, residing of Plot No. 96, Bapuji Nagar, PO- Ashok Nagar, PS- Capital, Bhubaneswar, Dist: Khordha, Odisha- 751009, That the correct name of my father is Akshaya Kumar Tripathy but in my 10th & 12th Educational Certificate my father's name has been wrongly mentioned as Akshaya Tripathy instead of Akshaya Kumar Tripathy. So I declare that the correct name of my father is Akshaya Kumar Tripathy for all future purposes. D-71390

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

By virtue of an affidavit before the Executive Magistrate, Bhubaneswar on 18th May, 2024, I, Swarnalata Das, aged about 36 years, W/o- Sudarsan Das resident of At- Paribasudeipur, P.O.- Bhatapatna, P.S.- Balianta, Dist.- Khordha, Odisha. In the Aadhaar Card bearing No.- xxxxxxxx1862 my name has been mentioned as Snehalata Das. I, declare that Swarnalata Das and Snehalata Das is one and same person. Henceforth, I have been known and identified as Swarnalata Das for all purposes. D-340

I Sangram Keshari Pail (28 yrs), S/o- Dayanidhi Pail, Vill- Nalitagadhia, P.O.- Adia, P.S.- Bonth, Dist.- Bhadrak, Odisha. My real name is Sangram Keshari Pail as per my Voter Card and School Certificate. But wrongly Sudhansu Shekhar Barik, S/o- Prafulla Chandra Barik mentioned in my Aadhaar Card bearing No.- xxxx xxxx 7600. I want to correction my Aadhaar Card and mentioned my real name Sangram Keshari Pail, S/o- Dayanidhi Pail. D-343

**ମନେ ପଡ଼ନ୍ତି**

୨୫ତମ ତିରୋଧାନ ଦିବସ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ନିରୁପମା ଦାସ
ଆବିର୍ଭାବ: ୧୬।୦୩।୧୯୩୭
ତିରୋଧାନ: ୨୨।୦୫।୧୯୯୯
ତୁମ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
:ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୧୯୬


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫାଇନାଲରେ କୋଲକାତା

**ଅହମଦାବାଦ, ୨୧।୫**

କୋଲକାତା ନାଇଟ ରାଇଡର୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଫାଇନାଲରେ ପ୍ରବେଶ କରିଛି। ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ଏବଂ ଭେଙ୍କଟେଶ ଆୟର ଓ ଶ୍ରେୟସ ଆୟରଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ କୋଲକାତା ମଙ୍ଗଳବାର ଅନୁଷ୍ଠିତ କ୍ୱାଲିଫାୟର-୧ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୮ ଉଇକେଟରେ ପରାସ୍ତ କରିଛି। ଅନ୍ୟପକ୍ଷରେ ବ୍ୟାଟିଂ ବିଫଳତା ସନ୍‌ରାଇଜର୍ସ ପାଇଁ ମହଙ୍ଗା ପଡ଼ିଛି। ଫଳରେ ଦଳର ଫାଇନାଲ ପ୍ରବେଶ ସମ୍ଭାବନା ବିଳମ୍ବିତ ହୋଇଛି। ଆସନ୍ତା ୨୪ ତାରିଖରେ କ୍ୱାଲିଫାୟର-୨ ଅନୁଷ୍ଠିତ ହେବ। ଏହି ମ୍ୟାଚରେ ସନ୍‌ରାଇଜର୍ସ ଏଲିମିନେଟରରେ ପରସ୍ପରର ସମ୍ମୁଖୀନ ହେଉଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ରାଜସ୍ଥାନ ରୟାଲ୍ସର ବିଜେତାକୁ ଭେଟିବ। କ୍ୱାଲିଫାୟର-୨ର ବିଜେତା ଫାଇନାଲରେ କୋଲକାତା ନାଇଟ ରାଇଡର୍ସକୁ ଭେଟିବ। ଗୁରୁତ୍ୱପୂର୍ଣ୍ଣ କ୍ୱାଲିଫାୟର-୧ ମ୍ୟାଚରେ ସନ୍‌ରାଇଜର୍ସ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯.୩ ଓଭରରେ ୧୫୯ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ କୋଲକାତା ୧୩.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରି ନେଇଥିଲା। ରମାନୁଲ୍ଲା ଗୁରବାଜ ୨୩ ଓ ସୁନୀଲ ନାରିନ ୨୧ ରନକରି ଆଉଟ ହୋଇଥିବାବେଳେ ଭେଙ୍କଟେଶ ୨୮ ବଲ୍‌ରୁ ୫୧ (୫ ଚୌକା, ୪ ଛକା) ଓ ଶ୍ରେୟସ ୨୪ ବଲ୍‌ରୁ ୫୮ (୫ ଚୌକା, ୪ ଛକା) ରନରେ ଅପରାଜିତ ରହିଥିଲେ। ଉଭୟ ଖେଳାଳି ଅସମାପ୍ତ ୩ୟ ଉଇକେଟରେ ୯୭ ରନର ଭାଗୀଦାରି ଗଢ଼ିଥିଲେ। ୨୦୧୨ ଓ ୨୦୧୪ରେ ଚାମ୍ପିୟନ କୋଲକାତା ୨୦୨୧ରେ ରନରଅପ୍ ହୋଇଥିଲା। ଅର୍ଥାତ୍ ୨ ବର୍ଷ ବ୍ୟବଧାନରେ ଏହି ଦଳ ପୁଣି ଫାଇନାଲରେ ପ୍ରବେଶ



ଟ୍ରାଭିସ ହେଡ୍‌ଙ୍କୁ ଆଉଟ କରିବାପରେ ମିଚେଲ ଷ୍ଟାର୍କଙ୍କୁ ଆନ୍ଦ୍ରେ ରସେଲଙ୍କ ବଧେଇ।

କରିଛି। ଅନ୍ୟପକ୍ଷରେ ୨୦୧୬ରେ ଚାମ୍ପିୟନ ଓ ୨୦୧୮ରେ ରନରଅପ୍ ହାଇଦ୍ରାବାଦର ପ୍ରତୀକ୍ଷା ବଢ଼ିଛି।

ଟସ୍‌ଜିତି ହାଇଦ୍ରାବାଦର ବ୍ୟାଟିଂ ନିଷ୍ପତ୍ତି ବୁମେରାଂ ସଦୃଶ ହୋଇଥିଲା। ଚଳିତ ଲିଗ୍‌ର ଦୁଇ ବିସ୍ଫୋରକ ବ୍ୟାଟର ଟ୍ରାଭିସ ହେଡ୍ ଡକ୍ (୦) ଓ ଅଭିଷେକ ଶର୍ମା (୩) ୨ ଓଭର ମଧ୍ୟରେ ଆଉଟ ହେବାରୁ ଦଳ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଏତିକିରେ ଦଳର ଦୁର୍ଦ୍ଦଶା ସରି ନ ଥିଲା। ଫର୍ମରେ ଥିବା ନୀତୀଶ ରେଡ୍ଡୀ ୯ ରନ ଓ ଶାହାବାଜ ଅହମଦ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିବା ଦଳପାଇଁ ଶକ୍ତ ଝଟ୍‌କା ସଦୃଶ ହୋଇଥିଲା। ଫଳରେ ପାୱାରପ୍ଲେ ୬ ଓଭରରେ ହାଇଦ୍ରାବାଦ ୪ ଉଇକେଟ ହରାଇ କେବଳ ୪୫ ରନ କରିବାକୁ ସକ୍ଷମ ହୋଇଥିଲା। ହେନରିଚ୍ କ୍ଲାସେନ ଓ ରାହୁଲ ତ୍ରିପାଠୀ ୫ମ ଉଇକେଟରେ ୩୭ ବଲ୍‌ରୁ ୬୨ ରନ କରିବାରୁ ସନ୍‌ରାଇଜର୍ସ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ଠିକ୍ ରନହାର ବଢ଼ିବା ସମୟରେ କ୍ଲାସେନଙ୍କ ଆଉଟ ଦଳପାଇଁ ମହଙ୍ଗା ପଡ଼ିଥିଲା। କ୍ଲାସେନ ୨୧ ବଲ୍‌ରୁ ୩୨ (୮ ଚୌକା, ୧ ଛକା) ରନ କରିଥିଲେ। ଭଲ ଖେଳି ଆସୁଥିବା ରାହୁଲ ତ୍ରିପାଠୀ ଅର୍ଦ୍ଧଶତକ ହାସଲ କରିବାପରେ ରନଆଉଟ ହୋଇ ଦଳୀୟ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ। ସେ ୩୫ ବଲ୍‌ରୁ ୫୫ (୭ ଚୌକା, ୧ ଛକା) ରନ କରି ଆଉଟ ହେବାରୁ ହାଇଦ୍ରାବାଦ ଜଣେ ବ୍ୟାଟରଙ୍କୁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ନେବାକୁ ବାଧ ହୋଇଥିଲା। ମାତ୍ର ଇମ୍ପାକ୍ଟ ଖେଳାଳିଭାବେ ଆସିଥିବା ସନଭୀର ସିଂ ଖାତା ଖୋଲିବା ପୂର୍ବରୁ ସୁନୀଲ ନାରିନଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ୨ଟି ବଲ୍‌ରେ ୨ ଉଇକେଟର ପତନ ଯୋଗୁ ଦଳର ବଡ଼ ସ୍କୋର ଆଶା ଶେଷ ହୋଇ ଯାଇଥିଲା। ଶେଷ ଭାଗରେ ଅଧିନାୟକ ପ୍ୟାଟ୍ କମିନ୍ସ ୨୪ ବଲ୍‌ରୁ ୩୦ (୨ ଚୌକା, ୨ ଛକା) ରନ କରିବାରୁ ସନ୍‌ରାଇଜର୍ସ ସ୍କୋର ୧୫୦ ଅତିକ୍ରମ କରିଥିଲା। ଅବଦୁଲ ସମଦ ମଧ୍ୟ ନିରାଶ କରି ମାତ୍ର ୧୬ ରନର ଯୋଗଦାନ ଦେଇଥିଲେ। ଏହି ମ୍ୟାଚରେ ନାଇଟ ରାଇଡର୍ସ ବୋଲରମାନେ ଆରମ୍ଭରୁ ପ୍ରଭାବୀ ବୋଲିଂ କରିଥିଲେ। ଆକ୍ରମଣର ନେତୃତ୍ୱ ନେଇଥିବା ମିଚେଲ ଷ୍ଟାର୍କ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଟପ୍ ଅର୍ଡରର ୩ ଉଇକେଟ ନେଇ ହାଇଦ୍ରାବାଦ ବ୍ୟାଟିଂ ବିପର୍ଯ୍ୟୟର ମୁଖ୍ୟ କାରଣ ସାଜିଥିଲେ। ବରୁଣ ଚକ୍ରବର୍ତ୍ତୀଙ୍କୁ ୨ଟି ଏବଂ ବୈଭବ ଆରୋରା, ହର୍ଷିତ ରାଣା, ସୁନୀଲ ନାରିନ ଓ ଆନ୍ଦ୍ରେ ରସେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୧୯.୩ ଓଭରରେ ୧୫୯/ଅଲ୍‌ଆଉଟ (ରାହୁଲ ତ୍ରିପାଠୀ-୫୫, ହେନରିଚ୍ କ୍ଲାସେନ-୩୨, ପ୍ୟାଟ୍ କମିନ୍ସ-୩୦, ମିଚେଲ ଷ୍ଟାର୍କ-୩/୩୪, ବରୁଣ ଚକ୍ରବର୍ତ୍ତୀ-୨/୨୬, ବୈଭବ ଆରୋରା-୧/୧୭, ହର୍ଷିତ ରାଣା-୧/୨୭, ସୁନୀଲ ନାରିନ-୧/୪୦, ଆନ୍ଦ୍ରେ ରସେଲ-୧/୧୫)। କୋଲକାତା ନାଇଟ ରାଇଡର୍ସ ୧୩.୪ ଓଭରରେ ୧୬୪/୨ (ଶ୍ରେୟସ ଆୟର-୫୮*, ଭେଙ୍କଟେଶ ଆୟର-୫୧*, ପ୍ୟାଟ୍ କମିନ୍ସ-୧/୩୮, ଟି. ନଟରାଜନ-୧/୨୨)।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଏଲିମିନେଟର)**

**ରାଜସ୍ଥାନ**

**ବନାମ ବେଙ୍ଗାଲୁରୁ**

**ସ୍ଥାନ: ଅହମଦାବାଦ**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଭାରତୀୟ ପୁରୁଷ, ମହିଳା ଦଳକୁ ରୌପ୍ୟ ପଦକ

**ବ୍ୟାଙ୍କକ୍, ୨୧।୫ (ପି.ଟି.):** ଏସିଆନ ରିଲେ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ୪x୪୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ଦଳ ୪x୪୦୦ ମିଟର ରେସ୍‌ରେ ବିଥ୍ୟା ରାମ୍‌ରାଜ, ଏମ୍.ଆର୍. ପୁଭାମା, ପ୍ରାଚୀ ଚୌଧାରୀ ଓ ରୁପାଲ ଚୌଧାରୀ ପ୍ରମୁଖଙ୍କୁ ନେଇ ଭାରତୀୟ ଦଳ ୩:୩୩.୫୫ ମିନିଟ ଟାଇମିଂରେ ଭିଏତ୍‌ନାମ(୩:୩୦.୮୧) ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଜାପାନର ସୁଫାଚଲାସାଇ ନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ରେସ୍‌ରେ ଜାପାନ ୩:୩୫.୪୫ ଟାଇମିଂରେ ବ୍ରୋଞ୍ଜ ପଦକ ଲାଭ କରିଛି। ସେହିପରି ମହମ୍ମଦ ଆନାସ ୟାହିୟା, ସନ୍ତୋଷ କୁମାର, ମିଜୋ ଚାକୋ କୁରିଆନ ଓ ଆନୋକିଆ ରାଜୀବଙ୍କୁ ନେଇ ପୁରୁଷ ଦଳ ୩: ୦୫.୭୬ ଟାଇମିଂରେ ଶ୍ରୀଲଙ୍କା (୩:୦୪.୪୮) ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଭିଏତ୍‌ନାମ (୩:୦୭.୩୭) ତୃତୀୟ ହୋଇଥିଲା। ସୂଚନାଯୋଗ୍ୟ, ସୋମବାର ୪x୪୦୦ ମିଟର ଭାରତୀୟ ମିକ୍ସଡ ରିଲେ ଦଳ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିଲେ ମଧ୍ୟ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା।

# ଅଲିମ୍ପିକ କୋଟା ବିଜେତା ଚୟନ ପରୀକ୍ଷଣରୁ ମୁକ୍ତ

**ନୂଆଦିଲ୍ଲୀ, ୨୧।୫ (ପି.ଟି.):** ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଏହାର ସମସ୍ତ ୬ ଅଲିମ୍ପିକ କୋଟା ବିଜେତାଙ୍କୁ ଚୟନ ପରୀକ୍ଷଣରୁ ମୁକ୍ତ କରିବାକୁ ନିଷ୍ପତ୍ତି ନେଇଛି। କିନ୍ତୁ ଆଗାମୀ ର୍‌ୟାଙ୍କିଂ ସିରିଜ ଇଭେଣ୍ଟ ଏବଂ ପରେ ହଙ୍ଗେରୀ ଟ୍ରେନିଂ କ୍ୟାମ୍ପରେ ସେମାନଙ୍କ ଫର୍ମ ଓ ଫିଟ୍‌ନେସର ମୂଲ୍ୟାୟନ କରାଯିବ। ଡବ୍ଲ୍ୟୁଏଫ୍‌ଆଇ ତରଫରୁ ସ୍ପଷ୍ଟ କରି ଦିଆଯାଇଛି ଯେ, ଯଦି କୌଣସି କୁସ୍ତିଯୋଦ୍ଧାଙ୍କ ଫିଟ୍‌ନେସରେ ଅଭାବ ଦେଖାଯାଏ ତେବେ ଖେଳାଳି ତାଲିକା ପଠାଇବାର ସମୟସୀମା ଜୁଲାଇ ୮ ପୂର୍ବରୁ ଟ୍ରାଏଲ୍ସ ଜରିଆରେ ସମ୍ପୃକ୍ତ ବଦଳ ଖେଳାଳି ମନୋନୀତ କରାଯାଇପାରେ। ପ୍ୟାରିସ ଗେମ୍ସ ପାଇଁ ଭାରତ ୬ଟି କୋଟା ହାସଲ କରିଛି। ତନ୍ମଧ୍ୟରେ ଜଣେ ମାତ୍ର କୁସ୍ତିଯୋଦ୍ଧା ଅମନ ଶେରାୱତ (୫୭କେଜି) ରହିଛନ୍ତି। ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ମହିଳା କୁସ୍ତିଯୋଦ୍ଧାମାନେ ହେଲେ ଭିନେଶ ଫୋଗଟ (୫୦କେଜି), ଅନ୍ତିମ ପଙ୍ଘାଲ (୫୩କେଜି), ଅଂଶୁ ମଲିକ (୫୭କେଜି), ନିଶା ଦହିୟା (୬୮କେଜି) ଓ ରୀତିକ ହୁଡା (୭୬କେଜି)। ଟ୍ରାଏଲ୍ସ ନ କରିବା ଲାଗି କୋଟା ହାସଲ କରିଥିବା କୁସ୍ତିଯୋଦ୍ଧାମାନେ ଡବ୍ଲ୍ୟୁଏଫ୍‌ଆଇକୁ ଅନୁରୋଧ କରିଥିଲେ। କାରଣ ଏହା ଦ୍ୱାରା ଇଞ୍ଜୁରୀର ଆଶଙ୍କା ରହିଥିବା ସେମାନେ ଯୁକ୍ତି ଦର୍ଶାଇଥିଲେ। ସଭାପତି ସଞ୍ଜୟ ସିଂଙ୍କ ନେତୃତ୍ୱାଧୀନ ସିଲେକ୍ସନ କମିଟି ସେମାନଙ୍କ ଯୁକ୍ତିକୁ ଗ୍ରହଣ କରିଥିଲା। କୋଟା ବିଜେତାମାନେ ଜୁନ୍ ୬ରୁ ୯ ପର୍ଯ୍ୟନ୍ତ ବୁଦାପେଷ୍ଟଠାରେ ଅନୁଷ୍ଠିତ ହେବାକୁଥିବା ୟୁଡବ୍ଲ୍ୟୁଡବ୍ଲ୍ୟୁ ର୍‌ୟାଙ୍କିଙ୍ଗ ସିରିଜରେ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟ ସରିବା ପରେ ଜୁନ୍ ୧୦ରୁ ୨୧ ପର୍ଯ୍ୟନ୍ତ ହେବାକୁଥିବା ଏକ ଟ୍ରେନିଂ କ୍ୟାମ୍ପରେ ସେମାନେ ଯୋଗ ଦେବେ।

# ରାଜସ୍ଥାନ ବିପକ୍ଷରେ ଆର୍‌ସିବି ଫେଭରିଟ୍

**ଅହମଦାବାଦ, ୨୧।୫(ପି.ଟି)**

**ଏଲିମିନେଟର**

ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ)ର ଏଲିମିନେଟର-୧ ମୁକାବିଲାରେ ପରସ୍ପରକୁ ଭେଟିବେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) ଓ ରାଜସ୍ଥାନ ରୟାଲ୍ସ। ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍‌ଟି ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ଦଳ କ୍ୱାଲିଫାୟର-୨ ଖେଳିବ। ଅନ୍ୟପକ୍ଷରେ ପରାଜିତ ଦଳର ଟୁର୍ନାମେଣ୍ଟ ଯାତ୍ରା ଏହି ମ୍ୟାଚ୍‌ରୁ ଶେଷ ହେବ। ବୁଧବାରର ମ୍ୟାଚ୍ ପାଇଁ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଆରସିବି ଫେଭରିଟ୍ ରହିଛି। ପ୍ରଥମ ୮ ମ୍ୟାଚ୍‌ରୁ ମାତ୍ର ଗୋଟିଏ ବିଜୟ ସହ ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହିଥିବା ଆରସିବି ଅନ୍ତିମ ୬ ମ୍ୟାଚ୍ ଜିତି ନାଟକୀୟ ଢଙ୍ଗରେ ପ୍ଲେ ଅଫରେ ପ୍ରବେଶ କରିଥିଲା। ଦଳ ଯେଉଁ ଭଳି ପ୍ରଦର୍ଶନ କରି ଆସିଛି ଏହା ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସରେ ରହିଛି। ଅନ୍ୟପକ୍ଷରେ ରାଜସ୍ଥାନର ପ୍ରଦର୍ଶନ ଏହାର ସମ୍ପୂର୍ଣ୍ଣ ବିପରୀତ ରହିଛି। ଦଳ ପ୍ରଥମ ୮ ମ୍ୟାଚ୍‌ରେ ୭ ବିଜୟ ହାସଲ କରି ସାରିଥିଲା। ତେବେ କ୍ରମାଗତ ୪ ମ୍ୟାଚ୍‌ରେ ପରାଜୟ ସହ ଗୋଟିଏ ମ୍ୟାଚ୍ ବର୍ଷାରେ ଧୋଇ ଯାଇଥିଲା। ଏହା ଦଳର ଆତ୍ମବିଶ୍ୱାସକୁ ନିଶ୍ଚୟ କମ୍ କରିଛି। ତେଣୁ ଏଲିମିନେଟର-୧ରେ ଆରସିବି ଫେଭରିଟ ରହିଛି। କିଛି ସପ୍ତାହ ପୂର୍ବରୁ ଟାଇଟଲ୍ ଫେଭରିଟ୍ ରାଜସ୍ଥାନ ବର୍ତ୍ତମାନ ଅଣ୍ଡର ଡଗ ରହିଥିବା ବେଳେ ଆରସିବି ପାଇଁ କାହାଣୀ ସମ୍ପୂର୍ଣ୍ଣ ଓଲଟା ରହିଛି।

ରାଜସ୍ଥାନ ନିକଟରେ ଅନୁଭବୀ ଓପନର ଜୋଶ ବଟଲର ନ ଥିବା ବେଳେ ଖରାପ ପ୍ରଦର୍ଶନ ଏହାର ସମସ୍ୟାକୁ ଦ୍ୱିଗୁଣିତ କରିଛି। ଅନ୍ତିମ ୪ ମ୍ୟାଚ୍‌ରେ ଏହାର ବ୍ୟାଟିଂ ଓ ବୋଲିଂ ଦୁର୍ବଳତା ସମ୍ପୂର୍ଣ୍ଣ ଭାବରେ ପଦାରେ ପଡିଛି। ଚଳିତ ସିଜନରେ ସଞ୍ଜୁ ସାମସନ୍ ୫୦୪ ରନ୍ କରିଥିବା ବେଳେ ରିୟାନ ପରାଗ ୫୩୧ ରନ୍ ସ୍କୋର କରିଛନ୍ତି। ଯଶସ୍ୱୀ ଜୟସ୍ୱାଲ ୩୪୮ ରନ କରିଥିବା ବେଳେ ତାଙ୍କ ସହ ଟମ୍ କୋହଲର କାଡମୋର ଓପନ କରିବାର ସମ୍ଭାବନା ରହିଛି। ଏହି ଓପନିଂ ଯୋଡି ନିକଟରେ ଉଭୟ ଫର୍ମ ଓ ଅଭିଜ୍ଞତାର ଅଭାବ ରହିଛି। ସେହିପରି ରୋଭମାନ ପାୱେଲଙ୍କ ସ୍ଥାନରେ ଦଳ ସିମରନ୍ ହେଟମେୟରଙ୍କୁ ଖେଳାଇପାରେ। ହେଟମେୟରଙ୍କ ଉପସ୍ଥିତି ନିମ୍ନକ୍ରମରେ ଦଳକୁ ଅଧିକ ସ୍ଥିରତା ପ୍ରଦାନ କରିବ। କାଗଜ କଲମରେ ରାଜସ୍ଥାନ ବୋଲିଂ ସାମାନ୍ୟ ଶକ୍ତିଶାଳୀ ରହିଥିବା ବେଳେ ଏହା ଦଳକୁ ସାମାନ୍ୟ ଆତ୍ମବିଶ୍ୱାସ ପ୍ରଦାନ କରିବ। ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ବାଉଣ୍ଡ୍ରି ସାମାନ୍ୟ ବଡ ହୋଇଥିବା ବେଳେ ରନ୍ ସ୍କୋର କରିବା ଏତେ ସହଜ ରହି ନ ଥାଏ। ଏଠାରେ ମାତ୍ର ୨ ଥର ୨୦୦ରୁ ଅଧିକ ରନ୍ ସ୍କୋର ହୋଇଛି। ତେଣୁ ଶୃଙ୍ଖଳିତ ବୋଲିଂ ଏଠାରେ ବିଜୟର କାରଣ ରହିବ। ଆରସିବି ପକ୍ଷରୁ ଏହାର ଇନଫର୍ମ ବ୍ୟାଟର ୱିଲ୍ ଜ୍ୟାକ୍ସ ଓ ବୋଲର ରିସି ଟପ୍‌ଲେ ଜାତୀୟ ଡ୍ୟୁଟି ପାଇଁ ଦଳ ଛାଡିଛନ୍ତି।

# ନମ୍ବର ୱାନକୁ ଫେରିଲେ ସାତ୍ତ୍ୱିକ-ଚିରାଗ



ଚିରାଗ ଶେଟ୍ଟି ଓ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ।

**ନୂଆଦିଲ୍ଲୀ, ୨୧।୫ (ପି.ଟି.)**

ଥାଇଲାଣ୍ଡ ଓପନରେ ସଫଳତା ପରେ ଭାରତର ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପୁଣି ବିଶ୍ୱର ନମ୍ବର ୱାନ ର୍‌ୟାଙ୍କିଂ ପୁରୁଷ ଡବଲ୍ସ ବ୍ୟାଡମିଣ୍ଟନ ଯୋଡ଼ି ହୋଇପାରିଛନ୍ତି। ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ର ଦ୍ୱିତୀୟ ରାଉଣ୍ଡରେ ପରାଜୟ ପରେ ଭାରତୀୟ ଯୋଡ଼ି ୩ନମ୍ବର ସ୍ଥାନକୁ ଖସି ଆସିଥିଲା। ପରେ ଚାଇନାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ସାତ୍ତ୍ୱିକ ଆଘାତପ୍ରାପ୍ତ ହେବାରୁ ଏହି ଯୋଡ଼ିଙ୍କୁ ସ୍ୱାକଓଭର ଦେବାକୁ ହୋଇଥିଲା। ଥାଇଲାଣ୍ଡ ଓପନରେ ସେମାନେ କିନ୍ତୁ ଦୃଢ ପ୍ରତ୍ୟାବର୍ତ୍ତନ କରି ରବିବାର ଫାଇନାଲରେ ଚାଇନାର ଚେନ୍ ବୋ ୟାଙ୍ଗ ଓ ଲିୟୁ ୟି ଯୋଡ଼ିଙ୍କୁ ସିଧାସଳଖ ଗେମ୍‌ରେ ପରାସ୍ତ କରି ସିଜନରେ ସେମାନଙ୍କର ଦ୍ୱିତୀୟ ଟାଇଟଲ ଜିତିଥିଲେ। ମଙ୍ଗଳବାର ପ୍ରକାଶିତ ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ର୍‌ୟାଙ୍କିଙ୍ଗ ତାଲିକାରେ ସେମାନେ ୯୯୬୭୦ ପଏଣ୍ଟ ସହ ଦୁଇ ସ୍ଥାନ ପଦୋନ୍ନତି ପାଇ ୫ ସପ୍ତାହ ପରେ ପୁଣି ପ୍ରଥମ ସ୍ଥାନକୁ ଫେରିଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଡବଲ ଅଲିମ୍ପିକ ପଦକ ବିଜେତା ପି. ଭି. ସିନ୍ଧୁ ଗୋଟିଏ ସ୍ଥାନ ତଳକୁ ଖସି ୧୫ତମ ସ୍ଥାନରେ ରହିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଏଚ୍. ଏସ୍. ପ୍ରଣୟ ତାଙ୍କ ୯ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ପୁରୁଷ ସିଙ୍ଗଲ୍ସ ଟପ୍ ୧୦ରେ ସେ ଜଣେ ମାତ୍ର ଭାରତୀୟ ସ୍ଥାନ ପାଇଛନ୍ତି। ଲକ୍ଷ୍ୟ ସେନ୍ ୩ ସ୍ଥାନ ତଳକୁ ଖସି ୧୪ତମ ସ୍ଥାନକୁ ଚାଲି ଆସୁଛନ୍ତି। କିଦାମ୍ବି ଶ୍ରୀକାନ୍ତ (୨୬ତମ), ପ୍ରିୟାଂଶୁ ରାଜାୱତ (୩୩ ତମ) ଗୋଟିଏ ଲେଖାଏଁ ସ୍ଥାନ ତଳକୁ ଖସି ଆସିଥିବା ବେଳେ କିରଣ ଜର୍ଜ ୩୬ତମ ସ୍ଥାନକୁ ଚାଲି ଆସିଛନ୍ତି। ମହିଳା ଡବଲ୍ସରେ ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ଦୁଇ ସ୍ଥାନ ଉପରକୁ ଉଠି ୧୯ତମ ସ୍ଥାନରେ ଅଛନ୍ତି। ଭାରତର ସେମାନେ ଶ୍ରେଷ୍ଠ ର୍‌ୟାଙ୍କିଙ୍ଗପ୍ରାପ୍ତ ଯୋଡ଼ି।

# ଟାଇଟଲ ବଜାୟ ରଖିଲେ ସୁମିତ

**ବିଶ୍ୱ ପାରା ଆଥ୍‌ଲେଟିକ୍ସ**

**କୋବ୍ (ଜାପାନ), ୨୧।୫ (ପି.ଟି.)**

ଭାରତର ସୁମିତ ଅଣ୍ଟିଲ ଏଠାରେ ଚାଲିଥିବା ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ତାଙ୍କ ଏଫ୍‌୬୪ ଜାଭେଲିନ୍ ଥ୍ରୋ ବିଶ୍ୱ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଥାଙ୍ଗାଭେଲୁ ମାରିୟାପ୍ପାନ ଓ ଏକତା ଭ୍ୟାନ ଯଥାକ୍ରମେ ହାଇଜମ୍ପ ଓ କ୍ଲବ ଥ୍ରୋ ଇଭେଣ୍ଟରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିପାରିଛନ୍ତି। ଟୋକିଓ ପାରାଲିମ୍ପିକ୍ସ ଏବଂ ୨୦୨୩ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଥିବା ଅଣ୍ଟିଲ ୬୯.୫୦ ମିଟର ଜାଭେଲିନ୍ ଫିଙ୍ଗି ପୋଡିୟମ ଶୀର୍ଷରେ ରହିଥିଲେ। ସମାନ ଇଭେଣ୍ଟରେ ଭାରତର ସନ୍ଦୀପ ୬୦.୪୧ ମିଟର ଥ୍ରୋ ସହ ବ୍ରୋଞ୍ଜ ପଦକ ପାଇଥିଲେ। ଟୋକିଓ ପାରାଲିମ୍ପିକ୍ସ ରୌପ୍ୟ ବିଜେତା ଥାଙ୍ଗାଭେଲୁ ମାରିୟାପ୍ପାନ ଚାମ୍ପିୟନଶିପ୍ ରେକର୍ଡ ୧.୮୮ମିଟର ସହ ଟି୬୩ ହାଇଜମ୍ପରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ପୂର୍ବରୁ ଏକତା ଭ୍ୟାନ୍ ମହିଳା ଏଫ୍‌୫୧କ୍ଲବ ଥ୍ରୋ ପ୍ରତିଯୋଗିତାରେ ସିଜନର ଶ୍ରେଷ୍ଠ ଥ୍ରୋ ୨୦.୨୧ ମିଟର ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସମାନ ଇଭେଣ୍ଟରେ ଅନ୍ୟ ଜଣେ ଭାରତୀୟ କାଶିଷ ଲାକ୍ରା ୧୪.୫୬ ମିଟର ପ୍ରୟାସ ସହ ରୌପ୍ୟ ଲାଭ କରିଛନ୍ତି। ଭାରତ ୫ମ ଦିବସରେ



ସୁମିତ ଅଣ୍ଟିଲ

୫ ପଦକ ହାସଲ କରିବା ଦ୍ୱାରା ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପଦକ ତାଲିକାର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ପ୍ରଥମ ସ୍ଥାନରେ ରହିଥିବା ଚାଇନା ୧୫ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୧୩ ବ୍ରୋଞ୍ଜ ଜିତିଥିବା ବେଳେ ବ୍ରାଜିଲ ୧୪ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୫ ବ୍ରୋଞ୍ଜ ପାଇଛି। ଅନ୍ୟପକ୍ଷରେ ଭାରତ ୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ସହ ୧୦ ପଦକ ହାସଲ କରିପାରିଛି।

# ପାରାମାଉଣ୍ଟ-ରାମେଶ୍ୱର ଫାଇନାଲ

**ଭୁବନେଶ୍ୱର, ୧୮।୫ (ତପନ ସ୍ୱାଇଁ)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ପର୍ଯ୍ୟାୟ ମଙ୍ଗଳବାର ଶେଷ ହୋଇଛି। ଦ୍ୱିତୀୟ ସେମିଫାଇନାଲରେ ପ୍ରଗତି ସ୍ପୋର୍ଟିଂକୁ ୧୪ ରନରେ ହରାଇ ରାମେଶ୍ୱର ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୨୬ରେ ରାମେଶ୍ୱର ଓ ପାରାମାଉଣ୍ଟ ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ

**ଅରବିନ୍ଦ ସ୍ମାରକୀ ଜୁନିୟର କ୍ରିକେଟ**

ପାରାମାଉଣ୍ଟ ୨୨୬ ରନରେ କ୍ରିକେଟ ଏକାଡେମୀ ଅଫ୍ ପଠାନ୍(କାପ୍)କୁ ପରାସ୍ତ କରିଥିଲା। ପ୍ରଗତି ବିପକ୍ଷ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ରାମେଶ୍ୱର ନିର୍ଦ୍ଧାରିତ ୪୦ ଓଭରରେ ୯ ଉଇକେଟ ହରାଇ ୧୫୮ ରନ କରିଥିଲା। ଦଳ ପକ୍ଷରୁ ଲିଓନେଲ ମେହେର ୩୬ ଏବଂ ସ୍ୱସ୍ତିକ ଘୋଷାଲ ଓ ଶୁଭ୍ରାଂଶୁ ଗୌଡ଼ା ୨୭ ରନ ଲେଖାଏ କରିଥିଲେ। ବିପକ୍ଷ ଦଳର ଅନମୋଲ ପଟ୍ଟନାୟକ ୨୩ ରନ ଦେଇ ୪ଟି ଉଇକେଟ ନେଇଥିଲେ। ଅସିମ ବରଦଙ୍କୁ ୨ଟି ଉଇକେଟ ମିଳିଥିଲା। ୧୫୯ ରନ ବିଜୟ ଲକ୍ଷ୍ୟରେ ପ୍ରଗତି ୩୩.୩ ଓଭରରେ ୧୪୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଯଶବନ୍ତ ପ୍ରଧାନ ସର୍ବାଧିକ ୨୫ ରନ କରିବାକୁ ସକ୍ଷମ ହୋଇଥିଲେ। ବିଜୟୀ ଦଳର ଆହ୍ୱାନ ମିଶ୍ର ୪ଟି ଉଇକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଜେଇଏମ୍ ସ୍କୁଲ ପ୍ରିନ୍ସିପାଲ ସନ୍ଧ୍ୟା ଜେନା ଅତିଥିଭାବେ ଯୋଗ ଦେଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ ଅବସରରେ ଆହ୍ୱାନ ମିଶ୍ର ।

# ବେଲଜିୟମକୁ ହରାଇଲା ଭାରତ

**ଆଣ୍ଟୱେର୍ପ, ୨୧।୫**

**ଜୁନିୟର ହକି ଦଳର ୟୁରୋପ ଟୁର୍**

**ଶାରଦାନନ୍ଦଙ୍କ ଡବଲ ଗୋଲ**

ଭାରତୀୟ ଜୁନିୟର ପୁରୁଷ ହକି ଦଳ ବିଜୟ ସହ ଏହାର ୟୁରୋପ ଟୁର୍ ଆରମ୍ଭ କରିଛି। ଉପ-ଅଧିନାୟକ ଶାରଦାନନ୍ଦ ତିୱାରୀଙ୍କ ଡବଲ ଗୋଲ ବଳରେ ଭାରତ ଶୁଟ୍ ଆଉଟ ୪-୨ ଗୋଲରେ ବେଲଜିୟମକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍ ଆଉଟର ସହାୟତା ନିଆଯାଇଥିଲା। ବେଲଜିୟମ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ପାଇଁ ମ୍ୟାଚର ୩ୟ ମିନିଟରେ ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଏହାକୁ ଶାରଦାନନ୍ଦ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରିଥିଲେ। ପ୍ରଥମ କ୍ୱାର୍ଟର ପରି ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତର ପ୍ରାଧାନ୍ୟ ଅବ୍ୟାହତ ରହିଥିଲା। ୨୭ତମ ମିନିଟରେ ଶାରଦାନନ୍ଦ ଆଉ ଏକ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ଏହି ଗୋଲଟି ମଧ୍ୟ ପେନାଲ୍ଟି ଷ୍ଟ୍ରୋକରୁ ଆସିଥିଲା।



ଶାରଦାନନ୍ଦ ତିୱାରୀ

ଦ୍ୱିତୀୟାର୍ଦ୍ଧରେ କିନ୍ତୁ ବେଲଜିୟମ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ବେଲଜିୟମ ଖେଳାଳି ଭାରତର ଅଗ୍ରଣୀ ବ୍ୟବଧାନକୁ ହ୍ରାସ କରିଥିଲେ। ସେହିପରି ମ୍ୟାଚ ଶେଷ ହେବାକୁ ଅଳ୍ପ ସମୟ ଥିବାବେଳେ ବେଲଜିୟମ ଆଉ ଏକ ଗୋଲ ଦେଇ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲା। ଶୁଟ୍‌ଆଉଟ ପର୍ଯ୍ୟାୟରେ ଭାରତ ପକ୍ଷରୁ ଗୁରଜୋତ ସିଂ, ସୌରଭ ଆନନ୍ଦ କୁଶୱାହା, ଦିଲରାଜ ସିଂ ଓ ମନମିତ ସିଂ ଗୋଲ ଦେଇଥିଲେ। ଗୋଲକିପର ପ୍ରିନ୍ସ ଦୀପ ସିଂ ୨ଟି ଚମତ୍କାର ସେଭ୍ କରି ଭାରତକୁ ବିଜୟୀ କରିଥିଲେ। ବୁଧବାର ନେଦରଲାଣ୍ଡର ବ୍ରେଡାଠାରେ ଭାରତ ଏହାର ଦ୍ୱିତୀୟ ମ୍ୟାଚ ବେଲଜିୟମ ବିପକ୍ଷରେ ଖେଳିବ।

# ତ୍ରିଶା-ଗାୟତ୍ରୀ ଦ୍ୱିତୀୟ ରାଉଣ୍ଡରେ

**କୁଆଲାଲମ୍ପୁର, ୨୧।୫ (ପି.ଟି.):** ଭାରତର ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ି ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକ ବିଜେତା ତଥା ଏଠାରେ ୭ମ ସିଡ୍ ଭାରତୀୟ ଯୋଡ଼ି ୧୦୪ ର୍‌ୟାଙ୍କିଙ୍ଗପ୍ରାପ୍ତ ଚାଇନିଜ ତାଇପେର ହୁଆଙ୍ଗ ୟୁ-ହ୍ୟୁନ୍ ଓ ଲାଆଙ୍ଗ ତିଙ୍ଗ୍ ୟୁଙ୍କୁ ୨୧-୧୪, ୨୧-୧୦ରେ ହରାଇ ଦେଇଛନ୍ତି। ପୁରୁଷ ସିଙ୍ଗଲ୍ସ କ୍ୱାଲିଫିକେଶନ ରାଉଣ୍ଡରେ ଭାଗନେଇଥିବା ୪ଭାରତୀୟ ସେମାନଙ୍କ ମ୍ୟାଚ ହାରିଯାଇଛନ୍ତି। ଗତ ଡିସେମ୍ବରରେ ଓଡ଼ିଶା ମାଷ୍ଟର୍ସରେ ତାଙ୍କର ପ୍ରଥମ ବିଡବ୍ଲ୍ୟୁଏଫ୍ ସୁପର ୧୦୦ ଟାଇଟଲ ଜିତିଥିବା ସତୀଶ କୁମାର କରୁଣାକରନ ପ୍ରଥମେ ମାଲେସିଆର ଚିମ୍ ଜୁନ୍ ୱିଙ୍କୁ ୨୧-୧୫, ୨୧-୧୯ରେ ହରାଇ ଦେଇଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ପୃଷ୍ଠା–୮+୮

ଭୁବନେଶ୍ୱର, ବୁଧବାର, ମେ ୨୨/୨୦୨୪ (୮+୮=୧୬ ପୃଷ୍ଠା) | Bhubaneswar, Wednesday, May 22/2024 | Page 16 | ₹ 7.00 | BERHAMPUR

୫୦ଶ ଭାଗ ୧୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 177 | ମୂଲ୍ୟ ₹୭/-





# ବିଜେଡିକୁ ଫୋପାଡ଼ିଦିଅ, ପରିବର୍ତ୍ତନ ଆସିବ

## ଭାଜପାର ବିଜୟ ସଂକଳ୍ପ ସମାବେଶରେ ଗର୍ଜିଲେ ଅମିତ ଶାହା

ଢେଙ୍କାନାଳ,୨୧।୫(ରତନ ନାୟାର)

ନବୀନ ବାବୁ କିଛି ବୁଝୁନାହାନ୍ତି। ତାମିଲ ବାବୁ ଶାସନ ଚଳାଉଛନ୍ତି। ବିଜେଡି ସରକାରକୁ ଥରେ ଉଠାଇ ଫୋପାଡ଼ିଦିଅ, ତାହାଲେ ପରିବର୍ତ୍ତନ ଆସିବ। ଓଡ଼ିଶାରେ ଭାଜପା ସରକାର ଗଢ଼ିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଜାଣିଥିବା ଲୋକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବ। ଢେଙ୍କାନାଳ ଜିଲା ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀର ବାଟଗାଁଠାରେ ମଙ୍ଗଳବାର ଅପରାହ୍ନରେ ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଭୋଟରମାନଙ୍କୁ ଏପରି ଆହ୍ୱାନ ଦେଇଛନ୍ତି।

ଅପରାହ୍ନ ୩ଟା ୧୫ରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ସଭାମଞ୍ଚରେ ପହଞ୍ଚି ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ସହିତ କପିଳାସର ଶ୍ରୀଚନ୍ଦ୍ରଶେଖର, ମହିମାଗାଦି ଯୋରନ୍ଦା, କୁଆଁଳୋ ଅଷ୍ଟଶମ୍ଭୁଙ୍କୁ ପ୍ରଣାମ ଜଣାଇଥିଲେ। କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତ, ସ୍ୱାଧୀନତା ସଂଗ୍ରାମୀ ମହେଶଚନ୍ଦ୍ର ସୁବାହୁ ସିଂ, ମୁକ୍ତା ମଲିକ ଓ ସାରଙ୍ଗଧର ଦାସଙ୍କୁ ସ୍ମରଣ କରିଥିଲେ। ଏହାପରେ ବିଜେଡି ସରକାର



ଉପରେ ଗର୍ଜିଥିଲେ। ଶାହା କହିଥିଲେ, ତାମିଲ ବାବୁ ଓଡ଼ିଶାକୁ ଲୁଟି ଚାଲିଛନ୍ତି। ରତ୍ନଭଣ୍ଡାର ଚାବି ସହ ରିପୋର୍ଟ ହଜିଗଲା। ନକଲି ଚାବି ରଖାଯାଇଛି। ଯେଉଁ ବାବୁମାନେ ଭ୍ରଷ୍ଟାଚାର କରି ଓଡ଼ିଶାକୁ ଲୁଟିବା ସହ ରତ୍ନଭଣ୍ଡାରକୁ ଲୁଟୁଛନ୍ତି, ତାଙ୍କୁ କଠିନ ଦଣ୍ଡ ଦିଆଯିବ ଏବଂ ଜେଲ ପଠାଯିବ। ଓଡ଼ିଶା ଦେଶର ଏକ ସମୃଦ୍ଧ ପ୍ରଦେଶ। ହେଲେ ଓଡ଼ିଆ ଭାଇମାନେ ସବୁଠୁ ଗରିବ। ଓଡ଼ିଆ ଯୁବକମାନେ ଗୁଜରାଟ, ପଞ୍ଜାବ ଓ ତାମିଲନାଡୁ ଆଦିକୁ କାମ ପାଇଁ ଯାଉଛନ୍ତି। ଓଡ଼ିଶାରେ ଭାଜପା ସରକାର ଆସିଲେ ଓଡ଼ିଶାକୁ ମୋଦି ୫ ବର୍ଷରେ ୧ନଂ. ରାଜ୍ୟ କରିବେ। ୧ ଲକ୍ଷ ୨୫ହଜାର ଯୁବକଙ୍କୁ ସରକାରୀ ଚାକିରି ଦିଆଯିବ। ଆୟୁଷ୍ମାନ୍ ଯୋଜନା ଲାଗୁହେବ। ୨୫ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯିବ। କଂଗ୍ରେସ ୭୦ ବର୍ଷ ହେଲା ରାମ ମନ୍ଦିରକୁ ଅଦାଲତରେ ଅଟକାଇ ରଖିଥିଲା। ମୋଦି ୫ ବର୍ଷରେ ମାମଲା ଜିତିଲେ। ମନ୍ଦିର ନିର୍ମାଣ କଲେ। ପୂରା ଦେଶ ମୋଦିଙ୍କୁ ତୃତୀୟଥର ପ୍ରଧାନମନ୍ତ୍ରୀ କରିବା ପାଇଁ ନିଷ୍ପତ୍ତି ନେଇ ସାରିଲାଣି। ସେହିପରି ପିଓକେ ପ୍ରସଙ୍ଗ ଉଠାଇ କଂଗ୍ରେସକୁ ତୀବ୍ର ସମାଲୋଚନା କରିଥିଲେ। ପାକ୍ ଅଧିକୃତ କାଶ୍ମୀର ଭାରତର ଥିଲା, ଭାରତର ହୋଇ ରହିବ ବୋଲି କହିଥିଲେ। ମୋଦିଙ୍କୁ ତୃତୀୟଥର ପ୍ରଧାନମନ୍ତ୍ରୀ କରିବା ପାଇଁ ଢେଙ୍କାନାଳ ଲୋକ ସଭାରୁ ଭାଜପା ପ୍ରାର୍ଥୀ ରୁଦ୍ର ପାଣିଙ୍କୁ ଜିତାଇ ଦିଲ୍ଲୀ ପଠାଇବାକୁ ସେ ଅନୁରୋଧ କରିଥିଲେ। ସେହିପରି ପରଜଙ୍ଗ ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନ ଓ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ଶତ୍ରୁଘ୍ନ ଜେନାଙ୍କୁ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ଏଥିସହ ଶାହା କହିଥିଲେ, ଢେଙ୍କାନାଳର ପ୍ରସିଦ୍ଧ ମଗଜି ଲଡୁକୁ ମୋଦି ଜିଆଇ ଟ୍ୟାଗ୍ ପ୍ରଦାନ କରିଛନ୍ତି। ଜୁନ ୪ ତାରିଖ ପରେ ଦିଲ୍ଲୀରେ ଭାଜପାର ୪୦୦ ଏମ୍‌ପି ଓ ଓଡ଼ିଶାରେ ୭୫ ଭାଜପା ବିଧାୟକଙ୍କୁ ମଗଜି ଲଡୁ ବଣ୍ଟାଯିବ ବୋଲି କହିଥିଲେ। ଏହି ଅବସରରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ଓଡ଼ିଶାରେ ଭାଜପା ସରକାର ହେବ ଓ ସବୁ ଜିଲାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ କରିବା ପାଇଁ ମୋଦି ଗ୍ୟାରେଣ୍ଟି ଦେଇଛନ୍ତି। ଧାନର ମୂଲ୍ୟ ୩୧୦୦ଟଙ୍କା ଏବଂ ଭତ୍ତା ୩ହଜାର ଟଙ୍କାକୁ ବୃଦ୍ଧି ହେବ। ସୁଭଦ୍ରା ଯୋଜନାରେ ୨କୋଟି ମହିଳାଙ୍କୁ ଜଣ ପିଛା ୫୦ହଜାର ଟଙ୍କାର କୁପନ ଦିଆଯିବ। ସୋଲାର ପାୱାର ବ୍ୟବସ୍ଥାରେ ୩୦୦ ୟୁନିଟ ବିଜୁଳି ଯୋଗାଇ ଦିଆଯିବ। ତେଣୁ ମୋଦି ଓ ଅମିତ ଶାହାଙ୍କ ହାତମୁଠାକୁ ଟାଣ କରିବା ପାଇଁ ଦୁଇଟି ପଦ୍ମରେ ଭୋଟ ଦେବା ପାଇଁ ସେ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାନସଭା ଆସନ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାନସଭା ଆସନ ପ୍ରାର୍ଥୀ ଶତ୍ରୁଘ୍ନ ଜେନା, ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ରାଜସ୍ଥାନର ଆଇନ ମନ୍ତ୍ରୀ ଯୋଗାରାମ ପଟେଲ, କାର୍ତ୍ତିକ ସାହୁ, ନବକିଶୋର ଗୁରୁ, ପ୍ରେମାନନ୍ଦ ଜେନା, ମାତୃପ୍ରସାଦ ନନ୍ଦଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।



ରେଙ୍ଗାଲି ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ଦୁର୍ଯ୍ୟୋଧନ ଗରଡ଼ିଆ ଓ ତାଙ୍କ ସମର୍ଥକମାନେ ମଙ୍ଗଳବାର ଭୁବନେଶ୍ୱରଠାରେ ବିଜେଡିରେ ଯୋଗଦାନ କରିଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

# ଅପରାଜିତା କିଛି କରିନାହାନ୍ତି କହିଲେ ନବୀନ



ନବୀନ ପଟ୍ଟନାୟକ



ଅପରାଜିତା ଷଡ଼ଙ୍ଗୀ

ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜାରି କରି ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ବିଜେଡିରୁ ଏମ୍‌ପି ପ୍ରାର୍ଥୀ ହୋଇଥିବା ମନ୍ମଥ ରାଉତରାୟଙ୍କ ପାଇଁ ପ୍ରଚାର କରିଛନ୍ତି। ଏହାସହ ଭାଜପା ଏମ୍‌ପି ପ୍ରାର୍ଥୀ ତଥା ବର୍ତ୍ତମାନର ସାଂସଦ ଅପରାଜିତା ଷଡ଼ଙ୍ଗୀ ଲିଙ୍ଗରାଜ ମନ୍ଦିରର ବିକାଶ କାମକୁ ବନ୍ଦ କରିବାକୁ ଚେଷ୍ଟା କରୁଥିଲେ ବୋଲି କହି ଟାର୍ଗେଟ କରିଛନ୍ତି। ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ଅପରାଜିତା ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ ଦେଇଥିବା ମନ୍ତବ୍ୟର ପ୍ରମାଣ ମାଗିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତେ ଜାଣିଛନ୍ତି ମନ୍ମଥ ରାଉତରାୟ ଜଣେ ସଫଳ ପାଇଲଟ୍ ଥିଲେ। ମନ୍ମଥ ନିଜ ମାଟିର ସେବା କରିବା ଲାଗି ଭୁବନେଶ୍ୱର ଫେରିଆସିଛନ୍ତି। ବର୍ତ୍ତମାନ ସମୟରେ ରାଜନୀତିରେ ଯୁବପିଢ଼ିଙ୍କ ଭାଗୀଦାରି ଏବଂ ଅବଦାନ ବହୁ ଅଧିକ। ଯୁବପିଢ଼ି ସବୁବେଳେ ସମସ୍ତଙ୍କୁ ପ୍ରେରଣା ଦେଇଥାଆନ୍ତି। ଖୁସି ଯେ, ମନ୍ମଥବାବୁ ରାଜନୀତିକୁ ଆସି ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହୋଇପାରିଛନ୍ତି। ସମସ୍ତେ ଜାଣିଛନ୍ତି ଗତ ୫ ବର୍ଷରେ ଭାଜପା ଏମ୍‌ପି ସେମିତି କିଛି ବଡ଼ କାମ କରିନାହାନ୍ତି। ସେ ଏକାମ୍ର ଏବଂ ଲିଙ୍ଗରାଜ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟକୁ ବନ୍ଦକରିବା ପାଇଁ ଚେଷ୍ଟା କରିଥିଲେ। ବିଶ୍ୱାସ ଦେଉଛି ଯେ, ମନ୍ମଥ ଭୁବନେଶ୍ୱରବାସୀଙ୍କ ଉନ୍ନତି ପାଇଁ ତାଙ୍କ ସହ ମିଶି ଦିନରାତି କାମ କରିବେ। ଏହାସହ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର ଭାବେ ଗଢ଼ିବାରେ ସହଯୋଗ କରିବେ। ତେଣୁ ଏହିଭଳି ନେତାଙ୍କୁ କାମ କରିବାକୁ ସୁଯୋଗ ଦିଅନ୍ତୁ ବୋଲି ନବୀନ କହିଛନ୍ତି।

## ମୁଖ୍ୟମନ୍ତ୍ରୀ ଯେଉଁ ଅଭିଯୋଗ କଲେ ତା'ର ପ୍ରମାଣ ଦିଅନ୍ତୁ: ଅପରାଜିତା

ଅନ୍ୟପଟେ ଅପରାଜିତା କହିଛନ୍ତି, ଲିଙ୍ଗରାଜ ପ୍ରକଳ୍ପ କାମକୁ ବନ୍ଦ କରିବାକୁ ପ୍ରୟାସ କରିଥିଲି ବୋଲି ମୁଖ୍ୟମନ୍ତ୍ରୀ ଯାହା କହିଲେ ତାହାର ପ୍ରମାଣ ଦିଅନ୍ତୁ। ଏହାର କିଛି ପ୍ରମାଣ ତାଙ୍କ ପାଖରେ ଅଛି ନା ନାହିଁ। ଏନେଇ ତାଙ୍କ ପାଖରେ କିଛି ଲିଖିତ ପ୍ରମାଣ ଯଦି ଅଛି ଦେଖାନ୍ତୁ। ଯଦି ଏନେଇ କେବେ କୌଣସି ବକ୍ତବ୍ୟ ଦେଇଥିବାର ପ୍ରମାଣ ତାଙ୍କ ପାଖରେ ଅଛି କୁହନ୍ତୁ। ଲିଙ୍ଗରାଜ ମନ୍ଦିରର କାମ ବିଷୟରେ କେବେ ଆଲୋଚନା ହିଁ କରିନାହିଁ। ଏଏସ୍‌ଆଇ ତରଫରୁ ବହୁ ଟଙ୍କା ଅଣାଯାଇ ବିଭିନ୍ନ ଦିଗରେ କାର୍ଯ୍ୟ କରାଯାଇଛି। ଯେତିକି ଲେଖିକି ଦିଆଯାଉଛି, ମୁଖ୍ୟମନ୍ତ୍ରୀ କେବଳ ସେତିକି କହି ଦେଉଛନ୍ତି। ତେଣୁ ସେ ଯେଉଁ ଅଭିଯୋଗ କରିଛନ୍ତି, ତାହା ଭିତ୍ତିହୀନ, ଆଧାରହୀନ ଓ ପୂରା ଭୁଲ୍। ଯାହା କାମ କରିଛି, ପ୍ରତ୍ୟେକ ବର୍ଷ ତା'ର ରିପୋର୍ଟ କାର୍ଡ ପ୍ରସ୍ତୁତ କରି ସାର୍ବଜନୀନ କରିଛି। ମୁଖ୍ୟମନ୍ତ୍ରୀ ଓ ବିଜେଡି ନେତାମାନେ ତାକୁ ପଢ଼ନ୍ତୁ କ'ଣ କରିଛି, ତାହା ଜାଣିପାରିବେ।

# ଭାଜପାରେ ଯୋଗଦେଲେ ସୁଶାନ୍ତ, ଶଶାଙ୍କ

ଭୁବନେଶ୍ୱର,୨୧।୫(ସୁନିତ୍ ମିଶ୍ର)

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀର ବିଜେଡି ନେତା ସୁଶାନ୍ତ କୁମାର ମହାପାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ମଙ୍ଗଳବାର ଆନୁଷ୍ଠାନିକଭାବେ ଭାଜପାରେ ଯୋଗଦେଇଛନ୍ତି। ଏହି ଅବସରରେ ସୁଶାନ୍ତ ମହାପାତ୍ର କହିଛନ୍ତି, ଏଥର ଲୋକ ପରିବର୍ତ୍ତନ ଚାହୁଁଛନ୍ତି। ଓଡ଼ିଶାରେ ସରକାର ସୁନିଶ୍ଚିତ। ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ ସୁଶାନ୍ତଙ୍କୁ ଉତ୍ତରୀୟ ପିନ୍ଧାଇ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ସେହିପରି ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀର ୨୦୧୯ର ବିଧାୟକ ସ୍ୱାଧୀନ ପ୍ରାର୍ଥୀ ଶଶାଙ୍କ ଶେଖର ମହାପାତ୍ର ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ଶଶାଙ୍କ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦେଇଛନ୍ତି। ରାଜ୍ୟ ମୁଖପାତ୍ର ତପନ ଚାନ୍ଦ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ସୁଜିତ୍ କୁମାର ଦାସ, ରାଜ୍ୟ ପ୍ରବକ୍ତା ହିତେଶ ମହାପାତ୍ର ଉତ୍ତରୀୟ ପିନ୍ଧାଇ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ ଜଣାଇଛନ୍ତି।

## ଦଳବିରୋଧୀ କାର୍ଯ୍ୟ ପାଇଁ ଅଭିମନ୍ୟୁ ମଲିକଙ୍କୁ ବହିଷ୍କାର

ଅନ୍ୟପଟେ ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ନିଆଳି ନିର୍ବାଚନମଣ୍ଡଳୀର ଅଭିମନ୍ୟୁ ମଲିକଙ୍କୁ ଦଳରୁ ବହିଷ୍କାର କରାଗଲା ବୋଲି ରାଜ୍ୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

# ବିଦ୍ରୋହୀଙ୍କୁ ନେଇ ଅଡୁଆରେ ବିଜେଡି

## ଧାମନଗର ବିଧାନସଭା କ୍ଷେତ୍ର

### ରାଜୁଙ୍କ ଘରବାହୁଡ଼ାକୁ ନଜର

ଧାମନଗର,୨୧।୫
(ଦେବେନ୍ଦ୍ର ଆଦ୍ଧିଆ)

ଭଦ୍ରକ ଜିଲା ଧାମନଗର ବିଧାନସଭା କ୍ଷେତ୍ରରେ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ନିର୍ବାଚନ ଦୌଡ଼ରେ ସାମିଲ ହୋଇ ପ୍ରଚାରକୁ ଜୋରଦାର କରିଛନ୍ତି। ହେଲେ ଧାମନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷଙ୍କୁ ବିରୋଧ କରି କେତେଜଣ ବିଜେଡି ନେତା ଅସନ୍ତୁଷ୍ଟ ହୋଇ ଭାଜପାରେ ସାମିଲ ହେବା ଦଳ ପାଇଁ ଚିନ୍ତା ବଢାଇଛି। ବିଜେଡିରେ ସୃଷ୍ଟି ହୋଇଥିବା ବିଦ୍ରୋହୀଙ୍କ ଭୂମିକାକୁ ନେଇ ଦଳୀୟ ପ୍ରାର୍ଥୀ ଡା. ସଞ୍ଜୟ ଦାସ ଅଡୁଆରେ ଅଛନ୍ତି ବୋଲି ଚର୍ଚ୍ଚା ହେଉଥିବାବେଳେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କ ଘର ବାହୁଡ଼ା ଦଳ ପାଇଁ କେତେଦୂର ସହାୟକ ହେବ, ତାହାକୁ ନେଇ ଅଙ୍କକଷା ଆରମ୍ଭ ହୋଇଛି।

ଗତ ଉପନିର୍ବାଚନରେ ଭାଜପାରୁ ସୂର୍ଯ୍ୟବଂଶୀ ସୂରଜ ବିଧାୟକ ଭାବେ ବିଜୟୀ ହୋଇଥିଲେ। ଦଳ ତାଙ୍କ ଉପରେ ଭରସା କରି ପୁନର୍ବାର ତାଙ୍କୁ ପ୍ରାର୍ଥୀ କରିଛି। ପ୍ରଭାବୀ ଭାଷଣ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳତାକୁ ଆୟୁଧ କରି ଲୋକଙ୍କ ନିକଟତର ହେବା ପାଇଁ ସୂର୍ଯ୍ୟବଂଶୀ ଉଦ୍ୟମ ଚଳାଇଛନ୍ତି। ଅନ୍ୟପଟେ ବିଜେଡି ପ୍ରତି ଥର ଭଳି ଏଥର ପୁଣି ଜଣେ ନୂଆ ପ୍ରାର୍ଥୀ ସଞ୍ଜୟଙ୍କ ଉପରେ ଭରସା କରି ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ଆଶା ବାନ୍ଧିଛି। ସଞ୍ଜୟ ବିଭିନ୍ନ ଗ୍ରାମକୁ ଯାଇ ପ୍ରଚାର କରିବା ସହ ରୋଗୀ ଦେଖି ଲୋକଙ୍କ ହୃଦୟ ଜିଣିବା ପାଇଁ ଚେଷ୍ଟା ଚଳାଇଛନ୍ତି।

ଧାମନଗରରେ ଜଣେ ନିର୍ଦ୍ଦିଷ୍ଟ ନେତା ତାଙ୍କର ପତିଆରା ପାଇଁ ଷଡ଼ଯନ୍ତ୍ର ରଚି ଦଳର କ୍ଷତି କରୁଥିବା କେତେକ ପ୍ରମୁଖ ବ୍ଲକ ଓ ପଞ୍ଚାୟତସ୍ତରୀୟ ବିଜେଡି ନେତା ଓ କର୍ମୀ ଅଭିଯୋଗ କରୁଛନ୍ତି। ପଞ୍ଚାୟତ ସମିତିକୁ ନିଜ ଅକ୍ତିଆରରେ ରଖି ବହୁ କୋଟି ଟଙ୍କାର ଦୁର୍ନୀତି ଯୋଗୁ ଧାମନଗରରେ ବିଜେଡି ପରାଜୟ ବରଣ କରୁଥିବା ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ଦୁଇ ବରିଷ୍ଠ ନେତା ହରେକୃଷ୍ଣ ପାଢ଼ୀ ଓ ରଘୁନାଥ ଲେଙ୍କାଙ୍କୁ ନିଲମ୍ବନ ଦଳ ପାଇଁ ମହଙ୍ଗା ପଡ଼ିପାରେ ବୋଲି ରାଜନୈତିକ ବିଶାରଦମାନେ ମତ ଦେଉଛନ୍ତି। ତେବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରବିବାର ଧାମନଗର ଛକଠାରେ ଭଣ୍ଡାରିପୋଖରୀ, ଧାମନଗର ଓ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏକ ସାଧାରଣ ସଭା କରି ଦଳୀୟ କର୍ମୀଙ୍କ ଉତ୍ସାହ ବଢ଼ାଇଛନ୍ତି। ଅନ୍ୟପକ୍ଷେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ଏବେ ପ୍ରତି ପଞ୍ଚାୟତ ବୁଲି ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରି ଆଶୀର୍ବାଦ ଲୋଡୁଛନ୍ତି। ବିରୋଧୀ ଦଳର କର୍ମୀଙ୍କୁ ଆଣି ନିଜ ଦଳରେ ସାମିଲ କରାଉଛନ୍ତି। ତେବେ ଭାଜପାର ମହିଳା ମୋର୍ଚ୍ଚା ଏଥର ସକ୍ରିୟ ହୋଇଥିବା ଦେଖିବାକୁ ମିଳିଛି। କଂଗ୍ରେସ ଏଥର ଜଣେ ଯୁବ ଉଦ୍ୟୋଗୀଙ୍କୁ ପ୍ରାର୍ଥୀ କରିଛି। ଭୁବନେଶ୍ୱରରେ ବିଭିନ୍ନ ବାଣିଜ୍ୟିକ ସଂସ୍ଥା ଚଳାଉଥିବା ରଞ୍ଜନ ବେହେରା କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ସେ ପୂର୍ବରୁ ଧୁଷୁରୀ ଅଞ୍ଚଳରେ ରାଜନୀତିରେ ସକ୍ରିୟ ଥିଲେ। ଏଣୁ ଏଥର ପୂର୍ବ ଅପେକ୍ଷା କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ଦଳୀୟ କର୍ମୀ କହୁଛନ୍ତି।

# 'ଭାଷା, ସଂସ୍କୃତି ସୁରକ୍ଷା ଦିଗରେ ସରକାର ସମର୍ପିତ'

ଭୁବନେଶ୍ୱର,୨୧।୫(ଶର୍ମିଷ୍ଠା ପାଣିଗ୍ରାହୀ)



ଅମର ପଟ୍ଟନାୟକ

'ଭାଷା, ସଂସ୍କୃତି ସୁରକ୍ଷା ଦିଗରେ ସରକାର ସମର୍ପିତ' ବୋଲି ବିଜେଡିର ଜାତୀୟ ମୁଖପାତ୍ର ଡ. ଅମର ପଟ୍ଟନାୟକ କହିଛନ୍ତି। ବିଜୁ ଜନତା ଦଳର ମୁଖ୍ୟ କାର୍ଯ୍ୟାଳୟ ଶଙ୍ଖଭବନଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ବିଜେଡିର ନିର୍ବାଚନୀ ଇସ୍ତାହାରରେ ୨୦ ନମ୍ବର ଗ୍ୟାରେଣ୍ଟିରେ ଓଡ଼ିଆ ଭାଷା, ସଂସ୍କୃତି, ଐତିହ୍ୟ କିଭଳି ସୁରକ୍ଷିତ ରହିବା ସହ ଏହାର ପ୍ରଚାର ପ୍ରସାର କରାଯିବ ସେ ଦିଗରେ ନବୀନ ସରକାର ସମର୍ପିତ ଅଛନ୍ତି ବୋଲି ଅମର କହିଛନ୍ତି। ବିଜୁ ଜନତା ଦଳର ଘୋଷଣାପତ୍ରରେ କୁହାଯାଇଛି, ୨୦୧୪ ଫେବୃଆରୀ ୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା। ପରେ କ୍ୟାବିନେଟ ବୈଠକର ନିଷ୍ପତ୍ତି ଅନୁସାରେ ସଂସ୍କୃତିବିଭାଗ ଖୋଲାଯିବା ସହ ବିଶ୍ୱସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀ ହୋଇଛି। ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା, ପ୍ରଥମ ଓଡ଼ିଆ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ୧୩୫ଟି ବରପୁତ୍ରଙ୍କ ପ୍ରତିମୂର୍ତ୍ତି ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା ଭଳି ଅନେକ କାମ ହୋଇଛି ଏବଂ ଆଗକୁ ମଧ୍ୟ ହେବ। ଅପରପକ୍ଷରେ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କେନ୍ଦ୍ର ସରକାର ଏହାକୁ ଅଣଦେଖା କରୁଛନ୍ତି। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ୧୦ ବର୍ଷ ବିତିଯାଇଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ତରଫରୁ ଟଙ୍କାଟିଏ ଅନୁଦାନ ମିଳିନାହିଁ। ଏଥିରୁ କେନ୍ଦ୍ରର ଓଡ଼ିଆ ଅସ୍ମିତା ପାଇଁ କ'ଣ ଅଛି ହୃଦୟରେ, ତାହା ଜଣାପଡୁଛି। କେନ୍ଦ୍ର ସରକାରଙ୍କ ପାଖରେ ଓଡ଼ିଆ ଅସ୍ମିତାର ପ୍ରୀତି ନାହିଁ। ଆମେ ଏହାକୁ ବିରୋଧ କରୁଛୁ ଯେ, ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ଦିଆଯାଇନାହିଁ। ସେହି ଜଣେ ବ୍ୟକ୍ତି ଯାହାଙ୍କର ଯୋଗ୍ୟତା ଅଛି, ହେଲେ ଏଯାଏ ତାଙ୍କୁ ଅଣଦେଖା କରାଯାଇଛି। ସଂସଦରେ ଏ କଥା ଉଠାଇଛୁ। ଦୁଃଖର କଥା, ଯେଉଁମାନେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି, ସେମାନେ ବିଜୁବାବୁଙ୍କୁ ସ୍ୱୀକୃତି ଦେଉନାହାନ୍ତି।

# ସମ୍ବଲପୁର: ଷ୍ଟାର୍ ପ୍ରଚାରକଙ୍କ ଘନଘନ ଗସ୍ତ

ସମ୍ବଲପୁରରୁ ଅନିଲ ଦାସ, ୨୧।୫

ତୃତୀୟ ପର୍ଯ୍ୟାୟ ନିର୍ବାଚନକୁ ଆଉ ୪ ଦିନ ବାକି ରହିଛି। ଆସନ୍ତା ୨୩ ତାରିଖରେ ନିର୍ବାଚନ ପ୍ରଚାର ଶେଷ ହେବ। ହାତରେ ମାତ୍ର ଆଉ ୨ରୁ ୩ ଦିନ ବାକି ଥିବାବେଳେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଦିନରାତି ଏକକରି ଭୋଟରଙ୍କ ପଛରେ ପଡ଼ିଛନ୍ତି। କେଉଁଠି ସଭାସମିତି, ରାଲି ତ କେଉଁଠି ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ଅପରପକ୍ଷେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ନେଇ ଭାଜପା ଓ ବିଜେଡିର ଷ୍ଟାର ପ୍ରଚାରକମାନେ ମଧ୍ୟ ଘନ ଘନ ନିର୍ବାଚନମଣ୍ଡଳୀ ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ନେହୁରା ହେଉଛନ୍ତି। ଏହି କ୍ରମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅମିତ ଶାହା ମଙ୍ଗଳବାର ସମ୍ବଲପୁର ଗସ୍ତ କରି ମାରାଥନ ପ୍ରଚାର କରିଛନ୍ତି। ପୂର୍ବାହ୍ନ ୧୧ଟାରେ ସମ୍ବଲପୁରର ଅଇଁଠାପାଲିଠାରେ ଥିବା ପିଏଚ୍‌ଡି ପଡ଼ିଆଠାରେ ଏକ ଦଳୀୟ ସଭାରେ ଯୋଗଦେଇଥିଲେ। ଓଡ଼ିଶାରେ ଏଥର ପରିବର୍ତ୍ତନ ହେବ। ଡବଲ୍ ଇଞ୍ଜିନ ସରକାର ଗଠନ ହେବା ସହ ବିକାଶ ଦ୍ରୁତଗତିରେ ଦୌଡ଼ିବ। ଭାଜପାକୁ ପଦ୍ମଫୁଲରେ ଦୁଇ ଥର ଭୋଟ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ଲାଗି ସେ ଭୋଟରମାନଙ୍କୁ ନିବେଦନ କରିଥିଲେ।

ଭାଜପା ଦଳୀୟ କର୍ମୀଙ୍କ ସଭା ଶେଷ ହେବା ପରେ ସମଲେଶ୍ୱରୀଙ୍କ ଦର୍ଶନ କରିବା ନିମନ୍ତେ ଯାଇଥିଲେ। ସେଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଶାହାଙ୍କୁ ସ୍ୱାଗତ କରିବା ଲାଗି ଦଳ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସମ୍ବଲପୁରୀ ନୃତ୍ୟ ସାଙ୍ଗକୁ ପାରମ୍ପରିକ ବାଦ୍ୟଯନ୍ତ୍ରରେ ମନ୍ଦିର ଚତୁଃପାର୍ଶ୍ୱ ପ୍ରକମ୍ପିତ ହୋଇଥିଲା। ଶାହା ମନ୍ଦିର ପରିସରରେ ପ୍ରାୟ ୨୦ ମିନିଟ ପୂଜାର୍ଚ୍ଚନା କରିବା ପରେ ସମ୍ବଲପୁରରୁ ଫେରିଯାଇଥିଲେ।

ସେହିଭଳି ବିଜେଡି ମଧ୍ୟ ନିର୍ବାଚନ ପ୍ରଚାରରେ ପଛରେ ନାହିଁ। ଦଳୀୟ ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ, ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ରୋହିତ ପୂଜାରୀ ନିଜର ସମର୍ଥକଙ୍କ ସହ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନକୁ ଗସ୍ତ କରି ଘନଘନ ପ୍ରଚାର ଚଳାଇଛନ୍ତି। ମାତ୍ର କଂଗ୍ରେସ ପକ୍ଷରୁ ଲୋକ ସଭା ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ ମଧ୍ୟ ଅନ୍ୟ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ କଡ଼ା ଟକ୍କର ଦେଉଛନ୍ତି। ପୂର୍ବରୁ ସେ ବିଜେଡିରୁ ବିଧାୟକ ଏବଂ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ନିଜର ଅଭିଜ୍ଞତାକୁ ନେଇ ସେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଭାଜପା ଓ ବିଜେଡି ଭଳି ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସର ପ୍ରଚାର ଜୋରଦାର ନ ଥିଲେ ମଧ୍ୟ ରାହୁଲ ଗାନ୍ଧୀଙ୍କ ଗ୍ୟାରେଣ୍ଟିକୁ ନେଇ ଭୋଟରଙ୍କ ମନ ଜିଣିବାକୁ ଉଦ୍ୟମ ଚଳାଇଛନ୍ତି।

# ଓଡ଼ିଶାରେ ଭଲ ପ୍ରଦର୍ଶନ କରିବ କଂଗ୍ରେସ : ପବନ ଖେରା



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

ବାଲେଶ୍ୱର, ୨୧।୫(ମାନସ ବିଶ୍ୱାଳ)

କଂଗ୍ରେସର ଗଣମାଧ୍ୟମ ଏବଂ ଯୋଗାଯୋଗ ବିଭାଗ ରାଷ୍ଟ୍ରୀୟ ଅଧ୍ୟକ୍ଷ ପବନ ଖେରା ମଙ୍ଗଳବାର ବାଲେଶ୍ୱର ଜିଲାକୁ ନିର୍ବାଚନୀ ପ୍ରଚାରରେ ଆସିଛନ୍ତି। ମିଶନପଡିଆସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ଚଳିତ ନିର୍ବାଚନରେ ସମଗ୍ର ଦେଶ ସମେତ ଓଡ଼ିଶାରେ କଂଗ୍ରେସ ଦଳ ସଫଳତା ହାସଲ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ସାରା ଦେଶରେ ଜନସାଧାରଣ ଭାଜପାକୁ ପ୍ରତ୍ୟାଖ୍ୟାନ କରିବା ସହ ଓଡ଼ିଶାରେ ବିଜେଡି ମଧ୍ୟ ପ୍ରତ୍ୟାଖ୍ୟାନର ମୁହଁ ଦେଖିବ ଆଉ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାଜପାର ପୁରୀ ଲୋକସଭା ପ୍ରାର୍ଥୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଦଳରୁ ବହିଷ୍କାର କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସର ଗଣମାଧ୍ୟମ ଏବଂ ଯୋଗାଯୋଗ ବିଭାଗ ରାଜ୍ୟ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି, ଏଆଇସିସି ବାଲେଶ୍ୱର ପର୍ଯ୍ୟବେକ୍ଷକ ଅଭୟ ଛାଜେଡ଼, କଂଗ୍ରେସ ଜିଲା ସଭାପତି ସଞ୍ଜୀବ ଗିରି, ଗଣମାଧ୍ୟମ ଏବଂ ଯୋଗାଯୋଗ ବିଭାଗ ଜିଲା ଅଧ୍ୟକ୍ଷ ବିକାଶ କୁମାର ଦାସ, ଏଆଇସିସି ଓଡ଼ିଶା ଗଣମାଧ୍ୟମ ସଂଯୋଜକ ପ୍ରଭାତ କୁମାର ଓ ନିତୁ ଚୌଧୁରୀ, କଂଗ୍ରେସ ଜିଲା ଉପସଭାପତି ଗୋପୀନାଥ ପାଢ଼ୀ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ନେତା ମିଠାକଥା କହି ଚାଲିଯିବେ: ପାଣ୍ଡିଆନ୍

ପାଟଣା(ବୀର କିଶୋର ଦାଶ)/ଚମ୍ପୁଆ(ମହେଶ୍ୱର ଦାସ)/ଆନନ୍ଦପୁର(ଉମେଶ ଚନ୍ଦ୍ର ପାଢ଼ୀ),୨୧।୫

ନିର୍ବାଚନ ଋତୁ ଆସିଲେ କେନ୍ଦ୍ରୀୟ ନେତାମାନେ ଆସନ୍ତି। ସେମାନେ ସବୁ ମିଠାକଥା ଓ ମିଥ୍ୟା କଥା କହି ଚାଲିଯିବେ। ନିର୍ବାଚନ ପରେ ଆପଣମାନେ ସେମାନଙ୍କୁ ଦେଖିବାକୁ ପାଇବେ ନାହିଁ। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଇଠି ରହିବେ, ଆପଣଙ୍କ ପିଲା ଓ ପରିବାର ଲୋକଙ୍କ ଉଜ୍ଜ୍ୱଳ ଭବିଷ୍ୟତ କଥା ଚିନ୍ତା କରିବେ। ଆପଣମାନଙ୍କ ମୁଣ୍ଡ ଉପରେ ଥିବା ବୋଝ ହାଲୁକା କରିବେ ବୋଲି କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀରେ ଆୟୋଜିତ ନିର୍ବାଚନୀ ସଭାରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କେନ୍ଦ୍ରୀୟ ନେତାମାନଙ୍କୁ ସମାଲୋଚନା କରି କହିଛନ୍ତି।

କେନ୍ଦୁଝର ଜିଲାର ପାଟଣା, ଚମ୍ପୁଆ ଓ ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ବିଜେଡିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ପାଟଣା ନିର୍ବାଚନମଣ୍ଡଳୀ ଅଧୀନ ସାହାରପଡ଼ା ବ୍ଲକ୍ ମୁଖ୍ୟାଳୟ ହାଇସ୍କୁଲ ପଡ଼ିଆରେ ଅପରାହ୍ନରେ ଆୟୋଜିତ ସଭାରେ ପାଣ୍ଡିଆନ୍ ଯୋଗଦେଇ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ଓ କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କୁ ଜିତାଇବା ପାଇଁ ନିବେଦନ କହିଥିଲେ। ପ୍ରଥମେ ସେ ହେଲିକପ୍ଟରରୁ ଓହ୍ଲାଇ ଲୋକଙ୍କ ସହ ବୁଲି ବୁଲି ହାତ ମିଳାଇଥିଲେ। ବିଜେଡି ମହିଳା ନେତ୍ରୀ ଓ ଯୁବନେତାମାନେ ତାଙ୍କୁ ବିରାଟକାୟ ଫୁଲମାଳ ପିନ୍ଧାଇବା ସହ ମହିଳାମାନେ ଶଙ୍ଖ ନାଦ କରିଥିଲେ।


ଚମ୍ପୁଆରେ ଅନୁଷ୍ଠିତ ସଭାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଉଛି।

ପାଣ୍ଡିଆନ୍‌ କହିଥିଲେ ଯେ, ୫ ବର୍ଷ ପରେ ସୁଯୋଗ ଆସିଛି ପୁଣି ଥରେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା। ପୁଣି ଥରେ ସରକାର ଗଢ଼ାହେବା ପରେ ଏଇଠି ବସି ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୁନ୍ ୯ ତାରିଖରେ ଶପଥ ନେଲା ପରେ ତାଙ୍କର ପ୍ରଥମ ଦସ୍ତଖତରେ ସମସ୍ତ ଲୋକଙ୍କ ପାଇଁ ମାଗଣା ବିଦ୍ୟୁତ୍ ବ୍ୟବସ୍ଥା କରିବେ। ସମସ୍ତଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟକାର୍ଡ ବ୍ୟବସ୍ଥା କରିବେ, ମିଶନ ଶକ୍ତି ମା'ମାନେ ଅବସର ପରେ ଭତ୍ତା ପାଇବେ, ଆଦିବାସୀଙ୍କ ଜଙ୍ଗଲଜାତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇବା ପାଇଁ ଲାଭ ଯୋଜନା, କଲେଜ ଛାତ୍ରୀଛାତ୍ରଙ୍କୁ ଷ୍ଟାଇପେଣ୍ଟ, ଭୀମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ରକୁ ୨୦ କୋଟି ଟଙ୍କାର ଅନୁଦାନ ସହ ପାଟଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ରାସ୍ତା ଓ ପୋଲ ନିର୍ମାଣ ପାଇଁ ଦିଆଯାଇଥିବା ଅନୁଦାନର ବିବରଣୀ ପଢ଼ିଥିଲେ। ପାଣ୍ଡିଆନ୍‌ଙ୍କ ନିର୍ବାଚନୀ ସଭାରେ ୩୦ ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କ ସମାଗମ ହୋଇଥିଲା। ପାଟଣା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଡା.ହରିଶ ଚୌଧୁରୀ ଓ ନିର୍ବାଚନମଣ୍ଡଳୀ ବିଜେଡି ସଂଯୋଜକ କାନନ ବିହାରୀ ପହିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଟଣା ନିର୍ବାଚନମଣ୍ଡଳୀର ସମସ୍ତ ବ୍ଲକ୍ ଅଧକ୍ଷା ଅଧକ୍ଷ, ଜିଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତିସଭ୍ୟ, ସମସ୍ତ ବିଜେଡି ବ୍ଲକ୍ ସଭାପତି ଓ ଛାମୁଆ ନେତାମାନେ ଉପସ୍ଥିତ ଥିଲେ।

ଚମ୍ପୁଆ ରାମଲାଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ପାଣ୍ଡିଆନ୍ ଯୋଗଦେଇ ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ଼ ଓ ଏମ୍‌ପି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି। ମା'ମାନେ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଶକ୍ତି ବୋଲି ଅଭିହିତ କରିବା ସହ ମମତା ଯୋଜନାରେ ସହାୟତା ବୃଦ୍ଧି, ଲକ୍ଷ୍ମୀ ବସ୍ ଭଡ଼ା ୫ଟଙ୍କା କରିବା ଏବଂ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ ପରେ ପ୍ରଥମେ ମାଗଣା ବିଜୁଳି ପ୍ରଦାନ ଉପରେ ଦସ୍ତଖତ କରିବେ ବୋଲି ସେ ପ୍ରକାଶ କରିଥିଲେ। ଏପରିକି ଆଦିବାସୀ ସଂସ୍କୃତି, ଶିକ୍ଷା ଓ ଜୀବନଶୈଳୀ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି। ବିରୋଧୀ ଦଳର ନେତାମାନେ ଓଡ଼ିଶା ବିକାଶରେ ବାଧା ଉପୁଜାଉଥିବା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ରାଜ୍ୟ ବିକାଶର ଚିହ୍ନ ବୋଲି ସେ ଅଭିହିତ କରିଥିଲେ। ବିଧାୟକ ପ୍ରାର୍ଥୀ ସନାତନଙ୍କୁ ୫୦ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ଜିତାଇବା ସହ ଏମ୍‌ପି ପ୍ରାର୍ଥୀ ସିଦ୍ଧୁଙ୍କୁ ଜିତାଇ ଯୋଡ଼ି ଶଙ୍ଖର ମାନ ରଖିଲେ ସେ ପୁଣି ଥରେ ଏହି ଷ୍ଟେଜ୍‌ରେ ଦେଖାଦେବେ ବୋଲି କହିଥିଲେ। ତେବେ ପାଣ୍ଡିଆନ୍ ହେଲିପ୍ୟାଡ୍‌ରୁ ଷ୍ଟେଜ୍ ପର୍ଯ୍ୟନ୍ତ ଯିବା ପାଇଁ ଉଦ୍ଦିଷ୍ଟ ଗାଡ଼ି ବ୍ୟବହାର ନ କରି ଚାଲି ଚାଲି ଯାଇ ଲୋକଙ୍କ ସହ ମିଶିଥିଲେ। ସଭାସ୍ଥଳରେ ଲୋକଙ୍କ ଗହଣରେ ସେଲ୍‌ଫି ନେଇଥିଲେ। ଚମ୍ପୁଆ ଏନ୍‌ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ନିର୍ବାଚନୀ ସଭାରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ, ଜିଲା ସଭାପତି କୁଶ ଆପଟ, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ମହିଳା ସଭାପତି ରମଣୀ ନାୟକ, ଯୋଡ଼ା ମ୍ୟୁନିସିପାଲିଟି ଅଧକ୍ଷ ଜଗଦୀଶ ସାହୁ, ବଡ଼ବିଲ ମ୍ୟୁନିସିପାଲିଟି ଅଧକ୍ଷ ଲାଲଟୁ ମହାନ୍ତଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ପ୍ରାୟ ୧୪ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ।

ସେହିପରି ଘସିପୁରା ବିଧାନସଭା କ୍ଷେତ୍ର ଅଧୀନ ସାଇଁକୁଲସ୍ଥିତ ହାଟ ପଡ଼ିଆଠାରେ ସନ୍ଧ୍ୟା ୬ଟାରେ ବିଶାଳ ଜନସଭାରେ ପାଣ୍ଡିଆନ ଯୋଗଦେଇ ବିଧାୟକ ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ର ଓ କେନ୍ଦୁଝର ଏମ୍‌ପି ପାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କ ପାଇଁ ପ୍ରଚାର କରିଥିଲେ। ବିଧାୟକ ପ୍ରାର୍ଥୀ ପାତ୍ର ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ୱାଧୀନ ପ୍ରାର୍ଥୀ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କୁ ଟାର୍ଗେଟ କରି କଳା ଟଙ୍କାରେ ସେ ଭୋଟରଙ୍କୁ କିଣି ପାରିବେ ନାହିଁ ବୋଲି କହିଥିଲେ।

# ପୋଖରୀରେ ବୁଡ଼ି ୨ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ


ବିଞ୍ଝାରପୁର,୨୧।୫(ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଥାନା ଅନ୍ତର୍ଗତ କପିଳା ପଞ୍ଚାୟତ ରାଁସ-ଗୁହାଳି ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନରେ ଗାଁ ପୋଖରୀରେ ବୁଡ଼ି ୨ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଗୋପ ମଲ୍ଲିକଙ୍କ ଝିଅ ମୋହିନୀ ମଲ୍ଲିକ(୧୨) ଓ ପ୍ରଶାନ୍ତ ମଲ୍ଲିକଙ୍କ ଝିଅ ସ୍ୱର୍ଣ୍ଣପ୍ରଭା ମଲ୍ଲିକ(୧୧)। ୨ ସମ୍ପର୍କୀୟ ଭଉଣୀ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ସେହି ପୋଖରୀରେ ଗାଧୋଉଥିବା ଗ୍ରାମବାସୀ ସେମାନଙ୍କୁ ଉଦ୍ଧାରକରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ୨ ଝିଅଙ୍କୁ ହରାଇ ସେମାନଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

# ଆଜି ପ୍ରଦର୍ଶନ ହେବ 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ'ର ଟ୍ରେଲର

ଭୁବନେଶ୍ୱର,୨୧।୫ (ଶର୍ମିଷ୍ଠା ପାଣିଗ୍ରାହୀ)

କାନ୍ସ ଫିଲ୍ମ ଫେଷ୍ଟିଭାଲ




କାନ୍ସ ଫିଲ୍ମ ଫେଷ୍ଟିଭାଲରେ ବୁଧବାର ଓଡ଼ିଆ ଚଳଚ୍ଚିତ୍ର 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ'ର ଟ୍ରେଲର ପ୍ରଦର୍ଶନ ହେବାକୁ ଯାଉଛି। ଅପରାହ୍ନ ୪ଟା ୧୫ରେ ଏହା ପ୍ରଦର୍ଶିତ ହେବ। ପ୍ରଣବ କୁମାର ଆଏଚଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ଟ୍ରେଲର 'ଭାରତ ପର୍ବ' ଦ୍ୱାରା ପ୍ରଦର୍ଶନ ହେବା ପାଇଁ ମନୋନୀତ ହୋଇଛି। ଫେଷ୍ଟିଭାଲ ଉଦ୍‌ଯାପନୀ ସମାରୋହରେ ଚଳଚ୍ଚିତ୍ରର ପୋଷ୍ଟର ଓ ଟ୍ରେଲର ରିଲିଜ୍ ପାଇଁ ଫିଲ୍ମ ଟିମ୍‌କୁ ନିମନ୍ତ୍ରଣ କରାଯାଇଛି। ଉଲ୍ଲେଖଯୋଗ୍ୟ, ଯାଜପୁର ଜିଲାର ନନ୍ଦ ପୃଷ୍ଟି ଓରଫ ନନ୍ଦ ସାର୍‌ଙ୍କ ଭୂମିକାରେ ଯୁବ ଅଭିନେତା ସାଇଶ୍ରେଷ୍ଠ ଦାସ ଅଭିନୟ କରିଛନ୍ତି। ଦୟା, ଆଗାମୀ ଚିନ୍ତା ଏବଂ ସ୍ଥିରତାର ଏକ ଉଦାହରଣ ଭାବେ ନନ୍ଦ ସାର୍ ଈଶ୍ୱରଙ୍କ ଅନ୍ୟତମ ଉପହାର ଥିଲେ। ୧୦୩ ବର୍ଷ ବୟସରେ ନନ୍ଦ ପୃଷ୍ଟି ପଦ୍ମଶ୍ରୀ ପୁରସ୍କାର ଗ୍ରହଣ ସମୟରେ ତତ୍କାଳୀନ ରାଷ୍ଟ୍ରପତିଙ୍କୁ ଆଶୀର୍ବାଦ କରି ଚର୍ଚ୍ଚାକୁ ଆସିଥିଲେ। ଏଭଳି ଜଣେ ପ୍ରେରଣାଦାୟୀ ଓ ନିଃସ୍ୱାର୍ଥପର ଶିକ୍ଷକଙ୍କ କାହାଣୀ ନିଶ୍ଚିତ ରୂପେ ଆଦର୍ଶ ରାଷ୍ଟ୍ର ନିର୍ମାଣରେ ଆଗାମୀ ଯୁବପଢ଼ିଙ୍କ ପାଇଁ ବଳିଷ୍ଠ ଉଦାହରଣ ବୋଲି କୁହାଯାଇପାରେ।

# ଦୁର୍ଘଟଣାରେ ଇସ୍ରୋ ଛାତ୍ରଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ସୋର, ୨୧।୫ (ଜନ୍ମେଜୟ ମିଶ୍ର)

ଇସ୍ରୋରେ ପାଠ ପଢୁଥିବା ସୋର ପୌରାଞ୍ଚଳ ୧ ନମ୍ବର ୱାର୍ଡ ବାରପଡା ଗ୍ରାମର ଶ୍ରବଣ କୁମାର ଦାସ(୨୧)ଙ୍କ ସୋମବାର କାର୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଗ୍ରାମର ସୁବାସ ଚନ୍ଦ୍ର ଦାସଙ୍କର ଏକମାତ୍ର ପୁଅ ଶ୍ରବଣ ଜଣେ ମେଧାବୀ ଛାତ୍ର ଭାବେ ଇସ୍ରୋ ଦ୍ୱାରା ମନୋନୀତ ହୋଇ ପଢୁଥିଲେ। ସେ ତାଙ୍କର ୩ ଜଣ ସାଙ୍ଗଙ୍କ ସହିତ ଏକ ବାଇକ୍‌ରେ ଯାଉଥିବାବେଳେ ଏକ କାର୍ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକେ ସେଠାରେ ପହଞ୍ଚି ତାଙ୍କ ସହିତ ବାଇକ୍‌ରେ ରହିଥିବା ସାଙ୍ଗମାନଙ୍କୁ ଖୋଜି ପାଇ ନ ଥିଲେ। ସେମାନେ ଦୁର୍ଘଟଣାସ୍ଥଳର ଫେରାର ହୋଇଯାଇଥିବାରୁ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଶ୍ରବଣଙ୍କ ମୃତଦେହ ସୋରରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।


ଶ୍ରବଣ କୁମାର ଦାସ

# ଯାଞ୍ଚ ବେଳେ କାର୍‌ରୁ ୬୦୦ ଗ୍ରାମ୍ ସୁନା ଜବତ

ନୀଳଗିରି, ୨୧।୫(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ମିତ୍ରପୁର ଅଞ୍ଚଳରେ ମଙ୍ଗଳବାର ଗାଡି ଯାଞ୍ଚ ଚାଲିଥିବା ବେଳେ ଏକ କାର୍‌ରୁ ୬୦୦ ଗ୍ରାମ୍‌ର ସୁନା ଜବତ ହୋଇଛି। ନିର୍ବାଚନ ପାଇଁ ପୋଲିସ ସହ ଅଧିକାରୀମାନେ ଯାଞ୍ଚ କରୁଥିଲେ। ବାହାରିଥିବା ସୁନାର କାଗଜପତ୍ର ଦେଖାଇ ନ ପାରିବାରୁ ଅଧିକାରୀମାନେ ଗାଡି ଜବତ କରି ୨ଜଣଙ୍କୁ ନୀଳଗିରି ଥାନାରେ ଅଟକ ରଖିଛନ୍ତି।

# ଓଡ଼ିଶାରେ ୨ୟ ପର୍ଯ୍ୟାୟରେ ୭୩.୧୮% ମତଦାନ

ଭୁବନେଶ୍ୱର, ୨୧।୫ (ସୁନୀତ୍ ମିଶ୍ର)

ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟରେ ସୋମବାର ୫ ଲୋକ ସଭା ଏବଂ ଏହା ଅଧୀନ ୩୫ ବିଧାନସଭା ଆସନରେ ମତଦାନ ହୋଇଛି। ମୋଟ ମତଦାନ ଆପାତତଃ ୭୩.୧୮% ହୋଇଥିବା ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ମଙ୍ଗଳବାର ରାତି ୧୦ଟା ସୁଦ୍ଧା ଦିଆଯାଇଥିବା ସୂଚନାରୁ ଜଣାପଡ଼ିଛି। ୫ ଲୋକ ସଭା ଆସନ ମଧ୍ୟରୁ ଆସିକାରେ ୬୨.୬୭%, ବରଗଡ଼ରେ ୭୯.୭୮%, ବଲାଙ୍ଗୀରରେ ୭୬.୧୧%, କନ୍ଧମାଳରେ ୭୩.୬୬% ଏବଂ ସୁନ୍ଦରଗଡ଼ରେ ୭୨.୭୬% ମତଦାନ ହୋଇଛି। ଆସିକା ଲୋକ ସଭା କ୍ଷେତ୍ରର ୭ ବିଧାନସଭା ଆସନ ମଧ୍ୟରୁ ଆସିକାରେ ୫୯.୦୫%, ହିଞ୍ଜିଳିରେ ୬୧.୦୧%, କବିସୂର୍ଯ୍ୟନଗରରେ ୬୦.୮୮%, ଖଲ୍ଲିକୋଟରେ ୬୩.୯୧%, ପୋଲସରାରେ ୬୪.୪୩%, ସାନଖେମୁଣ୍ଡିରେ ୬୩.୭୨% ଏବଂ ସୋରଡ଼ାରେ ୬୫.୧୨% ମତଦାନ ହୋଇଛି। କନ୍ଧମାଳ ଲୋକ ସଭା କ୍ଷେତ୍ରର ୭ ବିଧାନସଭା ଆସନ ମଧ୍ୟରୁ ବାଲିଗୁଡ଼ାରେ ୭୨.୯%, ଭଞ୍ଜନଗରରେ ୬୬.୧୨%, ବୌଦ୍ଧରେ ୮୧.୪୪%, ଦଶପଲ୍ଲାରେ ୭୩.୩୫%, ଜି.ଉଦୟଗିରିରେ ୬୯.୩୨%, କଣ୍ଟାମାଳରେ ୮୩.୯୯% ଏବଂ ଫୁଲବାଣୀରେ ୭୨.୯୪% ମତଦାନ ହୋଇଛି। ବରଗଡ଼ ଲୋକ ସଭା କ୍ଷେତ୍ରର ୭ ବିଧାନସଭା ଆସନ ମଧ୍ୟରୁ ଅତାବିରାରେ ୭୯.୮୩%, ବରଗଡ଼ରେ ୭୬.୪୯%, ଭଟଲିରେ ୮୪.୧୧%, ବିଜେପୁରରେ ୮୦.୬୮%, ବ୍ରଜରାଜନଗରରେ ୭୬.୯%, ଝାରସୁଗୁଡ଼ାରେ ୮୨.୭୫% ଏବଂ ପଦ୍ମପୁରରେ ୭୭.୬୯% ମତଦାନ ହୋଇଛି। ବଲାଙ୍ଗୀର ଲୋକ ସଭା କ୍ଷେତ୍ରର ୭ ବିଧାନସଭା ଆସନ ମଧ୍ୟରୁ ବୀରମହାରାଜପୁରରେ ୮୧.୯୨%, ବଲାଙ୍ଗୀରରେ ୬୫.୮୫%, କଣ୍ଟାବାଞ୍ଜିରେ ୭୩.୪୨%, ଲୋଇସିଂହାରେ ୭୬.୬୨%, ପାଟଣାଗଡ଼ରେ ୭୩.୪୪%, ସୋନପୁରରେ ୮୩.୨୧% ଏବଂ ଟିଟିଲାଗଡ଼ରେ ୭୯.୪୩% ମତଦାନ ହୋଇଛି। ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରର ୭ ବିଧାନସଭା ଆସନ ମଧ୍ୟରୁ ବୀରମିତ୍ରପୁରରେ ୭୫.୫%, ବଣାଇରେ ୮୧.୧୪%, ରଘୁନାଥପାଲିରେ ୬୩.୬୪%, ରାଜଗାଙ୍ଗପୁରରେ ୭୧.୭୫%, ରାଉରକେଲାରେ ୬୪.୩୫%, ସୁନ୍ଦରଗଡ଼ରେ ୭୫.୮% ଏବଂ ତଳସରାରେ ୭୪.୭୫% ମତଦାନ ହୋଇଛି। ଅନ୍ୟପକ୍ଷରେ ସୋମବାର ସାରା ଦେଶରେ ୪୯ ଲୋକ ସଭା ଆସନରେ ମୋଟ ୬୨.୧୪% ମତଦାନ ହୋଇଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ନିଖୋଜ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ କଙ୍କାଳ ଜବତ

ବେଲଗୁଣ୍ଠା, ୨୧।୫ (କୃଷ୍ଣଚନ୍ଦ୍ର ପଟ୍ଟନାୟକ): ଗତ ୨୭ ଦିନ ପୂର୍ବରୁ ଘରୁ ନିଖୋଜ ହୋଇଯାଇଥିବା ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସାଇକେଲ ଓ କଙ୍କାଳ ଜବତ ହୋଇଛି। ଏହି ଘଟଣା ଘଟିଛି ଗଞ୍ଜାମ ଜିଲା ବେଲଗୁଣ୍ଠା ଅଞ୍ଚଳରେ। ବେଲଗୁଣ୍ଠା ବ୍ଲକ ଶାସନ ପଞ୍ଚାୟତ ଅନ୍ତର୍ଗତ ନୁଣିପଡା ଗ୍ରାମର ରଙ୍କନିଧି ସ୍ୱାଇଁ (୫୦) ଗତ ୨୭ ଦିନ ପୂର୍ବରୁ ଘରୁ ନିଖୋଜ ହୋଇଯାଇଥିଲେ । ମଙ୍ଗଳବାର ଜଣେ ଗାଈ ଚରାଳି ବିଞ୍ଚଣାଠାରୁ ବଡ଼ବୋର୍ସିଂ ଯିବା ରାସ୍ତାର କିଛି ଦୂରରେ ଏକ ସାଇକେଲ ଓ କିଛି ଦୂରରେ ଏକ ନର କଙ୍କାଳ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବର ପାଇ ରଙ୍କନିଧିଙ୍କ ପରିବାର ଲୋକ ପହଞ୍ଚି ରଙ୍କନିଧିଙ୍କ ସାଇକେଲ ଓ ସେଠାରେ ପଡ଼ିଥିବା ଲୁଗାପଟାରୁ କଙ୍କାଳଟି ରଙ୍କନିଧିଙ୍କର ବୋଲି ଚିହ୍ନଟ କରିଥିଲେ । ଖବର ପାଇ ପୋଲିସ ଏବଂ ସାଇଣ୍ଟିଫିକ ଟିମ ପହଞ୍ଚି କଙ୍କାଳ ଜବତ କରି ଫୋରେନ୍ସିକ ଲ୍ୟାବକୁ ପଠାଇଛନ୍ତି। ରିପୋର୍ଟ ଆସିବା ପରେ ଏହି କଙ୍କାଳଟି ରଙ୍କନିଧିଙ୍କର କି ଆଉ କାହାର ପ୍ରକୃତ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଷ୍ଟ୍ରଙ୍ଗରୁମ୍‌ରେ ସିଲ୍‌ହେଲା ପ୍ରାର୍ଥୀଙ୍କ ଭାଗ୍ୟ

ଛତ୍ରପୁର,୨୧।୫ (ଦିଲୀପ ସାମଲ)

ଛତ୍ରପୁର ଅନସ୍କୋ ପରିସରରେ କରାଯାଇଥିବା ଷ୍ଟ୍ରଙ୍ଗରୁମରେ ଇଭିଏମ ରଖାଯିବା ପରେ ମଙ୍ଗଳବାର ଉକ୍ତ କୋଠରୀକୁ ସିଲ କରାଯାଇଛି। ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଏହାକୁ ସିଲ କରାଯିବା ସହ ୨୪ ଘଣ୍ଟିଆ ପୁଲିସ ମୁତୟନ କରାଯାଇ ସିସିଟିଭି ନଜରରେ ରଖାଯାଇଛି। ସୋମବା ଗଞ୍ଜାମ ଜିଲାର ୨ୟ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ହିଞ୍ଜିଳି, ଖଲ୍ଲିକୋଟ, କବିସୂର୍ଯ୍ୟନଗର ଓ ପୋଲସରା ନିର୍ବାଚନ ମଣ୍ଡଳୀର ଭୋଟ ବାକ୍ସଗୁଡିକ କଡା ସୁରକ୍ଷା ବଳୟରେ ଅଣାଯାଇ ଏଠାରେ ରଖାଯାଇଥିଲା। ସେହିପରି ବ୍ରହ୍ମପୁର ୟୁସିପି ଇଞ୍ଜିନିୟରିଂ ସ୍କୁଲରେ ବ୍ରହ୍ମପୁର, ଗୋପାଳପୁର, ଚିକିଟି, ଦିଗପହଣ୍ଡି ଓ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଭୋଟ ବାକ୍ସ ରଖାଯାଇଛି। ସେହିପରି ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ରଭଞ୍ଜ କଲେଜରେ ଭଞ୍ଜନଗର, ସୋରଡା ଓ ଆସ୍କା ନିର୍ବାଚନ ମଣ୍ଡଳୀ ଭୋଟ ବାକ୍ସ ରଖାଯାଇଛି।

### ସାମାଜିକ କର୍ମୀଙ୍କ ବିୟୋଗ

ବୁଗୁଡ଼ା,୨୧।୫(କାଳିଚରଣ ଦାଶ)

ବୁଗୁଡ଼ା ଅରବିନ୍ଦ ନଗର ନିବାସୀ ସାମାଜିକ କର୍ମୀ ତଥା ଚାଷୀ ଭାବଗ୍ରାହୀ ମହାନ୍ତି(୫୫)ଙ୍କ ହୃଦ୍‌ଘାତର ପରଲୋକ ହୋଇଯାଇଛି। ତାଙ୍କୁ ବୁଗୁଡ଼ା ମେଡିକାଲରେ ଡାକ୍ତର ମୃତ ଘୋଷଣା କରିବା ପରେ ମର ଶରୀରକୁ ତାଙ୍କର ଅରବିନ୍ଦ ନଗରସ୍ଥିତ ବାସଭବନକୁ ଅଣାଯାଇଥିଲା। ଘୁମୁସର ସାଙ୍ଗଠନିକ ଜିଲା ଭାଜପାର ସଭାପତି ଗୋକୁଳାନନ୍ଦ ମଲିକ, ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ସ୍ଥାନୀୟ ବଡ଼ଶଙ୍ଖସ୍ଥିତ ଶ୍ମଶାନ ଘାଟରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା।

# ପୁରୁଷଙ୍କ ତୁଳନାରେ ମହିଳାଙ୍କ ମତଦାନ ଅଧିକ

## ଭଞ୍ଜନଗରରେ ୬୯,ସୋରଡ଼ାରେ ୬୫,ଆସିକାରେ ୫୯ ପ୍ରତିଶତ

ଭଞ୍ଜନଗର,୨୧।୫(ବାବୁଲା ପ୍ରଧାନ)

ବର୍ଷା ସମେତ ବିଭିନ୍ନ କାରଣ ଯୋଗୁ ଭଞ୍ଜନଗର, ଆସିକା ଓ ସୋରଡ଼ା ନିର୍ବାଚନମଣ୍ଡଳୀର ଅନେକ ବୁଥ୍‌ରେ ସୋମବାର ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଏହାପରେ ପୋଲିଂ କର୍ମଚାରୀମାନେ ଇଭିଏମ୍‌କୁ ସିଲ୍ କରି ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ଆଣି ଦାଖଲ କରିଥିଲେ। ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ପୋଲିଂ କର୍ମଚାରୀମାନେ ମେସିନ୍ ଏବଂ କାଗଜପତ୍ର ଦାଖଲ କରୁଥିଲେ। ଆଜି ସକାଳ ସାଢ଼େ ୭ଟାରେ ସମସ୍ତ କାର୍ଯ୍ୟ ସରିଥିଲା। ଉପ ଜିଲାପାଳ ଅନିଲ କୁମାର ସେଠୀଙ୍କ ସମେତ ସ୍ୱତନ୍ତ୍ର କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ମେସିନ୍‌ଗୁଡ଼ିକୁ ଷ୍ଟ୍ରଙ୍ଗ୍ ରୁମ୍‌ରେ ସିଲ୍ କରି ରଖାଯାଇଥିଲା। ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ୬୮.୭୧ ପ୍ରତିଶତ ମତଦାନ ହୋଇଛି। ସୋରଡ଼ା ନିର୍ବାଚନମଣ୍ଡଳୀରେ ୬୫.୧୨ ପ୍ରତିଶତ ଏବଂ ଆସିକା ନିର୍ବାଚନମଣ୍ଡଳୀରେ ୫୯.୦୫ ପ୍ରତିଶତ ମତଦାନ ହୋଇଛି।



ସଖୀ ବୁଥ୍ ପୋଲିଂ କର୍ମଚାରୀମାନେ ଷ୍ଟ୍ରଙ୍ଗ୍ ରୁମ୍ ଅଭିମୁଖେ ବାହାରୁଛନ୍ତି ।

ବର୍ଷା ଏବଂ ବିଦ୍ୟୁତ୍ କାଟ ଯୋଗୁ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ମତଦାନ ବହୁତ କମିବା ଆଶଙ୍କା କରାଯାଉଥିଲା। ଯେହେତୁ ଅପରାହ୍ନ ୫ଟା ସୁଦ୍ଧା ମାତ୍ର ୪୯ ପ୍ରତିଶତ ମତଦାନ ହୋଇଥିଲା। କିନ୍ତୁ ମତଦାନର ନିର୍ଦ୍ଧାରିତ ସମୟ ପୂର୍ବରୁ ମତଦାତାମାନେ ବୁଥ୍ ଭିତରକୁ ଚାଲି ଯାଇଥିବା ଯୋଗୁ ମତଦାନ ହାର ବୃଦ୍ଧି ପାଇଥିଲା। ସୋରଡ଼ାରେ ମଧ୍ୟ ମତଦାନ କିଛିଟା ସନ୍ତୋଷଜନକ ଅଛି । କିନ୍ତୁ ଆସିକାରେ ମତଦାନ ବହୁତ କମିଯାଇଛି। ସେଠାରେ ମାତ୍ର ୫୯.୦୫ ପ୍ରତିଶତ ମତଦାନ ହୋଇଥିଲା । ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ସମୁଦାୟ ୨ଲକ୍ଷ ୩୯ ହଜାର ୪୫୩ ଜଣ ମତଦାତାଙ୍କ ମଧ୍ୟରୁ ୧ଲକ୍ଷ ୬୪ ହଜାର ୫୨୬ଜଣ ମତଦାନ କରିଛନ୍ତି । ସେଥିମଧ୍ୟରେ ମହିଳା ୮୩୫୮୮, ପୁରୁଷ ମତଦାତା ୮୦୯୩୦ ଏବଂ ତୃତୀୟ ଲିଙ୍ଗ ୮ଜଣ ମତଦାନ କରିଛନ୍ତି । ସୋରଡ଼ା ନିର୍ବାଚନମଣ୍ଡଳୀରେ ସମୁଦାୟ ଭୋଟର ୨ଲକ୍ଷ ୩୫ ହଜାର ୩୪୧ ଥିବା ବେଳେ ସେଥିମଧ୍ୟରୁ ୧ଲକ୍ଷ ୫୩ ହଜାର ୨୫୪ଜଣ ମତଦାନ କରିଛନ୍ତି । ୭୯୯୧୦ ଜଣ ମହିଳା ଏବଂ ୭୩୩୪୧ ପୁରୁଷ ଭୋଟର ମତଦାନ କରିଛନ୍ତି । ଏଥିସହ ୩ଜଣ ତୃତୀୟ ଲିଙ୍ଗ ଭୋଟର ମତଦାନ କରିଛନ୍ତି। ଆସିକାରେ ୨ଲକ୍ଷ ୨୭ଶହ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୧୯ ହଜାର ୬୮୮ଜଣ ମତଦାନ କରିଛନ୍ତି। ସେଥିମଧ୍ୟରେ ୬୨ ହଜାର ୧୪୮ ଜଣ ମହିଳା ଏବଂ ୫୭ ହଜାର ୫୪୦ ପୁରୁଷ ଭୋଟର ମତଦାନ କରିଛନ୍ତି। ତୃତୀୟ ଲିଙ୍ଗ ଭୋଟର ଜଣେ ମଧ୍ୟ ମତଦାନ କରିନାହାନ୍ତି । ଉକ୍ତ ୩ଟି ଯାକ ନିର୍ବାଚନମଣ୍ଡଳୀରେ ମହିଳା ଭୋଟରଙ୍କ ତୁଳନାରେ ପୁରୁଷ ଭୋଟର ଅଧିକ ଅଛନ୍ତି। କିନ୍ତୁ ପୁରୁଷମାନଙ୍କ ତୁଳନାରେ ମହିଳାମାନେ ଅଧିକ ଆଗ୍ରହର ସହ ଘରୁ ବାହାରି ମତଦାନ କରିଛନ୍ତି। ତେଣୁ ମହିଳା ଭୋଟରମାନେ ଯେଉଁଆଡ଼େ ଅଧିକ ଭୋଟ ଦେଇଥିବେ ସମ୍ପୃକ୍ତ ପ୍ରାର୍ଥୀ ଜିତିବା ସମ୍ଭାବନା ରହିଛି ବୋଲି ଆଲୋଚନା ହେଉଛି। ଯାହାକୁ ନେଇ ସମସ୍ତ ରାଜନୈତିକ ଦଳର ପ୍ରାର୍ଥୀମାନେ ଅଙ୍କ କଷା ଆରମ୍ଭ କରି ଦେଇଛନ୍ତି । ଏହି ୩ଟି ଯାକ ନିର୍ବାଚନମଣ୍ଡଳୀରେ ବିଜେଡ଼ି ଏବଂ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ ମୁହାଁମୁହିଁ ପ୍ରତିଦ୍ୱନ୍ଦିତା ହେଉଥିବା ଅନୁମାନ କରାଯାଉଛି।

# ଡ୍ରପ୍‌ଆଉଟ ମୁକ୍ତ ଲକ୍ଷ୍ୟରେ ଶିଶୁଙ୍କର ତାଲିକା ପ୍ରସ୍ତୁତ

ପାରଳାଖେମୁଣ୍ଡି, ୨୧।୫ (ଗିରିଧାରୀ ପରିଚ୍ଛା)

ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଅନ୍ତର୍ଗତ ଆର.ଉଦୟଗିରି ଓ ଗୁମ୍ମା ବ୍ଲକକୁ ଡ୍ରପଆଉଟ ମୁକ୍ତ କରିବା ଲକ୍ଷ୍ୟ ନେଇ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଆଗକୁ ନେବା ଲକ୍ଷ୍ୟରେ ପିରମଲ ଫାଉଣ୍ଡାସନ ପକ୍ଷରୁ ସମସ୍ତ ଅଙ୍ଗନବାଡି କର୍ମୀ, ସିଆରସିସି ସୁପରଭାଇଜର, ଶିଶୁ ବିକାଶ ଯୋଜନା ଅଧିକାରୀଙ୍କୁ ନେଇ ପର୍ଯ୍ୟାୟ କ୍ରମେ ଆଲୋଚନାଚକ୍ର ଆୟୋଜନ କରାଯାଇଛି। ଏଥିରେ ଓସେପା ପୋର୍ଟାଲର ତଥ୍ୟକୁ ଭିତ୍ତିକରି ଡ୍ରପଆଉଟର କାରଣ, ଗ୍ରାମମାନଙ୍କରେ ପରିବାରର ସ୍ଥିତି ଓ ଏହାକୁ ରୋକିବା ପାଇଁ ବିଭିନ୍ନ ରଣନୀତି ସମ୍ପର୍କରେ ଆଲୋକପାତ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଅଙ୍ଗନବାଡି କର୍ମୀ, ମହିଳା ସଂଘ ସଦସ୍ୟା ଏବଂ ଗାନ୍ଧୀ ଫେଲୋଙ୍କ ମିଳିତ ସହଯୋଗରେ ଘରେ ଘରେ ସର୍ଭେ କରି ୬-୧୮ ବର୍ଷ ବୟସ ଶିଶୁଙ୍କ ଡ୍ରପଆଉଟ ଡାଟା ଆଣି ତାଲିକା ପ୍ରସ୍ତୁତ କରାଯିବ। ସର୍ଭେ ସମୟରେ ସରକାରୀ ବିଦ୍ୟାଳୟରେ ପଢୁଥିଲେ ଛାତ୍ରମାନଙ୍କୁ ମିଳୁଥିବା ସମସ୍ତ ସୁବିଧାଗୁଡିକ ତଥା ପ୍ରାକ ଛାତ୍ରବୃତ୍ତି, ମଧ୍ୟାହ୍ନ ଭୋଜନ,



ୟୁନିଫର୍ମ, ସ୍ମାର୍ଟକ୍ଲାସ ଶିକ୍ଷାଦାନ, ମାଗଣା ପାଠ୍ୟପୁସ୍ତକ, ପାଠାଗାର ବ୍ୟବସ୍ଥା, ଆବାସିକ ବିଦ୍ୟାଳୟ ବ୍ୟବସ୍ଥା ଆଦିର ବିବରଣୀ ବିସ୍ତୃତ ଭାବେ ପରିବାରରେ ଥିବା ଡ୍ରପଆଉଟ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କୁ ପ୍ରଦାନ କରାଯିବା ସହ ସ୍କୁଲରେ ପୁନଃ ଉପସ୍ଥାନ ବଢାଇବା ପାଇଁ ଉତ୍ସାହିତ କରାଯାଉଛି। ଆଗାମୀ ଦିନରେ ଏଥି ସମ୍ବନ୍ଧୀୟ ଅନେକ ଜନସଚେତନତା ଅଭିଯାନ ଯଥା ରାଲି, ଚିତ୍ରାଙ୍କନ, ଛାତ୍ର ଅନୁକୂଳ ପରିବେଶ ପାଇଁ ଅଭିଯାନ ଆୟୋଜନ ହେବ ଏବଂ ବ୍ଲକସ୍ତରରେ ଶିଶୁ ବିକାଶ ଯୋଜନା ଅଧିକାରୀ ଓ ଶିକ୍ଷାଧିକାରୀ ଏହାର ନେତୃତ୍ୱ ନେବେ। ପ୍ରତ୍ୟେକ ପିଲା କିପରି ଗୁଣାତ୍ମକ ଶିକ୍ଷା ପ୍ରାପ୍ତ କରିବେ ଏବଂ ସେମାଙ୍କ ଉତ୍ତରୋତ୍ତର ଉନ୍ନତି ହେବ ସେଥିପାଇଁ ପ୍ରଶାସନ ସମସ୍ତ ସହଯୋଗ କରୁଛନ୍ତି ବୋଲି ପିରାମଲ ଫାଉଣ୍ଡେସନର ଦେବବ୍ରତ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଆର.ଉଦୟଗିରି ବ୍ଲକର ସମସ୍ତ ସ୍କୁଲ ଗ୍ରାମମାନଙ୍କରେ ସୂଚନାପ୍ରାପ୍ତ ତଥ୍ୟର ଶିଶୁ ସୁରକ୍ଷା କମିଟି ମାଧ୍ୟମରେ ସମୀକ୍ଷା କରିବା ପରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତ ଚେଷ୍ଟା କରାଯିବ ବୋଲି ଆର.ଉଦୟଗିରି ବିଡିଓ ଲାରିମେନ ଖର୍ସେଲ ଓ ଶିଶୁ ବିକାଶ ଯୋଜନା ଅଧିକାରୀ ଲଳିତା ପୂଜାରୀ ସୂଚନା ଦେଇଛନ୍ତି।

# ଦାରିଙ୍ଗବାଡ଼ିରେ ୭୧.୯୯% ମତଦାନ

ଦାରିଙ୍ଗବାଡ଼ି,୨୧।୫ (ଅରୁଣ ସାହୁ)

ଜି. ଉଦୟଗିରି ନିର୍ବାଚନମଣ୍ଡଳୀର ପ୍ରାୟ ୨ ଲକ୍ଷ ୮ ହଜାର ୧୮୩ ମତଦାତା ରହିଥିବା ବେଳେ ଟିକାବାଲି, ଜି. ଉଦୟଗିରି, ରାଇକିଆ ଏବଂ ଦାରିଙ୍ଗବାଡି ବ୍ଲକକୁ ନେଇ ଉକ୍ତ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଦାରିଙ୍ଗବାଡିରେ ୭୧.୯୯ ପ୍ରତିଶତ ମତଦାନ ହୋଇଛି।

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ୮୪ହଜାର ୭୪୬ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ମତଦାତା ୪୩ହଜାର ୮୮୧ରହିଥିବା ବେଳେ ମୋଟ ୩୧ ହଜାର ୪୯୩ଜଣ ମହିଳା ମତଦାତା ନିଜ ମତଦାନ ସାବ୍ୟସ୍ତ କରି ପୁରୁଷଙ୍କଠାରୁ ଆଗରେ ରହିଛନ୍ତି। ସେହିପରି ପୁରୁଷ ମତଦାତାଙ୍କ ସଂଖ୍ୟା ୪୦ହଜାର ୮୫୦ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୯ହଜାର ୫୦୯ ମତଦାନ କରିଛନ୍ତି। ସେହିପରି ଥାର୍ଡ ଜେଣ୍ଡର ୧୫ରହିଥିବା ବେଳେ ମାତ୍ର ୪ଜଣ ମତଦାନ କରିଥିବା ଜଣାପଡିଛି। ଉକ୍ତ ବ୍ଲକର ୨୫ପଞ୍ଚାୟତରେ ଗୋଟିଏ ସ୍ୱତନ୍ତ୍ର ବୁଥକୁ ମିଶାଇ ୧୦୭ଟି ମତଦାନ କେନ୍ଦ୍ର ଖୋଲାଯାଇ ଭୋଟ ସଂଗ୍ରହ କରାଯାଇଥିଲା। ଏହି ମତଦାନ କେନ୍ଦ୍ରଗୁଡିକରୁ ଭ୍ରମରବାଡି ପଞ୍ଚାୟତ କେରୁବାଡି କେନ୍ଦ୍ରରେ ମତଦାନ ହାର ମାତ୍ର ୫୩.୩୬ ପ୍ରତିଶତ ରହିଥିବା ବେଳେ ସର୍ବାଧିକ ସିର୍କାବର୍ଗ ପଞ୍ଚାୟତ ବାଞ୍ଚାମାହା ମତଦାନ କେନ୍ଦ୍ରରେ ୮୬.୯୬ ପ୍ରତିଶତ ରହିଛି। ଏକାଧିକ ଲୋକ ମତଦାନ କେନ୍ଦ୍ରକୁ ଆସି ଭୋଟର ତାଲିକାରେ ନାମ ନ ଥିବାରୁ ନିରାଶ ହୋଇ ଫେରିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଆରଡବ୍ଲ୍ୟୁଏସ୍‌ଏସ୍‌ର ପୂର୍ବତନ ସହକାରୀ ଯନ୍ତ୍ରୀଙ୍କୁ ୩ ବର୍ଷ ଜେଲ

ପାରଳାଖେମୁଣ୍ଡି, ୨୧।୫ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଜଳ ଓ ପରିମଳ ବିଭାଗ (ଆରଡବ୍ଲ୍ୟୁଏସଏସ)ର ପୂର୍ବତନ ସହକାରୀ ଯନ୍ତ୍ରୀ ନାରାୟଣ ପଣ୍ଡାଙ୍କୁ ଭିଜିଲାନ୍ସ କୋର୍ଟ ୩ବର୍ଷ ଦଣ୍ଡାଦେଶ ଦେଇଛନ୍ତି। ଶ୍ରୀ ପଣ୍ଡା କାର୍ଯ୍ୟରତ ଥିବା ବେଳେ ବେଆଇନ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨) ରିଡ ୱିଥ ସେକ୍ସନ ୧୩(୧)(e) ଓ ଭାରତୀୟ ପିଙ୍ଗଳ କୋଡ ଧାରା ୧୦୯ରେ ମାମଲା ରୁଜୁ ହୋଇଥିଲା। ମଙ୍ଗଳବାର ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ରାୟ ଅନୁସାରେ ଶ୍ରୀ ପଣ୍ଡାଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହ ୨୦ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରାଯାଇଛି। ଜୋରିମାନା ଅନାଦାୟ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏହି ମାମଲାର ତଦନ୍ତ ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନର ପୂର୍ବତନ ଡ଼ିଏସପି ତଥା ବର୍ତ୍ତମାନର ରାଉରକେଲା ଡିଭିଜନର ଭିଜିଲାନ୍ସ ଏସ୍‌ପି ଦେବନାରାୟଣ ଦାସ ତଦନ୍ତ କରିଥିବାବେଳେ ବ୍ରହ୍ମପୁର ଭିଜିଲାନ୍ସ କୋର୍ଟରେ ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ସୁରେନ୍ଦ୍ର ପଣ୍ଡା ଲଢୁଥିଲେ ।

## ସୁମଣ୍ଡଳରେ ନିର୍ବାଚନ ପରବର୍ତ୍ତୀ ହିଂସା

# ଭାଜପା କର୍ମୀଙ୍କୁ ସଂଘବଦ୍ଧ ଆକ୍ରମଣ

କବିସୂର୍ଯ୍ୟନଗର/ ବ୍ରହ୍ମପୁର,୨୧।୫ (କୃପାସିନ୍ଧୁ ସ୍ୱାଇଁ/ ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେଗୁନିଆପଡା ବ୍ଲକ ବାଣିଆବାଣୀ ଛକରେ ମଙ୍ଗଳବାର ରାତିରେ ଜଣେ ଭାଜପା କର୍ମୀଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଗୁରୁତର ଭାଜପା କର୍ମୀ ତପନ କୁମାର ବିଶ୍ୱାଳଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୁମଣ୍ଡଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ପୁଅ ତପନ ରାତି ପ୍ରାୟ ୮ଟାରେ ବାଣିଆବାଣୀ ଛକସ୍ଥିତ ଏକ ଗ୍ୟାରେଜରେ ଛିଡା ହୋଇଥିଲେ। ଏହି ସମୟରେ ଏକ ନିର୍ଦ୍ଦିଷ୍ଟ ଦଳର କେତେଜଣ କର୍ମୀ ଆସି ଭାଜପାକୁ କାହିଁକି ସମର୍ଥନ କରୁଛୁ ବୋଲି ତପନଙ୍କୁ କହି ଆକ୍ରମଣ କରିଥିବା ତାଙ୍କ ବନ୍ଧୁ କେଶବ ସାହୁ ପ୍ରକାଶ କରିଛନ୍ତି। ଏ ନେଇ ବେଗୁନିଆପଡା ଥାନା ଆଇଆଇସି ଅଶୋକ କୁମାର ହାଁସଦାଙ୍କୁ ପଚାରିବାରୁ ସେ କହିଛନ୍ତି, ଆକ୍ରମଣସ୍ଥଳରେ ତଦନ୍ତ କରାଯାଉଛି। ସେଠାରେ ପଡିଥିବା ରକ୍ତ ନମୁନା ସଂଗ୍ରହ କରାଯାଇଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।



ତପନ କୁମାର ବିଶ୍ୱାଳ

# ଡିଭାଇଡରରେ ପିଟିହେଲା ବସ୍, ବର୍ତ୍ତିଲେ ୨୦ ପୋଲିସ କର୍ମଚାରୀ




ଛତ୍ରପୁର,୨୧।୫ (ଦିଲୀପ ସାମଲ)

ନିର୍ବାଚନ ଡ୍ୟୁଟି ସାରି ଭଞ୍ଜନଗରରୁ ଏକ ବସ ପୋଲିସ କର୍ମଚାରୀଙ୍କୁ ଧରି ଛତ୍ରପୁର ଫେରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଛତ୍ରପୁର ଡିଆରଡିଏ ଛକ ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଡିଭାଇଡରରେ ପିଟି ହୋଇଯାଇଥିଲା। ତେବେ ଏଥିରେ ବସିଥିବା ୨୦ ଜଣ ପୋଲିସ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଜଣେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ତାଙ୍କ ନାମ ପୂର୍ଣ୍ଣଚନ୍ଦ୍ର ମିଶାଳ। ସେ ଛତ୍ରପୁର ମେଡିକାଲରେ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ସୋମବାର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ପୋଲିସ କର୍ମଚାରୀଙ୍କୁ ଧରି ବସ୍‌ଟି ମଙ୍ଗଳବାର ଭୋରରୁ ଭଞ୍ଜନଗରରୁ ଛତ୍ରପୁର ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ

ଦିଗପହଣ୍ଡି,୨୧।୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ନଗର କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ଦୀପକ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱର୍ଗୀୟ ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଭାରତର ଆଭ୍ୟନ୍ତରୀଣ ଶାନ୍ତି ସ୍ଥାପନ, ୧୮ ବର୍ଷରେ ଭୋଟଦାନ ଅଧିକାର ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ସଙ୍ଗେସଙ୍ଗେ ବହୁ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ ହୋଇପାରିଥିବା ସେ ପ୍ରକାଶ କରିଥିଲେ। ଏଥିରେ ଆଇନଜୀବୀ ରସାନନ୍ଦ ରାଉତ, ଏନଏସି ଉପାଧ୍ୟକ୍ଷା କେ. ପୂଜା, ବରିଷ୍ଠ ନେତା ଏ.କେଶବ ରାଓ, କାଉନସିଲର ସୁନିଲ ପଣ୍ଡା, ଯୁବନେତା କେ. କୁନା, ରଞ୍ଜିତ ବେହେରା, ବାଲ୍ମିକୀ ବେହେରା, ଡମ୍ବରୁ ବେହେରା, କୈଳାସ ରଣା, ଇ.ଶଙ୍କର, ଶୁକ୍ରୁ ସେଠୀ, ଏମ. ବାଇନାଥ, ଶଙ୍କର ରାଓ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

# ୟୁରୋ ସ୍କୁଲକୁ ଯୁକ୍ତ୨ ବିଜ୍ଞାନ ମାନ୍ୟତା ପାଇଁ କେନ୍ଦ୍ରୀୟ ପ୍ରତିନିଧିଙ୍କ ଅନୁଧ୍ୟାନ



ଦୁଇ କେନ୍ଦ୍ରୀୟ ପ୍ରତିନିଧି ଦଳ ଅନୁଧ୍ୟାନ କରୁଛନ୍ତି।

ଛତ୍ରପୁର, ୨୧।୫ (ଦିଲୀପ ସାମଲ)

ଛତ୍ରପୁର ସହରର ପ୍ରଥମ ସିବିଏସଇ ଅନୁବନ୍ଧିତ ୟୁରୋ ସ୍କୁଲକୁ ଯୁକ୍ତ ୨ ବିଜ୍ଞାନ ମାନ୍ୟତା ଦେବା ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ଦୁଇଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ଛତ୍ରପୁରସ୍ଥିତ ୟୁରୋ ସ୍କୁଲକୁ ଗସ୍ତ କରି ଅନୁଧ୍ୟାନ କରିଛନ୍ତି । ପୂର୍ବରୁ ଏହି ଅନୁଷ୍ଠାନ ୧ମରୁ ୧୦ମ ଶ୍ରେଣୀ ପାଇଁ ମାନ୍ୟତା ପାଇଛି। ଆଜି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ପୁରୀ ଜବାହର ନବୋଦୟ ବିଦ୍ୟାଳୟର ପ୍ରିନ୍ସିପାଲ ନୃସିଂହଚରଣ କର ଓ ଘନଶ୍ୟାମ ହେମଲତା ବିଦ୍ୟାଳୟର ପ୍ରିନ୍ସିପାଲ ଅଶ୍ୱିନୀ କୁମାର ପାଲ ଛତ୍ରପୁର ୟୁରୋ ସ୍କୁଲକୁ ପରିଦର୍ଶନ କରି ଯୁକ୍ତ ୨ ବିଜ୍ଞାନ ମାନ୍ୟତା ଦେବା ପାଇଁ ଆବଶ୍ୟକୀୟ ସ୍ଥିତିକୁ ଅନୁଧ୍ୟାନ କରିଛନ୍ତି। ତେବେ ଖୁବଶୀଘ୍ର ଅନୁଷ୍ଠାନକୁ ଯୁକ୍ତ ୨ ବିଜ୍ଞାନରେ ଛାତ୍ରୀଛାତ୍ର ଅଧ୍ୟୟନ ପାଇଁ ସ୍ୱୀକୃତି ପ୍ରଦାନ କରାଯିବ ବୋଲି ପ୍ରତିନିଧି ଦଳ ସୂଚନା ଦେଇଛନ୍ତି । ଏହି ସମୟରେ ଅନୁଷ୍ଠାନ ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର, ମୁଖ୍ୟ ପୃଷ୍ଠପୋଷକ ସସ୍ମିତା ମହାପାତ୍ର, ପ୍ରିନ୍ସିପାଲ ତପସ୍ୱିନୀ ସାହୁ, ଏକାଡେମୀ ନିର୍ଦ୍ଦେଶକ ପ୍ରମୋଦ କୁମାର ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

# ବାଲିଗୁଡ଼ା ଷ୍ଟ୍ରଙ୍ଗ୍‌ରୁମରେ ସିଲ୍ ହେଲା ୧୩ ପ୍ରାର୍ଥୀଙ୍କ ଭାଗ୍ୟ

ବାଲିଗୁଡ଼ା,୨୧।୫(ସଞ୍ଜୟ କୁମାର ପାଣିଗ୍ରାହୀ)

ଇଭିଏମ୍‌ରେ ବାଲିଗୁଡାର ୫ଜଣ ଓ ଜି.ଉଦୟଗିରିରେ ୮ଜଣ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଛି। କନ୍ଧମାଳ ଜିଲା ବାଲିଗୁଡା ବିଧାନସଭା ଅନ୍ତର୍ଗତ ୪ଟି ବ୍ଲକ ବାଲିଗୁଡ଼ା, ତୁମୁଡିବନ୍ଧ, କୋଟଗଡ଼ ଓ କ.ନୂଆଗାଁ ବ୍ଲକ ସମେତ ବାଲିଗୁଡା ଏନ୍‌ଏସିରେ ହୋଇଥିବା ନିର୍ବାଚନର ଇଭିଏମ୍ ବକ୍ସଗୁଡିକ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଷ୍ଟ୍ରଙ୍ଗରୁମରେ କଡ଼ା ସୁରକ୍ଷାରେ ରଖାଯାଇଛି। ସେହିଭଳି ଜି.ଉଦୟଗିରି ବିଧାନସଭା ଅନ୍ତର୍ଗତ ୪ଟି ବ୍ଲକ ଜି.ଉଦୟଗିରି, ରାଇକିଆ, ଟିକାବାଲି, ଦାରିଙ୍ଗବାଡି ଓ ଜି.ଉଦୟଗିରି ଏନ୍‌ଏସି ଅଞ୍ଚଳରେ ହୋଇଥିବା ନିର୍ବାଚନର ଇଭିଏମ୍ ବକ୍ସଗୁଡିକ ମଧ୍ୟ ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ପରିସରରେ ଥିବା ଷ୍ଟ୍ରଙ୍ଗରୁମରେ କଡ଼ା ସୁରକ୍ଷାରେ ରଖାଯାଇଛି। ଏହି ଦୁଇଟି ନିର୍ବାଚନମଣ୍ଡଳୀର ଫଳାଫଳ ଜୁନ ୪ରେ ଘୋଷଣା ହେବ ବୋଲି ଜଣାପଡ଼ିଛି।

# ଡାଲି ଦର ୧୭୦ ଛୁଇଁଲା

## ହୋଲ୍‌ସେଲ ବଜାରରେ କୁଇଣ୍ଟାଲ ପିଛା ବଢ଼ିଲା ୧୫୦୦

ବ୍ରହ୍ମପୁର,୨୧।୫(ଅଶୋକ କୁମାର ସାହୁ)

ରାଜ୍ୟରେ ହରଡ଼ ଡାଲିର ଦର ହୁ ହୁ ହୋଇ ବଢ଼ିଚାଲିଛି। ଚଳିତ ମାସ ଆରମ୍ଭରେ କେଜି ପିଛା ଦର ୧୬୦ ଥିବାବେଳେ ଏବେ ଖୁଚୁରା ଦର କିଲୋପିଛା ୧୭୦ ରହିଛି। ଏପ୍ରିଲ ଆରମ୍ଭରେ ହୋଲସେଲ ଦର ୧୩୭ ଥିବାବେଳେ ଏହା ବଢ଼ି ମାସର ଶେଷ ସପ୍ତାହ ବେଳକୁ ୧୪୫ରେ ପହଞ୍ଚିଥିଲା। ଚଳିତ ମାସରେ ଏହା କୁଇଣ୍ଟାଲ ପିଛା ୧୫୦୦ ଟଙ୍କା ବଢ଼ିଛି ବୋଲି ବ୍ରହ୍ମପୁର ବଡବଜାରରୁ ସୂଚନା ମିଳିଛି। ଯଦି ଗତ ୨ ମାସକୁ ଦେଖିଲେ ଡାଲିର ହୋଲସେଲ ଦର କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ବଢ଼ିଥିବା ସ୍ପଷ୍ଟ ହୋଇଛି।

ଓଡ଼ିଶାରେ ଆବଶ୍ୟକ ମୁତାବକ ଡାଲି ଉତ୍ପାଦନ ହେଉ ନ ଥିବାରୁ ବାହାରୁ ଆମଦାନୀ କରାଯାଉଛି। ବିଶେଷଜ୍ଞ ଓ ବଜାରର କିଛି ପ୍ରମୁଖ ବ୍ୟବସାୟୀଙ୍କ କହିବାନୁଯାୟୀ ଗଞ୍ଜାମ ଓ ପଡୋଶୀ ଜିଲାଗୁଡିକରେ ଡାଲି ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ନାହିଁ। କୃଷି ବିଭାଗ ପକ୍ଷରୁ ଏହି ଚାଷ ପ୍ରତି ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଜରୁରୀ। କୋରାପୁଟ ଓ କନ୍ଧମାଳ ଜିଲାର ଜଳବାୟୁ ଓ ମାଟି ଡାଲି ପାଇଁ ଉତ୍କୃଷ୍ଟ। ସେଠାରେ କିଛି ପରିମାଣରେ ଡାଲି ଚାଷ କରାଯାଉଛି। ଯାହା ଉତ୍ପାଦନ ହେଉଛି, ତାହା ସେହି ଅଞ୍ଚଳ ପାଇଁ ବି ପର୍ଯ୍ୟାପ୍ତ ନୁହେଁ। ତେଣୁ ନାଗପୁର ଓ ଆକୋଲାରୁ ଡାଲି ଆମଦାନୀ କରାଯାଉଛି। ସେଠାରେ ମଧ୍ୟ ଉତ୍ପାଦନ ହ୍ରାସ ପାଉଥିବାରୁ ଦର ବହୁତ ବଢ଼ିଛି। ଓଡ଼ିଶା ବ୍ୟବସାୟୀ ମହାସଂଘର ସଭାପତି ବ୍ରହ୍ମପୁରର ସି.ଏଚ.ରବୀନ୍ଦ୍ରନାଥଙ୍କୁ ପଚାରିବାରୁ ସେ କହିଛନ୍ତି, ଡାଲି ଦର କେବଳ ବ୍ରହ୍ମପୁର ନୁହେଁ, ସାରା ରାଜ୍ୟରେ ବଢ଼ିଛି। ବର୍ତ୍ତମାନ କୁଇଣ୍ଟାଲ ପ୍ରତି ୧୬,୨୦୦ ରହିଛି। ଦର ଆଗକୁ ବଢ଼ିବ କି ନାହିଁ ସେ ସମ୍ପର୍କରେ କହିହେବ ନାହିଁ। ଚାଷୀଙ୍କୁ ପ୍ରୋତ୍ସାହିତ କରିବା ସହ ଅଧିକ ଡାଲି ଉତ୍ପାଦନ କରାଯିବା ଉଚିତ। ଚାହିଦା ଅନୁସାରେ ଡାଲି ଉତ୍ପାଦନ ହେଉନି। ଅନ୍ୟପକ୍ଷରେ ବଡ ବଡ ମଲରେ ବ୍ରାଣ୍ଡେଡ ଡାଲି ବୋଲି କହି ଅଧିକ ଦରରେ ବିକ୍ରି ହେଉଛି। ଏହା ମଧ୍ୟ ଖାଉଟି ଅବଗତ ଅଛନ୍ତି। ଯେଉଁମାନେ ଡାଲି ମହଜୁଦ କରି ରଖୁଛନ୍ତି ସେମାନଙ୍କୁ ସରକାରଙ୍କ ପକ୍ଷରୁ ଯାଞ୍ଚ କରିବା ଦରକାର। ଡାଲି ଏକ ଅତ୍ୟାବଶ୍ୟକ ସାମଗ୍ରୀ ଭାବେ ଗଣାହେଉଥିବାରୁ ବଜାର ନୀତିରେ ମଧ୍ୟ ସରକାର ସଂଶୋଧନ ଆଣିବାକୁ ହେବ। ସେହିପରି ଯୋଗାଣ ବିଭାଗର ମାର୍କେଟିଂ ଇନ୍ସପେକ୍ଟର ରଞ୍ଜନ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଲେ ଯେ, ଗତମାସ ପ୍ରଥମ ସପ୍ତାହରେ ହରଡ ଡାଲି କୁଇଣ୍ଟାଲ ପିଛା ୧୩୭୦୦ ଟଙ୍କା ଥିଲା। ମାସ ଶେଷ ବେଳକୁ ଏହା ୧୪୫୦୦କୁ ଛୁଇଁଥିଲା। ଏବେ ଏହା ୧୬୦୦୦ରେ ପହଞ୍ଚିଛି। ବର୍ତ୍ତମାନ ଡାଲି ଉତ୍ପାଦନ କମିଛି। ଡାଲି ବାହାରକୁ ରପ୍ତାନୀ କରିବା ଅସୁବିଧା ହେଉଛି। ବ୍ରହ୍ମପୁର ବଜାରକୁ ଏବେ ୩ଶହ କୁଇଣ୍ଟାଲ ଡାଲି ଆସୁଛି। ପୂର୍ବରୁ ଏହାର ପରିମାଣ ଅଧିକ ଥିଲା।ଏବେ ଖାଉଟି ମସୁର ଡାଲି ଓ ମୁଗଡାଲି ଉପରେ ନିର୍ଭରଶୀଳ ହୋଇପଡିଥିବା ଦେଖାଯାଉଛି। ଏ ସଂକ୍ରାନ୍ତରେ ଗଜପତିନଗରର ଜଣେ ପ୍ରମୁଖ ଦୋକାନୀଙ୍କୁ ପଚାରିବାରୁ ସେ କହିଛନ୍ତି, ଡାଲି ଗତ ସପ୍ତାହକ ତଳେ କେଜି ପିଛା ୧୫୮ରେ ବିକୁଥିଲୁ। କିନ୍ତୁ ମଙ୍ଗଳବାର ଦର ୧୭୦ ରହିଛି। ସପ୍ତାହକ ଭିତରେ ୧୨ ଟଙ୍କା ବଢ଼ିଛି। ଚାହିଦା ତୁଳନାରେ ଡାଲି ଉତ୍ପାଦନ ହେଉନଥିବାରୁ ଆଗାମୀ ଦିନରେ ଦର ଆହୁରି ବଢ଼ିପାରେ।







## କେନ୍ଦ୍ରୀୟ ସୁରକ୍ଷା ବାହିନୀ ବଳୟରେ ପ୍ରଦୀପ

ବ୍ରହ୍ମପୁର,୨୧।୫(ନରସିଂହ ସାହୁ)- ଗୋପାଳପୁର ବିଧାୟକ ତଥା ଚଳିତ ନିର୍ବାଚନର ବ୍ରହ୍ମପୁର ଲୋକ ସଭା ଭାଜପା ପ୍ରାର୍ଥୀ ଡ଼. ପ୍ରଦୀପ ପାଣିଗ୍ରାହୀଙ୍କୁ କେନ୍ଦ୍ର ସରକାର ସୁରକ୍ଷା ଯୋଗାଇଛନ୍ତି। ତାଙ୍କ ଭୁବନେଶ୍ୱରସ୍ଥ ସରକାରୀ ବାସଭବନ ଆଗରେ କେନ୍ଦ୍ରୀୟ ସୁରକ୍ଷା ବାହିନୀ (ସିଆରପିଏଫ) ଯବାନ ପହରା ଦେଉଛନ୍ତି। ସେ ଯୁଆଡ଼େ ଯିବେ ତାଙ୍କ ସହ ଯବାନ ରହିବେ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ସୁରକ୍ଷା ନିମନ୍ତେ ରାଜ୍ୟ ପୋଲିସ ଅଣଦେଖା କରୁଥିବା ଏବଂ ଗତ ଅଗଷ୍ଟରୁ ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଏକାଧିକ ଆକ୍ରମଣ ହୋଇଥିବା ଅଭିଯୋଗ କରିଥିଲେ। ଗତ ୧୩ ତାରିଖ ସନ୍ଧ୍ୟାରେ ଭୋଟ ଗ୍ରହଣ ବେଳେ ବ୍ରହ୍ମପୁର ଗୋଷାଣି ନୂଆଗାଁ ଥାନା ଆଗରେ ତାଙ୍କୁ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବ ଶଙ୍କର ଦାସ (ପିଣ୍ଟୁ) ମରଣାନ୍ତକ ଆକ୍ରମଣ କରିଥିଲେ। ସେ ପ୍ରଥମେ ଏମକେସିଜି ମେଡିକାଲ ଓ ପରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହୋଇଥିଲେ। ତେଣୁ କେନ୍ଦ୍ର ସରକାର ସୁରକ୍ଷା ଦେବାକୁ ପାଣିଗ୍ରାହୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ।

# କ୍ଷତି ସହୁଛନ୍ତି ରଜନୀଗନ୍ଧା ଚାଷୀ

## ରାଳବ ଗାଁରେ ସର୍ବାଧିକ ଚାଷ, ବିକ୍ରିବଟା ସୁବିଧା ନାହିଁ

ବ୍ରହ୍ମପୁର,୨୧।୫(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲାର ଦିଗପହଣ୍ଡି ଓ ହିଞ୍ଜିଳିକାଟୁ ବ୍ଲକରେ ପ୍ରଚୁର ପରିମାଣରେ ରଜନୀଗନ୍ଧା ଫୁଲ ଚାଷ ହେଉଛି। ଏହି ୨ ବ୍ଲକରେ ପ୍ରାୟ ୧୦୦ ଏକର ଜମିରେ ରଜନୀଗନ୍ଧା ଚାଷ ହେଉଥିବା ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚାଷ ଅଧିକ ପରିମାଣର ହେଉଥିବା ବେଳେ ଫୁଲ ଉତ୍ପାଦନ ମଧ୍ୟ ସେହି ପରିମାଣରେ ବଢୁଛି। ବିଶେଷତଃ ଖରାଦିନରେ ଅଧିକ ରଜନୀଗନ୍ଧା ଫୁଲ ଉତ୍ପାଦନ ହୋଇଥାଏ। ହେଲେ ଏହାର ବିକ୍ରିବଟା ନିମନ୍ତେ ସରକାରୀସ୍ତରରେ କୌଣସି ସୁବିଧା ନ ଥିବାରୁ ଉଚିତ୍ ପ୍ରାପ୍ୟ ନ ପାଇ ଚାଷୀମାନେ କ୍ଷତି ସହୁଥିବା ଅଭିଯୋଗ କରିଛନ୍ତି।

ହିଞ୍ଜିଳି ବ୍ଲକ ରାଳବ ଗ୍ରାମରେ ଅଧିକ ପରିମାଣରେ ରଜନୀଗନ୍ଧା ଫୁଲ ଚାଷ ହେଉଛି। ଏହି ଗ୍ରାମ ରଜନୀଗନ୍ଧା ଫୁଲର ଗାଁ ଭାବେ ପରିଚିତ। ସନ୍ଧ୍ୟା ହେବା ମାତ୍ରେ ରଜନୀଗନ୍ଧାର ବାସ୍ନାରେ ଗାଁ ମହକି ଉଠିଥାଏ। ୧୯୯୯ ମହାବାତ୍ୟା ପରେ ଗ୍ରାମର ଝୁମର ଦଳାଇ ପ୍ରଥମ ଥର ପାଇଁ କେତେଜଣ ଯୁବ ଚାଷୀଙ୍କୁ ନେଇ ରଜନୀଗନ୍ଧା ଚାଷ ଆରମ୍ଭ କରିଥିଲେ। ବର୍ତ୍ତମାନ ଏହି ଗାଁରେ ୧୦୭ଟି ପରିବାରର ପୁରୁଷ, ମହିଳା ରଜନୀଗନ୍ଧା ଚାଷରେ ସଂପୃକ୍ତ ଅଛନ୍ତି। ପ୍ରତ୍ୟେକ ପରିବାର ୦.୪ ଏକରରୁ ୧ ଏକର ପର୍ଯ୍ୟନ୍ତ ଏହି ଫୁଲ ଚାଷ କରୁଛନ୍ତି। ଗ୍ରାମରୁ ବର୍ତ୍ତମାନ ପ୍ରତ୍ୟେହ ପ୍ରାୟ ୩୦୦ କେଜି ରଜନୀଗନ୍ଧା ଫୁଲ ଉତ୍ପାଦନ ହେଉଛି। ପ୍ରାୟ ୫୦ ଏକର କେନାଲ କୂଳିଆ ଜମିରେ ଚାଷୀମାନେ ନିଜ ଜମି ଓ ଲିଜ ନେଇଥିବା ଜମିରେ ରଜନୀଗନ୍ଧା ଚାଷ କରୁଛନ୍ତି। ଏଠାରୁ ଫୁଲ ବ୍ରହ୍ମପୁର, ଆସିକା, ସୋରଡା, ଭଞ୍ଜନଗର ସମେତ ଭୁବନେଶ୍ୱର, ଭବାନୀପାଟଣା, ପୁରୀ ଓ ନବରଙ୍ଗପୁରକୁ ମଧ୍ୟ ଯାଉଛି। ଓଡିଶା ବଜାରରେ ରାଳବ ରଜନୀଗନ୍ଧା ଫୁଲର ଚାହିଦା ରହିଛି। ଏହି ଫୁଲ ଚାଷକରୁଥିବା ପରିବାର ବାର୍ଷିକ ୧ କୋଟି ଆୟ କରୁଥିବା ଯୁବଚାଷୀ କାଳୁ ଚରଣ ଦଳାଇ କହିଛନ୍ତି।



ରଜନୀଗନ୍ଧା ଚାଷୀ।

ଅନ୍ୟପକ୍ଷରେ ବ୍ରହ୍ମପୁର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ରାଳବ ଗ୍ରାମର ଚାଷୀଙ୍କୁ ନୂତନ ଅମଳକ୍ଷମ ପ୍ରଜ୍ୱଳ କିସମ ରଜନୀଗନ୍ଧା ଚାଷ ପାଇଁ ପ୍ରୋତ୍ସାହିତ କରାଯାଉଛି। ଏହି ନୂତନ କିସମର ୨ ପାଖୁଡା ଫୁଲ ଓଜନିଆ ହୋଇଥିବାରୁ ଫୁଲମାଳ ପାଇଁ ବେଶ ଆଦୃତ ହେବ ବୋଲି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ ସୁଜିତ କୁମାର ନାଥ କହିଛନ୍ତି। ବିଜ୍ଞାନ କେନ୍ଦ୍ର ପକ୍ଷରୁ ଉତ୍ପାଦିତ ଫୁଲର ଗୁଣବତ୍ତା ବୃଦ୍ଧି ପାଇଁ ମୃତ୍ତିକା ପରୀକ୍ଷଣ, ଜୈବସାର ପ୍ରୟୋଗ, ଆଜୋସ୍ପିରିଲମ ଓ ଫସଫୋ ବ୍ୟାକ୍ଟେରିଆର ପ୍ରୟୋଗ କାର୍ଯ୍ୟକ୍ରମକୁ ଚାଷୀମାନେ ସ୍ୱାଗତ କରିଛନ୍ତି। କିନ୍ତୁ ବିକ୍ରିବଟାର ସୁବିଧା ନ ଥିବା କାରଣରୁ ଚାଷୀମାନେ ନିଜେ ଉତ୍ପାଦିତ ଫୁଲକୁ ନିଜେ ବିକ୍ରି କରୁଥିବା କହିଛନ୍ତି। ବିକ୍ରି ହୋଇ ନ ପାରିବା ସମୟରେ ବହୁ ପରିମାଣର ଫୁଲ ନଷ୍ଟ ହେଉଥିବା ଚାଷୀମାନେ କହିଛନ୍ତି। ବର୍ତ୍ତମାନ ଗ୍ରାମର ରମାଦେବୀ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଫୁଲର ବ୍ୟବସାୟୀକରଣ କରାଯାଉଛି। କିନ୍ତୁ ତାହା ପ୍ରଯୁଜ୍ୟ ନୁହେଁ ବୋଲି ଚାଷୀ କହିଛନ୍ତି। ଚାଷୀଙ୍କ କହିବା ମୁତାବକ, ଉଦ୍ୟାନ ବିଭାଗ ପକ୍ଷରୁ ୧.୫ ଏକର ଜମି ଚାଷ ପାଇଁ ୬ ହଜାର ଟଙ୍କା ସହାୟତା ଦିଆଯାଉଛି। ଏଥିରେ ଚାଷୀମାନେ ଫୁଲ କନ୍ଦାକୁ କିଣି ଜମିରେ ଚାଷ କରୁଛନ୍ତି। ଚାଷ କ୍ଷେତରେ କ୍ଷତି ହେଲେ ମଧ୍ୟ କୌଣସି ସରକାରୀ ସହାୟତା ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସରକାରଙ୍କ ପକ୍ଷରୁ ବିକ୍ରିବଟାର ସୁବିଧା କରାଗଲେ ବହୁ ପରିବାର ଉପକୃତ ହେବେ ବୋଲି ଚାଷୀମାନେ କହିଛନ୍ତି। ଏ ନେଇ ଉଦ୍ୟାନ ବିଭାଗର ସହାୟକ ନିର୍ଦ୍ଦେଶକ ସୁବାଷ ଚନ୍ଦ୍ର ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟ ସରକାର ରଜନୀଗନ୍ଧା କନ୍ଦା କିଲୋଗ୍ରାମ ପିଛା ୫୦ ଟଙ୍କା ଲେଖାଏଁରେ କେନ୍ଦୁଝର ସମେତ ରାଜ୍ୟରେ ଅନ୍ୟାନ୍ୟ ଜିଲାର ଚାଷୀଙ୍କୁ ବିକ୍ରି ନିମନ୍ତେ ଯୋଜନା ହୋଇଛି। ଏହା ଜିଲାପାଳଙ୍କ ନିକଟରେ ପାରିତ ମଧ୍ୟ ହୋଇଛି। ଖୁବଶୀଘ୍ର ଏହା କାର୍ଯ୍ୟକାରୀ ହେବ। ଏହାଦ୍ୱାରା ଚାଷୀ ଲାଭବାନ ହେବେ ବୋଲି ସେ କହିଛନ୍ତି।

## ଅରକ୍ଷିତଙ୍କ ଅଙ୍ଗଦାନ ନିଷ୍ପତ୍ତି

ଭଞ୍ଜନଗର,୨୧।୫(ବାବୁଲା ପ୍ରଧାନ)

ଭଞ୍ଜନଗର ଅଞ୍ଚଳର ଜଣାଶୁଣା ଯୁବ ସମାଜସେବୀ ତଥା ବିପଦର ବନ୍ଧୁର ବରିଷ୍ଠ କର୍ମକର୍ତ୍ତା ଅରକ୍ଷିତ ପରିଚ୍ଛା ମଙ୍ଗଳବାର ରକ୍ତଦାନ ଶିବିର ଆୟୋଜନ କରି ତାଙ୍କର ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ ସେ ମୃତ୍ୟୁପରେ ତାଙ୍କ ଶରୀର ଦାନ କରିବା ପାଇଁ ନିଷ୍ପତି ନେଇଥିଲେ। ବ୍ରହ୍ମପୁର ବଡ଼ମେଡ଼ିକାଲ ଯାଇ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ELOP-T-03-2024

**କାର୍ଯ୍ୟର ନାମ:** 02 (ଦୁଇ)ବର୍ଷ ଅବଧି ନିମନ୍ତେ ଛତ୍ରପୁର (CAP) ଠାରେ 15 ବେଡ଼ ଥିବା ରନିଙ୍ଗ୍ ରୁମ୍ର ରକ୍ଷଣାବେକ୍ଷଣ ସହିତ ବାହାର ଏଜେନ୍ସି ମାଧ୍ୟମରେ ସବ୍‌ସିଡି ପ୍ରାପ୍ତ (SUBSIDIZED) ଭୋଜନର ବ୍ୟବସ୍ଥା। **ବିଜ୍ଞାପିତ ମୂଲ୍ୟ (ଟଙ୍କାରେ):** 75,68,388.49, EMD (ଟଙ୍କାରେ): 1,51,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି: 730 ଦିନ। ବିଡ଼୍ ଆରମ୍ଭ ହେବା ତାରିଖ: ତା.24.05.2024 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.07.06.2024 ରିଖ 1100 ଘଟିକାରେ। ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP)/ ଖୋର୍ଦ୍ଧା ରୋଡ୍

PR-141/P/24-25



**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ସିକେପି-ଇଷ୍ଟ-୨୪-୨୫-୧୧। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜି.), ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ଚକ୍ରଧରପୁର ଡିଭିଜନର ଏଡିଇଏନ୍/I/ଟାଟା ଏବଂ ଏଡିଇଏନ୍/II/ଟାଟାଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର, ସିନି, ରାଜଖରସୁଆଁ ଏବଂ ରାଇରଙ୍ଗପୁର ଷ୍ଟେଶନ ଏବଂ ସେଗୁଡ଼ିକର ସେଟଲମେଣ୍ଟ ଏରିଆରେ ଦକ୍ଷିଣ ପୂର୍ବ ରେଳପଥର ସୀମାରେ ବିଦ୍ୟମାନ ରେଳପଥ ଜମିର ମ୍ୟୁଟେସନ କାର୍ଯ୍ୟ ସମ୍ପାଦନ କରିବା ଲାଗି ସ୍ଥାନୀୟ କନ୍‌ସଲଟାଣ୍ଟଙ୍କ ନିୟୋଜନ। **ଟେଣ୍ଡର ମୂଲ୍ୟ:** ₹୨୭,୫୫,୫୫୩/-। **ଇଏମ୍‌ଡି:** ₹୫୫,୧୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦। **ଖୋଲାଯିବା ତାରିଖ:** ତା୧୨।୦୬।୨୦୨୪ରିଖ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେମାନେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଯୋଗାଇଦିଆଯିବ (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-ଆଇ/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦)।

(PR-168)


## ଏମ୍‌କେସିଜି ଏକାଡେମିକ ସୋସାଇଟିର ପ୍ରଦର୍ଶନୀ



ବ୍ରହ୍ମପୁର,୨୧।୫(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲ କଲେଜ ଏକାଡେମିକ ସୋସାଇଟି ପକ୍ଷରୁ ବାର୍ଷିକ ଏକାଡେମିକ ପ୍ରଦର୍ଶନୀ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ଏକାଡେମିକ ବ୍ଲକଠାରେ ଏଲିଜିୟମ ଓ କନଫ୍ଲକସସ ନାମରେ ୨ଦିନ ଧରି ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ମନୁଷ୍ୟ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପ୍ରଦର୍ଶନ କରାଯାଇଥିବା ବେଳେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ କାରୁକାର୍ଯ୍ୟ ଓ ଚିତ୍ରକଳା ପ୍ରଦର୍ଶିତ ହେଉଛି। ପ୍ରଦର୍ଶନୀକୁ ଏମ୍‌କେସିଜିର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର, ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାସ, ରେଜିଷ୍ଟ୍ରାର ସଂଗ୍ରାମଶେଖର ପଣ୍ଡା ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଉପାଧ୍ୟକ୍ଷ ପ୍ରଫେସର ଡା. ଦୁର୍ଗାମାଧବ ଶତପଥି, ଆନାଟୋମି ବିଭାଗ ମୁଖ୍ୟ ଡା. ଜେ ସାଗର ପୃଷ୍ଟି ଉପସ୍ଥିତ ଥିଲେ । ଏହି ପ୍ରଦର୍ଶନୀ ଦ୍ୱାରା ଡାକ୍ତରୀ ଛାତ୍ରୀଛାତ୍ର ନିଜ ଭିତରେ ଥିବା କଳା ପରିପ୍ରକାଶ କରିବାର ସୁଯୋଗ ପାଇଥିଲେ। ମଙ୍ଗଳବାର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ମନ୍ଦିରର ବିଦ୍ୟାର୍ଥୀଙ୍କ ସମେତ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଏହି ପ୍ରଦର୍ଶନୀ ବୁଲି ମନୁଷ୍ୟ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଓ ଏହାର କାର୍ଯ୍ୟାବଳୀ ବିଷୟରେ ଜାଣିବାକୁ ପାଇଥିଲେ । ଏକାଡେମିକ ସୋସାଇଟିର ସମ୍ପାଦକ ସିଏ ବଳଭଦ୍ର ପ୍ରହରାଜ ଓ ଯୁଗ୍ମ ସମ୍ପାଦିକା ନିତିଲ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୪ ଦିନରେ ୨ ଲୁଟ୍, ୩ ଚୋରି

ବ୍ରହ୍ମପୁର,୨୧।୫(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଚୋରି ଓ ଲୁଟ୍ ଘଟଣା ବଢ଼ିବାରେ ଲାଗିଛି। ଗତ ୪ ଦିନ ଭିତରେ ଦୁଇଟି ଲୁଟ୍ ଓ ୩ ଚୋରି ହୋଇଛି। ଲୁଟେରା ଗ୍ୟାଙ୍ଗ ସୁନାଗହଣା ଓ ଟଙ୍କା ଲୁଟି ନେଇଛନ୍ତି। ପୋଲିସର ଅପାରଗତାରୁ ଲୁଟେରା ସକ୍ରିୟ ହୋଇଥିବା ସାଧାରଣରେ କୁହାଯାଉଛି।

ଗତ ୧୭ ତାରିଖ ରାତି ପ୍ରାୟ ୧୧ଟାରେ ଗାନ୍ଧୀନଗର ଦ୍ୱିତୀୟ ଲାଇନର ନୀଳାଞ୍ଚଳ ସେଠୀ ଘରକୁ ଫେରୁଥିବା ବେଳେ ଜଣେ ଯୁବକ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ନୀଳାଞ୍ଚଳଙ୍କ ପାଖରେ ଟଙ୍କା ନ ଥିବାରୁ ସେମାନେ ତାଙ୍କ ମୋବାଇଲ ଫୋନ୍ ଝାମ୍ପି ନେଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୨୫/୨୪ରେ ମାମଲା ରୁଜୁ କରିଛି। ସେହିପରି ରାଜୀବନଗର ୪ର୍ଥ ଲାଇନର ନିବେଦିତା ତ୍ରିପାଠୀ ଓ ତାଙ୍କ ସ୍ୱାମୀ ସୁଧୀର କୁମାର ଦାସ ଗତ ୧୯ ତାରିଖ ରାତି ପ୍ରାୟ ୮ଟାରେ ମନ୍ଦିରରୁ ଫେରୁଥିବାବେଳେ ଲୁଟ୍‌ର ଶିକାର ହୋଇଛନ୍ତି। ଜାତୀୟ ରାଜପଥରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟରେ ୨ ଦୁର୍ବୃତ୍ତ ସୁଧୀରଙ୍କ ଗାଡ଼ିକୁ ଧକ୍କା ଦେଇ ନିବେଦିତାଙ୍କ ବେକରୁ ୧୫ ଗ୍ରାମ୍‌ର ହାର ଝାମ୍ପି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ନଂ. ୨୫୩/୨୪ରେ ମାମଲା ରୁଜୁ ହୋଇଛି। ସେହିପରି କମାପଲ୍ଲୀ-କୋର୍ଟପେଟା ରୋଡରେ ଥିବା ଏକ ହୋଟେଲରୁ ଚୋରି ହୋଇଛି। ଗୋଇଲୁଣ୍ଡି ଶାନ୍ତିନଗରରେ ରହୁଥିବା ହୋଟେଲ ମାଲିକ କାଳିଚରଣ ପାତ୍ର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୧୮ ତାରିଖ ସେ ହୋଟେଲ ବନ୍ଦ କରି ଘରକୁ ଫେରିଥିଲେ। ୧୯ ତାରିଖ ସକାଳେ ହୋଟେଲ ଶଟର ଭଙ୍ଗାଯାଇଥିବା ଓ କାଉଣ୍ଟରରୁ ୧୦ ହଜାର ଟଙ୍କା ଚୋରି ହୋଇଥିବା ଦେଖିଥିଲେ। ନଂ. ୨୫୧/୨୪ରେ ମାମଲା ରୁଜୁ କରି ପୋଲିସ ଏହାର ତଦନ୍ତ ଜାରି ରଖିଛି। ସେହିପରି କମାପଲ୍ଲୀ ଓଭରବ୍ରିଜ ନିକଟରେ ଆଇନଜୀବୀ ସୁଧୀର ସାହୁଙ୍କ ଚ୍ୟାମ୍ବରରୁ ଗତ ୧୮ ତାରିଖ ରାତିରେ ୩ ହଜାର ଟଙ୍କା ଚୋରି ହୋଇଥିବା ନେଇ ୧୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୫୨/୨୪ରେ ଏକ ମାମଲା ରୁଜୁ କରିଛି। ସେହିପରି ଆଙ୍କୁଲି ବିଶ୍ୱକର୍ମା ନଗରରେ ରହୁଥିବା ରୋଜାସ୍ୱିନୀ ପାତ୍ର ଓ ତାଙ୍କ ସ୍ୱାମୀ ମହେନ୍ଦ୍ର ପାତ୍ର ଗତ ୨୦ ତାରିଖରେ ଜଣେ ସମ୍ପର୍କୀୟଙ୍କୁ ଭେଟିବାକୁ ମେଡିକାଲ ଯାଇଥିଲେ। ମେଡିକାଲରୁ ଫେରି ଦେଖିଲା ବେଳକୁ ଆଲମିରା ଭଙ୍ଗାଯାଇଥିଲା ଓ ସେଥିରେ ଥିବା ୧୦ ଭରିର ସୁନା ଗହଣା, ଗୋଟିଏ ମୋବାଇଲ ଫୋନ ଓ ଏଟିଏମ୍ ଗାଏବ ହୋଇଯାଇଥିଲା। ମହିଳାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ନଂ.୨୫୪/୨୪ରେ ଏକ ମାମଲା ରୁଜୁ କରିଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଓ ସାଇଣ୍ଟିଫିକ ଦଳ ସହାୟତାରେ ତଦନ୍ତ ଜାରି ରଖିଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ

ଗୋପାଳପୁର,୨୧।୫(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଠେଙ୍ଗାରେ ଆକ୍ରମଣ ହୋଇଛି। ସେ ହେଲେ ରାଳବ ଗ୍ରାମର କେ.ସନ୍ତୋଷ ପାତ୍ର। ସନ୍ତୋଷଙ୍କ ଗୋଷ୍ଠୀ ସହିତ ସେହି ଗ୍ରାମର ଅନ୍ୟ ଗୋଷ୍ଠୀ ମଧ୍ୟରେ କୌଣସି କଥାକୁ ନେଇ ଶତ୍ରୁତା ଲାଗି ରହିଥିଲା। ମଙ୍ଗଳବାର ସନ୍ଧ୍ୟାରେ ସନ୍ତୋଷ ତାଙ୍କ ମା'ଙ୍କ ସହିତ କନିଷି ହାଟକୁ ଆସୁଥିବା ବେଳେ ବିପକ୍ଷ ଗୋଷ୍ଠୀର ୪ରୁ୫ ଜଣ ଠେଙ୍ଗା ଓ ଲୁହା ରଡ଼ରେ ସନ୍ତୋଷଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲେ। ମା' ଚିତ୍କାର କରିବାରୁ ଲୋକ ଗହଳି ଦେଖି ଆକ୍ରମଣକାରୀମାନେ ପଳାଇଥିଲେ। ସନ୍ତୋଷଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦସ୍ୱାଇଁଓଅନ୍ୟପୋଲିସଅଧିକାରୀପହଞ୍ଚିତଦନ୍ତଆରମ୍ଭକରିଛନ୍ତି।

## ବନ୍ଧୁକ, ଗୁଳି ଜବତ: ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୧।୫ (ସୁବାସ ଚନ୍ଦ୍ର ପାଢ଼ୀ)

କୌଣସି ଏକ ଅପରାଧିକ କାର୍ଯ୍ୟ କରିବାକୁ ଯାଉଥିବା ଜଣେ ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଗେଟବଜାର ଶାନ୍ତିନଗର ବିଲ ସାହିର ଦଣ୍ଡ ମହାରଣା(୪୪)। ତାଙ୍କ ନିକଟରୁ ଏକ ବନ୍ଧୁକ, ଗୁଳି ଓ ମାଗାଜିନ ଜବତ କରାଯାଇଛି। ସନ୍ଧ୍ୟାରେ ଦଣ୍ଡଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୋମବାର ରାତିରେ ଟାଉନ ଥାନା ଏଏସଆଇ ଅଶୋକ କୁମାର ସାସମଲ ଓ ତାଙ୍କ ଟିମ ସହରରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ତୁଳସୀନଗର ନିକଟରୁ ଦଣ୍ଡ ବନ୍ଧୁକ ଧରି କୌଣସି ଅପରାଧିକ କାର୍ଯ୍ୟ କରିବାକୁ ଯାଉଥିବା ପାଟ୍ରୋଲିଂ ଟିମକୁ ଖବର ମିଳିଥିଲା। ପୋଲିସ ସେଠାକୁ ଯାଇ ଦଣ୍ଡଙ୍କୁ କାବୁ କରିଥିଲା। ଯାଞ୍ଚ ବେଳେ ପୋଲିସକୁ ଅଭିଯୁକ୍ତଙ୍କ ନିକଟରୁ ଏକ ବନ୍ଧୁକ ଓ ଗୋଟିଏ ଅଫୁଟା ଗୁଳି ଓ ମାଗାଜିନ ଜବତ କରିଥିଲା। ଘଟଣା ସ୍ଥଳରୁ ଅଭିଯୁକ୍ତଙ୍କୁ କାବୁ କରିଥିବା ଉକ୍ତ ଏଏସଆଇଙ୍କ ଅଭିଯୋଗ ପ୍ରକାରେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା।


**DIRECTORATE OF MEDICAL EDUCATION & TRAINING, ODISHA**

NO 519// BBSR, Date 18.05.2024

**ADMISSION FOR ANM,GNM, BASIC B.SC, P.B.B.SC, M.SC&P.B.DIPLOMA NURSING COURSES- 2024-25**

NO.E-19:- Online Applications are invited from the eligible candidates for admission to ANM, GNM, BASIC B.Sc, P.B.B.Sc, M.Sc & P.B.Diploma Nursing courses in all the ONMRC(Odisha Nurses & Midwives Registration Council) recognised Government and Private Nursing Institutions of the state for the academic session 2024-25. Intending candidates must submit their online application from dt.22.05.2024 to dt. 19.06.2024 by 11:59P.M. by paying Application fee amounting **Rs. 300/- (Rupees Three Hundred only) for ANM course, Rs. 500/- (Rupees Five Hundred only) for GNM course & Rs. 1000/- (Rupees One Thousand only) for Basic B.Sc, P.B.B.Sc, M.Sc & P.B.Diploma Nursing course** excluding bank charges (to be borne by the applicants themselves) as applicable through Net Banking/ Card payments/ Other payment modes (UPI).For details go through the prospectus. The prospectus will be available in the website www.dmetodisha.gov.in and https://dohodisha.nic.in from dt. 22.05.2024.

**ADMISSION CALENDAR FOR ANM, GNM, BASIC B.SC, P.B.B.SC, M.SC & P.B.DIPLOMA NURSING COURSES FOR THE ACADEMIC SESSION 2024-25**

| Counseling & Admission Process | P.B. Diploma /M.Sc. / Post Basic B.Sc. Nursing | Basic B.Sc. Nursing | GNM/ANM |
|---|---|---|---|
| Availability of Prospectus in official website: www.dmetodisha.gov.in dohodisha.nic.in | 22.05.2024 | 22.05.2024 | 22.05.2024 |
| Availability of Online Application form & payment of Application fee in official website: dohodisha.nic.in | 22.05.2024 5:00 P.M. | 22.05.2024 5:00 P.M. | 22.05.2024 5:00 P.M. |
| Last date of online registration form | 17.06.2024 11:59 P.M. | 17.06.2024 11:59 P.M. | 17.06.2024 11:59 P.M. |
| Last date for submission of online application form & Application fee | 19.06.2024 11:59 P.M. | 19.06.2024 11:59 P.M. | 19.06.2024 11:59 P.M. |

OIPR-10016/11/0001/2425 **Sd./- DMET, Odisha, Chairman, SNSC**



**OFFICE OF THE DISTRICT JUDGE, NABARANGPUR**

**Dated: Nabarangpur, this the 20th day of May, 2024**

**ADVERTISEMENT**

Applications in the prescribed format given below are invited from the intending candidates for filling up of the following Group-"C" posts in the Judgeship of Nabarangpur under Odisha District and Civil Court' Judicial Staff Services (Method of Recruitment and conditions of service) Rules, 2008 and amendments made thereto and subject to result of W.P. (C) No. 1273/2014 of the Hon'ble High Court of Orissa.

| Sl. No. | Name of the Post | Group | Level as per Pay Matrix under ORSP Rules, 2017 | CATEGORY | | | | Total |
|---|---|---|---|---|---|---|---|---|
| | | | | Unreserved | S.T. | S.C. | SEBC | |
| 1 | Stenographer Grade-III | C | Level - 7 (Rs.25500-81100) | 1 (W-1) | 2 (W-1) | - | - | 3 (W-2) |
| 2 | Jr. Clerk-cum-Copyist | C | Level - 4 (Rs.19900-63200) | 3 | 2 (W-1) | - | 2 (W-1) | 7 (W-2) |
| 3 | Jr. Typist | C | Level - 4 (Rs.19900-63200 | - | 1 (W-1) | - | - | 1 (W-1) |

The reservation of Women/Physically Handicapped/Ex-Serviceman/Sports Persons as per rule. The number of posts in each cadre may increase or decrease in future. For details, please visit our official website i.e. **https://districts.ecourts.gov.in/nabarangpur**. The candidates who are interested in applying for the above posts are asked to submit the application by 22.06.2024.

**Sd./- District Judge-cum-Chairman**
**District Recruitment Committee, Nabarangpur**



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା ୭୫୪୨ IND-II-PH-1200 ତା.୨୧.୦୫.୨୦୨୪

No. CAD-124

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଫେରୋ ଆଲୋଏଜ୍ କର୍ପୋରେସନ ଲିମିଟେଡ୍ ଓଡ଼ିଶାର କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ କାଟାସାହି ଗ୍ରାମରେ ୧୩.୬୭୪ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କାଟାସାହି ମାଙ୍ଗାନିଜ ଖଣିରୁ ସମୁଦାୟ ବାର୍ଷିକ ୬୮.୨୮୯ ଟନ୍ (ବାର୍ଷିକ ୨୮.୧୧୯ ଟନ୍ ଆର.ଓ.ଏମ୍+ ବାର୍ଷିକ ୪୦.୧୭୦ ଟନ୍ ବର୍ଜ୍ୟ) ଖନନ କରିବା ସହିତ ବାର୍ଷିକ ୨୮.୨୨୯ ଟନ୍ ଆର.ଓ.ଏମ୍. ମାଙ୍ଗାନିଜ ଖଣିଜ ଉତ୍ପାଦନ କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୨୬.୦୬.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ କାଟାସାହି ମୌଜା (ଖାତା ନଂ.୬୪ (ରକ୍ଷିତ) ୬୬ (ଅ.ଜ), ପ୍ଲଟ ନଂ. ୨୬୮/୫୧୭, ୨୬୭, ପ୍ରସ୍ତାବିତ ୦.୬୯୦ ଏକର ଅଞ୍ଚଳ, କିସମ-ଉନ୍ନତ ଯୋଜନ ଯୋଗ୍ୟ ଡୈଳ-I) ଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କେନ୍ଦୁଝର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **କେନ୍ଦୁଝର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ** ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./-ସଦସ୍ୟ ସଚିବ**

OSPCB-PH-MISC-0092-2023/4/2024 OIPR-08012/11/0006/2425



ଡା. ବୀରକିଶୋର ପରିଡ଼ା

# ଗୋଖାଦ୍ୟରେ ଆଜୋଲାର ବିଶେଷତ୍ୱ

"ଆଜୋଲା ଏକ ଜୀବନ୍ତ ଭାସମାନ ଉଦ୍ଭିଦ ଯାହାକି ଏକ ଆଲ୍‌ଜି ପରି ଦେଖାଯାଏ । ଏହା ସାଲଭିନିଆସିଏ ପରିବାରର ଅନ୍ତର୍ଭୁକ୍ତ । ଏହି ଆଜୋଲା ଜାତୀୟ ଉଦ୍ଭିଦ ମଧ୍ୟରେ ନୀଳ ସାଗୁଆ ଆନାବଏନା ଆଜୋଲା ନାମକ ଆଲ୍‌ଜି ଅନ୍ତର୍ଭୁକ୍ତ ବା ଗଚ୍ଛିତ ହୋଇ ବାୟୁମଣ୍ଡଳରୁ ଏହା ମଧ୍ୟକୁ ଯବକ୍ଷାରଜାନ ସଂଗ୍ରହ ବା ରୂପାନ୍ତରିତ କରିବାରେ ସାହାଯ୍ୟକରେ । ଆଜୋଲା ଅଙ୍ଗାରକର ଏକ ଉତ୍ପତ୍ତିସ୍ଥଳ ରୂପେ କାର୍ଯ୍ୟକ୍ଷମ ହୋଇଥାଏ ଏବଂ ବିଜିଏ ଶିମ୍ବାଓଣ୍ଟର ବୃଦ୍ଧି ଏବଂ ଉନ୍ନତିରେ ସାହାଯ୍ୟ କରେ ; ଯାହାକି ଏହା ଅନ୍ୟ କୌଣସି ଉଦ୍ଭିଦ ଜଗତରେ ଦେଖାଯାଏ ନାହିଁ ।"

ବିଭିନ୍ନ ଖାଦ୍ୟସାର ପଦାର୍ଥରେ ଭରପୂର ଆଜୋଲା ଏକ ସବୁଠାରୁ ଅଧିକ ଅର୍ଥକରୀ ପ୍ରାଣୀ ଖାଦ୍ୟ ରୂପେ ବ୍ୟବହାର କରାଯାଏ ।

**ଆଜୋଲା କ'ଣ :** ଆଜୋଲା ଏକ ଜୀବନ୍ତ ଭାସମାନ ଉଦ୍ଭିଦ ଯାହାକି ଏକ ଆଲ୍‌ଜି ପରି ଦେଖାଯାଏ । ଏହା ସାଲଭିନିଆସିଏ ପରିବାରର ଅନ୍ତର୍ଭୁକ୍ତ । ଏହି ଆଜୋଲା ଜାତୀୟ ଉଦ୍ଭିଦ ମଧ୍ୟରେ ନୀଳ ସାଗୁଆ ଆନାବଏନା ଆଜୋଲା ନାମକ ଆଲ୍‌ଜି ଅନ୍ତର୍ଭୁକ୍ତ ବା ଗଚ୍ଛିତ ହୋଇ ବାୟୁମଣ୍ଡଳରୁ ଏହା ମଧ୍ୟକୁ ଯବକ୍ଷାରଜାନ

**ଆଜୋଲାର ଉପାଦେୟତା :** ଆଜୋଲା ହେଉଛି ଏକ ଭାସମାନ ଫର୍ନ ନାମକ ବିଲାତି ଜାତୀୟ ଉଦ୍ଭିଦ ବିଶେଷ ଯାହାକି ବାୟୁମଣ୍ଡଳରୁ ଯବକ୍ଷାରଜାନ ସମ୍ପୂର୍ଣ୍ଣ ଗ୍ରହଣ ବା ଉପଲବ୍ଧି କରିବାରେ ସାହାଯ୍ୟକରେ । ଆଜୋଲା ଏକ ସର୍ବୋତ୍କୃଷ୍ଟ ଜୈବିକ ଖତ ଭାବେ ଧାନ କ୍ଷେତରେ ବ୍ୟବହୃତ ହୁଏ ଏବଂ ଏହା ବାୟୁମଣ୍ଡଳରୁ ୨୫ ରୁ ୩୦ କେ.ଜି. ଯବକ୍ଷାରଜାନ ବ୍ୟବହାରକରି ୨୫-୩୦ ମିଟର / ହେକ୍ଟର / ଋତୁ ଜୀବନ୍ତ ବସ୍ତୁରୁ ଜୀବନ୍ତ ବସ୍ତୁ ସୃଷ୍ଟି କରି ଚାଲିଥାଏ । ଏକ ଆଦର୍ଶ ଜଳବାୟୁରେ ଏହି ଆଜୋଲା ବ୍ୟବହୃତ ଉଦ୍ଭିଦର ବୃଦ୍ଧି ପ୍ରାୟ ୩ ଦିନ ମଧ୍ୟରେ ୨ଗୁଣ ଓଜନ ହୋଇଥାଏ । ଏହି ଜୈବବସ୍ତୁର ଉତ୍ପାଦନ ୩୫୦-୫୦୦ ଗ୍ରାମ୍ / ବର୍ଗମିଟର / ଦିନକୁ ଏକ ଆଦର୍ଶ ପରିବେଶ ମଧ୍ୟରେ ସମ୍ଭବ ହୋଇଥାଏ । ଏହା ଏକ ଅତି ଉତ୍ତମ ଗୋଖାଦ୍ୟ, କୁକୁଡ଼ା ଖାଦ୍ୟ, ଘୁଷୁରି ଖାଦ୍ୟ ତଥା ମାଛ ଖାଦ୍ୟ ରୂପେ ବ୍ୟବହୃତ ହୁଏ । ଏହି ଆଜୋଲାରେ ସମସ୍ତ ପ୍ରକାର ପୁଷ୍ଟିସାର ପାଇଁ ଆବଶ୍ୟକ ହେଉଥିବା ଆମିନୋ ଏସିଡ୍, ଧାତବ ଲବଣ ଏବଂ ଭିଟାମିନ୍‌ରେ ଭରପୂର ଥାଏ । ଏହାକୁ ଗାଈଙ୍କୁ ଖାଇବାକୁ ହେବା ଦ୍ୱାରା ଦୁଗ୍ଧ ଉତ୍ପାଦନ ୧୫ରୁ ୨୦ପ୍ରତିଶତ ବୃଦ୍ଧି ପାଇଥାଏ । ଦୁଗ୍ଧ, ମାଂସ ଏବଂ ଅଣ୍ଡାର ଗୁଣାତ୍ମକ ମାନ ବୃଦ୍ଧିରେ ମଧ୍ୟ ସହାୟକ ହୋଇଥାଏ । ଘର ମଧ୍ୟରେ କିମ୍ବା ଘର ପାଖ ଛାଇ ସ୍ଥାନରେ ଆଜୋଲା ଉତ୍ପାଦନ ବହୁପରିମାଣରେ ଚାଷ କରାଯାଇପାରିବ ।

**ଆଜୋଲାର ଖାଦ୍ୟ ଗୁଣ :** ଆଜୋଲାରେ ପ୍ରଚୁର ପରିମାଣର ପୁଷ୍ଟିସାର ସହ ସମସ୍ତ ଆବଶ୍ୟକୀୟ ଆମିନୋ ଏସିଡ୍, ଭିଟାମିନ୍-ଏ, ବି-କମ୍ପ୍ଲେକ୍ସ, ବିଟା କାରୋଟିନ, ବିଭିନ୍ନ ଦୁଧୀକାରକ ପଦାର୍ଥ, ଧାତବ ଲବଣ ଯଥା - କ୍ୟାଲ୍‌ସିୟମ, ଫର୍‌ଫରସ୍, ଲୌହ, କପର, ମ୍ୟାଗ୍ନେସିୟମ ପ୍ରଭୃତି ନିହିତ ଥାଏ । ଏହି ଆଜୋଲାରେ ଜଳୀୟଅଂଶ ଶତକଡ଼ା ୯୦-୯୨ ଭାଗ ଏବଂ ଶୁଷ୍କ ପଦାର୍ଥ ଶତକଡ଼ା ୮-୧୦ ଭାଗ ଥାଏ । ଏଥିରେ ପୁଷ୍ଟିସାର ୫୦-୬୦%, ଧାତବ ଲବଣ ୧୦-୧୫%, ଆମିନୋ ଏସିଡ୍ ଏବଂ ଜୈବକର୍ମଠ ପଦାର୍ଥ ୧୦-୧୫% ଥାଏ । ଶ୍ୱେତସାର ଓ ତୈଳ ଅଂଶ ଆଜୋଲାରେ ଖୁବ୍ କମ୍ ପରିମାଣରେ ଥାଏ । ଉପରୋକ୍ତ



ସଂଗ୍ରହ ବା ରୂପାନ୍ତରିତ କରିବାରେ ସାହାଯ୍ୟକରେ । ଆଜୋଲା ଅଙ୍ଗାରକର ଏକ ଉତ୍ପତ୍ତି ସ୍ଥଳ ରୂପେ କାର୍ଯ୍ୟକ୍ଷମ ହୋଇଥାଏ ଏବଂ ବିଜିଏ ଶିମ୍ବାଓଣ୍ଟର ବୃଦ୍ଧି ଏବଂ ଉନ୍ନତିରେ ସାହାଯ୍ୟକରେ ; ଯାହାକି ଏହା ଅନ୍ୟ କୌଣସି ଉଦ୍ଭିଦ ଜଗତରେ ଦେଖାଯାଏ ନାହିଁ ।

**ଇତିବୃତ୍ତ :** ନାର୍ଡେପ୍ ବିବେକାନନ୍ଦ କେନ୍ଦ୍ର କେରଳ, କନ୍ୟାକୁମାରୀ ଏବଂ କେରଳର ଦକ୍ଷିଣାଞ୍ଚଳ ଜିଲାଗୁଡ଼ିକରେ ଆଜୋଲା ଚାଷର ବହୁଳ ବ୍ୟବହାର ଦେଖାଯାଏ । ଏହି ଆଜୋଲା ଦୈନିକ ୧.୫ ରୁ ୨ କେ.ଜି. ଦାନାରେ ମିଶାଇ ଗାଈଙ୍କୁ ଖାଇବାକୁ ଦେଲେ ଏହା ୧୫-୨୦ % କ୍ଷୀର ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ ।

**ପ୍ରସ୍ତୁତି :** ସର୍ବପ୍ରଥମେ ଏକ ପଲିଥିନ ଜରି ମଧ୍ୟରେ କୃତ୍ରିମ ପାଣି ଘର କରିବା ପାଇଁ ୨.୬×୧.୬ ମିଟର ବ୍ୟାସାର୍ଦ୍ଧ ଏକ ସିଲ୍‌ପଓଲିନ୍ ନିଆଯାଉ । ତା'ପରେ ୨ ମିଟର ଲମ୍ବ, ୧ ମିଟର ଚଉଡ଼ା ଏବଂ ୨୦ ସେଣ୍ଟିମିଟର ଗଭୀରର ଏକ ଆୟତାକାର କ୍ଷେତ୍ରର ଏକ କୁଣ୍ଡ ମାଟି ଉପରେ କିମ୍ବା ସିମେଣ୍ଟରେ ପ୍ରସ୍ତୁତ କରାଯାଉ । ଏହି କ୍ଷେତ୍ର ଉପରେ ପ୍ଲାଷ୍ଟିକ ବସ୍ତା ବିଛାଯାଇ ତା' ଉପରେ ସିଲ୍‌ପଓଲିନ୍ ଦ୍ୱାରା ଆବୃତ୍ତ କରିବା ଦରକାର । ପ୍ରାୟ ୧୦-୧୫ କେ.ଜି. ଉର୍ବର ମାଟିକୁ ଏହା ଉପରେ ସମାନ ଭାବେ ବିଛାଯାଉ । ତା'ପରେ ଏକ କେ.ଜି. ଶଢ଼ା ଗୋବରକୁ ୧୦ ଲିଟର ପାଣିରେ ମିଶାଇ ଭଲଭାବେ ଏହି ସିଟ୍ ଉପରେ ଢଳାଯାଉ । ପରେ ଏହା ମଧ୍ୟକୁ ପାଣିର ଉଚ୍ଚତା ୧୦ ସେଣ୍ଟିମିଟର ହେବା ପର୍ଯ୍ୟନ୍ତ ପାଣି ଢଳାଯାଉ । ତା'ପରେ ଏହା ମଧ୍ୟକୁ ୫୦୦ ଗ୍ରାମ୍‌ରୁ ୧ କେ.ଜି. ତଟକା ଓ ଖାଣ୍ଟି ଆଜୋଲା କଲ୍‌ଚରକୁ ଏହି କ୍ଷେତ ମଧ୍ୟକୁ ଛଡ଼ାଯାଉ । ୧୦-୧୫ ଦିନ ମଧ୍ୟରେ ଆଜୋଲା ଏହି କୁଣ୍ଡରେ ପୂର୍ଣ୍ଣ ହୋଇଯିବ ଏବଂ ଦୈନିକ ୫୦୦ ରୁ ୧କେ.ଜି. ପର୍ଯ୍ୟନ୍ତ ଆଜୋଲା ଉତ୍ପାଦନ କରିହେବ । ପ୍ରତି ୫ ଦିନ ବ୍ୟବଧାନରେ ୧୦ ଗ୍ରାମ୍ ସୁପର ଫସ୍‌ଫେଟ୍ ଏବଂ ଗୋବର ୫୦୦ ଗ୍ରାମ୍ ଏହି ପିଟ୍ ବା ଖାତରେ ପ୍ରୟୋଗକଲେ ଆଜୋଲା ଖୁବ୍ ଶୀଘ୍ର ବୃଦ୍ଧି ପାଇବ ଏବଂ ଦୈନିକ ଗୋଟିଏ ପିଟ୍‌ରୁ ୧ କେ.ଜି . ଆଜୋଲା ଆମଦାନୀ ହୋଇପାରିବ । ମିନେରାଲ ମିକ୍ସଚର ଯଥା - ମ୍ୟାଗ୍ନେସିୟମ, ଲୌହ, କପର, ସଲ୍‌ଫର ଇତ୍ୟାଦି ପ୍ରତି ସପ୍ତାହ ବ୍ୟବଧାନ ମଧ୍ୟରେ ଏଥିରେ ପ୍ରୟୋଗକଲେ ଆଜୋଲା ବୃଦ୍ଧି ଘଟିବା ସହ ଏଥିରେ ପ୍ରଚୁର ପରିମାଣର ଧାତବ ଲବଣ ମିଳିଥାଏ ।

**ଆଜୋଲା ଉତ୍ପାଦନ କରିବାର ଠିକ୍ ଉପାୟ :** ଦୁଇଗୁଣ ସମୟ ଦେଲେ ଆଜୋଲାର ବୃଦ୍ଧି ଆଶାତୀତ ଭାବେ ଘଟିଥାଏ । ଆଜୋଲାକୁ ବୟୋପ୍ରାପ୍ତ ହେଲା ପର୍ଯ୍ୟନ୍ତ ସମୟ ଦିଅନ୍ତୁ ନାହିଁ । ଆଜୋଲା ଚାଷ ପାଇଁ ଜଳବାୟୁର ଉତ୍ତାପ ୨୫ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଦରକାର । ଯଦି ଉତ୍ତାପ ଅଧିକ ଥାଏ, ତା'ହେଲେ ଛାଇ ସ୍ଥାନରେ ଏହି ଚାଷ କରିବା ଦରକାର । ଏହି ଜୈବିକ ପଦାର୍ଥ ପ୍ରତ୍ୟେକ ଦିନ ଉତ୍ପାଦନ କରିବା ଆବଶ୍ୟକ । କ୍ଷାରୀୟ ଓ ଅମ୍ଳତା ହାର ବା ପି.ଏଚ୍. ୫.୫ରୁ ୭ ମଧ୍ୟରେ ଏହାର ବଂଶବୃଦ୍ଧି ଘଟିଥାଏ ।

**ସାବଧାନତା :** ଘର ପାଖରେ ଗଛର ଛାଇ ଓ ଯଥେଷ୍ଟ ସୂର୍ଯ୍ୟ କିରଣ ପଡୁଥିବା ସ୍ଥାନରେ ଆଜୋଲା ଉତ୍ପାଦନ ପାଇଁ ଉଦ୍ଦିଷ୍ଟ । ପିଟ୍‌ର ପ୍ରତ୍ୟେକ କୋଣରେ ପାଣିର ସ୍ତର ୧୦-୧୫ ସେଣ୍ଟିମିଟର ରହିବା ଆବଶ୍ୟକ । ପ୍ରତ୍ୟେକ ଦିନ ଆଜୋଲା ୩୦୦ରୁ ୫୦୦ ଗ୍ରାମ୍ ପ୍ରତି ବର୍ଗମିଟର ପିଛା ଦିନକୁ ଆଜୋଲା ଗହଳି କମେଇଦେବା ପାଇଁ କାଢ଼ିଦେବା ଦରକାର । ଏଥିରେ ଆବଶ୍ୟକ ଅନୁସାରେ ବିଭିନ୍ନ ଖାଦ୍ୟସାର ପ୍ରୟୋଗ ହେବା ଆବଶ୍ୟକ । ଏହାକୁ ରୋଗ ଓ ପୋକ ଦାଉରୁ ମୁକ୍ତ ରଖିବା ନିମନ୍ତେ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରିବା ଉଚିତ । ପ୍ରତି ୪ମାସରେ ଥରେ ଏହିଭଳି ନୂତନ ଭାବେ ପଟିକରି ତହିଁରେ ନୂଆ ମାଟି ଓ ଗୋବର ପକାଇ ଆଜୋଲା ଚାଷ କରିବା ଦରକାର । ରୋଗ, ପୋକ କିମ୍ବା ଅନ୍ୟାନ୍ୟ ଆଲ୍‌ଜିର ବୃଦ୍ଧି ଘଟିଲେ ତଟକା ବେଡ୍ ପକାଇବା ଦରକାର । ଆଜୋଲା ପିଟକୁ ବିଭିନ୍ନ ରୋଗରୁ ମୁକ୍ତ ରଖିବା ପାଇଁ ନିମ୍ବପିଡ଼ିଆ ବ୍ୟବହାର କରିବା ଉଚିତ ।

-ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିଭାଗ), ଲକ୍ଷ୍ମୀପ୍ରିୟା ଭବନ, ମହାନଦୀ ବିହାର, କଟକ
ମୋ : ୯୪୩୭୬୦୭୩୧୨

## ବିହନ ବ୍ୟବହାର ପୂର୍ବରୁ...



**ଘ**ରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ । ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା-ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷକରନ୍ତୁ । ଖାଲ ଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ । ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ । ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ । ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ । ଉନ୍ନତ ମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ ।

## ଅଦା-ହଳଦୀ ଲଗାଉଥିଲେ...

**ବ**ର୍ତ୍ତମାନ ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ । ଜମି ପ୍ରସ୍ତୁତକରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମଗୁଡ଼ିକ ହେଲା - ସୁରଭି, ସୁରୁଚି, ସୁପ୍ରଭା । ଅଦା ଚାଷ ପାଇଁ ହେକ୍ଟର ପ୍ରତି ୧୫ରୁ ୧୭ କୁଇଣ୍ଟାଲ ବିହନ ଆବଶ୍ୟକ । ଅନୁମୋଦିତ ହଳଦୀ କିସମ ଗୁଡ଼ିକ ହେଲା - ରଙ୍ଗ, ସୁରମା, ରୋମା, ରଶ୍ମି । ହଳଦୀ ଚାଷ ପାଇଁ ହେକ୍ଟର ପ୍ରତି ୨୦ରୁ ୨୫ କୁଇଣ୍ଟାଲ ବିହନ ଦରକାର । ଏକ ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ । ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ୧ ମାସ ପୂର୍ବରୁ ଜମି ପ୍ରସ୍ତୁତକରି ଖରା ପଡ଼ିବାକୁ ଦିଆଯିବା ଉଚିତ । ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ପାଞ୍ଚ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ । ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଂ) କରି ଜଳସେଚନ କରନ୍ତୁ । ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ । ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।

## ଗେଣ୍ଡୁଫୁଲ ତଳି ପକାଉଥିଲେ...



**ଆ**ଗରୁ ଖରାଟିଆ ଗେଣ୍ଡୁଫୁଲ ତଳିପକାଇ ନ ଥିଲେ ଏବେ ତଳି ପକାନ୍ତୁ । ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ । ତଳିଘରାରେ ଧାଡ଼ିକୁ ଧାଡ଼ି ୫ ସେ.ମି. ବ୍ୟବଧାନରେ ବିହନକୁ ୧ ସେ.ମି. ଗଭୀରରେ ବୁଣନ୍ତୁ । ଅତ୍ୟଧିକ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ତଳିଘରାରେ ନଡ଼ା ଘୋଡ଼ାଇ ଦିଅନ୍ତୁ । ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ । ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ । ଜମିକୁ ଭଲଭାବେ ଗୁଣ୍ଡଚାଷକରି ଏକର ପ୍ରତି ୧୦ ଟନ୍ ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ । ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ଏବଂ ୧୬ କି.ଗ୍ରା. ଯବକ୍ଷାରଜାନ ୧ମାସ ପରେ କୋଡ଼ାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ । ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଙ୍ଗ୍‌ସ ଦରକାର ହୋଇଥାଏ । ଧାଡ଼ିକୁ ଧାଡ଼ି ୩୦ ଓ ଗଛକୁ ଗଛ ୨୦-୨୦ ସେ.ମି. ବ୍ୟବଧାନରେ ରୁଅନ୍ତୁ । ତଳି ରୋଇବାର ୪୦ଦିନ ପରେ ଅଗ ଡାଳଗୁଡ଼ିକୁ ଭାଙ୍ଗି ଦିଅନ୍ତୁ ।

## ଅଂଶୁଘାତ ସମୟରେ ପ୍ରାଣୀଙ୍କ ଯତ୍ନ



**ଅଂ**ଶୁଘାତ ପାଇଁ ସତର୍କ ଓ ସାବଧାନ ରୁହନ୍ତୁ । ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ । ଗୁହାଳକୁ ଥଣ୍ଡା ରଖିବା ସହ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ । ଖାଦ୍ୟରେ ୩୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ । ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଜୁନ୍ ମାସରେ ବର୍ଷା ଆସିଯିବ ଓ ବର୍ଷାଋତୁରେ ସାହାଣ ଓ ବଜବଜିଆ ରୋଗ ଅଧିକ ହୁଏ । ତେଣୁ ବର୍ଷାଋତୁ ପୂର୍ବରୁ ମେ ମାସରେ ସମସ୍ତ ଗାଈ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ସାହାଣ, ବଜବଜିଆ ଓ ଫାଟୁଆ ରୋଗର ଟିକା ଦିଅନ୍ତୁ । ଦାନାକୁ ଯଥା ସମ୍ଭବ ସନ୍ଧ୍ୟା ସମୟରେ ଦେବାକୁ ଚେଷ୍ଟା କରନ୍ତୁ ।

ଏହି ସମୟରେ ଛେଳି ଓ ମେଣ୍ଢାଙ୍କୁ ଥଣ୍ଡା ପରିବେଶରେ ରଖନ୍ତୁ । ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ । ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ । ପିପିଆର୍ ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ୍ୟ ମେ ମାସରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ । ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଏହି ମାସରେ ଦିନକୁ ୧୦୦ ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ ।

## ଅଣଧାନ ଫସଲ ଚାଷ



**ଧା**ନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ । ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ । ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟକରି ରଖନ୍ତୁ । ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ । ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ । ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ । ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ । ଫଳତଃ ଜମିରେ ଘାସ କମ୍ ହୋଇଥାଏ । ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ । ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃ ଫସଲ ଚାଷ କରନ୍ତୁ । ଢିପଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ । ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ । ମରୁଡ଼ି ସହି ପାରୁଥିବା ଧାନ କିସମ ଯଥା- ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ ।

# ପୁଷ୍ଟିକର ଡାଲି ଚାଷ

(ଶେଷ ଭାଗ)



**ରୋଗ ପୋକ ନିୟନ୍ତ୍ରଣ :** ଡାଲି ଚାଷରେ ଝାଉଁଳା ରୋଗ ହେଲେ ମେଟିରାମ୍ ୭୦ ପ୍ରତିଶତ ଡବ୍ଲ୍ୟୁଜି ୧୫ ଗ୍ରାମ ପ୍ରୟୋଗ କରନ୍ତୁ । ଏହାବ୍ୟତୀତ ପାଉଁଶିଆ ରୋଗ (ସଲ୍‌ଫର ୮୦ % ଡବ୍ଲ୍ୟୁପି ୨୦ ଗ୍ରାମ/ପ୍ରୋପିକୋନାଜୋଲ ୨୫ ପ୍ରତିଶତ ଇସି ୧୦ ମିଲି), ପତ୍ରପୋଡ଼ା (କପର ଅକ୍ସିକ୍ଲୋରାଇଡ୍ ୫୦ % ଡବ୍ଲ୍ୟୁପି ୩୦ ଗ୍ରାମ/ମାନ୍‌କୋଜେବ୍ ୭୫ % ଡବ୍ଲ୍ୟୁପି ୨୫ ଗ୍ରାମ), ଜୀବାଣୁଜନିତ ପତ୍ରଚିତା ରୋଗ (କପର ଅକ୍ସିକ୍ଲୋରାଇଡ୍ ୫୦ ପ୍ରତିଶତ ଡବ୍ଲ୍ୟୁଜି ୨୦ ଗ୍ରାମ+(ଷ୍ଟ୍ରେପ୍ଟୋମାଇସିନ୍ ସଲ୍‌ଫେଟ୍ ୯% +ଟେଟ୍ରାସାଇକ୍ଲିନ୍ ହାଇଡ୍ରୋକ୍ଲୋରାଇଡ୍ ୧% ୧୦ଗ୍ରାମର ମିଶ୍ରଣ), ସର୍କୋସ୍ପୋରା ପତ୍ରଚିତା ରୋଗ (କ୍ଲୋରୋଥାଲୋନିଲ୍ ୭୫ %ଡବ୍ଲ୍ୟୁପି ୨୦ ଗ୍ରାମ/କାର୍ବେଣ୍ଡାଜିମ୍ ୧୨ %+ମାନକୋଜେବ୍ ୬୩ % ମିଶ୍ରଣର ୨୦ ଗ୍ରାମ), ଫାଇଟୋପଥୋରା ପତ୍ରପୋଡ଼ା ରୋଗ (ମେଟାଲାକ୍ସିଲ ୩୫% ଡବ୍ଲ୍ୟୁଏସ୍‌ର ୧୦ ଗ୍ରାମ), ଧୂସର ପିମ୍ପି ରୋଗ (କାର୍ବେଣ୍ଡାଜିମ ୫୦% ଡବ୍ଲ୍ୟୁପି ୧୦ ଗ୍ରାମ), ବେକପଚା (କାର୍ବେଣ୍ଡାଜିମ ୫୦ ପ୍ରତିଶତ ଡବ୍ଲ୍ୟୁପି ୨୦ଗ୍ରାମ, କଳଙ୍କି (କ୍ଲୋରୋଥାଲୋନିଲ୍ ୭୫% ଡବ୍ଲ୍ୟୁପି ୨୦ ଗ୍ରାମ/ଡାଲ୍‌ଫେନୋ କୋନାଜୋଲ୍ ୨୫% ଇସି ୧୦ ମିଲି) ଏବଂ ଶୁଖିଲା ଚେରପଚା ରୋଗ (ଭାଲିଡାମାଇସିନ୍ ୩%ଏଲ୍ ୨୦ମିଲି/କାର୍ବେଣ୍ଡାଜିମ ୫୦ % ଡବ୍ଲ୍ୟୁପି ୨୦ ଗ୍ରାମ) କୀଟନାଶକକୁ ପ୍ରତି ୧୦ଲିଟର ପାଣିରେ ମିଶାଇ ଫସଲରେ ସିଞ୍ଚନ କରନ୍ତୁ ।

ଛୁଇଁ ଫଳବିନ୍ଧା ପୋକ ନିୟନ୍ତ୍ରଣ ନିମନ୍ତେ ଦେଶୀୟ ପ୍ରଣାଳୀରେ ୩.୫ ଲିଟର ଗୋମୂତ୍ର ସହ ୩.୫ କି.ଗ୍ରା. ଗୋବର ମିଶାଇ ଏକ ପାତ୍ରରେ ୭ଦିନ ଘୋଡ଼ାଇ ରଖି ପରେ ଛାଣି ପାଣିରେ ମିଶାଇ ୧୦୦ଲିଟର କରାଯାଏ । ଏଥିସହ ୨୦୦ଗ୍ରାମ ଚୂନ ମିଶାଇ ଛଣାଯିବା ପରେ ଅପରାହ୍ନରେ ଡାଲି ଫସଲରେ ୧ ସପ୍ତାହ ଅନ୍ତରରେ ୨-୩ ଥର ସିଞ୍ଚନ କରାଯାଏ । ଅନ୍ୟ ଡାଲି ଫସଲରେ ମଧ୍ୟ ଏହାକୁ ପ୍ରୟୋଗକରି ଫଳବିନ୍ଧା ପୋକ ଦାଉରୁ ଫସଲକୁ ରକ୍ଷା କରାଯାଇପାରିବ । ଆହୁରି ମଧ୍ୟ ୧୦୦ଲିଟର ପାଣିରେ ୫ କି.ଗ୍ରା. ଗୁଡ଼ ମିଶାଇ ଭଲ ଭାବରେ ଘାଣ୍ଟି ଗୁଡ଼ପଣା ତିଆରିକରି ଛାଣି ୧ ଏକର ଫସଲରେ ସିଞ୍ଚନକଲେ ପିମ୍ପୁଡ଼ିମାନେ ଗଛରେ ଚଢ଼ି ଫଳବିନ୍ଧା ଓ ଏହି ପୋକର ଅଣ୍ଡାଗୁଡ଼ିକୁ ଖାଇଯାଆନ୍ତି ଓ ଫସଲ ରକ୍ଷା ପାଇଥାଏ ।

ସ୍ଥଳବିଶେଷରେ ଜଉ, ସବୁଜ ପତ୍ରଡିଆଁ, ଛୁଇଁ ଶୋଷକ/କାଓ ବଗ୍, କ୍ଲିଷ୍ଟର ବିଟିଲ ପୋକର ନିୟନ୍ତ୍ରଣ ପାଇଁ (ଇମିଡାକ୍ଲୋପିଡ୍ ୧୭.୮ %ଏସ୍‌ଏଲ୍ ୨.୮ମିଲି/ଥାୟୋମେଥୋକାମ୍ ୨୫ %ଡବ୍ଲ୍ୟୁଜି ୨ ଗ୍ରାମ/ଆସେଟାମିପ୍ରିଡ୍ ୨୦% ଏସ୍‌ପି ୨.୫ ଗ୍ରାମ), ବାଘୁଆ ପୋକ, ଛୁଇଁ/ଫଳବିନ୍ଧା ପୋକ, ଛୁଇଁ ମାଛି, ଶଁବାଳୁଆ ନିୟନ୍ତ୍ରଣ ନିମନ୍ତେ (ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫ % ଏସ୍‌ପି ୨ ମିଲି / ଇଣ୍ଡୋକାର୍ବ ୧୫.୮ ପ୍ରତିଶତ ଇସି ୬.୭ ମିଲି) କୀଟନାଶକକୁ ପ୍ରତି ୧୦ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଦରକାର ।

ଏହା ସହ ଅମଳ ଓ ପରବର୍ତ୍ତୀ ପରିଚାଳନା ଆବଶ୍ୟକ । ମୁଗ, ବିରି ଫସଲରୁ ଛୁଇଁ ତୋଳାଗଲେ ଅମଳ ଅଧିକ ମିଳିଥାଏ । ଛୁଇଁ ଅଧିକ ଦିନ ପାକଳ ଅବସ୍ଥାରେ ରହିଲେ ଫାଟିଯାଇ ମଞ୍ଜି ବାହାରି ଜମିରେ ଗଳି ପଡ଼େ । ଛୁଇଁ ୮୦ ଭାଗ ପାଚିଗଲେ ଅମଳ କରାଯାଏ । ବୁଟ, ମଟର ପତ୍ର ଶଢ଼ି ଆସିଲେ, ଗଛର କାଣ୍ଡ ଓ ଫଳ ବାଦାମୀ ରଙ୍ଗର ଦେଖାଯାଇ ଛୁଇଁ ପାକଳ ଅବସ୍ଥାକୁ ଆସିଗଲେ ଗଛକୁ କାଟି ଆଣି ଖରାରେ ଶୁଖାଇ ଦିଆଯାଏ । ଏକର ପ୍ରତି ମୁଗ, ବିରି ଫସଲରୁ ହାରାହାରି ୪-୬ କୁଇଣ୍ଟାଲ ଏବଂ ବୁଟ ମସୁର ଫସଲରୁ ପ୍ରାୟ ୬୮ କୁଇଣ୍ଟାଲ ଅମଳ ମିଳିଥାଏ । ଏକର ପ୍ରତି ଉତ୍ପାଦନ ଖର୍ଚ୍ଚ ୧୦-୧୭,୦୦୦ ଟଙ୍କା ହୋଇଥିବା ବେଳେ ଲାଭ ୨୦-୩୦,୦୦୦ ଟଙ୍କା । ତେଣୁ କୃଷକ ଭାଇମାନେ ଅଧିକ ଡାଲି ଚାଷ କରି ବହୁବିଧ ଉପକାର ପାଇପାରିବେ ।

**-ଡ. ପରେଶ କୁମାର ପଣ୍ଡା,**
ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର
ମୋ : ୯୪୩୭୧୧୨୭୦୪




# ଜୈବ ବିବିଧତା ଦିବସ

## ଏବର୍ଷର ବାର୍ତ୍ତା

ଚଳିତବର୍ଷ ଜୈବ ବିବିଧତା ଦିବସ ଉପଲକ୍ଷେ ବାର୍ତ୍ତା ରହିଛି, 'ଜୈବ ବିବିଧତା ସୁରକ୍ଷା ପରିକଳ୍ପନାର ଏକ ଅଂଶ ହେଉ'। ୧୯୯୧ ମେ' ୨୨ରେ ରିଓଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମ୍ମିଳନୀରେ ସବୁ ପ୍ରଜାତିର ଭବିଷ୍ୟତ ଜୀବନ ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି ସିଦ୍ଧାନ୍ତ କରାଯାଇ ଜୈବ ବିବିଧତା ଦିବସ ପାଳନ କରାଯାଇ ଆସୁଛି।

## ଜୀବନର ମାନଦଣ୍ଡ ଜୈବ ବିବିଧତା

ଜୈବ ବିବିଧତା ହେଉଛି ପୃଥିବୀ ପୃଷ୍ଠରେ ବସବାସ କରୁଥିବା ସବୁ ସଜୀବଙ୍କ ବୃହତ୍ତର ସମାହାର। ସହନଶୀଳ ପରିବେଶରେ ନିରବଚ୍ଛିନ୍ନ ଜୀବନ ପ୍ରକ୍ରିୟା ଏବଂ ଏହାର ଅଖଣ୍ଡତା ପାଇଁ ଜୈବ ବିବିଧତା ଆବଶ୍ୟକ। ଏଥିଲାଗି ପ୍ରତିବର୍ଷ ମେ' ୨୨ ତାରିଖରେ ଅନ୍ତର୍ଜାତୀୟ ଜୈବ ବିବିଧତା ସଂରକ୍ଷଣ ଦିବସ ପାଳନ କରାଯାଏ। ଜୈବ ବିବିଧତା କହିଲେ ଗୁଣସୂତ୍ର ବିବିଧତା ବା ପରିବର୍ତ୍ତନଶୀଳତାର ପରିମାଣ, ଜାତିଗତ ବିବିଧତା ପୃଥିବୀ ପୃଷ୍ଠସ୍ଥ ବିଭିନ୍ନ ଜୀବସମୂହର ପରିସଂଖ୍ୟାନକୁ ବୁଝାଇଥାଏ। ପରିସଂସ୍ଥା ବିବିଧତା ଜୈବମଣ୍ଡଳର ପ୍ରାଣୀ ବା ଉଦ୍ଭିଦଙ୍କ ପ୍ରାକୃତିକ ବାସସ୍ଥାନକୁ ସୂଚାଇଥାଏ। ସେହିପରି କୃଷି ବିଭିନ୍ନତା ଜୈବ ବିବିଧତାର ଏକ ଉପାଦାନ। ଦେଶୀୟ ଜୈବ ବିବିଧତା ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳରେ ଥିବା ସୀମିତ ପ୍ରକ୍ରିୟାକୁ ବୁଝାଏ। ପ୍ରାରମ୍ଭିକ ଜୈବ ବିବିଧତା ବିଭିନ୍ନ ଅଣୁଜୀବ, ପ୍ରାଣୀ ବା ଉଦ୍ଭିଦ ସମୂହକୁ ଏବଂ ରୋଗ ସୃଷ୍ଟିକାରୀ ଜୀବ, ଅଣୁଜୀବ, ଗୁଳ୍ମ, କୀଟ, ପୋକକୁ କୁହାଯାଇଥାଏ। କ୍ଷୁଦ୍ରଜୀବ ବିବିଧତା ଭିନ୍ନ ପ୍ରକାରର ଭୂତାଣୁ, ଜୀବାଣୁ, ଆଦି ପ୍ରାଣୀକୁ ସୂଚିତ କରେ। ମାନବ, ପ୍ରାଣୀ ଓ ଉଦ୍ଭିଦ ଏପରି ଏକ ନିର୍ଦ୍ଦିଷ୍ଟ ବନ୍ଧନ ଦ୍ୱାରା ବାନ୍ଧି ହୋଇଥାଆନ୍ତି ଯେ ଏମାନଙ୍କ ମଧ୍ୟରେ ଜଣଙ୍କର ବିଶୃଙ୍ଖଳା ପ୍ରତୀୟମାନ ହେଲେ ଅନ୍ୟ ଜଣେ ଅସନ୍ତୁଳିତ ହୋଇଥାଏ। ଜୈବ ବିବିଧତା କ୍ଷୟର କାରଣ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ତଥା ବନ୍ୟା, ଭୂମିକମ୍ପ, ପ୍ରାକୃତିକ ଆନ୍ତଃସଂଘର୍ଷ, ରୋଗ ସୃଷ୍ଟି ଆଦି ଅନ୍ୟତମ। ମାନବକୃତ ବିଭିନ୍ନ ପ୍ରଜାତିଙ୍କର ବାସସ୍ଥାନର ଅଭାବ, ଦ୍ରୁତ ଶିଳ୍ପାୟନ, ସହରୀକରଣ, ଖଣି ଖନନ, ନଦୀବନ୍ଧ ଯୋଜନା, ଜଙ୍ଗଲରେ ନିଆଁ ଯୋଗୁଁ ହେଉଥିବା କ୍ଷୟ, ବଣୁଆ ପ୍ରାଣୀ ବା ଉଦ୍ଭିଦଙ୍କ ବିନାଶ ପ୍ରାକୃତିକ ସଂସାଧନରେ ବହୁଳ ବ୍ୟବହାର, ଜଳବାୟୁର କୁପ୍ରଭାବ ଫଳରେ ସଂଘଟିତ ହୁଏ। ଭାରତ ବର୍ଷ ହେଉଛି ଜୈବ ବିବିଧତାରେ ପରିପୂର୍ଣ୍ଣ ଏକ ପ୍ରାକୃତିକ ସମୃଦ୍ଧ ରାଷ୍ଟ୍ର। ଓଡ଼ିଶାର ଜୈବ ସମ୍ପଦ ମଧ୍ୟରେ ଚିଲିକା, ଅଂଶୁପା, ଶିମିଳିପାଳ, ମହେନ୍ଦ୍ର ଗିରି, ଭିତରକନିକା, ଗନ୍ଧମାର୍ଦ୍ଦନ, ହରିଶଙ୍କର ବସ୍ତୁତଃ ଆକର୍ଷଣୀୟ ଜିନୀୟ ବିଭିନ୍ନତାର ଗନ୍ତାଘର ରୂପେ ପରିଚିତ। ଜୈବ ବିବିଧତାର ଅବକ୍ଷୟ ପ୍ରତିହତ ନ ହେଲେ ସନ୍ତୁଳିତ ଜୀବନ ପ୍ରକ୍ରିୟା ପ୍ରଭାବିତ ହୋଇ ପ୍ରକୃତିର ବିବର୍ତ୍ତନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବ। ଜୈବ ବିଭିନ୍ନତା ସୁରକ୍ଷାରେ ଜନସାଧାରଣଙ୍କ ସହଯୋଗ ଅପରିହାର୍ଯ୍ୟ।

*-ଡ. ଆଶୁତୋଷ ଦେବତା*


ରାଜନଗର ପେଣ୍ଠସ୍ଥିତ ହେନ୍ତାଳବଣ

# ତଟାଞ୍ଚଳ ସୁରକ୍ଷା ପାଇଁ ଲୋଡ଼ା ହେନ୍ତାଳବଣ

**କେନ୍ଦ୍ରାପଡ଼ା ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ଭୟ ସଦାସର୍ବଦା ଲାଗି ରହିଛି। ତଟକ୍ଷୟ ଯୋଗୁ ସମୁଦ୍ର ପାଣି ଗ୍ରାମ ମଧ୍ୟକୁ ପଶିଆସିବା ଆଶଙ୍କା ସ୍ଥାନୀୟଲୋକଙ୍କ ଚିନ୍ତା ବଢ଼ାଉଛି। ରାଜନଗର ବ୍ଲକର ପେଣ୍ଠସ୍ଥିତ ଜିଓ ଟିଉବୱାଲ ସୁରକ୍ଷିତ ନଥିବା ବେଳେ ଲୁଣା ତଟବନ୍ଧର ଆବଶ୍ୟକ ମରାମତି ହୋଇନାହିଁ। ସମୁଦ୍ର ତଟ ଠାରୁ ୧୦ କିଲୋମିଟର ପରିଧି ମଧ୍ୟରେ ହେନ୍ତାଳବଣ ସୃଷ୍ଟି କରାଗଲେ ବନ୍ୟା, ବାତ୍ୟା ଓ ସୁନାମୀ ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ରାପଡା ଜିଲାକୁ ସୁରକ୍ଷିତ ରଖାଯାଇ ପାରିବ ବୋଲି ମତ ପ୍ରକାଶ ପାଉଛି।**

ରିପୋର୍ଟ: ଜଗନ୍ନାଥ ଧଳ,କେନ୍ଦ୍ରାପଡ଼ା

### ଜିଓ ସିନ୍ଥେଟିକ ପ୍ରକଳ୍ପ ଟ୍ୟୁବ୍‌ୱାଲ ସୁରକ୍ଷିତ ନାହିଁ



ପ୍ରତିବର୍ଷ ବନ୍ୟାରେ କେନ୍ଦ୍ରାପଡା ଜିଲାରେ ବନ୍ୟା ପରି ସାମୁଦ୍ରିକ ଝଡ ଓ ସୁନାମୀର ଆଶଙ୍କା ରହିଛି। ତେବେ ତଟବନ୍ଧ ମରାମତି ଅଦ୍ୟାବଧି ସରିନାହିଁ। ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ ପ୍ରକଳ୍ପ ରାଜନଗର ବ୍ଲକ ପେଣ୍ଠଠାରେ ନିର୍ମାଣ ହୋଇଥିଲା। ଏହାର ଟ୍ୟୁବୱାଲ ଏବେ ସୁରକ୍ଷିତ ନାହିଁ। ଗାବିୟନ ବକ୍ସରୁ ପଥରଗୁଡିକ ସମୁଦ୍ରକୁ ଭାସିଯାଇ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଜିଲାରେ ୪୮ କିଲୋମିଟର ସମୁଦ୍ର ତଟ ଅଛି। ଏହି ତଟାଞ୍ଚଳର ୫୬ ପ୍ରତିଶତ ଅଞ୍ଚଳରେ ଦ୍ରୁତ କ୍ଷୟ ହେଉଥିବା ସର୍ଭେ ରିପୋର୍ଟ ଦର୍ଶାଉଛି। ଏହାର ନିରାକରଣ ହେଉ ନଥିବାରୁ ବର୍ଷାଋତୁ ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ ଆତଙ୍କର କାରଣ ସାଜିଛି।

-ଗୌତମ କୁମାର ବେହେରା, ଉତ୍କଳମଣି ଯୁବକ ସଂଘ ସଭାପତି, ପଟ୍ଟାମୁଣ୍ଡାଇ

### ହେନ୍ତାଳବଣ କଟାଯାଉଥିବାରୁ ତଟକ୍ଷୟ ବଢିଚାଲିଛି



ହେନ୍ତାଳର ନମନୀୟ ଗୁଣ ଗଛକୁ ଜୁଆର ମାଡରୁ ରକ୍ଷା କରୁଥିବା ବେଳେ ଏହା ତଟକ୍ଷୟକୁ ରୋକିଥାଏ। ଗତ ୧୯୯୯ ମସିହା ମହାବାତ୍ୟା ସମୟରେ ଏହାର ପ୍ରମାଣ ଦେଖିବାକୁ ମିଳିଥିଲା। ଜୁଆର ଉତ୍ତାଳ ହୋଇଥିଲେ ମଧ୍ୟ ଜିଲା ମଧ୍ୟକୁ ପ୍ରବେଶ କରୁଥିବା ସମୁଦ୍ର ପାଣିକୁ ରୋକୁଥିଲା। ଫଳରେ ଜଗତସିଂହପୁର ଜିଲା ଭଳି କେନ୍ଦ୍ରାପଡା ଜିଲାରେ ଏତେ ସଂଖ୍ୟକ ଧନଜୀବନ ନଷ୍ଟ ହୋଇ ନଥିଲା। ୧୯୬୦ ମସିହାରୁ ତଟବର୍ତ୍ତୀ ଅଂଚଳରେ ବସତି ସ୍ଥାପନ ଫଳରେ ଭିତରକନିକାର ବହୁ ହେନ୍ତାଳବଣ ଜବରଦଖଲକୁ ଚାଲିଯାଇଛି। ଏଠାରେ ଥିବା ହେନ୍ତାଳବଣକୁ କାଟି ଚିଙ୍ଗୁଡିଘେରି ଆଦି ନିର୍ମାଣ ଫଳରେ ତଟକ୍ଷୟ ଦ୍ରୁତ ଭାବେ ବଢ଼ିଚାଲିଛି। ଏପରିକି ଏଥିଯୋଗୁ ସାତଭାୟା ପଞ୍ଚାୟତର ୬ଟି ଗ୍ରାମ ରାଜସ୍ୱ ମାନଚିତ୍ରରୁ ହଜି ଯାଇଛି। ସମୁଦ୍ର ତଟ ଠାରୁ ୧୦ କିଲୋମିଟର ପରିଧି ମଧ୍ୟରେ ହେନ୍ତାଳବଣ ସୃଷ୍ଟି ହେଲେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଧନ ଜୀବନ ରକ୍ଷା ହୋଇପାରନ୍ତା।

- କ୍ଷିତିଶ କୁମାର ସିଂହ, ଅଧାପକ, କେନ୍ଦ୍ରାପଡା

# ଜଙ୍ଗଲ ସୃଷ୍ଟିରେ ବାଦୁଡ଼ିର ଥାଏ ଗୁରୁତ୍ୱପୂର୍ଣ୍ଣ ଭୂମିକା



ଜାତିସଂଘ ତରଫରୁ ମେ' ୨୨କୁ ବିଶ୍ୱ ଜୈବ ବିବିଧତା ଦିବସ ଭାବେ ପାଳନ କରାଯାଏ। ସାରା ପୃଥିବୀରେ ବିଭିନ୍ନ କାରଣରୁ ଅବିଚାରିତ ଭାବେ ହେଉଥିବା ଜୈବ ବିବିଧତା ନଷ୍ଟକୁ ରୋକିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଜୈବ ବିବିଧତା ସଂରକ୍ଷଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ 'ବାଦୁଡ଼ି'। ଯେଉଁ ଅଞ୍ଚଳରେ ବାଦୁଡ଼ିମାନେ ବସବାସ କରିଥାନ୍ତି, ସେହି ଅଞ୍ଚଳରେ ଜଙ୍ଗଲ ସୃଷ୍ଟି କରିବାରେ ଏମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ବାଦୁଡ଼ିମାନେ ମଳତ୍ୟାଗ କଲା ପରେ, ସେ ମଳରେ ମିଶିଥିବା ଅନେକ ପ୍ରକାର ଫଳମଞ୍ଜି ମାଟିରେ ପଡ଼ି ଗଛ ଉଠିଥାଏ। ତେବେ ବାଦୁଡ଼ିଙ୍କୁ ଧରିବା ଏବଂ ମାରି ମାଂସ ଖାଇବା ଦ୍ୱାରା ସେମାନଙ୍କ ବଂଶ ଦ୍ରୁତ ଗତିରେ ଲୋପ ପାଇବାରେ ଲାଗିଛି। ଏହା ପରିବେଶବିତ୍‌ଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।


ଏହି ପରିପ୍ରେକ୍ଷୀରେ କଟକ ଜିଲା ବାଙ୍କୀ ଅଞ୍ଚଳର ସେଣ୍ଟର ଫର୍ ରୁରାଲ ଟୁରିଜମ ଡେଭଲପ୍‌ମେଣ୍ଟ (ସିଆର୍‌ଟିଡି) ନାମକ ଏକ ସଂସ୍ଥା ପକ୍ଷରୁ ବାଦୁଡ଼ି ସଂରକ୍ଷଣ ପାଇଁ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ସିଡ୍ୟୁଲ-୨ ପ୍ରାଣୀ ତାଲିକାରେ ବାଦୁଡ଼ି ଅନ୍ତର୍ଭୁକ୍ତ। ଆଗରୁ ବାଦୁଡ଼ିକୁ ବନ୍ୟପ୍ରାଣୀ ହିସାବରେ ମାନ୍ୟତା ଦିଆଯାଇ ନ ଥିଲା। ତେଣୁ ବାଙ୍କୀରେ ବାଦୁଡ଼ି ଶିକାର ବଢିଚାଲିଥିଲା। ସମ୍ପୃକ୍ତ ଲୋକଙ୍କୁ ଧରି ବନ କର୍ମଚାରୀଙ୍କ ପାଖକୁ ନେଲେ, ସେମାନେ ଗିରଫ ନ କରି ଛାଡ଼ି ଦେଉଥିଲେ। ସେହି ସମୟରେ ଶିକାରୀଙ୍କୁ ଆଇନର ଭୟ ଦେଖାଇବା ପାଇଁ ସିଆର୍‌ଟିଡି ବାଦୁଡ଼ି ଗଣନା ଆରମ୍ଭ କରିଥିଲା। ପ୍ରତିବର୍ଷ ବାଦୁଡ଼ି ଗଣନା କରି ଯଦି ସଂଖ୍ୟା କମିଥିବା ଜଣାପଡ଼େ, ତେବେ ଶିକାରୀଙ୍କ ନାମରେ ମାମଲା କରିବୁ ବୋଲି କହି ସିଆରଟିଡି ସଦସ୍ୟମାନେ ୨୦୧୬ରୁ ଗଣନା ଆରମ୍ଭ କରିଥିଲେ। ଶିକାରୀମାନଙ୍କୁ ବାରଣ କରିବା ସହିତ ବାଙ୍କୀ ଥାନା କର୍ମଚାରୀଙ୍କୁ ବାଦୁଡ଼ିର ବ୍ୟବହାର ଏବଂ ଆବଶ୍ୟକତା ବିଷୟରେ ବୁଝାଇଥିଲେ। ବାଙ୍କୀ ଥାନା ଛାତ ଉପରେ ପାଣିକୁଣ୍ଡ ରଖାଯାଇଥିଲା ଏବଂ ପୋଲିସ କର୍ମଚାରୀମାନେ ନିୟମିତ ବାହାରେ କୁଣ୍ଡରେ ପାଣି ରଖୁଥିଲେ। ସିଆର୍‌ଟିଡିର ଅନୁରୋଧ ରକ୍ଷା କରି ପୋଲିସ ଫୁଲକୁଣ୍ଡ ବଦଳାଇ ବଡ଼ ପାଣିକୁଣ୍ଡ ଛାତ ଉପରେ ରଖିଲା। ଏସବୁ ପଦକ୍ଷେପ ଫଳରେ ୫-୬ ବର୍ଷ ଭିତରେ ବାଙ୍କୀରୁ ବାଦୁଡ଼ି ଶିକାର ବନ୍ଦ ହୋଇଗଲା।

ଏ ସମ୍ପର୍କରେ ସିଆର୍‌ଟିଡିର ସଂଯୋଜକ ଅମିତ କୁମାର ସାହୁ କୁହନ୍ତି, ୨୦୨୩ରୁ ବାଦୁଡ଼ି ବନ୍ୟପ୍ରାଣୀ ସଂରକ୍ଷଣ ଆଇନରେ ସ୍ଥାନ ପାଇବା ନିଶ୍ଚୟ ଖୁସିର କଥା। ଏବେ ଯିଏ ବାଦୁଡ଼ି ମାରିବ ଗିରଫ ହେବା ସହିତ ୩ବର୍ଷ ଜେଲ ଦଣ୍ଡ ଭୋଗିବ। ସରକାରୀ ସ୍ତରରେ କେଉଁଠି ବି ବାଦୁଡ଼ି ଗଣନା କରାଯାଉନାହିଁ। କେବଳ ସିଆର୍‌ଟିଡି ହିଁ ୨୦୧୬ରୁ ବାଦୁଡ଼ି ଗଣନାର ତଥ୍ୟ ରଖିଛି। ବନ୍ୟପ୍ରାଣୀ ମାନ୍ୟତା ପାଇବା ପରେ ସବୁ ରାଜ୍ୟରେ ପକ୍ଷୀ ଗଣନା ପରି ବାଦୁଡ଼ିମାନଙ୍କୁ ଗଣିବା ପାଇଁ ବ୍ୟବସ୍ଥା କରିବା ଉଚିତ ବୋଲି ଅମିତ କହିଛନ୍ତି।

*– ରିପୋର୍ଟ: ଅସମାପିକା ସାହୁ, ଭୁବନେଶ୍ୱର*

# ଅଭିନେତା ବିଜୟ ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର,୨୧।୫ (ଶର୍ମିଷ୍ଠା ପାଣିଗ୍ରାହୀ)



ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତା ଓ ନିର୍ଦ୍ଦେଶକ ବିଜୟ କୁମାର ପଟ୍ଟନାୟକ ଆଉ ନାହାନ୍ତି। ଚିକିତ୍ସାଧୀନ ଅବସ୍ଥାରେ ୭୮ ବର୍ଷ ବୟସରେ ସେ ସୋମବାର ରାତି ସାଢ଼େ ୧୧ଟାରେ କଟକ ଏସ୍‌ସିବି ମେଡିକାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହି ସମୟରେ ସ୍ୱର୍ଗତ ପଟ୍ଟନାୟକଙ୍କ ତିନି ଝିଅ, ଦୁଇ ପୁଅ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ବଡ଼ପୁଅ ମୁଖାଗ୍ନି ଦେଇଥିଲେ। ଏହି ଖବର ପରେ କଳା ଜଗତରେ ଶୋକର ଛାୟା ଖେଳିଯାଇଛି।

ସ୍ୱର୍ଗତ ପଟ୍ଟନାୟକ ୧୯୪୮ ମସିହା ଜୁଲାଇ ୧ରେ ଗଞ୍ଜାମର ଖୁଜୁଣ୍ଡିଆରେ ଜନ୍ମଗ୍ରହଣ କରିଥିଲେ। କଳା ପ୍ରତି ରୁଚି ଥିବାରୁ କର୍ମମୟ ଜୀବନ ଭିତରେ ବି ସିନେମା, ଧାରାବାହିକ, ଦୂରଦର୍ଶନ ଓ ମଞ୍ଚ ନାଟକରେ ସେ ଅଭିନୟ କରିବା ସହ ନିର୍ଦ୍ଦେଶନା ଦେଉଥିଲେ। ସେ ୧୯୬୭, ମାର୍ଚ୍ଚ ୨୦ରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଚାକିରି ଜୀବନ ଆରମ୍ଭ କରି ୨୦୦୮ ଜୁନ ୩୦ରେ ଅବସର ଗ୍ରହଣ କରିଥିଲେ। ଏହାପରେ ବି ଅଭିନୟ ଜାରି ରଖିଥିଲେ। ଅଭିନେତା ଭାବେ ଖ୍ୟାତି ଅର୍ଜନ କରିବା ସହିତ ନାଟ୍ୟ ନିର୍ଦ୍ଦେଶନାରେ ସୁନାମ ସାଉଁଟିଥିଲେ। ନିଖୁଣ ଅଭିନୟ ପାଇଁ ଲୋକେ ତାଙ୍କୁ ଟ୍ରେଣ୍ଡ ସେଟର ବୋଲି କହୁଥିଲେ। ତାଙ୍କ ଅଭିନୀତ ସିନେମା ମଧ୍ୟରେ 'ରଣଭୂମି', 'ଛବିର ମଣିଷ', 'ଅଜାତି', 'ଝିଅଟା ବିଗିଡ଼ିଗଲା', 'ବନ୍ଦେ ଉତ୍କଳ ଜନନୀ', 'ସନ୍ଦେହୀ ପ୍ରିୟତମା', 'ଲୋଫର୍', 'ଫ୍ୟାମିଲି ନଂ-୧', ଧାରାବାହିକ 'ମଶାଲ', 'କୁଆର ଭଙ୍ଗା', 'ସୁନା ବୋହୂ' ଆଦି ରହିଛି। ଏହି କଳା ପାଇଁ ସେ ସଙ୍ଗୀତ ନାଟକ ଏକାଡେମୀ ସମେତ ଅନେକ ସଂସ୍ଥାଠାରୁ ବିଭିନ୍ନ ମଞ୍ଚରେ ପୁରସ୍କୃତ ଓ ପ୍ରଶଂସିତ ହୋଇଥିଲେ। ତରଙ୍ଗ ଥିଏଟର ମୁଖ୍ୟ ଜ୍ଞାନରଞ୍ଜନ ସାଥୁଆ କହିଛନ୍ତି, ବିଜୟ ସାର୍ କରୋନା ପୂର୍ବରୁ ଅସୁସ୍ଥ ହୋଇପଡ଼ିଥିଲେ। ସୁସ୍ଥ ହୋଇ ପୁଣି କଳା ଜଗତକୁ ଫେରିଥିଲେ। ଗତ ଫେବୃଆରୀରେ 'ଶେଷ ସାହାରା' ନାଟକ ପରିବେଷଣ ପରେ ମଞ୍ଚରେ ଛିଡ଼ା ହୋଇ କାନ୍ଦିବା ସହ ନାଟକକୁ ପୁନର୍ବାର କରିବାକୁ କହିଥିଲେ। ଗତ କିଛିଦିନ ତଳେ ସେ ଗାଧୁଆ ଘରେ ପଡ଼ିଯାଇଥିଲେ। ଏହାପରେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ବ୍ରେନ ସର୍ଜରି ପରେ ଦୀର୍ଘ ୧୩ ଦିନ ଧରି ଚିକିତ୍ସାଧୀନ ଥିଲେ। ତେବେ ଶେଷରେ ସମସ୍ତଙ୍କୁ ଛାଡ଼ି ଚାଲିଗଲେ। ତାଙ୍କ ମରଶରୀରକୁ କଳାହାଙ୍ଗ ବାସଭବନକୁ ଅଣାଯାଇଥିଲା। ସେଠାରୁ କର୍ମଭୂମି ରବୀନ୍ଦ୍ର ମଣ୍ଡପ ଓ ସଙ୍ଗୀତ ନାଟକ ଏକାଡେମୀ ପରିସରକୁ ନିଆଯାଇଥିଲା। ସେଠାରେ ସମସ୍ତେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ରାଜ୍ୟ ଖବର

# ପୋଲିଂ ଅଫିସରଙ୍କୁ ଛୁରାମାଡ଼

ବ୍ରହ୍ମପୁର,୨୧।୫ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଭଞ୍ଜନଗରରେ ମତଦାନ କାର୍ଯ୍ୟ ସାରି ଘରକୁ ଫେରୁଥିବା ପୋଲିଂ ଅଫିସର ଟୁକୁନା ବଳିଆୟାରସିଂଙ୍କୁ ମଙ୍ଗଳବାର ବ୍ରହ୍ମପୁରରେ ଛୁରାମାଡ଼ ହୋଇଛି। ଏ ନେଇ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଟୁକୁନା ଟେକ୍ସଟାଇଲ ଆଞ୍ଚଳିକ କାର୍ଯ୍ୟାଳୟ ବ୍ରହ୍ମପୁରରେ ଟେକ୍ନିକାଲ ଆସିଷ୍ଟାଣ୍ଟ ଭାବେ କାମ କରୁଛନ୍ତି। ସେ ଆଙ୍କୁଲି ଶିଳ୍ପାଞ୍ଚଳ ନିକଟସ୍ଥ ଅଫିସ ଗେଟ ଆଗରେ ପହଞ୍ଚି ରାତ୍ର ଜଗୁଆଳଙ୍କୁ ଡାକୁଥିବା ବେଳେ ୩ ଦୁର୍ବୃତ୍ତ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ୨ଜଣ ତାଙ୍କ ପାଖକୁ ଯାଇ ସୁନା, ଟଙ୍କା, ମୋବାଇଲ ଫୋନ୍ ଏବଂ ଘଣ୍ଟା ଛଡାଇବାକୁ ଉଦ୍ୟମ କରିବାରୁ ସେ ପ୍ରତିବାଦ କରିଥିଲେ। ପରେ ସେମାନେ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ରାତି ଜଗୁଆଳି ପାଟି ଶୁଣି ଆସି ଟୁକୁନାଙ୍କୁ ମେଡିକାଲ ନେଇଥିଲେ।

# ୫ ଦିନ କାଳବୈଶାଖୀ ବର୍ଷା

ଭୁବନେଶ୍ୱର, ୨୧।୫(ଅସମାପିକା ସାହୁ)

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ବୁଧବାର ସୁଦ୍ଧା ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଉତ୍ତର-ପୂର୍ବ ଦିଗରୁ ଗତି କରି ୨୪ ତାରିଖ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବାର ସମ୍ଭାବନା ଅଛି। ଏହାର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇପାରେ। ୨୫ ତାରିଖରେ ବାଲେଶ୍ୱରରେ ପ୍ରବଳ ବର୍ଷା ହେବ ବୋଲି ୟେଲୋ ୱର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। କାଳବୈଶାଖୀ ନେଇ ମଧ୍ୟ ରାଜ୍ୟର କେତେକ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ବୁଧବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା ଓ କଳାହାଣ୍ଡି ଜିଲାର କିଛି ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ତେଣୁ ଏସବୁ ଜିଲାକୁ ୟେଲୋ ୱର୍ନିଂ ଜାରି କରାଯାଇଛି। ଅପରପକ୍ଷେ ରାଜ୍ୟରେ ଏବେ ପାରଦ ଉପରମୁହାଁ ରହିଛି। ମଙ୍ଗଳବାର ନୂଆପଡ଼ାରେ ସର୍ବାଧିକ ୪୨.୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ସୁନ୍ଦରଗଡ଼ରେ ୪୧.୨, ବୌଦ୍ଧ ୪୦.୫, ଖୋର୍ଦ୍ଧା ୪୦.୫, ଝାରସୁଗୁଡ଼ା ୪୦.୪, ବଲାଙ୍ଗୀର ୪୦.୪, ଭବାନୀପାଟଣା ୪୦ ଏବଂ ଟିଟିଲାଗଡ଼ରେ ୪୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି।

# ଅନୁଗୋଳ-ନୟାଗଡ଼ ରେଳପ୍ରକଳ୍ପର ଚୂଡ଼ାନ୍ତ ଅବସ୍ଥାନ ସର୍ବେକ୍ଷଣ

ଭୁବନେଶ୍ୱର,୨୧।୫(ଅନୁରାଧା ମହାରଣା)

ନରସିଂହପୁର-କଣ୍ଟିଲୋ-ଖଣ୍ଡପଡ଼ା ମାର୍ଗ ଦେଇ ଅନୁଗୋଳ-ନୟାଗଡ଼ ରେଳପଥ ଏବଂ ଖୋର୍ଦ୍ଧା ଟାଉନ ଓ କାଇପଦର ମଧ୍ୟରେ କର୍ଡ ଲାଇନ ପ୍ରସ୍ତାବିତ ରେଳପ୍ରକଳ୍ପର ଚୂଡ଼ାନ୍ତ ଅବସ୍ଥାନ ସର୍ବେକ୍ଷଣର କାର୍ଯ୍ୟ ଆରମ୍ଭ ହୋଇଛି। ୧୨୦ କିଲୋମିଟର ବିଶିଷ୍ଟ ଏହି ପ୍ରକଳ୍ପ ସର୍ବେକ୍ଷଣକୁ ଗତ ଫେବୃଆରୀ ୭ରେ ରେଳ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ କରାଯାଇଥିଲା। ପ୍ରସ୍ତାବିତ ଅନୁଗୋଳ-ନୟାଗଡ଼ ରେଳପଥ ଏବଂ ଖୋର୍ଦ୍ଧା ଟାଉନ ଓ କାଇପଦର ମଧ୍ୟରେ କର୍ଡ ଲାଇନର ଫାଇନାଲ ଲୋକେଶନ ସର୍ଭେ ଏବଂ ଡିପିଆର୍ ପ୍ରସ୍ତୁତି ପାଇଁ ଏପ୍ରିଲ ୮ରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଆଲାଇନମେଣ୍ଟକୁ ଅନ୍ତିମ ରୂପ ଦେବା ପାଇଁ ବର୍ତ୍ତମାନ ସର୍ଭେ କାର୍ଯ୍ୟ ଚାଲୁରହିଛି। ଡିପିଆର୍ ପ୍ରସ୍ତୁତି ମଧ ଚାଲୁରହିଛି ଏବଂ ଏହି ପ୍ରକଳ୍ପର ପ୍ରକ୍ରିୟାଗୁଡ଼ିକ ଚୂଡ଼ାନ୍ତ ହେବା ପରେ ଏହାକୁ ପରବର୍ତ୍ତୀ କାର୍ଯ୍ୟପନ୍ଥା ପାଇଁ ରେଳ ବୋର୍ଡ ନିକଟରେ ଦାଖଲ କରାଯିବ। ସୂଚନାଥାଉ କି, ଏହି ପ୍ରସ୍ତାବିତ ରେଳପ୍ରକଳ୍ପ କଣ୍ଟିଲୋ ନୀଳମାଧବ ମନ୍ଦିରକୁ ରେଳ ନେଟୱର୍କ ମଧ୍ୟରେ ଯୋଡ଼ିବ ଏବଂ ଏହା ପ୍ରକୃତି ପର୍ଯ୍ୟଟନର ବିକାଶ କରିବା ସହିତ ବଣୁଆ ଜୀବଜନ୍ତୁ ଅଭୟାରଣ୍ୟକୁ ସଂଯୋଗ କରିବ। କଣ୍ଟିଲୋ ଓ ଖଣ୍ଡପଡ଼ା ଅଞ୍ଚଳରେ ବ୍ରାସ୍ ଏବଂ ଅନ୍ୟାନ୍ୟ ଧାତୁ ହସ୍ତଶିଳ୍ପ ପାଇଁ ଏହା ନୂତନ ବଜାର ସୃଷ୍ଟି କରିବାରେ ସାହାଯ୍ୟ କରିବ, ଯାହା ସ୍ଥାନୀୟ କାରିଗରମାନଙ୍କର ଅଧିକ ବିକାଶ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଏହାବ୍ୟତୀତ ବିଦ୍ୟୁତ୍ ପ୍ଲାଣ୍ଟ ଓ ବନ୍ଦରକୁ କୋଇଲା ପରିବହନ ପାଇଁ ସହାୟକ ହେବା ସହିତ ଆର୍ଥିକ ବିକାଶରେ ମଧ ସହାୟକ ହେବ। ଏହି ପ୍ରସ୍ତାବିତ ରେଳଲାଇନ ନୟାଗଡ଼ ଟାଉନ ଷ୍ଟେଶନଠାରେ ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ରେଳଲାଇନକୁ ସଂଯୋଗ କରିବ ଏବଂ ଖୋର୍ଦ୍ଧା ଟାଉନ ଷ୍ଟେଶନଠାରୁ କାଇପଦର ଷ୍ଟେଶନ ପର୍ଯ୍ୟନ୍ତ ଏକ କର୍ଡ ଲାଇନ ନିର୍ମାଣ କରାଯାଇ ଖୋର୍ଦ୍ଧାରୋଡ୍-ବିଜୟନଗରମ୍ ମେନ୍ ଲାଇନଠାରେ ସଂଯୋଗ କରାଯିବ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମେ ୨୨/୨୦୨୪ Bhubaneswar, Wednesday, May 22 / 2024

# ନବୀନ ବାବୁ ଓଡ଼ିଆ ଅସ୍ମିତାର କଣ୍ଠରୋଧ କରୁଛନ୍ତି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)

ନବୀନବାବୁ ଓଡ଼ିଆ ଅସ୍ମିତାର କଣ୍ଠରୋଧ କରିବାକୁ ପ୍ରୟାସ କରୁଛନ୍ତି। ଓଡ଼ିଶାରେ ତାମିଲ ଲୋକ ଶାସନ କରିପାରିବେ ନାହିଁ। ଓଡ଼ିଶାର ଶାସନ ଭାର ଓଡ଼ିଆଙ୍କ ହାତରେ ରହିବ ବୋଲି ଖୋଦ୍ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ତେବେ ନବୀନବାବୁଙ୍କ ଏପରି ପ୍ରୟାସ ବଡ଼ ଆକାରରେ ବିଫଳ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ମଙ୍ଗଳବାର ସମ୍ବଲପୁର, ଢେଙ୍କାନାଳର ପରଜଙ୍ଗ ଏବଂ କେନ୍ଦୁଝରରେ ଆୟୋଜିତ 'ବିଜୟ ସଂକଳ୍ପ ସମାବେଶ'ରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଦୀର୍ଘ ୨୫ ବର୍ଷର ସରକାରରେ ରାଜ୍ୟରେ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟସେବା, ଦାଦନ ସମସ୍ୟା ଚିନ୍ତାଜନକ। ୨୫ ବର୍ଷର ଅପାରଗ ସରକାର ବିରୋଧରେ ପ୍ରବଳ ଜନମତ ରହିଛି। ପିଇବା ପାଣି ପାଇଁ ମୋଦି ଓଡ଼ିଶାକୁ ୧୦ ହଜାର ଟଙ୍କା ପଠାଇଛନ୍ତି। କିନ୍ତୁ ଏଠାକାର ବିଜେଡି ସରକାର ତାମିଲ କଣ୍ଟ୍ରାକ୍ଟରଙ୍କୁ ପୋଷି ଲୋକଙ୍କୁ ପାଣି ଦେଉନାହିଁ। ଓଡ଼ିଆ ଲୋକଙ୍କ ପଇସାରେ ବାହାର ରାଜ୍ୟର ଠିକାଦାରଙ୍କୁ ପୋଷାଯାଉଛି। ମୁଖ୍ୟମନ୍ତ୍ରୀ ଶାସନରେ ନାହାନ୍ତି, ଠିକାରେ ଶାସନ ଚାଲିଛି। ବିଜେଡି ମନରେ ପରାଜୟର ଡର ଘାରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଗାଳି କରିବାକୁ ପଛାଉନାହିଁ। ପ୍ରଧାନମନ୍ତ୍ରୀଙ୍କ ପ୍ରତି ହେଉଥିବା ଅପମାନକୁ ଲୋକେ ସହିବେ ନାହିଁ, ଭୋଟରେ ଜବାବ ଦେବେ। ଓଡ଼ିଶାରେ ଏଥର ଓଡ଼ିଆ ଭାଷା ସଂସ୍କୃତି ଆଧାରରେ ସରକାର ହେବ। ମୋଦିଙ୍କ ଡବଲ ଇଞ୍ଜିନ ସରକାର


ଧର୍ମେନ୍ଦ୍ର ପ୍ରଧାନ

କରିବା ପାଇଁ ଲୋକମାନେ ମନ ସ୍ଥିର କରିସାରିଛନ୍ତି। ଓଡ଼ିଶାର ଶାସନ ଓଡ଼ିଆ ଲୋକଙ୍କ ହାତରେ ରହିବ। ଗରିବଙ୍କୁ ମୌଳିକ ସୁବିଧା, ଚାଷୀଙ୍କ କଲ୍ୟାଣ ସହ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା, ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ଯୁବବର୍ଗଙ୍କୁ ରୋଜଗାର ଦେବାର ଗ୍ୟାରେଣ୍ଟି ମୋଦି ଦେଇଛନ୍ତି। ଭାଜପା ସରକାର ହେଲେ ଧାନର ଏମ୍ଏସ୍‌ପି କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ହେବ। ଧାନ କିଣିବାର ୪୮ ଘଣ୍ଟା ମଧ୍ୟରେ ବ୍ୟାଙ୍କ ଖାତାରେ ଏହି ଅର୍ଥ ଦିଆଯିବ। ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର ଦିଆଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ଅଧିକ ୧୫ ଲକ୍ଷ ଘର ପ୍ରଦାନ କରାଯିବ। ସବୁ ଘରେ ପିଇବା ପାଣି, ଶୌଚାଳୟ, ଗ୍ୟାସ୍‌ର ବ୍ୟବସ୍ଥା ହେବ। କଳା, ସଂସ୍କୃତି, ପରମ୍ପରା, ବୀର ସଂଗ୍ରାମୀଙ୍କ ଭୂମିରେ ଶାହାଙ୍କ ପ୍ରତି ଜନତାଙ୍କ ଅମାପ ସମର୍ଥନ ରାଜ୍ୟରେ ପରିବର୍ତ୍ତନର ବଡ ପ୍ରତିଫଳନ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଆଗାମୀ ୫ ବର୍ଷରେ ଓଡ଼ିଶା ୧ ନମ୍ବର ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# 'ଭାଜପାର ଭବିଷ୍ୟବାଣୀ ଭୁଲ୍ ପ୍ରମାଣିତ ହେବ'

ଭୁବନେଶ୍ୱର, ୨୧।୫(ଅସମାପିକା ସାହୁ)

ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଓଡ଼ିଶାରେ ତାଙ୍କ ସପକ୍ଷରେ ହାୱା ରହିଛି। ୨୦୧୯ ଭଳି ୨୦୨୪ରେ ମଧ୍ୟ ଭାଜପାର ଭବିଷ୍ୟବାଣୀ ଭୁଲ ପ୍ରମାଣିତ ହେବ ବୋଲି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ମଙ୍ଗଳବାର ଜାତୀୟ ଖବର ସରବରାହ ସଂସ୍ଥା 'ପିଟିଆଇ'କୁ ଦେଇଥିବା ସାକ୍ଷାତ୍‌କାରରେ ପାଣ୍ଡିଆନ ଏହା କହିଛନ୍ତି। ନିର୍ବାଚନ, ନିର୍ବାଚନ ପରବର୍ତ୍ତୀ ସ୍ଥିତି ଓ ରତ୍ନଭଣ୍ଡାର ସମେତ ଅନେକ ପ୍ରଶ୍ନର ଉତ୍ତର ଦେଇ ପାଣ୍ଡିଆନ କହିଛନ୍ତି, ଓଡ଼ିଶାରେ ନବୀନଙ୍କ ବିକଳ୍ପ ନାହିଁ। ତେଣୁ ଭାଜପା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରୁନାହିଁ। ପାଣ୍ଡିଆନ ଆହୁରି ମଧ୍ୟ କହିଛନ୍ତି, ଭଗବାନଙ୍କ ଅନୁଗ୍ରହ ଏବଂ ଲୋକଙ୍କ ସମର୍ଥନ ବିଜେଡିକୁ ସୁଦୃଢ଼ କରିଛି। ବିଜେଡି ସର୍ବାଧିକ ସଂଖ୍ୟା ଗରିଷ୍ଠତା ହାସଲ କରିବ ଏବଂ ଜୁନ୍ ୯ ତାରିଖରେ ନବୀନ ପଟ୍ଟନାୟକ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅମିତ ଶାହାଙ୍କ ମନ୍ତବ୍ୟ ଉପରେ ସେ ଉତ୍ତର ଦେଇ କହିଛନ୍ତି, ୨୦୧୯ରେ ମଧ୍ୟ ନବୀନ ପଟ୍ଟନାୟକଙ୍କ ବିଦାୟ ବର୍ଷ ବୋଲି ଭାଜପା ପ୍ରଚାର କରୁଥିଲା। ମାତ୍ର ନିର୍ବାଚନ ଫଳାଫଳ ସବୁ ବଦଳାଇଦେଲା। ନବୀନ ପଟ୍ଟନାୟକ ବହୁମତ ଲାଭ କରି ପୁଣି ସରକାରକୁ ଆସିଲେ। ୨୦୨୪ରେ ମୁଖ୍ୟମନ୍ତ୍ରୀ ଭାବେ ଷଷ୍ଠଥର ଲାଗି ନବୀନ ପଟ୍ଟନାୟକ ପୁଣି ଦାୟିତ୍ୱ ନେବେ।

ଯଦି ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ଦିଆଯାଏ ତେବେ ତାହା ହିଁ ଓଡ଼ିଶାକୁ ଶ୍ରେଷ୍ଠ ଉପହାର ହେବ। ପ୍ରଧାନମନ୍ତ୍ରୀ କହୁଛନ୍ତି, ସେ ଚାଷୀଙ୍କୁ ୩,୧୦୦


କାର୍ତ୍ତିକ ପାଣ୍ଡିଆନ

ଟଙ୍କା ଏମ୍ଏସ୍‌ପି ଦେବେ। ଏହାକୁ ଭାଜପା ଜୋରଦାର ପ୍ରଚାର କରୁଛି। ଯଦି ଏହା ପ୍ରଧାନମନ୍ତ୍ରୀ କରନ୍ତି, ତେବେ ଏହା ହେବ ଓଡ଼ିଶାକୁ ମୋଦିଙ୍କ ଦ୍ୱିତୀୟ ଗିଫ୍ଟ। କୋଇଲା ରୟାଲିଟିକୁ ଯଦି ସଂଶୋଧନ କରାଯାଏ ତେବେ ତାହା ଓଡ଼ିଶା ଲାଗି ତୃତୀୟ ଉପହାର ହେବ ବୋଲି ପାଣ୍ଡିଆନ କହିଛନ୍ତି।

ସେହିପରି ନବୀନ ପଟ୍ଟନାୟକଙ୍କ ସମ୍ପର୍କରେ ପାଣ୍ଡିଆନ କହିଛନ୍ତି, ନବୀନ ପଟ୍ଟନାୟକ ଜଣେ ରାଜନୀତିଜ୍ଞ ନୁହନ୍ତି, ସେ ଜଣେ ମହାନ ବ୍ୟକ୍ତି। ଓଡ଼ିଶାବାସୀଙ୍କୁ ସେବା କରିବା ଲାଗି ତାଙ୍କ ହୃଦୟରେ ପବିତ୍ର ଭାବନା ରହିଛି। ସେ ରାଜନୀତି କରନ୍ତି ନାହିଁ। ସେ ଯଦି ରାଜନୀତି କରିବେ ତେବେ ଓଡ଼ିଶାବାସୀଙ୍କ ସେବା କରିପାରିବେ ନାହିଁ। ଲୋକଙ୍କ ସେବା ଲାଗି ସେ ରାଜନୀତିକୁ ମାଧ୍ୟମ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଭୟ ହିଞ୍ଜିଳି ଓ କଣ୍ଟାବାଞ୍ଜିରୁ ବିଜୟୀ ହେବେ। ଦୁଇଟିଯାକ ଆସନରୁ ସେ ବିପୁଳ ଭୋଟରେ ବିଜୟୀ ହେବେ ବୋଲି ପାଣ୍ଡିଆନ ପ୍ରକାଶ କରିଛନ୍ତି।

## 'ମହାପ୍ରଭୁଙ୍କୁ ରାଜନୀତିକୁ ଟାଣିବା ଭାଜପାର ରଣନୀତି'

ଭୁବନେଶ୍ୱର, ୨୧।୫(ଅସମାପିକା ସାହୁ)

ଭାଜପାର ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ 'ଜଗନ୍ନାଥ ମୋଦିଙ୍କ ଭକ୍ତ' ମନ୍ତବ୍ୟକୁ ନେଇ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କଡ଼ା ଜବାବ ଦେଇଛନ୍ତି। ମଙ୍ଗଳବାର 'ଏଏନ୍ଆଇ'କୁ ସାକ୍ଷାତକାର ବେଳେ ସମ୍ବିତଙ୍କୁ ସେ ଟାର୍ଗେଟ କରି କହିଛନ୍ତି, ଭାଜପା ସବୁବେଳେ ଓଡ଼ିଆ ଅସ୍ମିତାକୁ ପ୍ରସଙ୍ଗ କରିଆସୁଛି। ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଅସ୍ମିତାର ପ୍ରତୀକ। ମୁଖ୍ୟମନ୍ତ୍ରୀ ସବୁବେଳେ ଭଗବାନଙ୍କୁ ରାଜନୀତିରୁ ଦୂରେଇ ରଖିଆସିଛନ୍ତି। ଭଗବାନ ଅମର ଓ ମଣିଷ ମରଣଶୀଳ। ଏମାନଙ୍କର ମିଶ୍ରଣ ହୋଇପାରିବ ନାହିଁ। ସମ୍ବିତଙ୍କ ମନ୍ତବ୍ୟକୁ ନେଇ ମୁଖ୍ୟମନ୍ତ୍ରୀ ମର୍ମାହତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଜନୀତିକୁ ଟାଣିବା ନେଇ ମୁଖ୍ୟମନ୍ତ୍ରୀ ଦୁଃଖିତ ବୋଲି ପାଣ୍ଡିଆନ କହିଛନ୍ତି। ଓଡ଼ିଶାବାସୀ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ନିର୍ବାଚନକୁ ଟାଣିବାକୁ ପସନ୍ଦ କରନ୍ତିନାହିଁ। ଏମିତି ଘଟଣା ଭାଜପା ପକ୍ଷରୁ ପ୍ରଥମ ନୁହେଁ। ୨୦୧୯ ପଞ୍ଚାୟତ ନିର୍ବାଚନରେ ଭାଜପା ନେତା ଏପରି କିଛି ପ୍ରସଙ୍ଗ ଉଠାଇଥିଲେ। ଏଭଳି ବିବାଦୀୟ ମନ୍ତବ୍ୟ ଦେଇ ଭାଜପା ରାଜନୀତି କରିବା ସହ ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କୁ ରୋକିବାକୁ ଚେଷ୍ଟା କରିଆସୁଛି। ଏହା ଭାଜପାର ରାଜନୈତିକ ରଣନୀତି ରହିଆସିଛି ବୋଲି ପାଣ୍ଡିଆନ କହିଛନ୍ତି।

# ସିଇଓଙ୍କ ନିକଟରେ ଫେରାଦହେଲା ଭାଜପା



ଭାଜପା ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଛି।

ଭୁବନେଶ୍ୱର,୨୧।୫(ସୁନିତ୍ ମିଶ୍ର)

ଓଡ଼ିଶାର ୨ୟ ପର୍ଯ୍ୟାୟ ନିର୍ବାଚନ ବେଳେ କନ୍ଧମାଳ ବିଧାନସଭା କ୍ଷେତ୍ରର ୨୬ ଓ ୨୯ ନମ୍ବର ବୁଥ୍‌କୁ ବିଜେଡି ଗୁଣ୍ଡାମାନେ ଜବରଦଖଲ କରିଛନ୍ତି। ଏପରିକି ବୁଥ୍ ବାହାରେ ଭୋଟ ଦେବାକୁ ଅପେକ୍ଷା କରିଥିବା ଭୋଟର ତଥା ଭାଜପା ପ୍ରାର୍ଥୀଙ୍କ ସମର୍ଥକମାନଙ୍କୁ ପ୍ରବେଶ କରିବାକୁ ନ ଦେଇ ସେମାନଙ୍କୁ ଭୋଟ ଦେବାରୁ ବଞ୍ଚିତ କରିଛନ୍ତି। ଏହି ୨ ବୁଥ୍‌ରେ ବ୍ୟାପକ ହିଂସାକାଣ୍ଡ ହୋଇଥିଲା। ସ୍ଥାନୀୟ ପ୍ରଶାସନ ଓ ପୋଲିଂ କର୍ମଚାରୀଙ୍କ ସହଯୋଗରେ ଏପରି କରାଯାଇଛି। ବୁଥ୍ ଜବରଦଖଲ ଓ ହିଂସାକାଣ୍ଡ ସତ୍ତ୍ୱେ

### ଅନେକ ବୁଥ୍‌ରେ ପକ୍ଷପାତିତା କରି ମତଦାନ କରାଯାଇଛି

ଏଠାରେ ଭୋଟଦାନ ପ୍ରକ୍ରିୟା ସ୍ଥଗିତ କରାଯାଇ ନ ଥିବା ଭାଜପାର ଏକ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଅବସରରେ ଭାଜପା ଅଭିଯୋଗ କରିଛି ଯେ, ଉଭୟ ବୁଥ୍‌ରେ ମତଦାନ ଫଳାଫଳ ଖରାପ ରହିଛି। ସମାନ ଘଟଣା ଓ ପରିସ୍ଥିତିରେ କନ୍ଧମାଳର ୨୮ ନମ୍ବର ବୁଥ୍‌ରେ ମତଦାନ ପ୍ରକ୍ରିୟା ସ୍ଥଗିତ ରଖାଯାଇଥିଲା। ମାତ୍ର ବୁଥ୍ ନମ୍ବର ୨୬ ଓ ୨୯ରେ ପରିସ୍ଥିତି ଅଧିକ ଖରାପ ଥିଲେ ମଧ୍ୟ ଏଠାରେ ମତଦାନ ପ୍ରକ୍ରିୟା ଶେଷ କରାଯାଇଥିଲା। ନିର୍ବାଚନ ବ୍ୟବସ୍ଥାରେ ଏଭଳି ପକ୍ଷପାତିତା ନିରାଶାଜନକ। ଏହା ନିର୍ବାଚନ ନିୟମକୁ ଉଲ୍ଲଂଘନ କରୁଛି। ୨୬ ଓ ୨୯ ନମ୍ବର ବୁଥ୍‌ର ପ୍ରିଜାଇଡିଂ ଅଫିସର ଶାସକ ଦଳ ସହ ଥିବାରୁ ସତ୍ୟାସତ୍ୟ ବାହାରକୁ ଆସିପାରିନାହିଁ। ଉଭୟ ବୁଥ୍‌ରେ ପୁନର୍ବାର ମତଦାନ କରିବାକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଭାଜପା ପ୍ରତିନିଧି ମଣ୍ଡଳୀ ଦାବି କରିଛନ୍ତି।

## ବିଜେଡି ଛାଡ଼ିଥିବା ୪ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ

**କାହିଁକି ବିଧାୟକ ପଦ ରଦ୍ଦ ନ ହେବ ସେନେଇ ୨୭ ସୁଦ୍ଧା ଉତ୍ତର ରଖିବେ**

ଭୁବନେଶ୍ୱର,୨୧।୫(ସୁନିତ୍ ମିଶ୍ର)

ନିକଟରେ ବିଜେଡିରୁ ଇସ୍ତଫାଦେଇ ଭାଜପାରେ ଯୋଗ ଦେଇଥିବା ୪ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ହିନ୍ଦୋଳ ବିଧାୟକ ସୀମାରାଣୀ ନାୟକ, ଆଠମଲ୍ଲିକ ବିଧାୟକ ରମେଶ ସାଏ ଏବଂ ସୋର ବିଧାୟକ ପର୍ଶୁରାମ ଧଡ଼ାଙ୍କୁ ବିଧାନସଭା ବାଚସ୍ପତି ପ୍ରମିଳା ମଲ୍ଲିକଙ୍କ ତରଫରୁ ଜବାବ ତଲବ କରାଯାଇଛି। କାହିଁକି ସେମାନଙ୍କ ବିଧାୟକ ପଦବୀ ରଦ୍ଦ ନ କରାଯିବ ପକ୍ଷ ରଖିବାକୁ ନୋଟିସରେ ଉଲ୍ଲେଖ ରହିଛି। ଆସନ୍ତା ୨୭ ତାରିଖ ସୁଦ୍ଧା କାରଣ ଦର୍ଶାଅ ନୋଟିସର ଉତ୍ତରଦେବାକୁ କୁହାଯାଇଛି। ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲିଙ୍କ ଆବେଦନ ଆଧାରରେ ଏହି ନୋଟିସ ଜାରି କରାଯାଇଛି। ବାଚସ୍ପତିଙ୍କ ନିର୍ଦ୍ଦେଶରେ ବିଧାନସଭା ସଚିବ ଏହି ନୋଟିସ କରିଛନ୍ତି। ଏହି ୪ ବିଧାୟକ ବିଜେଡି ଛାଡ଼ି ଭାଜପାରେ ମିଶିଛନ୍ତି। ଏହାପରେ ସରକାରୀ ଦଳ ମୁଖ୍ୟ ସଚେତକ ଏନେଇ ଆବେଦନ କରିଥିଲେ। ଏହାପରେ ବାଚସ୍ପତିଙ୍କ ନିର୍ଦ୍ଦେଶରେ ୪ ଜଣ ବିଧାୟକଙ୍କୁ ନୋଟିସ ହୋଇଛି। ଏହା ପୂର୍ବରୁ ଭୁବନେଶ୍ୱର ଜୟଦେବ ବିଧାୟକ ଅରବିନ୍ଦ ଢାଲି ଓ ତେଲକୋଇ ବିଧାୟକ ପ୍ରେମାନନ୍ଦ ନାଏକଙ୍କ ପଦ ରଦ୍ଦ ହୋଇସାରିଛି।

# ୨୩ରେ ଓଡ଼ିଶା ଆସିବେ ଯୋଗୀ, ନଡ୍ଡା

ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନ ଲାଗି ଭାଜପାର ବହୁ କେନ୍ଦ୍ରୀୟ ନେତା ଘନ ଘନ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଜାରି କରିଛନ୍ତି। ବିଭିନ୍ନ ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକାଧିକ ଥର ଓଡ଼ିଶା ଗସ୍ତରେ ଆସିସାରିଲେଣି। ଆଗକୁ ମଧ୍ୟ ସେମାନେ ଆହୁରି ଗସ୍ତ କରିବେ ବୋଲି ଜଣାପଡ଼ିଛି। ଏହି କ୍ରମରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୩ରେ ଯୋଗୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ସିନେ ତାରକା ଅରୁଣ ଗୋଭିଲ ମଧ୍ୟ ଓଡ଼ିଶା ଗସ୍ତ କରିବା କାର୍ଯ୍ୟକ୍ରମ ରହିଥିବା ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଗୋଲକ କହିଛନ୍ତି, ଆସନ୍ତା ୨୫ ଏବଂ ଜୁନ୍ ୧ରେ ଓଡ଼ିଶାର ୩ୟ ଓ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଭାଜପାର ନିର୍ବାଚନ ପ୍ରଚାରକୁ ଶାଣିତ

### ଆଜି ପ୍ରଚାର କରିବାକୁ ଆସୁଛନ୍ତି ହିମନ୍ତ ବିଶ୍ୱଶର୍ମା, ଅରୁଣ ଗୋଭିଲ

କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ନେତୃବୃନ୍ଦ ବିଭିନ୍ନ ସ୍ଥାନ ଗସ୍ତ କରୁଛନ୍ତି । ବୁଧବାର ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସକାଳ ୮ଟା ୩୦ରେ ସମ୍ବଲପୁର ଗସ୍ତକରି ପ୍ରଥମେ ମାଁ ସମଲେଶ୍ୱରୀଙ୍କ ଦର୍ଶନକରି ଆଶୀର୍ବାଦ ଗ୍ରହଣ କରିବେ। ଏହାପରେ ସକାଳ ୯ଟା ୧୫ରେ ସମ୍ବଲପୁରଠାରେ ଥିବା ସ୍ୱର୍ଗତ ବିଜୁ ବରୁଆଙ୍କ ଜନ୍ମ ସ୍ଥାନକୁ ଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ। ବିଶ୍ୱଶର୍ମା ଦେବଗଡ଼ଠାରେ ପୂର୍ବାହ୍ନ ୧୦ଟା ୩୦ରେ 'ରୋଡ୍ ଶୋ'ରେ ଯୋଗଦେବେ। ବିଶ୍ୱଶର୍ମା ମଧ୍ୟାହ୍ନ ୧ଟା ୩୦ରେ ଚମ୍ପୁଆ ନିର୍ବାଚନମଣ୍ଡଳୀର ବଡ଼ବିଲ, ଅପରାହ୍ନ ୩ଟାରେ ଚୌଦ୍ୱାର ଏବଂ ଅପରାହ୍ନ ୪ଟାରେ ବଡ଼ମ୍ବାଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ସେହିପରି ଲୋକପ୍ରିୟ ଧାରାବାହିକ ରାମାୟଣରେ ଶ୍ରୀରାମ ଚରିତ୍ରରେ ଅଭିନୟ କରିଥିବା ସୁପ୍ରସିଦ୍ଧ ସିନେ ତାରକା ଅରୁଣ ଗୋଭିଲ ବୁଧବାର ପୂର୍ବାହ୍ନ ୧୦ଟା ୪୫ରେ କେନ୍ଦୁଝରର ଚମ୍ପୁଆ, ମଧ୍ୟାହ୍ନ ୧୨ଟା ୧୫ରେ ତେଲକୋଇ ଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ଗୋଭିଲ ଅପରାହ୍ନ ୧ଟା ୩୦ରେ ଢେଙ୍କାନାଳଠାରେ ଅନୁଷ୍ଠିତ 'ରୋଡ୍ ଶୋ' କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ଗୋଭିଲ ଅପରାହ୍ନ ୩ଟାରେ ଜୟଦେବ ନିର୍ବାଚନମଣ୍ଡଳୀର ଗୋରୁହାଟ ପଡ଼ିଆଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧିତ କରିବେ। ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା ଆସନ୍ତା ୨୩ ତାରିଖ ପୂର୍ବାହ୍ନ ୧୧ଟାରେ କରଞ୍ଜିଆ, ମଧ୍ୟାହ୍ନ ୧୨ଟା ୩୦ରେ ଧାମନଗର ନିର୍ବାଚନମଣ୍ଡଳୀର ଅସୁରାଳିଠାରେ, ଅପରାହ୍ନ ୧ଟା ୩୦ରେ ବଡ଼ଚଣା ଏବଂ ଅପରାହ୍ନ ୩ଟା ୩୦ରେ ବାଲିକୁଦା ନିର୍ବାଚନମଣ୍ଡଳୀର ଏରସମାଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ସେହିପରି ଆସନ୍ତା ୨୩ରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ବାଚନୀ ପ୍ରଚାର ପାଇଁ ଓଡ଼ିଶା ଆସୁଛନ୍ତି। ଯୋଗୀ ଆଦିତ୍ୟନାଥ ସେଦିନ ପୂର୍ବାହ୍ନ ୧୦ଟା ୧୫ରେ ଚିଲିକା ନିର୍ବାଚନମଣ୍ଡଳୀର ବାଣପୁର ଠାରେ ଏବଂ ପୂର୍ବାହ୍ନ ୧୧ଟା ୩୦ରେ ମାହାଙ୍ଗା ନିର୍ବାଚନମଣ୍ଡଳୀର କୁଳିଆ ମାର୍କେଟ ପଡ଼ିଆରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ ବୋଲି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

## ୨୩ରେ କନ୍ଧମାଳ ବିଧାନସଭା କ୍ଷେତ୍ରର ବୁଥ୍ ୨୬ ଓ ୨୮ରେ ପୁନଃ ମତଦାନ

ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା ଅନୁସାରେ ଓଡ଼ିଶାର କନ୍ଧମାଳ ଲୋକ ସଭା କ୍ଷେତ୍ରର କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବୁଥ୍ ନମ୍ବର ୨୬ ଏବଂ ୨୮ରେ ଆସନ୍ତା ୨୩ ତାରିଖରେ ପୁନଃ ମତଦାନ ହେବ। ଏହି ପ୍ରକ୍ରିୟା ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ଏଣୁ କନ୍ଧମାଳ ଲୋକ ସଭା ଏବଂ କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ପ୍ରାର୍ଥୀ ଓ ବୁଥ୍ ଦ୍ୱୟର ସମସ୍ତ ମତଦାତାଙ୍କୁ ଏନେଇ ଅବଗତ କରାଇବା ଲାଗି ବୌଦ୍ଧ ଓ କନ୍ଧମାଳ ଜିଲାର ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କୁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ମଙ୍ଗଳବାର ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଭାରତ ନିର୍ବାଚନ ଆୟୋଗ ଦିଲୀପ କୁମାର ମହାପାତ୍ରଙ୍କୁ ବୌଦ୍ଧ ଜିଲାର ଅତିରିକ୍ତ ଜିଲାପାଳ ତଥା କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଧିକାରୀ ଭାବେ ନିଯୁକ୍ତ କରିଛନ୍ତି।

# ପ୍ରଚାର ବେଳେ ବିଜେଡି ପ୍ରାର୍ଥୀଙ୍କୁ ପଥରମାଡ଼ ଉଦ୍ୟମ


ଡା.ଦେବାଶିଷ ମାର୍ଣ୍ଡି ଡାକ୍ତରଖାନାରେ ଆହତ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି।

ବିଶୋଇ,୨୧।୫ (ଅମିତ ଦାସ)

ମୟୂରଭଞ୍ଜ ଜିଲା ସାରସକଣା ବିଧାନସଭା କ୍ଷେତ୍ର ଅଧୀନ ବିଜାତଲା ବ୍ଲକ ଅଞ୍ଚଳରେ ପ୍ରଚାର ବେଳେ ବିଜେଡି ବିଧାୟକ ପ୍ରାର୍ଥୀ ଡା.ଦେବାଶିଷ ମାର୍ଣ୍ଡିଙ୍କ ଉପରକୁ ପଥର ମାଡ଼ ଉଦ୍ୟମ ହୋଇଛି। ଏଥିରେ ଡା. ମାର୍ଣ୍ଡି ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଜଣେ ଶିଶୁ ଓ ଅନ୍ୟଜଣେ ଯୁବକ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ବିଜାତଲା ବ୍ଲକ ଅଧୀନ ଅସନା ଗ୍ରାମରେ ବିଜେଡି ପ୍ରାର୍ଥୀ ମାର୍ଣ୍ଡି ମାରାଥନ ପ୍ରଚାର କରିଥିଲେ। ପରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିମାଇଁ ଚରଣ ମୁର୍ମୁ, ବ୍ଲକ ସଭାପତି ମାଝିଆରାମ ଟୁଡୁ, ବିଶୋଇ ବ୍ଲକ ସଂଯୋଜକ ବିରଞ୍ଚି ନାରାୟଣ ନନ୍ଦ ପ୍ରମୁଖଙ୍କ ଉପସ୍ଥିତିରେ ଦଳୀୟ କର୍ମୀ ଓ ସ୍ଥାନୀୟ ଗ୍ରାମବାସୀଙ୍କୁ ନେଇ ପଥପ୍ରାନ୍ତ ସଭା କରୁଥିଲେ। ଏହି

### ଶିଶୁ ଓ ଯୁବକ ଗୁରୁତର

ସମୟରେ କିଛି ଦୁର୍ବୃତ୍ତ ଦେବାଶିଷଙ୍କୁ ଲକ୍ଷ୍ୟ କରି ପଥର ମାଡ଼ କରିଥିଲେ। ତେବେ ସୌଭାଗ୍ୟବଶତଃ ଏହି ପଥର ମାଡ଼ରୁ ଦେବାଶିଷ ଅଳ୍ପକେ ରକ୍ଷା ପାଇଯାଇଥିବା ବେଳେ ସେଠାରେ ଉପସ୍ଥିତ ଥିବା ଉକ୍ତ ଗ୍ରାମର ଜଣେ ଶିଶୁଙ୍କ ମୁଣ୍ଡ ଓ ଅନ୍ୟଜଣେ ଯୁବକଙ୍କ କାନମୁଣ୍ଡାରେ ପଥର ମାଡ଼ ହୋଇଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ। ପରେ ଦେବାଶିଷ ନିଜ ଗାଡ଼ିରେ ଉଭୟଙ୍କୁ ବିଜାତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଶୈଳୀକୁ କିଛି ହୀନ ପ୍ରକୃତି ବ୍ୟକ୍ତି ସହିପାରୁ ନ ଥିବାରୁ ଏପରି ଅଭାବନୀୟ କାଣ୍ଡ ଘଟାଉଛନ୍ତି, ଯାହା ନିନ୍ଦନୀୟ ଏବଂ ଆଗାମୀ ନିର୍ବାଚନରେ ଲୋକେ ଏହାର ଉଚିତ ଜବାବ ଦେବେ ବୋଲି ଡା. ମାର୍ଣ୍ଡି କହିଛନ୍ତି।


ସମ୍ବଲପୁର ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡ଼ିଆରେ ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନିର୍ବାଚନୀ ସଭାରେ ସମବେତ ଜନସାଧାରଣ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ